


‘ନୋ ଏଣ୍ଟ୍ରି-୨’
ଛାଡ଼ିଲେ ବରୁଣ
▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-319 ♦MONDAY ♦18 MAY 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୩୧୯ ♦ସୋମବାର ♦୧୮ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ହଜାରେ ଡ୍ରୋନ୍ ମାଡ଼କଲା ୟୁକ୍ରେନ
# ଥରିଲା ରୁଷ୍



■ ମସ୍କୋ, ୧୭ ।୫ (ଏଜେନ୍ସି): ୟୁକ୍ରେନ୍ ଏବଂ ରୁଷ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଏକ ସାଂଘାତିକ ରୂପ ଧାରଣ କରିଛି। ଗତ ଏକ ବର୍ଷ ମଧ୍ୟରେ ମସ୍କୋ ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ ୟୁକ୍ରେନ୍ ପକ୍ଷରୁ ସବୁଠାରୁ ବଡ଼ ଆକାଶମାର୍ଗୀୟ ଆକ୍ରମଣ କରାଯାଇଛି। ରାତିତମାମ ରୁଷ୍ ଉପରେ ୟୁକ୍ରେନ୍ ୧୦୦୦ରୁ ଊର୍ଦ୍ଧ୍ୱ ଡ୍ରୋନ୍ ମାଡ଼ କରିଛି। ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସେମାନଙ୍କର ଆକାଶମାର୍ଗୀୟ ପ୍ରତିରକ୍ଷା ବାହିନୀ ବିଭିନ୍ନ ଅଞ୍ଚଳରୁ ପ୍ରାୟ

### ଜଣେ ଭାରତୀୟଙ୍କ ସମେତ ୪ ମୃତ

୫୫୬ଟି ୟୁକ୍ରେନୀୟ ଡ୍ରୋନ୍‌କୁ ଚିହ୍ନଟ କରି ଆକାଶରେ ହିଁ ଖସାଇ ଦେଇଛି। ଏହି ଭୟଙ୍କର ଡ୍ରୋନ୍ ମାଡ଼ରେ ଅତିକମରେ ଚାରି ଜଣ ସାଧାରଣ ନାଗରିକଙ୍କ ଜୀବନ ଯାଇଥିବା ବେଳେ ବହୁ ସଂଖ୍ୟାରେ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଜଣେ ଭାରତୀୟ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଭାରତୀୟ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ରୁଷିଆରେ ଥିବା ଭାରତୀୟ ଦୂତାବାସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ’ରେ ଏହି ସୂଚନା ଦେଇ ଗଭୀର ଶୋକ ବ୍ୟକ୍ତ କରିଛି। ଦୂତାବାସ ପକ୍ଷରୁ କୁହାଯାଇଛି ଯେ, ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ମସ୍କୋର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତ ଭାରତୀୟମାନଙ୍କୁ ଭେଟିଛନ୍ତି। ପ୍ରଭାବିତ ଶ୍ରମିକମାନଙ୍କୁ ସମସ୍ତ ▶ପୃଷ୍ଠା-୭

# କଲବଲ କରୁଛି ତାତି

## ୪୦ ଡିଗ୍ରୀ ଉପରେ ୧୧ ସହର ତାପମାତ୍ରା

■ ଭୁବନେଶ୍ୱର, ୧୭।୫ (ସମିସ): ରାଜ୍ୟରେ ତାପମାତ୍ରା ବଢ଼ିବାରେ ଲାଗିଛି। ଲଗାତାର ଭାବେ ରାଜ୍ୟକୁ ଗରମ ଶୁଷ୍କ ବାୟୁ ପ୍ରବାହ ସହ ଉପକୂଳବର୍ତ୍ତୀ ଜିଲ୍ଲାକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ହେତୁ ଗୁଳୁଗୁଳି ମଧ୍ୟ ଅସହ୍ୟ ହେଉଛି। ରବିବାର ରାଜ୍ୟର ୧୧ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବା ବେଳେ ୪୨.୯ ଡିଗ୍ରୀ ସହ ବୌଦ୍ଧରେ ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଅନୁଗୁଳ ଓ ସୋନପୁରରେ ତାପମାତ୍ରା ୪୨.୧ ଡିଗ୍ରୀ ଲେଖାଏଁ ରେକର୍ଡ ହୋଇଛି।



୨୦-୨୪ ଅସହ୍ୟ ହେବ ତାତି ସାଙ୍ଗକୁ ଗୁଳୁଗୁଳି

ସେହିପରି ଝାରସୁଗୁଡ଼ାରେ ତାପମାତ୍ରା ୪୧.୪, ସମ୍ବଲପୁର ୪୧, ତାଳଚେରରେ ତାପମାତ୍ରା ୪୧ ଡିଗ୍ରୀ ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨-୩ ଦିନ ମଧ୍ୟରେ ତାପମାତ୍ରାରେ ଆହୁରି ୨-୩ ଡିଗ୍ରୀ ବୃଦ୍ଧି ହେବାକୁ ଥିବାରୁ ଚଳିତ ସପ୍ତାହରେ ଅସହ୍ୟ ଗରମ ଗୁଳୁଗୁଳିର ଆଶଙ୍କା କରାଯାଉଛି।

ସାଧାରଣତଃ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ଆଗମନ ପୂର୍ବରୁ ଗରମ ଗୁଳୁଗୁଳିର ପ୍ରଭାବ ଅଧିକ ରହିଥାଏ। ଏହି ସମୟରେ ▶ପୃଷ୍ଠା-୭

## ଦିଲ୍ଲୀ ୪୫° ଛୁଇଁବ

■ ନୂଆଦିଲ୍ଲୀ, ୧୭।୫ (ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଦେଶର ଏକ ବଡ଼ ଭାଗରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ଚେତାବନୀ ଜାରି କରାଯାଇଛି। ବିଶେଷ କରି ରାଜଧାନୀ ଦିଲ୍ଲୀ ସମେତ ସମଗ୍ର ଉତ୍ତର ଓ କେନ୍ଦ୍ରୀୟ ଭାରତରେ ଆଗାମୀ ଦିନରେ ଗରମ ଅସହ୍ୟ ହେବାକୁ ଯାଉଛି।

**ସତର୍କତା ଜାରି**

ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତା ମେ ୨୨ ତାରିଖ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବ ଏବଂ ଦିଲ୍ଲୀରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ ଛୁଇଁପାରେ। ଦିଲ୍ଲୀ, ରାଜସ୍ଥାନ, ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଏବଂ ଛତିଶଗଡ଼ ଭଳି ରାଜ୍ୟଗୁଡ଼ିକରେ ଆଗାମୀ ୩ ଦିନ ମଧ୍ୟରେ ତାପମାତ୍ରା ପ୍ରାୟ ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ରବିବାର ଦିଲ୍ଲୀରେ ଆଂଶିକ ▶ପୃଷ୍ଠା-୭

## ବଜାର ମହଙ୍ଗା, ପକେଟ ଖାଲି
# ଆଗକୁ ସ୍ଥିତି ଅସମ୍ଭାଳ !



- ପେଟ୍ରୋଲିୟମ ସାମଗ୍ରୀ ପରେ ପରିବହନ ବ୍ୟୟ ବୃଦ୍ଧି
- ଡଲାର ତୁଳନାରେ କ୍ରମାଗତ ଦୁର୍ବଳ ହେଉଛି ଟଙ୍କା
- ଦେଶରେ ଉପରମୁହାଁ ହେଉଛି ବେରୋଜଗାରୀ ହାର
- ଆଇଟି କମ୍ପାନୀରେ ଜାରି ରହିଛି କର୍ମଚାରୀ ଛଟେଇ
- ଏଲ୍-ନିନୋ ପ୍ରଭାବରେ ଧୋକା ଦେବ ମୌସୁମୀ

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୧୭।୫ (ଏଜେନ୍ସି/ସମିସ): ଦେଶ ଏବେ ଏକ ବିଚିତ୍ର ଅବସ୍ଥା ଦେଇ ଗତିକରୁଛି। ପେଟ୍ରୋଲିୟମ ସାମଗ୍ରୀ ଓ ଇନ୍ଧନର ମୂଲ୍ୟ ବୃଦ୍ଧି ପାଇଛି। ଉଭୟ ଘର ଭିତରେ ଓ ବାହାରେ ଏହାର ପ୍ରଭାବ ପଡ଼ିଛି। ପେଟ୍ରୋଲ, ଡିଜେଲ୍, ସିଏନ୍‌ଜି ମୂଲ୍ୟ ବୃଦ୍ଧି ପରିବହନ ବ୍ୟୟକୁ ବହୁଗୁଣିତ କରିଛି। ଏପଟେ ରନ୍ଧନ ଗ୍ୟାସ ମୂଲ୍ୟ ବୃଦ୍ଧି ହୋଟେଲ ଓ ରେଷ୍ଟୁରାଣ୍ଟ ଶିଳ୍ପକୁ ପ୍ରଭାବିତ କରିଛି। ଡ଼ଲାର ତୁଳନାରେ ଟଙ୍କା କ୍ରମାଗତ ଦୁର୍ବଳ ହୋଇ ଚାଲିବାରୁ ଆମଦାନୀ ମହଙ୍ଗା ହୋଇଛି। ଏହି ସମୟରେ ବେରୋଜଗାରୀ ହାର ଉପରମୁହାଁ ହେବା ଓ ଆଇଟି କମ୍ପାନୀଗୁଡ଼ିକ କର୍ମଚାରୀ ଛଟେଇ ନିଯୁକ୍ତି କ୍ଷେତ୍ରକୁ ପ୍ରଭାବିତ କରିଛି। ଏପରି ଏକ ସନ୍ଧିକ୍ଷଣରେ ପ୍ରକୃତି ବି ଦାଉ ସାଜିଛି। ଏଲ୍‌ନିନୋ ପ୍ରଭାବରେ ଚଳିତ ବର୍ଷ କମ୍ ବର୍ଷା ସମ୍ଭାବନା ଫସଲ ଉତ୍ପାଦନ କ୍ଷେତ୍ରକୁ ଗଭୀର ପ୍ରଭାବିତ କରିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା କରିଛନ୍ତି। ବର୍ଷ ଶେଷ ବେଳକୁ ଟଙ୍କାର ମୂଲ୍ୟ ହ୍ରାସ ପାଇ ୧୦୦ ଟଙ୍କା ଛୁଇଁବ ଓ ଏହା ଦେଶର ଅର୍ଥନୀତି ପ୍ରତି ସବୁଠୁ ଖରାପ ସମୟ ହୋଇପାରେ ବୋଲି ଅନେକ ଆକଳନ କରୁଛନ୍ତି।

ପଶ୍ଚିମ ଏସିଆରେ ଉତ୍ତେଜନା ଓ ଯୁଦ୍ଧ ସ୍ଥିତି ଭାରତରେ ବଡ ସଙ୍କଟର କାରଣ ହେବାକୁ ଯାଉଛି। ଦେଶରେ ପେଟ୍ରୋଲ, ଡିଜେଲ ଏବଂ ସିଏନ୍‌ଜି ମୂଲ୍ୟ ବୃଦ୍ଧି ସବୁ କ୍ଷେତ୍ରରେ ପଡ଼ିଛି। ଗତ ଦୁଇ ମାସରେ ସିମେଣ୍ଟ ମୂଲ୍ୟ ୧୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି, ସିମେଣ୍ଟ ବସ୍ତା ପିଛା ପ୍ରାୟ ୪୦ ଟଙ୍କା ବଢ଼ିଛି। କେବଳ ସିମେଣ୍ଟ ନୁହେଁ, ପ୍ଲାଷ୍ଟିକ୍ ଉତ୍ପାଦ, ସାର, ଘର ତିଆରି ସାମଗ୍ରୀ, ପୋଷାକପତ୍ର, ଔଷଧ ମୂଲ୍ୟ ବି ବୃଦ୍ଧି ପାଇଛି। ଏହି ସମୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଖୁବ୍ ଶୀଘ୍ର ବଢ଼ିବ ବୋଲି ଏଫ୍‌ଏମ୍‌ସିଜି କମ୍ପାନୀଗୁଡ଼ିକ ସଙ୍କେତ ଦେଇଛନ୍ତି। ଇନ୍ଧନ ମୂଲ୍ୟରେ ସମ୍ପ୍ରତି ବୃଦ୍ଧି ଲଜିଷ୍ଟିକ୍ସ, ଡେଲିଭରୀ ଏବଂ ଉତ୍ପାଦନ ଖର୍ଚ୍ଚରେ ବୃଦ୍ଧି ଏବେ ରୋଷେଇ ଘର ବଜେଟ୍ ବିଗାଡ଼ିବାକୁ ବସିଛି। ଖାଇବା ତେଲ, ଡ଼ାଲି, ବିସ୍କୁଟ, ଫଳ, ପନିପରିବା, ମୃଦୁ ପାନୀୟ ଆଦି ମହଙ୍ଗା ହେବ ବୋଲି ଇଙ୍ଗିତ ମିଳିଲାଣି।

ଭାରତରେ ଡିଜେଲ ହେଉଛି ପରିବହନ କ୍ଷେତ୍ରର ଏକ ପ୍ରମୁଖ ମାଧ୍ୟମ। ନିକଟରେ ଡିଜେଲ ମୂଲ୍ୟରେ ଲିଟର ପିଛା ୩ ଟଙ୍କା ବୃଦ୍ଧି ସମସ୍ତ କ୍ଷେତ୍ରରେ ପରିବହନ ଖର୍ଚ୍ଚକୁ ବଢ଼ାଇଛି। ପୂର୍ବରୁ କମ୍ପାନୀଗୁଡ଼ିକ ପୂର୍ବରୁ ୮ ରୁ ୧୦ ପ୍ରତିଶତ ମୁଦ୍ରାସ୍ଫୀତି ଜନିତ ଚାପର ସମ୍ମୁଖୀନ ହେଉଛନ୍ତି। ଅଗାମୀ ଦିନରେ ସେମାନଙ୍କ ପାଇଁ ଖର୍ଚ୍ଚ ପରିଚାଳନା ଆହୁରି କଷ୍ଟକର ହୋଇପାରେ। ଗତ ବର୍ଷ ଜିଏସ୍‌ଟି ହାରରେ ହ୍ରାସ ▶ପୃଷ୍ଠା-୭

## ପାଣି ଟାଣୁଛି କାରଖାନା
# ରାଜକୋଷକୁ ଆସୁନି ଫଟା ପାହୁଲା

■ ଭୁବନେଶ୍ୱର, ୧୭।୫ (ସମିସ): ରାଜ୍ୟରେ ଶିଳ୍ପ ସଂସ୍ଥାମାନେ ଚୁକ୍ତିନାମାଠାରୁ ଯଥେଷ୍ଟ ଅଧିକ ଜଳ ସଂଗ୍ରହ କରୁଛନ୍ତି। କେଉଁଠି ନଦୀ ଶଯ୍ୟାରେ ଇନ୍‌ଟେକ୍ ୱେଲ କରି ପାଣି ଉଠାଯାଉଛି ତ କେଉଁଠି ପୁଣି କାରଖାନା ପରିସରରେ ଅନୁମତିଠାରୁ ଅଧିକ ଅତିଗଭୀର ନଳକୂଅ ଖନନ ହୋଇଛି। ଅନ୍ୟପକ୍ଷରେ କେତେକ ଶିଳ୍ପ ସଂସ୍ଥା ବାରମ୍ବାର ତାଗିଦ୍ ସତ୍ତ୍ୱେ ଫ୍ଲୋ ମିଟର ନ ଲଗାଇ ପାଣି ଟିକସ ଫାଙ୍କି ଚାଲିଛନ୍ତି। କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କଠାରୁ କନିଷ୍ଠତମ ଅଧିକାରୀ ଏ ସମ୍ପର୍କରେ ଅବଗତ ଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବିଭିନ୍ନ ମହଲରେ ବାରମ୍ବାର ଅଭିଯୋଗ, ଉଦବେଗ ସତ୍ତ୍ୱେ ଜଳସମ୍ପଦ ବିଭାଗ ପକ୍ଷରୁ କିଛି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ କେବଳ ଫ୍ଲୋ ମିଟର ଲଗାଇବା ଚିଠି ଜାରି କରି ବିଭାଗ ନିଜର ଦାୟିତ୍ୱ ସାରି ଦେଉଛି। ଏହିକ୍ରମରେ ବିଭାଗ ପକ୍ଷରୁ ପୁଣିଥରେ ୩୧ଟି ଡିଭିଜନକୁ



ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଆସନ୍ତା ଜୁନ୍ ୩୦ ତାରିଖ ସୁଦ୍ଧା ଯେଉଁ ଶିଳ୍ପସଂସ୍ଥାଗୁଡ଼ିକ ଏହି ମିଟର ସ୍ଥାପନ ସହ ପଞ୍ଜୀକରଣ ଏବଂ ବିଭାଗୀୟପୋର୍ଟାଲସହସଂଯୋଗୀକରଣଏବଂ ଚୁକ୍ତିନାମା ସ୍ୱାକ୍ଷର କରିବାରେ ବିଫଳ ହେବେ, ସେମାନଙ୍କ ବିରୋଧରେ ଓଡ଼ିଶା ଜଳସେଚନ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

ଓଡ଼ିଶା ଜଳସେଚନ ଆଇନ ୧୯୫୯ ଜଳ ନିଆଯାଏ, ତେବେ ଛଅ ଗୁଣ ଦଣ୍ଡ ସମାନ ଅର୍ଥ ମଧ୍ୟ ଉକ୍ତ ସଂସ୍ଥାଠାରୁ ଅସୁଲ କରାଯିବାର ପ୍ରାବଧାନ ରହିଛି। ଏପରିକି ୨୦୨୧ ମସିହାରେ ଜଳସଂପଦ ବିଭାଗ ସମସ୍ତ ଶିଳ୍ପକୁ ସେନ୍ସର-ଭିତ୍ତିକ ଫ୍ଲୋ ମିଟର ଲଗାଇବାକୁ ନିର୍ଦ୍ଦେଶ

### ଫ୍ଲୋ-ମିଟର ବିନା ମନଇଚ୍ଛା ଜଳ ଉଠାଉଛନ୍ତି ଶିଳ୍ପ ସଂସ୍ଥା
### ୩୧ ଡିଭିଜନକୁ ଚିଠି ଲେଖିଲା ରାଜ୍ୟ ଜଳସମ୍ପଦ ବିଭାଗ

ଏବଂ ଓଡ଼ିଶା ଜଳସମ୍ପଦ ନିୟମ,୧୯୬୧ ଅନୁଯାୟୀ ଶିଳ୍ପ ସଂସ୍ଥାମାନଙ୍କୁ ଚୁକ୍ତି (ଆବଣ୍ଟନ) ଅନୁଯାୟୀ ଜଳ ନେବାକୁ ଅନୁମତି ଦିଆଯାଏ। ଚୁକ୍ତି ଅନୁଯାୟୀ ଶିଳ୍ପ ସଂସ୍ଥାମାନେ ଜଳଉଠାଣ ପର୍ବରୁ ଉଠାଣ ସ୍ଥାନରେ ଫ୍ଲୋ ମିଟର ଲଗାଇବାକୁ ବାଧ୍ୟ। ଯଦି ଚୁକ୍ତିଠାରୁ ଅଧିକ ଦେଇଥିଲା। ଏହା ଦ୍ୱାରା ପ୍ରକୃତ ଜଳ ବ୍ୟବହାର ମାପି ହୋଇପାରିଥାନ୍ତା। ମାତ୍ର ତମାମ୍ ନିର୍ଦ୍ଦେଶ, ଶିଳ୍ପ ସଂସ୍ଥାଙ୍କ ସହ ଚୁକ୍ତି ପରେ ମଧ୍ୟ ଏହି ନିୟମକୁ ସଂସ୍ଥାଗୁଡ଼ିକ ମାନୁନାହାନ୍ତି। ଚୁକ୍ତିନାମାଠାରୁ ସେମାନେ କେଇଗୁଣ ଅଧିକ ଜଳ ଉଠାଇ ନଦୀଗୁଡ଼ିକୁ ▶ପୃଷ୍ଠା-୭

## ଶିକ୍ଷକଶିକ୍ଷୟିତ୍ରୀଙ୍କୁ ରିଲ୍ସ ନିଶା; ନିଘୋଡ଼ ନିଦରେ ଗଣଶିକ୍ଷା ବିଭାଗ
# ଉତ୍ତରଖାତା ପୋଡ଼ିବା ଭିଡିଓ ଭାଇରାଲ୍

■ ଭୁବନେଶ୍ୱର, ୧୭।୫ (ସମିସ): ରିଲ୍‌ସ ନିଶାରେ ବାୟା ହୋଇଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ। ସ୍ଥାନ କାଳ ପାତ୍ର କିଛି ମାନୁ ନାହାନ୍ତି, ଯେଉଁଠି ପାରି ସେଇଠି ରିଲସ୍ କରୁଛନ୍ତି। କେତେବେଳେ ଛାତ୍ରଛାତ୍ରୀଙ୍କୁ ବ୍ୟବହାର କରୁଛନ୍ତି ତ ଆଉ କେତେବେଳେ ପରୀକ୍ଷା ଖାତାକୁ ସାର୍ବଜନୀନ କରୁଛନ୍ତି। କେବଳ ଏତିକି ନୁହେଁ; ପରୀକ୍ଷା ଖାତା ଦେଖା ବେଳେ ଓଏମ୍‌ଆର୍ ସିଟ୍‌କୁ ପୋଡ଼ି ଦେଇ ରିଲ୍‌ସ କରିବାକୁ ପଛାଉ ନାହାନ୍ତି। ଇନ୍‌ଷ୍ଟାଗ୍ରାମରେ ଜଣେ ଶିକ୍ଷୟିତ୍ରୀ ଅପଲୋଡ୍ କରିଥିବା ଏକ ରିଲ୍‌ସରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଖାତା ମୂଲ୍ୟାଙ୍କନ ଓ ଧୂପକାଠି ଦ୍ୱାରା ପିଲାଙ୍କ ଓଏମ୍‌ଆର୍



ଛାତ୍ରଛାତ୍ରୀଙ୍କୁ ବ୍ୟବହାର କରି ଟଙ୍କା ରୋଜଗାର
ଇନ୍‌ଷ୍ଟାଗ୍ରାମ୍‌ରେ ମାଳମାଳ ଦ୍ୱି-ଅର୍ଥବୋଧକ କଣ୍ଟେଣ୍ଟ

ସିଟ୍‌କୁ ପୋଡ଼ିବା ରିଲସ୍ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ। ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ଶିବପୁରସ୍ଥିତ ପ୍ରାଣବନ୍ଧୁ ବିଦ୍ୟାପୀଠରେ ଏହି ରିଲ୍‌ସ ପ୍ରସ୍ତୁତ ହୋଇଥିବା ଜଳଜଳ ଦିଶୁଛି। ଅନ୍ୟପକ୍ଷରେ କିଛି ଶିକ୍ଷୟିତ୍ରୀ ଶ୍ରେଣୀ ଗୃହରେ ମଧ୍ୟ ପିଲାଙ୍କୁ ବ୍ୟବହାର କରି ରିଲ୍‌ସ କରୁଛନ୍ତି; କେତେକ ସ୍ଥାନରେ ଶୈକ୍ଷିକ କଣ୍ଟେଣ୍ଟ ବ୍ୟତୀତ ଦ୍ୱିଅର୍ଥ ବୋଧକ ଭିଡିଓ କରି ଅପଲୋଡ୍ କରୁଛନ୍ତି। ଶିକ୍ଷକଙ୍କ ତୁଳନାରେ ରିଲ୍‌ସ କରିବାରେ ଶିକ୍ଷୟିତ୍ରୀ ଆଗକୁ ଟପି ଯାଇଛନ୍ତି; ଯାହାକୁ ନେଇ ଅଭିଭାବକ ଓ ଶିକ୍ଷାବିତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବର୍ତ୍ତମାନ ▶ପୃଷ୍ଠା-୭

## ଖାକିରେ ଦାଗ
# କେଉଁଠି ନିଶା, କେଉଁଠି ନାରୀ

■ ଭୁବନେଶ୍ୱର, ୧୭।୫ (ସମିସ): ଆଇନଶୃଙ୍ଖଳାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ। ଏହି ସମୟରେ ନିଶାମାଫିଆ, ବାଲି ଓ ଖଣିମାଫିଆଙ୍କୁ ପୃଷ୍ଠପୋଷକତା, ନାରୀ ଆସକ୍ତି ଅଭିଯୋଗ ପୁଲିସର ଖାକି ପୋଷାକରେ ଲଗାଇଛି ଚିକିଟା କଳାଦାଗ। ଯେତେ ଘଷାମଜା କଲେ ବି ଏହି ଦାଗ ଲିଭୁନାହିଁ। ତଳୁ ଉପର ପର୍ଯ୍ୟନ୍ତ ଅନେକ ଅଧିକାରୀ ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗ ହୋଇଛି। ଗତ ମାସକ ମଧ୍ୟରେ ୨ ଏସ୍‌ଡିପିଓ ଓ ୨ ଆଇଆଇସି ନିଲମ୍ବିତ ହେବା ଓ ଜଣେ ଡିଏସ୍‌ପିଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ ଦିଆଯିବା ଏହାର ଚାକ୍ଷୁଷ ପ୍ରମାଣ ବୋଲି କୁହାଯାଉଛି। ଅପରପକ୍ଷରେ ଘୃଣଲଗା ବ୍ୟବସ୍ଥା ଓ ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତିଙ୍କ ପାଇଁ ପୁରା ପୁଲିସ ବିଭାଗ ବଦନାମ ମୁଣ୍ଡାଉଛି ବୋଲି ବରିଷ୍ଠ ପୁଲିସ ଅଧିକାରୀସ୍ତରରେ ଚର୍ଚ୍ଚା ହେଉଛି।

ସୁନା ଅଲଙ୍କାର କିଣି ଟଙ୍କା ଦେବା ପରିବର୍ତ୍ତେ ଓଲଟି ଦୋକାନୀକୁ ଧମକଚମକ ଦେବା ଅଭିଯୋଗରେ ଗଞ୍ଜାମ ଜିଲ୍ଲା ଆସିକା ଏସଡିପିଓ ସନ୍ତୋଷ ଜେନା ଚାକିରିରୁ ନିଲମ୍ବିତ ହୋଇଛନ୍ତି। ସମ୍ପୃକ୍ତ ଦୋକାନୀ ଡିଜିପି ସମ୍ପୃକ୍ତ ଅଧିକାରୀ ଏବେ ଫେରାର ହୋଇ ଯାଇଥିବା ସୂଚନା ମିଳିଛି।

ଇତିମଧ୍ୟରେ ଗଞ୍ଜାମ ଜିଲ୍ଲାର ଡିଏସପି ବିବେକାନନ୍ଦ ସ୍ୱାଇଁଙ୍କ ନାଁରେ ଡିଜିପି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ଅନ୍ୟାନ୍ୟ

### ମାସକରେ ୨ ଏସ୍‌ଡିପିଓ, ୨ ଆଇଆଇସି ନିଲମ୍ବିତ
### ଜଣେ ଡିଏସ୍‌ପିଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ

ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ତତ୍‌କାଳୀନ ଖଣ୍ଡପଡ଼ା ଏସ୍‌ଡ଼ିପିଓ ମଦନମୋହନ ପ୍ରଧାନ ଥାନାକୁ ଅସିଥିବା ଜଣେ ମହିଳାଙ୍କୁ ରାତି ବିତାଇବାକୁ ବାଧ୍ୟ କରିବା ଅଭିଯୋଗ ହୋଇଛି। ବହୁ ହଟଚମଟ ପରେ ନିଲମ୍ବନ ହୋଇଥିବା ବେଆଇନ କାର୍ଯ୍ୟରେ ସଂପୃକ୍ତି ଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହେବା ପରେ ଗୃହ ବିଭାଗକୁ ଅବଗତ କରାଯାଇଛି। ସେହିପରି ଗଞ୍ଜେଇ ମାଫିଆଙ୍କୁ ସହଯୋଗ ଘଟଣାରେ ତତ୍କାଳୀନ ଝାରବନ୍ଧ ଥାନା ଅଧିକାରୀ ଶୁକ୍ର ମାଢିଙ୍କୁ ପୋଲିସ ଡିଜି ନିଲମ୍ବିତ କରିଛନ୍ତି। ଜଣେ ▶ପୃଷ୍ଠା-୭

# ସବୁ ଜିଲ୍ଲାକୁ ଏନ୍‌କାଉଣ୍ଟର ଟାର୍ଗେଟ

## ବୁର୍ଲାରେ ମନୀଷକୁ ଗୁଳି

■ ସମ୍ବଲପୁର, ୧୭।୫ (ସମିସ): ବେଆଇନ କଫସିରପ କାରବାରରେ କୁଖ୍ୟାତ ଅପରାଧୀ ମନୀଷ ସାହୁକୁ ଏନ୍‌କାଉଣ୍ଟର କରିଛି ବୁର୍ଲା ପୁଲିସ। ଏହି ଘଟଣାରେ ପୁଲିସ ମୋଟ୍ ୪ ଜଣକୁ ଗିରଫ କରିଛି। ସେମାନେ ହେଲେ ବରେଇପାଲି ଥାନା ଗୋପାଳପାଲିର ମନୀଷ ସାହୁ(୩୦), ହୀରାକୁଦ ଥାନା ଗଡ଼ମୁଣ୍ଡାର ଜନ୍ମେଜୟ



ଓରାମ(୨୮), ଟାଉନଥାନା ଦଳେଇପଡ଼ାର ଶୈଖ ବାବୁ(୨୩) ଓ କୁଚିଣ୍ଡା ଥାନା ଭୋଜପୁରର ରାମେଶ୍ୱର ପାତ୍ର(୨୫)। ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୂ କହିଛନ୍ତି, ଆଗକୁ ଶୀତଳଷଷ୍ଠୀ ଯାତ୍ରା ରହିଛି। ତେଣୁ ଯାତ୍ରା ପୂର୍ବରୁ ସମ୍ବଲପୁର ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ବେଆଇନ ଭାବେ କଫସିରପ କାରବାର ପାଇଁ ଅଭିଯୁକ୍ତମାନେ ▶ପୃଷ୍ଠା-୭

## ୫ ଦିନରେ ତିନି ଜିଲ୍ଲାରେ ୩ ଘାଇଲା

■ ଭୁବନେଶ୍ୱର, ୧୭।୫ (ସମିସ): ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଖରାପ ହୋଇ ଚାଲିଛି। ଅପରାଧୀଙ୍କ ଉପରେ ପୁଲିସର ନିୟନ୍ତ୍ରଣ ନାହିଁ ଓ ଲୋକମାନେ ପୁଲିସ ବ୍ୟବସ୍ଥା ଉପରେ ଆଉ ଭରସା କରିପାରୁ ନାହାନ୍ତି। କେଉଁଠି ଅପରାଧୀ ଘରେ ପଶି ଅତି ନିର୍ମମ ଭାବେ ହତ୍ୟା କରୁଛନ୍ତି ତ ଆଉ କେଉଁଠି ପୁଲିସ ବ୍ୟବସ୍ଥା ଉପରୁ ବିଶ୍ୱାସ ହରାଇ ଲୋକମାନେ ଆଇନକୁ ହାତକୁ ନେଉଛନ୍ତି। ଏପରି କାର୍ଯ୍ୟକଳାପ ପୁଲିସ ପ୍ରତି ଅପରାଧୀଙ୍କ ମନରେ ତିଳେମାତ୍ର ଭୟ ନଥିବା ପରି ମନେ ହେଉଥିବା ବେଳେ ପୁଲିସ ନିଜ ଛବି ସୁଧାରିବାକୁ ଆରମ୍ଭ କରିଛି ‘ମିଶନ ଏନ୍‌କାଉଣ୍ଟର’। ଉଚ୍ଚ ପୁଲିସ ଅଧିକାରୀସ୍ତରରେ ଏଥିପାଇଁ ନିଷ୍ପତ୍ତି ହେବା ପରେ ୫ ଦିନ ମଧ୍ୟରେ ୩ ଜିଲ୍ଲାରେ ଏନ୍‌କାଉଣ୍ଟର ହୋଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରତି ମାସରେ ପ୍ରତି ଜିଲ୍ଲା ଅନ୍ୟୂନ ଗୋଟିଏ ଏନ୍‌କାଉଣ୍ଟର କରିବାକୁ ଟାର୍ଗେଟ ଦିଆଯାଇଛି। ଏହି କ୍ରମରେ ଗତ ଝାରସୁଗୁଡ଼ା, ବ୍ରହ୍ମପୁର ଓ ସମ୍ବଲପୁରରେ ଏନ୍‌କାଉଣ୍ଟର ଆରମ୍ଭ ହୋଇଛି; ଏହାପରେ ନୟାଗଡ଼, ରାଉରକେଲା,



ବାଲେଶ୍ୱର, ଜଗତସିଂହପୁର ଓ ଭଦ୍ରକରେ କ୍ରମାନ୍ୱୟରେ ଏନ୍‌କାଉଣ୍ଟର ହୋଇପାରେ ବୋଲି ସୂଚନା ମିଳିଛି। ମାତ୍ର ବେଲଗାମ୍ ଅପରାଧୀଙ୍କୁ ନିୟନ୍ତ୍ରଣ ପାଇଁ ପୁଲିସର ଏନ୍‌କାଉଣ୍ଟର ମିଶନ କେତେ ସଫଳ ହେବ ଓ ପୁଲିସର ମଳିନ ଛବିକୁ କେତେ ଝଟକାଇବ, ତାହାକୁ ନେଇ ଏବେ ବି ସନ୍ଦେହ ରହିଛି। ▶ପୃଷ୍ଠା-୭

## ଗଣଦୁଷ୍କର୍ମ ଓ ବ୍ଲାକମେଲ୍‌ର ଶିକାର ହୋଇ ୨ ଭଉଣୀଙ୍କ ଆତ୍ମହତ୍ୟା

**ଯୋଧପୁର,୧୭ ।୫(ଏଜେନ୍ସି):** ରାଜସ୍ଥାନର ଯୋଧପୁର ଗ୍ରାମାଞ୍ଚଳରେ ଏକ ଅତି ସାଂଘାତିକ ଓ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ନ୍ୟାୟ ନମିଳିବା କାରଣରୁ ଦୁଇ ଭଉଣୀ ଆତ୍ମହତ୍ୟା କରିଛନ୍ତି । ବର୍ଷ ବର୍ଷ ଧରି ଗଣଦୁଷ୍କର୍ମ ଓ ବ୍ଲାକମେଲିଂର ଶିକାର ହୋଇ ଗତ ମାର୍ଚ୍ଚ ମାସରେ ବଡ଼ ଭଉଣୀ ଜୀବନ ହାରିଥିବା ବେଳେ, ଏବେ ସାନ ଭଉଣୀ ମଧ୍ୟ ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ଅଭିଯୋଗ ଅନୁଯାୟୀ, ମହିପାଲ ନାମକ ଜଣେ ଯୁବକ ବଡ଼ ଭଉଣୀଙ୍କର କିଛି ଅଶ୍ଳୀଳ ଭିଡିଓ ରେକର୍ଡ କରି ରଖିଥିଲା । ଏହି ଭିଡିଓ ଜରିଆରେ ସେ ଏବଂ ତାର ଅନ୍ୟ ୭ ଜଣ ସହଯୋଗୀ ଦୀର୍ଘ ୪ ବର୍ଷ ଧରି ତାଙ୍କୁ ଗଣଦୁଷ୍କର୍ମ କରିବା ସହ ଟଙ୍କା ଆଦାୟ କରୁଥିଲେ । ଏଥିରେ ଅତିଷ୍ଠ ହୋଇ ଗତ ମାର୍ଚ୍ଚ ୨୦ରେ ବଡ଼ ଭଉଣୀ ଆତ୍ମହତ୍ୟା କରିଥିଲେ । ବଡ଼ ଭଉଣୀଙ୍କ ମୃତ୍ୟୁ ପରେ ଅଭିଯୁକ୍ତମାନେ ସେହି ଭିଡିଓ ଦେଖାଇ ସାନ ଭଉଣୀଙ୍କୁ ବ୍ଲାକମେଲ୍ କରିବା ସହ ଯୌନ ନିର୍ଯାତନା ଦେବା ଆରମ୍ଭ କରିଥିଲେ । ଏ ନେଇ ଏଫଆଇଆର ଦାୟର ହୋଇଥିଲେ ମଧ୍ୟ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଶେଷରେ ସାନ ଭଉଣୀ ଜଣକ ଏକ ପାଣି ଟାଙ୍କି ଉପରକୁ ଚଢ଼ି ବିରୋଧ ପ୍ରଦର୍ଶନ କରିବା ସହ ବିଷ ପିଇଦେଇଥିଲେ, ଯାହାଫଳରେ ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି ।

## ମହାଜାଗତିକ ଦୃଶ୍ୟ: ଏକାଠି ଦେଖାଯିବେ ଚନ୍ଦ୍ର, ଶୁକ୍ର ଓ ବୃହସ୍ପତି

**ନୂଆଦିଲ୍ଲୀ,୧୭ ।୫(ଏଜେନ୍ସି):** ମହାକାଶ ପ୍ରେମୀଙ୍କ ପାଇଁ ଏକ ବଡ଼ ଖୁସି ଖବର । ଚଳିତ ସପ୍ତାହରେ ଏକ ବିରଳ ତଥା ଅତି ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳିବ । ଆସନ୍ତା ମେ ୧୮ ରୁ ୨୦ ତାରିଖ ମଧ୍ୟରେ ପଶ୍ଚିମ ଆକାଶରେ ଚନ୍ଦ୍ର, ଶୁକ୍ର ଏବଂ ବୃହସ୍ପତି ଏକାଠି ଅତି ନିକଟରେ ଦେଖାଯିବେ । ୨୦୨୬ ବର୍ଷର ଏହି ସବୁଠାରୁ ଆକର୍ଷଣୀୟ ମହାଜାଗତିକ ଦୃଶ୍ୟକୁ ଭାରତର ଯେକୌଣସି ସ୍ଥାନରୁ ସାଧାରଣ ଆଖିରେ ଦେଖିହେବ, ଏଥିପାଇଁ କୌଣସି ଟେଲିସ୍କୋପ୍‌ର ଆବଶ୍ୟକତା ପଡ଼ିବ ନାହିଁ । ଏହି ଦୃଶ୍ୟ ଦେଖିବା ପାଇଁ ସୂର୍ଯ୍ୟାସ୍ତର ୩୦ ରୁ ୬୦ ମିନିଟ୍ ପରେ ଅର୍ଥାତ୍ ସନ୍ଧ୍ୟା ୭ଟାରୁ ୮ଟା ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଚାହିଁବାକୁ ହେବ । ଆକାଶରେ ସବୁଠାରୁ ଉଜ୍ଜ୍ୱଳ ଧଳା ଆଲୋକ ବିନ୍ଦୁଟି ଶୁକ୍ର ଗ୍ରହ ହୋଇଥିବା ବେଳେ ତାରି ପାଖରେ ସ୍ଥିର ସୁଦୃଶ୍ୟ ସୁନାଲି ରଙ୍ଗରେ ବୃହସ୍ପତି ଚମକୁଥିବେ । ଏହି ଦୁଇ ଗ୍ରହଙ୍କ ମଝିରେ ଚନ୍ଦ୍ରଙ୍କର ଏକ ସରୁ ଓ ସୁନ୍ଦର ରୂପାଲି ରଙ୍ଗର କଳା ଦେଖାଯିବ । ଚନ୍ଦ୍ର ପ୍ରତିଦିନ ପ୍ରାୟ ୧୩ ଡିଗ୍ରୀ ଗତି କରୁଥିବାରୁ ପ୍ରତି ସନ୍ଧ୍ୟାରେ ଏହାର ସ୍ଥିତି ବଦଳିବ । ମେ ୧୮ ରେ ଚନ୍ଦ୍ର ଶୁକ୍ର ଗ୍ରହର ସବୁଠାରୁ ନିକଟରେ ରହିବେ । ମେ ୧୯ ରେ ଏହା ଶୁକ୍ର ଓ ବୃହସ୍ପତିର ଠିକ୍ ମଝିରେ ରହି ଆକାଶରେ ଏକ ଚମତ୍କାର 'ତ୍ରିଭୁଜ' ସଦୃଶ ଆକୃତି ତିଆରି କରିବେ ଏବଂ ମେ ୨୦ ବେଳକୁ ଚନ୍ଦ୍ର ବୃହସ୍ପତି ଆଡ଼କୁ ଆଗେଇ ଯିବେ । ମହାକାଶ ବିଜ୍ଞାନ ଅନୁସାରେ, ଏହା କେବଳ ଏକ ଦୃଷ୍ଟିଭ୍ରମ ବା 'ଅପାରେଣ୍ଟ କଞ୍ଜକସନ' । ବାସ୍ତବରେ ଏମାନେ ପରସ୍ପରଠାରୁ କୋଟି କୋଟି କିଲୋମିଟର ଦୂରରେ ଅଛନ୍ତି ।

## ୬୧ ମହିଳାଙ୍କୁ ଯୌନ ନିର୍ଯାତନା: ମସାଜ୍ ଥେରାପିଷ୍ଟଙ୍କୁ ଜେଲ୍

**କ୍ୟାନବେରା,୧୭ ।୫(ଏଜେନ୍ସି):** ଅଷ୍ଟ୍ରେଲିଆରେ ଜଣେ ଭାରତୀୟ ବଂଶୋଦ୍ଭବ ମସାଜ୍ ଥେରାପିଷ୍ଟଙ୍କ ଲଜ୍ଜାଜନକ କାର୍ଯ୍ୟକଳାପ ସାମ୍ନାକୁ ଆସିଛି । ମାତ୍ର ୯ ମାସ ମଧ୍ୟରେ ୬୧ ଜଣ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ଏବଂ ସେମାନଙ୍କର ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରିବା ମାମଲାରେ ଅଦାଲତ ଅଭିଯୁକ୍ତକୁ ୧୩ ବର୍ଷ ୧୦ ମାସର ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି । ଅଭିଯୁକ୍ତର ନାମ ସୁମିତ ସତୀଶ ରସ୍ତୋଗୀ (୩୯) ଏବଂ ସେ ୨୦୧୧ ମସିହାରେ ଦିଲ୍ଲୀରୁ ଅଷ୍ଟ୍ରେଲିଆ ଯାଇଥିଲା । ସୂଚନା ଅନୁଯାୟୀ, ଅକ୍ଟୋବର ୨୦୨୧ ରୁ ଜୁଲାଇ ୨୦୨୨ ମଧ୍ୟରେ ସେ ଏକ ମସାଜ୍ ପାର୍ଲରରେ କାମ କରୁଥିବା ସମୟରେ ମହିଳା ଗ୍ରାହକମାନଙ୍କ ସହ ଏଭଳି ଅଭଦ୍ରାମି କରିଥିଲା । କୋର୍ଟରେ ଶୁଣାଣି ସମୟରେ ସୁମିତ ନିଜ ବିରୋଧରେ ଥିବା ୯୭ଟି ଅଭିଯୋଗକୁ ସ୍ୱୀକାର କରିଛି । ମାମଲାର ବିଚାର କରି ଜଜ୍ କହିଛନ୍ତି ଯେ, ମହିଳାମାନେ ବିଶ୍ୱାସର ସହ ଚିକିତ୍ସା ଏବଂ ମାନସିକ ଶାନ୍ତି ପାଇଁ ତାଙ୍କ ପାଖକୁ ଆସୁଥିଲେ, କିନ୍ତୁ ସୁମିତ ସେମାନଙ୍କ ସୁରକ୍ଷା ଓ ବିଶ୍ୱାସ ସହ ବିଶ୍ୱାସଘାତକତା କରିଛି । ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଛି ଯେ ସୁମିତ ପାଖରେ ମସାଜ୍ ଥେରାପିର କୌଣସି ବୈଧ ସାର୍ଟିଫିକେଟ୍ ବା ଯୋଗ୍ୟତା ନଥିଲା । ସଜା ଅବଧି ଶେଷ ହେବା ପରେ ତାକୁ ଅଷ୍ଟ୍ରେଲିଆରୁ ଭାରତ ଡିପୋର୍ଟ (ଦେଶାନ୍ତର) କରାଯିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି ।

■ ଭିତର ଲୋକଙ୍କ ଚକ୍ରାନ୍ତ

# କେମିତି ଲିକ୍ ହେଲା ଜାତୀୟ ପ୍ରବେଶିକା ପରୀକ୍ଷା ପ୍ରଶ୍ନପତ୍ର?

**ମୁମ୍ବାଇ,୧୭ ।୫(ଏଜେନ୍ସି):** ଦେଶର ସବୁଠାରୁ ବଡ଼ ଚିକିତ୍ସା ବିଜ୍ଞାନ ସ୍ନାତକ ପ୍ରବେଶିକା ପରୀକ୍ଷା (ନିଟ୍) ପ୍ରଶ୍ନପତ୍ର ଲିକ୍ ମାମଲାରେ ଏକ ବଡ଼ ଧରଣର ଗୋପନୀୟ ଚକ୍ରାନ୍ତର ପର୍ଦ୍ଦାଫାଶ ହୋଇଛି । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ର ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏହି ପ୍ରଶ୍ନପତ୍ର କୌଣସି ବାହାର ଲୋକ ନୁହେଁ, ବରଂ ପରୀକ୍ଷା ପରିଚାଳନା ବ୍ୟବସ୍ଥା ସହ ଜଡ଼ିତ ଭିତରର କିଛି ବିଶେଷଜ୍ଞ ଏବଂ ଅଧ୍ୟାପକଙ୍କ ଦ୍ୱାରା ହିଁ ବାହାରକୁ ଅଣାଯାଇଥିଲା । ଏହା ପରେ ଏକ ସୁଚିନ୍ତିତ ନେଟୱାର୍କ ଜରିଆରେ ବିଭିନ୍ନ ରାଜ୍ୟର ପରୀକ୍ଷାର୍ଥୀଙ୍କ ପାଖକୁ ଏହାକୁ ପହଞ୍ଚାଯାଇଥିଲା । ଅଦାଲତରେ ଦାଖଲ ହୋଇଥିବା ତଥ୍ୟ ଅନୁସାରେ, ଏହି ସମଗ୍ର ଚକ୍ରାନ୍ତର କେନ୍ଦ୍ରବିନ୍ଦୁରେ ଅଛନ୍ତି ପୁଣେର ଜଣେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ମନୀଷା ମାନ୍ଧାରେ, ଯିଏ କି ଏହି ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତ କରିବା ଦଳରେ ଜଣେ ବିଷୟ ବିଶେଷଜ୍ଞ ଭାବେ ସାମିଲ ଥିଲେ । ତାଙ୍କ ପାଖରେ ଗୋପନୀୟ ପ୍ରଶ୍ନପତ୍ରର ଭଣ୍ଡାର ରହିଥିଲା । ସେହିପରି ରସାୟନ ବିଜ୍ଞାନ ପ୍ରଶ୍ନପତ୍ର ପ୍ରସ୍ତୁତି ସହ ଜଡ଼ିତ ଥିବା ଜଣେ ଅବସରପ୍ରାପ୍ତ ଅଧ୍ୟାପକ ପି.ଭି. କୁଲକର୍ଣ୍ଣୀ ମଧ୍ୟ ଏହି ମାମଲାରେ ସନ୍ଦେହଘେରରେ ଅଛନ୍ତି । ସରକାରୀ ଓକିଲଙ୍କ କହିବା ଅନୁସାରେ, ଏହି ଦୁଇଜଣ ମନୀଷା ୱାଘମାରେ ନାମକ ଜଣେ ମହିଳାଙ୍କ ସହ ମିଶି ପ୍ରଶ୍ନପତ୍ର ବାଣ୍ଟିବା ପାଇଁ ଯୋଜନା କରିଥିଲେ । ପରୀକ୍ଷା ପୂର୍ବରୁ ଅର୍ଥାତ୍ ଏପ୍ରିଲ ମାସରେ ମନୀଷା ମାନ୍ଧାରେ ନିଜ ଘରେ କିଛି ନିର୍ଦ୍ଦିଷ୍ଟ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଶିକ୍ଷାଦାନ ଶିବିର ଚଳାଉଥିଲେ । ମନୀଷା ୱାଘମାରେ ଏହି ପିଲାମାନଙ୍କୁ ଏକାଠି କରି ଆଣୁଥିଲେ । ସେଠାରେ ସେ କୌଣସି ଛାପା ପ୍ରଶ୍ନପତ୍ର ନଦେଇ, ଉଦ୍ଭିଦ ଓ ପ୍ରାଣୀ ବିଜ୍ଞାନର ସମସ୍ତ ଗୋପନୀୟ ପ୍ରଶ୍ନ ପିଲାମାନଙ୍କ ଖାତାରେ ଲେଖାଇ ଦେଉଥିଲେ ଏବଂ ତାହାର ଉତ୍ତର ବୁଝାଇ ଦେଉଥିଲେ । ପରେ ଏହି ସାମଗ୍ରୀ ଜଣେ ଆୟୁର୍ବେଦ ଚିକିତ୍ସକ ଧନଞ୍ଜୟ ଲୋଖଣ୍ଡେଙ୍କ ପାଖକୁ ଯାଇଥିଲା, ଯିଏ ଏହାକୁ ଅନ୍ୟ ଅଞ୍ଚଳକୁ ପଠାଇବାରେ ସାହାଯ୍ୟ କରିଥିଲେ । ଏହି ଚକ୍ରାନ୍ତ କେବଳ ମହାରାଷ୍ଟ୍ରରେ ସୀମିତ ନରହି ଅନ୍ୟ ରାଜ୍ୟକୁ ମଧ୍ୟ ବ୍ୟାପିଥିଲା ।

## ଭାରତ ଓ ନେଦରଲ୍ୟାଣ୍ଡ ମଧ୍ୟରେ ବୃହତ ଚୁକ୍ତି

# କ୍ରାନ୍ତିକାରୀ ପରିବର୍ତ୍ତନ ଆଡ଼କୁ ନୂଆ ସାମରିକ ଓ ବୈଷୟିକ ଭାଗୀଦାରି

**ଦି ହେଗ୍/ନୂଆଦିଲ୍ଲୀ,୧୭ ।୫(ଏଜେନ୍ସି):**



ଭାରତ ଏବଂ ନେଦରଲ୍ୟାଣ୍ଡ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଏବେ ଏକ ନୂଆ ଉଚ୍ଚତାକୁ ଛୁଇଁଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ନେଦରଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ରବ୍ ଜେଟେନ୍‌ଙ୍କ ମଧ୍ୟରେ ହୋଇଥିବା ବ୍ୟାପକ ଆଲୋଚନା ପରେ ଉଭୟ ଦେଶ ନିଜର ସମ୍ପର୍କକୁ 'ରଣନୀତିକ ଭାଗିଦାରୀ' ସ୍ତରକୁ ଉନ୍ନୀତ କରିବାକୁ ସହମତି ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ୟୁରୋପ ଗସ୍ତର ଏହି ସଫଳତା ଦ୍ୱାରା ଦୁଇ ଦେଶ ମଧ୍ୟରେ ସେମିକଣ୍ଡକ୍ଟର, ପ୍ରତିରକ୍ଷା ଏବଂ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ସହଯୋଗର ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି । ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ଜଳ ପରିଚାଳନା, ସ୍ୱାସ୍ଥ୍ୟ ସେବା ଏବଂ ଶିକ୍ଷା ଭଳି ପାରମ୍ପରିକ କ୍ଷେତ୍ରର ସମୀକ୍ଷା କରାଯାଇଥିଲା । ଏଥିସହ ଆଗାମୀ ପିଢ଼ିର ପ୍ରଯୁକ୍ତିବିଦ୍ୟା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଗୁଜରାଟର ଧୋଲେରାଠାରେ ଭାରତର ପ୍ରଥମ ପ୍ରମୁଖ ସେମିକଣ୍ଡକ୍ଟର କାରଖାନା ପ୍ରତିଷ୍ଠା ପାଇଁ ଭାରତର 'ଟାଟା ଇଲେକ୍ଟ୍ରୋନିକ୍ସ' ଏବଂ ନେଦରଲ୍ୟାଣ୍ଡର ବିଶ୍ୱପ୍ରସିଦ୍ଧ ସଂସ୍ଥା 'ଏଏସଏମଏଲ' ମଧ୍ୟରେ ଏକ ବଡ଼ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ପରିବେଶର ସୁରକ୍ଷା ଏବଂ ନୂତନୀକରଣ ଯୋଗ୍ୟ ଶକ୍ତିର ବିକାଶ ପାଇଁ ଗ୍ରୀନ୍ ହାଇଡ୍ରୋଜେନ କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଦୁଇ ଦେଶ ନିଷ୍ପତ୍ତି ନେଇଛନ୍ତି । ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଡଚ୍ ପ୍ରଧାନମନ୍ତ୍ରୀ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ଆଲୋଚନା ପୂର୍ବରୁ ଉଭୟ ପ୍ରଧାନମନ୍ତ୍ରୀ ଦି ହେଗ୍‌ଠାରେ ଆୟୋଜିତ ଏକ ବୃହତ ଶିଳ୍ପପତି ସମ୍ମିଳନୀରେ ଯୋଗ ଦେଇଥିଲେ । ସେଠାରେ ଉର୍ଜା, ସାମୁଦ୍ରିକ ବନ୍ଦର, କୃଷି ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରର ପ୍ରମୁଖ ଡଚ୍ କମ୍ପାନୀଗୁଡ଼ିକୁ ପ୍ରଧାନମନ୍ତ୍ରୀ ମୋଦୀ ଭାରତରେ ନିର୍ମାଣ ଓ ଗବେଷଣା କରିବାକୁ ଆମନ୍ତ୍ରଣ କରିଛନ୍ତି । ଭାରତର ବୃହତ ବଜାର, ସ୍ଥିର ଅର୍ଥନୀତି ଏବଂ ସରଳୀକୃତ ଶ୍ରମ ଓ କର ନୀତି ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ ନେଦରଲ୍ୟାଣ୍ଡର ଅଭିଜ୍ଞତା ସହିତ ଭାରତର ଦ୍ରୁତ କାର୍ଯ୍ୟଦକ୍ଷତା ମିଶିଲେ ବିଶ୍ୱସ୍ତରରେ ବଡ଼ ସଫଳତା ମିଳିପାରିବ । ପ୍ରଧାନମନ୍ତ୍ରୀ ମୋଦୀ ନିଜ ବକ୍ତବ୍ୟରେ କହିଛନ୍ତି ଯେ ବିଗତ ଏକ ଦଶନ୍ଧି ମଧ୍ୟରେ ଦୁଇ ଦେଶର ସମ୍ପର୍କରେ ଉଲ୍ଲେଖନୀୟ ପ୍ରଗତି ହୋଇଛି । ଏହି ସମ୍ପର୍କ କେବଳ ବାଣିଜ୍ୟ ଉପରେ ଆଧାରିତ ନୁହେଁ, ବରଂ ସମାନ ଗଣତାନ୍ତ୍ରିକ ମୂଲ୍ୟବୋଧ, ମୁକ୍ତ ବଜାର ଅର୍ଥନୀତି ଏବଂ ଦାୟିତ୍ୱସମ୍ପନ୍ନ ଆଚରଣ ଉପରେ ପ୍ରତିଷ୍ଠିତ । ଡଚ୍ ପ୍ରଧାନମନ୍ତ୍ରୀ ରବ୍ ଜେଟେନ୍ ମଧ୍ୟ ଏହି ଆଲୋଚନାକୁ ସ୍ୱାଗତ କରିବା ସହ ଭାରତ ସହ ଆର୍ଥିକ ଓ ସାମରିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାକୁ ନିଜର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ଭାରତ ଏବଂ ନେଦରଲ୍ୟାଣ୍ଡ ମଧ୍ୟରେ ଏହି ନୂତନ ରଣନୀତିକ ଭାଗିଦାରୀ ଆଗାମୀ ଦିନରେ ଦୁଇ ଦେଶର ଅର୍ଥନୀତିକୁ ବିଶେଷ ଭାବେ ସମୃଦ୍ଧ କରିବ ।

## ତୁଷାର ବ୍ରିଟେନର ସର୍ବକନିଷ୍ଠ ଭାରତୀୟ ବଂଶୋଦ୍ଭବ ମେୟର

**ଲଣ୍ଡନ,୧୭।୫(ଏଜେନ୍ସି):** ଭାରତୀୟ ବଂଶୋଦ୍ଭବ ୨୩ ବର୍ଷୀୟ କାଉନସିଲର ତୁଷାର କୁମାର ବ୍ରିଟେନର ରାଜନୈତିକ ଇତିହାସରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି ।



ସେ ବ୍ରିଟେନର ଏଲଷ୍ଟ୍ରି ଏବଂ ବୋରହାମଉଡ୍‌ର ସର୍ବକନିଷ୍ଠ ଭାରତୀୟ ବଂଶୋଦ୍ଭବ ମେୟର ଭାବେ ନିଯୁକ୍ତ ହୋଇଛନ୍ତି । ତାଙ୍କ ସମେତ ଲିଣ୍ଡା ସ୍ମିଥ୍‌ଙ୍କୁ ଆଗାମୀ ନାଗରିକ ବର୍ଷ ପାଇଁ ଡେପୁଟି ମେୟର ଭାବେ ନିଯୁକ୍ତ କରାଯାଇଛି । ତୁଷାର କିଙ୍ଗସ୍ କଲେଜ ଲଣ୍ଡନରୁ ରାଜନୀତି ବିଜ୍ଞାନରେ ଶିକ୍ଷା ଗ୍ରହଣ କରିଛନ୍ତି । ମେୟର ଭାବେ ଦାୟିତ୍ୱ ନେବା ପୂର୍ବରୁ ସେ ସେହି ସହରର ଡେପୁଟି ମେୟର ଭାବେ କାର୍ଯ୍ୟ କରିବା ସହ ସ୍ଥାନୀୟ ନାଗରିକ ଏବଂ ସାମାଜିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେ ଅଧିକରୁ ଅଧିକ ଯୁବପିଢ଼ିଙ୍କୁ ସାଧାରଣ ସେବା କ୍ଷେତ୍ରରେ ସାମିଲ କରିବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି ।

## କେରଳ ମୁଖ୍ୟମନ୍ତ୍ରୀ ଭାବେ ସତୀଶନଙ୍କ ଶପଥ ଆଜି



ପ୍ରକାଶ ହେଲା କ୍ୟାବିନେଟ୍ ତାଲିକା

**ତିରୁଅନନ୍ତପୁରମ୍,୧୭ ।୫(ଏଜେନ୍ସି):** ଦୀର୍ଘ ଏକ ଦଶନ୍ଧି ପରେ କେରଳ କ୍ଷମତାକୁ ଫେରିଥିବା କଂଗ୍ରେସ ନେତୃତ୍ୱାଧୀନ 'ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ' (ୟୁଡିଏଫ୍) ଆସନ୍ତାକାଲି ଅର୍ଥାତ ସୋମବାର ସରକାର ଗଠନ କରିବାକୁ ଯାଉଛି । କେରଳର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଭି.ଡି. ସତୀଶନ ସକାଳ ୧୦ଟାରେ ତିରୁଅନନ୍ତପୁରମ୍‌ର ସେଣ୍ଟ୍ରାଲ ଷ୍ଟାଡିୟମଠାରେ ଶପଥ ଗ୍ରହଣ କରିବେ । ତେବେ ଶପଥ ଗ୍ରହଣ ପୂର୍ବରୁ ସତୀଶନ ରବିବାର ସନ୍ଧ୍ୟାରେ ନିଜ ନୂଆ କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ନାମ ଓ ତାଲିକା ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି । ୧୪୦ ଆସନ ବିଶିଷ୍ଟ କେରଳ ବିଧାନସଭା ନିର୍ବାଚନରେ ୟୁଡିଏଫ୍ ୧୦୨ଟି ଆସନରେ ବିପୁଳ ବିଜୟ ହାସଲ କରି ସିପିଆଇ(ଏମ୍) ନେତୃତ୍ୱାଧୀନ ବାମପନ୍ଥୀ ସରକାର (ଏଲ୍‌ଡିଏଫ୍) କୁ ପରାସ୍ତ କରିଛି । ଏହି ସଫଳତା ପରେ ଦଳର ବରିଷ୍ଠ ନେତା ଭି.ଡି. ସତୀଶନଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ମନୋନୀତ କରାଯାଇଛି । ଆସନ୍ତାକାଲି ହେବାକୁ ଥିବା ଏହି ଭବ୍ୟ ଶପଥ ଗ୍ରହଣ ସମାରୋହରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ମଲ୍ଲିକାର୍ଜୁନ ଖାଡ଼ଗେଙ୍କ ସମେତ ଅନେକ ବରିଷ୍ଠ ରାଜନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି । କିନ୍ତୁ ସରକାର ଗଠନ ପୂର୍ବରୁ ବିଭିନ୍ନ ସମୁଦାୟ ଓ ସହଯୋଗୀ ଦଳଗୁଡ଼ିକ ପକ୍ଷରୁ ସନ୍ତୋଷଜନକ ପ୍ରତିକ୍ରିୟା ମିଳି ନଥିଲା । 'ନାୟାର ସର୍ଭିସ ସୋସାଇଟି' (ଏନ୍‌ଏସ୍‌ଏସ୍)ର ସାଧାରଣ ସମ୍ପାଦକ ଜି. ସୁକୁମାରନ ନାୟାର ଅଭିଯୋଗ କରିଥିଲେ ଯେ, କଂଗ୍ରେସ ନିଜର ସହଯୋଗୀ ଦଳ 'ଇଣ୍ଡିଆନ ୟୁନିୟନ ମୁସଲିମ ଲିଗ' (ଆଇୟୁଏମ୍‌ଏଲ୍)ର ଚାପ ଆଗରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରି ସତୀଶନଙ୍କୁ ମୁଖ୍ୟମନ୍ତ୍ରୀ କରିଛି ।

## ରାଜଧାନୀ ଏକ୍ସପ୍ରେସରେ ଅଗ୍ନିକାଣ୍ଡ

**ରତ୍‌ଲାମ,୧୭ ।୫(ଏଜେନ୍ସି):** ମଧ୍ୟପ୍ରଦେଶର ରତ୍‌ଲାମ୍ ଜିଲ୍ଲାରେ ରବିବାର ସକାଳେ ଏକ ବଡ଼ ଧରଣର ରେଳ ଦୁର୍ଘଟଣା ଟଳିଯାଇଛି । ଥିରୁବନନ୍ତପୁରମରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ରାଜଧାନୀ ଏକ୍ସପ୍ରେସର ଏକ ଶୀତତାପ ନିୟନ୍ତ୍ରିତ ବଗିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ସମୟ ଥାଉ ଥାଉ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ଏବଂ ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି । ରେଳବାଇ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୫ଟା ୧୫ ମିନିଟ୍ ସମୟରେ ବିକ୍ରମଗଡ଼



ଅଳ୍ପକେ ବର୍ତ୍ତିଲେ ସମସ୍ତ ଯାତ୍ରୀ

ଆଲୋଟ୍ ଏବଂ ଲୁନି ରିଚ୍ଛା ଷ୍ଟେସନ ମଧ୍ୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ଟ୍ରେନର ବି-୧ କୋଚ୍‌ରେ ପ୍ରଥମେ ନିଆଁ ଲାଗିଥିଲା, ଯେଉଁଥିରେ ୬୮ ଜଣ ଯାତ୍ରୀ ଯାତ୍ରା କରୁଥିଲେ । ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଏହା ବି-୧ ବଗି ପଛକୁ ଲାଗିଥିବା ଗାର୍ଡ ତଥା ଜିନିଷପତ୍ର ରଖାଯାଉଥିବା ପଛ ବଗିକୁ ମଧ୍ୟ ବ୍ୟାପକ କ୍ଷତି ପହଞ୍ଚାଇଛି । ନିଆଁର ପ୍ରଭାବରେ ରେଳଧାରଣା ପାର୍ଶ୍ୱରେ ଥିବା କେତେକ ଗଛ ମଧ୍ୟ ଜଳିଯାଇଥିଲା । ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ଟ୍ରେନକୁ ଅଟକାଇ ଓଭରହେଡ୍ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା ଏବଂ ଜଳୁଥିବା ବଗିକୁ ଟ୍ରେନର ଅନ୍ୟ ଅଂଶରୁ ଅଲଗା କରାଯାଇଥିଲା । ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇଥିଲା । ସେମାନଙ୍କୁ କୋଟା ଷ୍ଟେସନ ପର୍ଯ୍ୟନ୍ତ ନେବା ପାଇଁ ଅନ୍ୟ ବଗିଗୁଡ଼ିକରେ ବ୍ୟବସ୍ଥା କରାଯାଇଥିଲା ।

## କୋଲକାତାରେ ବେଆଇନ ଉଚ୍ଛେଦ ବେଳେ ହିଂସା

### ପଥର ମାଡ଼ରେ ୩ ପୁଲିସ କର୍ମଚାରୀ ଆହତ

**କୋଲକାତା,୧୭।୫(ଏଜେନ୍ସି):** କୋଲକାତା ସ୍ଥିତ ତିଲଜଳା ଅଞ୍ଚଳରେ ଚାଲିଥିବା ବେଆଇନ ନିର୍ମାଣ ଉଚ୍ଛେଦ ଅଭିଯାନ ରବିବାର ଦିନ ଉଗ୍ର ରୂପ ଧାରଣ କରିଛି । ପାର୍କ ସର୍କସ ଅଞ୍ଚଳରେ ପ୍ରତିବାଦକାରୀ ଏବଂ ପୁଲିସ ମଧ୍ୟରେ ସଂଘର୍ଷ ଘଟିବାରୁ ତିନି ଜଣ ପୋଲିସ କର୍ମଚାରୀ ଆହତ ହୋଇଥିବା ବେଳେ ଅନେକ ଯାନବାହନ ଭଙ୍ଗାରୁଜା ହୋଇଥିବା ସୂଚନା ମିଳିଛି ।



ଗତ ବୁଧବାର ତିଲଜଳା ଅଞ୍ଚଳର ଏକ କାରଖାନାରେ ଭୟାବହ ଅଗ୍ନିକାଣ୍ଡ ଘଟି ୨ ଜଣଙ୍କର ମୃତ୍ୟୁ ହୋଇଥିଲା । ଏହାପରେ ରାଜ୍ୟ ସରକାର ଅଞ୍ଚଳରୁ ବେଆଇନ ନିର୍ମାଣଗୁଡ଼ିକୁ ହଟାଇବା ପାଇଁ ଉଚ୍ଛେଦ ଅଭିଯାନ ଆରମ୍ଭ କରିଥିଲେ । ରବିବାର ଏହା ବିରୋଧରେ ପାର୍କ ସର୍କସ ସେଭେନ ପଏଣ୍ଟ କ୍ରସିଂ ନିକଟରେ ଲୋକମାନେ ଏକତ୍ରିତ ହୋଇ ରାସ୍ତା ଅବରୋଧ କରିଥିଲେ । ପୁଲିସ ସେମାନଙ୍କୁ ହଟାଇବାକୁ ଚେଷ୍ଟା କରୁଥିବା ବେଳେ ଉତ୍ତ୍ୟକ୍ତ ଲୋକେ ପୋଲିସ ଉପରକୁ ପଥର ମାଡ଼ କରିଥିଲେ । ଏଥିରେ ୩ ଜଣ କର୍ମଚାରୀ ଆହତ ହୋଇଥିବା ଅତିରିକ୍ତ ପୁଲିସ କମିଶନର ଅଶେଷ ବିଶ୍ୱାସ ସୂଚନା ଦେଇଛନ୍ତି । ଏହି ଘଟଣାରେ କିଛି ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ଚିହ୍ନଟ କରିବା ପାଇଁ ପଦକ୍ଷେପ ନିଆଯାଉଛି । ବର୍ତ୍ତମାନ ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ସମ୍ପୃକ୍ତ ଅଞ୍ଚଳରେ କୋଲକାତା ପୁଲିସ ଏବଂ କେନ୍ଦ୍ରୀୟ ବାହିନୀ ମୁତୟନ କରାଯାଇଛି । ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ରୁଟ୍ ମାର୍ଚ୍ଚ ଓ ପାଟ୍ରୋଲିଂ ଜାରି ରହିଛି ।

## ୟୁରାନିୟମ୍ ହସ୍ତାନ୍ତର ଓ ପରମାଣୁ କଟକଣା

# ଇରାନ ସମ୍ମୁଖରେ ଆମେରିକା ରଖିଲା ୫ଟି କଠୋର ସର୍ତ୍ତ

**ୱାସିଂଟନ/ତେହେରାନ,୧୭ ।୫(ଏଜେନ୍ସି):**

ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ମଧ୍ୟରେ ଏକ ବଡ଼ ଖୁଲାସା ହୋଇଛି । ଯୁଦ୍ଧ ସମାପ୍ତ କରିବା ପାଇଁ ହେଉଥିବା ଏହି ବାର୍ତ୍ତାଳାପରେ ଆମେରିକା ପକ୍ଷରୁ ଇରାନ ସମ୍ମୁଖରେ ୫ଟି ଅତ୍ୟନ୍ତ କଠୋର ସର୍ତ୍ତ ରଖାଯାଇଛି । ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଆମେରିକାର ପ୍ରତିରୋଧମୂଳକ ମନୋଭାବ ଯୋଗୁଁ ଏହି ସପ୍ତାହର ଆଲୋଚନା ଏକ ପ୍ରକାର ଅଚଳାବସ୍ଥା ଆଡ଼କୁ ଗତି କରୁଛି । ରିପୋର୍ଟ ଅନୁଯାୟୀ, ୱାଶିଂଟନ ପକ୍ଷରୁ ଇରାନକୁ ଦିଆଯାଇଥିବା ପ୍ରସ୍ତାବରେ ନିମ୍ନଲିଖିତ ଦାବି କରାଯାଇଛି । ଇରାନ ନିଜ ପାଖରେ ଥିବା ୪୦୦ କିଲୋଗ୍ରାମ ସମୃଦ୍ଧ ୟୁରେନିୟମ୍ ସମ୍ପୂର୍ଣ୍ଣ ଭାବେ ଆମେରିକାକୁ ହସ୍ତାନ୍ତର କରିବ । ସେହିପରି ଇରାନର ଅନେକ ପରମାଣୁ ପ୍ରତିଷ୍ଠାନ ମଧ୍ୟରୁ କେବଳ ଗୋଟିଏ କେନ୍ଦ୍ରକୁ କାର୍ଯ୍ୟକ୍ଷମ ରଖିବାକୁ ଅନୁମତି ମିଳିବ, ବାକି ସବୁ ବନ୍ଦ ରହିବ । ପୂର୍ବରୁ ଆମେରିକା ଲଗାଇଥିବା ଆର୍ଥିକ କଟକଣା ଯୋଗୁଁ ଇରାନର ଯେଉଁ କ୍ଷତି



ହୋଇଛି, ସେଥିପାଇଁ ଆମେରିକା କୌଣସି କ୍ଷତିପୂରଣ ଦେବ ନାହିଁ । ବିଦେଶରେ ଜମା ହୋଇ ରହିଥିବା ଇରାନର ଅଟକ ଅର୍ଥରାଶିର ୨୫ ପ୍ରତିଶତ ମଧ୍ୟ ମୁକ୍ତ କରିବାକୁ ଆମେରିକା ମନା କରିଦେଇଛି । ବିଭିନ୍ନ ସମରକ୍ଷେତ୍ରରେ ଚାଲିଥିବା ସଂଘର୍ଷର ସମାପ୍ତି କେବଳ ଆଲୋଚନାର ସଫଳତା ଏବଂ ଏହାର ନିରନ୍ତରତା ଉପରେ ହିଁ ନିର୍ଭର କରିବ । ଅନ୍ୟପକ୍ଷରେ, ଇରାନ ଏହି ସର୍ତ୍ତଗୁଡ଼ିକୁ ମାନିନେଲେ ମଧ୍ୟ ଆମେରିକା ଏବଂ ଇସ୍ରାଏଲ୍‌ର ସାମରିକ ଆକ୍ରମଣର ଆଶଙ୍କା ସମ୍ପୂର୍ଣ୍ଣ ଟଳିବ ନାହିଁ ବୋଲି ସୂଚନା ମିଳିଛି । ଆମେରିକାର ଏହି ପ୍ରସ୍ତାବକୁ ଇରାନ ଗଣମାଧ୍ୟମ ତୀବ୍ର

**ଇରାନ ମଧ୍ୟ ୫ଟି ପ୍ରାକ୍-ସର୍ତ୍ତ ରଖିଛି**

ସମାଲୋଚନା କରିଛି । ଇରାନର କହିବା କଥା ଯେ ଆମେରିକା କୌଣସି ସକରାତ୍ମକ ସୁଯୋଗ ନଦେଇ, ଯେଉଁ ସଫଳତା ସେ ଯୁଦ୍ଧରେ ପାଇପାରି ନଥିଲା, ତାହାକୁ ଆଲୋଚନା ମାଧ୍ୟମରେ ହାସଲ କରିବାକୁ ଚାହୁଁଛି । ପ୍ରତିବଦଳରେ ଇରାନ ମଧ୍ୟ ଆଲୋଚନା ପାଇଁ ନିଜର ୫ଟି 'ବିଶ୍ୱାସ ଜନ୍ମାଇବା ଭଳି' ପ୍ରାକ୍-ସର୍ତ୍ତ ରଖିଛି । ସେଗୁଡ଼ିକ ହେଲା ଲେବାନନ ସମେତ ସମସ୍ତ ସମରକ୍ଷେତ୍ରରେ ଯୁଦ୍ଧର ସମାପ୍ତି । ଇରାନ ଉପରୁ ସମସ୍ତ ଆର୍ଥିକ କଟକଣା ହଟାଇବା । ଇରାନର ଜବତ ହୋଇଥିବା ପାଣ୍ଠିକୁ ମୁକ୍ତ କରିବା । ଯୁଦ୍ଧରେ ହୋଇଥିବା କ୍ଷୟକ୍ଷତି ପାଇଁ କ୍ଷତିପୂରଣ ପ୍ରଦାନ । ବିଶ୍ୱର ପ୍ରମୁଖ ତୈଳ ପରିବହନ ରୁଟ୍ ହର୍ମୁଜ ପ୍ରଣାଳୀ ଉପରେ ଇରାନର ସାର୍ବଭୌମତ୍ୱକୁ ସ୍ୱୀକୃତି ଦେବା ।

ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଏସମାଇଲ୍ ବାକାଇ ଆମେରିକାକୁ ସମାଲୋଚନା କରି କହିଛନ୍ତି ଯେ ଆମେରିକା ଓ ଇସ୍ରାଏଲ୍ ପ୍ରଥମେ ନିଜେ ସଂକଟ ସୃଷ୍ଟି କରନ୍ତି ଏବଂ ପରେ ଶାନ୍ତି ପ୍ରତିଷ୍ଠା'ର ମିଥ୍ୟା ବାନା ଧରି ନିଜର ସାମରିକ ସ୍ୱାର୍ଥ ହାସଲ କରନ୍ତି । ଏଥିସହ ଇରାନ ସେନା ପକ୍ଷରୁ ଚେତାବନୀ ଦିଆଯାଇଛି ଯେ ଯଦି ପୁଣି ସାମରିକ ଆକ୍ରମଣ ହୁଏ, ତେବେ ଏହାର ଦୃଢ଼ ଜବାବ ଦିଆଯିବ । ସୂଚନାଯୋଗ୍ୟ ଯେ, ନିକଟରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଇରାନର ୧୪-ଦଫା ବିଶିଷ୍ଟ ଶାନ୍ତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ।

## ୟୁଏଇର ବାରାକା ଆଣବିକ ଶକ୍ତି କେନ୍ଦ୍ର ଉପରେ ଡ୍ରୋନ୍ ମାଡ଼

**ଆବୁଧାବି,୧୭ ।୫(ଏଜେନ୍ସି):** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ର ଆବୁଧାବି ସ୍ଥିତ 'ବାରାକା ଆଣବିକ ଶକ୍ତି କେନ୍ଦ୍ର' ପରିସରରେ ଏକ ଡ୍ରୋନ୍ ଆକ୍ରମଣ ଯୋଗୁଁ ଅଗ୍ନିକାଣ୍ଡ ଘଟିଛି । ଆଜି ସକାଳେ ହୋଇଥିବା ଏହି ଆକ୍ରମଣ ପରେ ପ୍ଲାଣ୍ଟର ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରାଯାଇଥିଲା । ତେବେ ୟୁଏଇ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଏହି



ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି ଏବଂ ଆଣବିକ କେନ୍ଦ୍ରଟି ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି । ଆବୁଧାବି ଗଣମାଧ୍ୟମ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ, ଡ୍ରୋନ୍ ମାଡ଼ ଯୋଗୁଁ ଆଣବିକ ପ୍ଲାଣ୍ଟର ଭିତର ସୁରକ୍ଷା ପ୍ରାଚୀର ବାହାରେ ଥିବା ଏକ ବାହ୍ୟ ବୈଦ୍ୟୁତିକ ଜେନେରେଟର ରେ ନିଆଁ ଲାଗିଯାଇଥିଲା । ସୁରକ୍ଷା କର୍ମୀ ଏବଂ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ । ୟୁଏଇର ଆଣବିକ ନିୟାମକ ସଂସ୍ଥା 'ଫେଡେରାଲ ଅଥରିଟି ଫର ନ୍ୟୁକ୍ଲିୟର ରେଗୁଲେସନ' (ଏଫ୍‌ଏଏନ୍‌ଆର) ନିଶ୍ଚିତ କରିଛି ଯେ ଏହି ଅଗ୍ନିକାଣ୍ଡ ଯୋଗୁଁ ପ୍ଲାଣ୍ଟର ମୂଳ ସୁରକ୍ଷା ବ୍ୟବସ୍ଥା ଉପରେ କୌଣସି ପ୍ରଭାବ ପଡ଼ିନାହିଁ । ପ୍ଲାଣ୍ଟରୁ କୌଣସି ପ୍ରକାରର ପରମାଣୁ ବିକିରଣ ହୋଇନାହିଁ ଏବଂ ସମସ୍ତ ଆଣବିକ ରିଆକ୍ଟର ୟୁନିଟ୍ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି । ପ୍ରାୟ ୨୦ ବିଲିୟନ ଡଲାର ବ୍ୟୟରେ ଦକ୍ଷିଣ କୋରିଆର ସହାୟତାରେ ନିର୍ମିତ ଏହି ବାରାକା ଆଣବିକ ଶକ୍ତି କେନ୍ଦ୍ରଟି ୨୦୨୦ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା । ସମଗ୍ର ଆରବ ଉପଦ୍ୱୀପରେ ଏହା ହେଉଛି ପ୍ରଥମ ଏବଂ ଏକମାତ୍ର ସକ୍ରିୟ ଆଣବିକ ଶକ୍ତି କେନ୍ଦ୍ର । ଆଞ୍ଚଳିକ ଗତିରୋଧ ଏବଂ ଚାଲିଥିବା ସଂଘର୍ଷ ମଧ୍ୟରେ ଏହି ପ୍ଲାଣ୍ଟ ଉପରେ ପ୍ରଥମ ଥର ପାଇଁ ଏଭଳି ଆକ୍ରମଣ ହୋଇଛି ।



ଚାଲିଛି ରଥ ନିର୍ମାଣ: ଭୋଇ ସେବକମାନେ ବଡ଼ଦାଣ୍ଡରେ ଶଗଡ଼ି ଯୋଗେ ରଥ ଖଳାକୁ ଅଖ କାଠ ବୋହି ନେଉଛନ୍ତି (ଫଟୋ:ଅନିଲ)

# ଯୁବକଙ୍କୁ ମାରି ପଥର ଖାଦାନରେ ଫିଙ୍ଗିଦେଲେ

ନୟାଗଡ଼/ରଣପୁର, ୧୭।୫ (ସମିସ): ନୟାଗଡ଼ ଜିଲ୍ଲାରେ ଦୁଇ ଦୁଇଟି ଜଘନ୍ୟ ହତ୍ୟାକାଣ୍ଡକୁ ଦିନ କେଇଟା ବିତି ନଥିବା ବେଳେ ଆଜି ଜଣେ କ୍ରସର୍ ମାଲିକଙ୍କ ପୁଅକୁ ହତ୍ୟା ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ, ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ଅନ୍ତର୍ଗତ କେରେଣ୍ଡାଟାଙ୍ଗି ପଞ୍ଚାୟତ ନୂଆପାଡ଼ା ଗ୍ରାମର ନକୁଳ ପାଟଶାଣୀଙ୍କ

■ ନୟାଗଡ଼ରେ ଚାଞ୍ଚଲ୍ୟ
■ ଦୁଇ ଦିନ ତଳୁ ନିଖୋଜ ଥିଲେ

ପୁଅ ପ୍ରତାପ କୁମାର ପାଟଶାଣୀ (୩୫)। ରାଇପଡ଼ାଠାରେ ଥିବା ବେଆଇନ ପଥର ଖାଦାନରୁ ଆଜି ତାଙ୍କର ଗଳିତ ମୃତଦେହକୁ ଉଦ୍ଧାର କରାଯାଇଛି। ଦୁଇ ଦିନ ତଳୁ ପ୍ରତାପ ନିଖୋଜ ଥିଲେ। ପରିବାରଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ମୃତଦେହ ଚିହ୍ନଟ କରିଥିଲେ। ଚାନ୍ଦପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିବା ପରେ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଦୁର୍ବୃତ୍ତମାନେ ତାଙ୍କୁ ମଦ ପିଆଇବା ପରେ ଏକ



ଶାଢ଼ିରେ ତାଙ୍କ ତଣ୍ଟି ଚିପି ହତ୍ୟା କରିବା ପରେ ଖାଦାନ ଭିତରେ ଥିବା ପାଣିକୁ ଫିଙ୍ଗି ଦେଇଥିବା ପରିବାରଲୋକ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଏହି ଘଟଣାରେ ଚାନ୍ଦପୁର ପୁଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ସୂଚନାନୁଯାୟୀ, ଗତ ୧୫ ତାରିଖ ସନ୍ଧ୍ୟାରେ ଜଣେ ଯୁବକ ତାଙ୍କୁ ଡାକିବାକୁ ଆସିଥିଲା। ଏହାର କିଛି ସମୟ ପରେ ପ୍ରତାପ ଘରୁ କୁଆଡ଼େ ବାହାରି ଯାଇଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଓ ସମ୍ପର୍କୀୟ ଖୋଜାଖୋଜି କରି ଚାନ୍ଦପୁର ଥାନାରେ ନିଖୋଜ ଏତଲା ଦେଇଥିଲେ। ଆଜି ସକାଳୁ ଉକ୍ତ ପଥର ଖାଦାନକୁ ଶୌଚ ପାଇଁ ଯାଇଥିବା ଜଣେ ମହିଳା ମୃତଦେହ ଖାଦାନ ପାଣିରେ ଭାସୁଥିବା ଦେଖି ପରିବାରକୁ ଖବର ଦେଇଥିଲେ।

ପ୍ରତାପ ଜଣେ ଶାନ୍ତ ଓ ସରଳ ଯୁବକ ବୋଲି ଗ୍ରାମବାସୀ କହିଛନ୍ତି। କ୍ରସର୍ କାରବାରକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି। ବ୍ୟବସାୟିକ ତଥା ରାଜନୈତିକ ଅଭିସନ୍ଧି ନେଇ ପ୍ରତାପଙ୍କୁ ହତ୍ୟା ପରେ ପଥର ଖାଦାନକୁ ଫିଙ୍ଗି ଦିଆଯାଇଛି। ଫଳରେ ଦୁଇ ଦିନ ମଧ୍ୟରେ ଶବ ପଚି ଦୁର୍ଗନ୍ଧ ବାହାରୁଛି। ଉକ୍ତ ଖାଦାନକୁ ଏକ ପାଦଚଲା ରାସ୍ତା ରହିଥିବା ବେଳେ ସାଧାରଣ ଲୋକେ ସେଠିକୁ କମ ଯାତାୟତ କରିଥାନ୍ତି। ଏହାର ସୁଯୋଗ ନେଇ ହତ୍ୟାକାରୀମାନେ ଚତୁରତାର ସହ ଏହି କାଣ୍ଡ କରିଛନ୍ତି।

ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଛନ୍ତି। ପୁଲିସ ମୁଖ୍ୟାଳୟରୁ ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ ସ୍କ୍ୱାଡ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛି। ଖୁବଶୀଘ୍ର ଏହି ଘଟଣାର ରହସ୍ୟ ଖୋଲିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ଶ୍ରୀ ସାହୁ କହିଛନ୍ତି।

ଚେତାବନୀ ଦେଲା ଟ୍ରକ୍ ମାଲିକ ମହାସଂଘ

# ଠପ୍ ହେବ ପରିବହନ ସେବା

କଟକ, ୧୭।୫ (ସମିସ): ରାଜ୍ୟରେ ଦିନକୁ ଦିନ ଉଗ୍ରରୂପ ଧାରଣ କରୁଥିବା ଡିଜେଲ ସଙ୍କଟ ଏବଂ ଅହେତୁକ ଦରବୃଦ୍ଧିକୁ ନେଇ ଓଡ଼ିଶା ରାଜ୍ୟ ଟ୍ରକ୍ ମାଲିକ ମହାସଂଘ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ସରକାରଙ୍କ ଭୁଲ୍ ନୀତି ଯୋଗୁଁ ସମଗ୍ର ପରିବହନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ମହାସଂଘ ଏବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ସଜବାଜ ହେଉଛି। ଯଦି ସରକାର ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ କୌଣସି ବିହିତ ପଦକ୍ଷେପ ନ ନିଅନ୍ତି, ଆଗାମୀ ଦିନରେ ସାରା ରାଜ୍ୟରେ ଟ୍ରକ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ମହାସଂଘ ପକ୍ଷରୁ ସରକାରଙ୍କୁ ଖୋଲା ଚେତାବନୀ ଦିଆଯାଇଛି।



ମହାସଂଘର ଅଭିଯୋଗ ଅନୁଯାୟୀ, ଗୋଟିଏପଟେ କ୍ରମାଗତ ଭାବେ ଡିଜେଲ ଦର ବୃଦ୍ଧି ପାଉଥିବା ବେଳେ ଅନ୍ୟପଟେ ବଜାରରେ ଡିଜେଲର କୃତ୍ରିମ ଅଭାବ ପରିବହନ କ୍ଷେତ୍ରକୁ ରସାତଳକୁ ନେଇଯାଇଛି। ରାଜ୍ୟର ଅଧିକାଂଶ ପେଟ୍ରୋଲ ପମ୍ପରେ ତେଲ ମିଳୁ ନଥିବାରୁ ଶହ ଶହ ମାଲବାହୀ ଟ୍ରକ ରାସ୍ତା କଡ଼ରେ ଅଟକି ରହିଛି। ଯେଉଁ କେତେକ ସ୍ଥାନରେ ତେଲ ମିଳୁଛି, ସେଠାରେ ମଧ୍ୟ ଗ୍ରାହକଙ୍କୁ ସୀମିତ ପରିମାଣରେ ଡିଜେଲ ଦିଆଯାଉଛି। ଫଳରେ ଗାଡ଼ିଗୁଡ଼ିକ ନିର୍ଦ୍ଧାରିତ ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରୁନାହାନ୍ତି। ବ୍ୟବସାୟ ସମ୍ପୂର୍ଣ୍ଣ ମାନ୍ଦା ହୋଇଯାଇଥିବାରୁ ସାଧାରଣ ଟ୍ରକ୍ ମାଲିକମାନେ ଏବେ ଗାଡ଼ିର ବ୍ୟାଙ୍କ କିସ୍ତି ସୁଝିବାକୁ ମଧ୍ୟ ଅକ୍ଷମ ହେଲେଣି। ଏହା ସେମାନଙ୍କ ପାଇଁ "ବୋଝ ଉପରେ ନଳିତାବିଡ଼ା" ସଦୃଶ ହୋଇଛି। ଟ୍ରକ୍ ବ୍ୟବସାୟକୁ ବଞ୍ଚାଇବା ପାଇଁ ଏକ 'ସର୍ବନିମ୍ନ ଭଡ଼ା' ନିର୍ଦ୍ଧାରଣ କରିବାକୁ ମହାସଂଘ ଦୀର୍ଘ ଦିନରୁ ଦାବି କରିଆସୁଛି। ମାତ୍ର ସରକାର, ମନ୍ତ୍ରୀ ଓ ପଦସ୍ଥ ଅଧିକାରୀମାନେ କେବଳ ମିଥ୍ୟା ଆଶ୍ୱାସନା ଦେଇ ଦିନ ଗଡ଼ାଇ ଚାଲିଛନ୍ତି।

ବିଗତ ତିନିବର୍ଷ ମଧ୍ୟରେ କେନ୍ଦ୍ର ସରକାର ଅନ୍ତର୍ଜାତୀୟ ବଜାରରୁ କମ୍ ଦରରେ ଅଶୋଧିତ ତୈଳ କ୍ରୟ କରି ଦେଶରେ ଅଧିକ ଦରରେ ବିକ୍ରି କରୁଥିବା ବେଳେ ରାଜ୍ୟ ସରକାର ମଧ୍ୟ ନିଜ ପକ୍ଷରୁ ଭାଟ୍ ହ୍ରାସ କରି ଜନସାଧାରଣଙ୍କୁ ଆଶ୍ୱସ୍ତି ଦେବାକୁ କୌଣସି ପଦକ୍ଷେପ ନେଉନାହାନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମହାସଂଘ କହିଛି।

ଓଡ଼ିଶା ରାଜ୍ୟ ଟ୍ରକ୍ ମାଲିକ ମହାସଂଘର ପ୍ରମୁଖ ଦାବିଗୁଡ଼ିକ ହେଉଛି, ରାଜ୍ୟର ସମସ୍ତ ପେଟ୍ରୋଲ ପମ୍ପରେ

■ ଡିଜେଲ ସଙ୍କଟ ଓ ଅହେତୁକ ଦରବୃଦ୍ଧି ଯୋଗୁଁ ରାସ୍ତା କଡ଼ରେ ଅଟକିଛି ଶହ ଶହ ଟ୍ରକ୍
■ 'ବୋଝ ଉପରେ ନଳିତା ବିଡ଼ା' ସାଜିଛି ବ୍ୟାଙ୍କ କିସ୍ତି
■ ସରକାରୀ ଆଶ୍ୱାସନାକୁ ନେଇ ବଢୁଛି କ୍ଷୋଭ

ଟ୍ରକ ପରିବହନ ପାଇଁ ପର୍ଯ୍ୟାପ୍ତ ପରିମାଣର ଡିଜେଲ ଯୋଗାଣ ତୁରନ୍ତ ସୁନିଶ୍ଚିତ କରାଯାଉ, ଡିଜେଲ ଉପରୁ ରାଜ୍ୟ ସରକାର ନିଜର ଭାଟ୍ ହ୍ରାସ କରି ଦର ନିୟନ୍ତ୍ରଣ କରନ୍ତୁ ଏବଂ ସାଧାରଣ ଟ୍ରକ୍ ମାଲିକଙ୍କୁ ଆର୍ଥିକ ସଙ୍କଟରୁ ରକ୍ଷା କରନ୍ତୁ ଏବଂ ପୂର୍ବ ପ୍ରତିଶ୍ରୁତି ମୁତାବକ ସରକାର ଆଲୋଚନା ମାଧ୍ୟମରେ ତୁରନ୍ତ ସର୍ବନିମ୍ନ ଭଡ଼ା ଧାର୍ଯ୍ୟ କରି ଏହାକୁ କାର୍ଯ୍ୟକାରୀ କରନ୍ତୁ। ମହାସଂଘର ସଭାପତି ବିଭୂତି ପ୍ରସାଦ ଦାସ, ସାଧାରଣ ସମ୍ପାଦକ ପ୍ରଣବ କୁମାର ପରିଜା ସ୍ପଷ୍ଟ କରିଛନ୍ତି ଯେ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଯଦି ସରକାର ମହାସଂଘ ସହ ସିଧାସଳଖ ଆଲୋଚନା ନ କରନ୍ତି ଏବଂ ଡିଜେଲ ସଙ୍କଟର ସ୍ଥାୟୀ ସମାଧାନ ନ କରନ୍ତି, ଆଗାମୀ ଦିନରେ ସମଗ୍ର ଓଡ଼ିଶାରେ ଏକ ବଡ଼ଧରଣର ଅଚଳାବସ୍ଥା ସୃଷ୍ଟି ହେବ। ପରିବହନ ସେବା ବାଧାପ୍ରାପ୍ତ ହେଲେ ରାଜ୍ୟରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଅଭାବ ଦେଖାଦେବ। ଏଥିପାଇଁ କେବଳ ସରକାରୀ ଅବହେଳା ହିଁ ଦାୟୀ ରହିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ଯୁବତୀଙ୍କୁ ହତ୍ୟା କରି ଗଛରେ ଟାଙ୍ଗିଦେଲା ପ୍ରେମିକ!

କଣିହାଁ, ୧୭।୫(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ରେଙ୍ଗାଳି ଥାନା ଅନ୍ତର୍ଗତ ଏନ୍‌ଏଚ୍-୫୩ କଡ଼ ଚେକ୍‌ଗେଟ୍ ନିକଟ ରାସ୍ତାକଡ଼ ଗଛରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ଯୁବତୀଜଣଙ୍କ ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଲା ଥାନା ମାଝୀ ନୂଆପଡ଼ା ଗାଁର ରୋଜାଲିନ ମାଝୀ ବୋଲି ଜଣାପଡ଼ିଛି। ତାଙ୍କୁ ହତ୍ୟା କରି ଗଛରେ ଟାଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି। ଘଟଣାରେ ପୁରୁଷବନ୍ଧୁଙ୍କ ସମ୍ପୃକ୍ତି ନେଇ ଚର୍ଚ୍ଚା ହେଉଛି।

ଗତକାଲି ସନ୍ଧ୍ୟା ୫ଟାରେ ରୋଜାଲିନ୍ ପୁରୁଷବନ୍ଧୁଙ୍କ ସହ ବସ୍‌ରେ ଦେବଗଡ଼ରୁ ରେଙ୍ଗାଳି ଅଭିମୁଖେ ଆସିଥିଲେ। କିନ୍ତୁ, ଆଜି ସକାଳୁ ରାସ୍ତା କଡ଼ରୁ ତାଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ୍ ଭାବେ କଣିହାଁ ଅତିରିକ୍ତ ତହସିଲଦାର ମନୋରଞ୍ଜନ ଜେନା, ପାଲଲହଡା ଏସ୍‌ଡିପିଓ କୈଳାସ ସେଠୀ, ରେଙ୍ଗାଳି ଆଇଆଇସି ଚଞ୍ଚଳା ନାୟକଙ୍କ ସହ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

ସୂଚନା ମୁତାବକ, ରୋଜାଲିନ୍ ବହୁ ଦିନ ହେବ ଘର ଛାଡ଼ି ତାଙ୍କ ପୁରୁଷବନ୍ଧୁଙ୍କ ସହିତ ବାରକୋଟ ଅଞ୍ଚଳରେ ରହୁଥିଲେ। କିଛିଦିନ ତଳେ ତାଙ୍କ ପୁରୁଷ ବନ୍ଧୁ ଓ ତାଙ୍କ କିଛି ସାଙ୍ଗ ମିଶି ରୋଜାଲିନ୍‌ଙ୍କ ମା'ଙ୍କୁ ମଧ ଘରୁ ଜୋର୍‌ଜବରଦସ୍ତ ଉଠାଇନେବାକୁ ଉଦ୍ୟମ କରିଥିବା ସୂଚନା ମିଳିଛି। କିନ୍ତୁ ଆଜି ହଠାତ୍ ରାସ୍ତା କଡ଼ରୁ ରୋଜାଲିନ୍‌ଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ମାରି ଟାଙ୍ଗି ଦିଆଯାଇଥିବା ଅନୁମାନ କରାଯାଉଛି। ରେଙ୍ଗାଳି ପୁଲିସ କିନ୍ତୁ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅନୁଗୋଳ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟବଚ୍ଛେଦ ପାଇଁ ପଠାଇଛି।

ଏନେଇ ରେଙ୍ଗାଳି ଏସ୍‌ଡିପିଓ ଶ୍ରୀ ସେଠୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ମୃତଦେହ ଚିହ୍ନଟ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ। ରେଙ୍ଗାଳିଅଞ୍ଚଳରେଲଗାତରଦୁଇଜଣଙ୍କର ସନ୍ଦେହଜନକ ମୃତ୍ୟୁ ଚାଞ୍ଚଲ୍ୟ ଖେଳାଇଛି। ଯାହା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ରାତ୍ରକାଳୀନ ପାଟ୍ରୋଲିଂର ଅଭାବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ଶ୍ରୀବଳଦେବଜିଉ ମନ୍ଦିରରେ ପଶିଲେ ଅଣହିନ୍ଦୁ

କେନ୍ଦ୍ରାପଡ଼ା, ୧୭।୫ (ସମିସ): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଶ୍ରୀସିଦ୍ଧବଳଦେବଜିଉ ମନ୍ଦିରରେ ରବିବାର ଜଣେ ଅଣହିନ୍ଦୁ ମହିଳାଙ୍କ ପ୍ରବେଶକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ଘଟଣାକୁ ନେଇ ମନ୍ଦିରରେ ଅମଣିଆ ଭୋଗ ପୋତାଯାଇଥିବା ବେଳେ ଶ୍ରୀଜିଉଙ୍କ ନୀତିକାନ୍ତି ପ୍ରାୟ ତିନି ଘଣ୍ଟା ବିଳମ୍ବ ହୋଇଥିବା ସୂଚନା ମିଳିଛି। ପରେ ମନ୍ଦିର ମାର୍ଜନା କରାଯାଇଥିବା ସେବାୟତମାନଙ୍କ ପକ୍ଷରୁ କୁହାଯାଇଛି।

ସୂଚନାନୁଯାୟୀ, ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ମହିଳା ନିଜ ଭଉଣୀଙ୍କ ସହ ରବିବାର ଅପରାହ୍ଣ ପ୍ରାୟ ୧୨ଟା ୧୫ରେ ଶ୍ରୀବଳଦେବଜିଉ ମନ୍ଦିରକୁ ଯାଇଥିଲେ। ସେ ଝୁଲଣମଣ୍ଡପ ନିକଟରେ ବସିଥିବା ବେଳେ ତାଙ୍କ ବେକରେ ଥିବା ଲକେଟ୍‌କୁ ଦେଖି ମନ୍ଦିର ସେବାୟତ ଓ ସୁପରଭାଇଜରଙ୍କ ସନ୍ଦେହ ହୋଇଥିଲା। ପରେ ସେବାୟତମାନେ ମହିଳାଙ୍କୁ ଅଟକାଇ ପରିଚୟ ପଚାରିଥିଲେ। ପ୍ରଥମେ ସେ ନିଜକୁ ହିନ୍ଦୁ ପରିବାରର ବୋଲି କହିଥିଲେ। ତେବେ ଆଧାର କାର୍ଡ ଯାଞ୍ଚ ପରେ ତାଙ୍କ ସ୍ୱାମୀଙ୍କ ନାମ ଓ

■ ପୋତାଗଲା ଅମଣିଆ ଭୋଗ
■ ନୀତିକାନ୍ତି ୩ ଘଣ୍ଟା ବିଳମ୍ବ ହେଲା

ପରିଚୟ ଆଧାରରେ ସେ ଜଣେ ଅଣହିନ୍ଦୁ ଯୁବକଙ୍କୁ ବିବାହ କରିଥିବା ସ୍ପଷ୍ଟ ହୋଇଥିଲା। ମହିଳାଜଣକ ଗୋଆର ଜଣେ ଅଣହିନ୍ଦୁ ଯୁବକଙ୍କୁ ବିବାହ କରିଥିବା ଜଣାପଡ଼ିଥିଲା। ଘଟଣା ପରେ ସେବାୟତମାନେ ଉଭୟ ମହିଳାଙ୍କୁ ମନ୍ଦିର ପ୍ରଶାସନଙ୍କ ଜିମା ଦେଇଥିଲେ। ପରେ ସେମାନଙ୍କୁ ପଚରାଉଚରା କରାଯାଇଥିବା ବେଳେ ସେମାନେ ନିଜ ଭୁଲ ସ୍ୱୀକାର କରି କ୍ଷମା ପ୍ରାର୍ଥନା କରିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି।

ଅପରପକ୍ଷେ, ଅଣହିନ୍ଦୁ ପ୍ରବେଶ ଯୋଗୁଁ ମନ୍ଦିର ମାରା ହୋଇଯାଇଥିବା ଦର୍ଶାଇ ସେବାୟତମାନଙ୍କ ପକ୍ଷରୁ ଅମଣିଆ ଭୋଗ ପୋତାଯାଇଥିଲା। ଏହାସହ ମନ୍ଦିରର ମାର୍ଜନା କାର୍ଯ୍ୟ ସମ୍ପନ୍ନ ହେବା ପରେ ନୀତିକାନ୍ତି ପୁନର୍ବାର ଆରମ୍ଭ ହୋଇଥିଲା। ଫଳରେ ଶ୍ରୀଜିଉଙ୍କ ନୀତି ପ୍ରାୟ ୩ ଘଣ୍ଟା ବିଳମ୍ବ ହୋଇଥିଲା। ଶ୍ରୀବଳଦେବଜିଉ ଦେବୋତ୍ତର ନ୍ୟାସର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ଘଟଣାକୁ ସ୍ୱୀକାର କରିଥିବା ବେଳେ ମନ୍ଦିର ପରମ୍ପରା ଓ ନିୟମ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯାଇଥିବା କହିଛନ୍ତି।

# କାର୍-ଟ୍ରେଲର୍ ଧକ୍କା: ମା'-ଝିଅ ମୃତ

ପାପଡ଼ାହାଣ୍ଡି, ୧୭।୫(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ତୁମ୍ବ୍ରିଲ୍ଲା ପଞ୍ଚାୟତ ଅନ୍ତର୍ଗତ ହତିବନ୍ଧା ଜାତୀୟ ରାଜପଥରେ ଏକ ଟ୍ରେଲର୍ ଓ କାର୍ ମୁହାଁମୁହିଁ ଧକ୍କା ହେବାରୁ ମା'-ଝିଅଙ୍କ ଜୀବନ ଯାଇଛି। ଏହି ଦୁର୍ଘଟଣାରେ ଆଉ ତିନି ଜଣ ଗୁରୁତର ଆହତ ହୋଇଛନ୍ତି।

■ ୩ ଗୁରୁତର

ମୃତକଦ୍ୱୟ ହେଲେ, ନବରଙ୍ଗପୁର ସହର ଏକ୍ସବୋର୍ଡ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସି.ଏଚ୍ ଉଷାରାଣୀ ପଟ୍ଟନାୟକ (୫୫) ଓ ତାଙ୍କ ଝିଅ ଏସ. ସୌମ୍ୟା। ଆହତମାନେ ହେଲେ, ଉଷାରାଣୀଙ୍କ ପୁଅ କମଳେଶ, ଜ୍ୱାଇଁ ବିଶାଖାପାଟଣାର ଏସ୍. ରାଜଶେଖର, ନାତି ବ୍ରିଜେଶ। ସେମାନଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅବସ୍ଥା ସଂକଟାପନ୍ନ ହେବାରୁ ସମସ୍ତଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ଉଷାରାଣୀ ସପରିବାର ପୁରୀ ଯାଇଥିଲେ। ସେଠାରେ ଜଣେ ସଂପର୍କୀୟଙ୍କ ଅସ୍ଥି ବିସର୍ଜନ ସାରି କାର୍ (ଏପି ୪୦ଇପି ୧୨୨୩)ରେ ନବରଙ୍ଗପୁର ଫେରୁଥିବା ବେଳେ ଏକ ଟ୍ରେଲର୍ (ଟିଏନ୍-୨୮ ବିକେ ୬୧୧୬) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ଉଷାରାଣୀଙ୍କ ମୃତ୍ୟୁ ଘଟିଥିଲା। ଅଗ୍ନିଶମ ବିଭାଗ ତରଫରୁ କଟର୍ ସାହାଯ୍ୟରେ କାର୍ କାଟି ଜ୍ୱାଇଁ ରାଜଶେଖର ଓ ଝିଅ ସୌମ୍ୟାଙ୍କୁ ଉଦ୍ଧାର କରାଯାଇଥିଲା। ଏସ୍‌ଡିପିଓ ସତ୍ୟଜିତ କଣ୍ଡେଲକାଲ ନିଜ ଗାଡ଼ିରେ ସେମାନଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଝିଅ ସୌମ୍ୟାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରାଜଶେଖର, କମଳେଶ, ବ୍ରିଜେଶଙ୍କ ପ୍ରାଥମିକ ଚିକିତ୍ସା ପରେ ଉନ୍ନତ ଚିକିତ୍ସା ସକାଶେ ସେମାନଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# କୋଇଲା ବ୍ୟବସାୟୀଙ୍କ ଘର ଆଗରେ ଗୁଳିମାଡ଼

ରାଉରକେଲା, ୧୭।୫(ସମିସ): ସୁନ୍ଦରଗଡ଼ ଟାଉନ୍ ଥାନା ଅନ୍ତର୍ଗତ ମିଶନ ରୋଡର ପବିତ୍ର ନଗର ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଜଣେ କୋଇଲା ବ୍ୟବସାୟୀଙ୍କ ବାସଭବନ ବାହାରେ ଜଣେ ଦୁର୍ବୃତ୍ତ ଫାଙ୍କା ଗୁଳିଚାଳନା କରି ଫେରାର୍ ହୋଇଯାଇଛି। ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି।

ସୂଚନାନୁଯାୟୀ, ଗତକାଲି ରାତି ପ୍ରାୟ ସାଢ଼େ ୧୨ଟାରେ ୩ଜଣ ଦୁର୍ବୃତ୍ତ ଏକ କାର୍‌ରେ ଆସି ସୁନ୍ଦରଗଡ଼ର ଜଣାଶୁଣା କୋଇଲା ବ୍ୟବସାୟୀ ଓ ପରିବହନକାରୀ ସଞ୍ଜୟ ନନ୍ଦଙ୍କ ଘର ସମ୍ମୁଖରେ ପହଞ୍ଚି ତାଙ୍କ ସୁରକ୍ଷା କର୍ମୀଙ୍କ ସହ ପାଟିତୁଣ୍ଡ କରିବା ସହ ଧମକଚମକ ଦେଇଥିଲେ। ଏହାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଦୁର୍ବୃତ୍ତମାନେ ସେଠାରୁ ଫେରାର୍ ହୋଇଯାଇଥିଲେ।

ପୁଲିସ ଯିବାର କିଛି ସମୟ ପରେ ଜଣେ ଯୁବକ ଏକ ବାଇକ୍‌ରେ ଆସି ଗୋଟିଏ ରାଉଣ୍ଡ ଫାଙ୍କା ଗୁଳିଚାଳନା କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଏହି ଗୁଳିକାଣ୍ଡ ପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି। ସୂଚନା ପାଇ ସୁନ୍ଦରଗଡ଼ ଟାଉନ୍ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଘଟଣାସ୍ଥଳରୁ ଗୋଟିଏ ଖୋକା ଜବତ କରିବା ସହ ଗୁଳିକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଥିବା ସୂଚନା ମିଳିଛି।

ଏମସିଏଲରେ କୋଇଲା ବ୍ୟବସାୟକୁ ନେଇ କୁହୁଳୁଥିବା ବ୍ୟବସାୟିକ ଶତ୍ରୁତା ଏହି ଗୁଳିକାଣ୍ଡ ପଛର କାରଣ ବୋଲି ଚର୍ଚ୍ଚା ହେଉଛି। ତେବେ ଘଟଣା ପଛର ପ୍ରକୃତ ଉଦ୍ଦେଶ୍ୟ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଟାଉନ ଥାନା ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ୨୬ରେ ପ୍ରାକ୍-ବନ୍ୟା ପ୍ରସ୍ତୁତି ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୭।୫ (ସମିସ): ଆସନ୍ତା ୨୦୨୬-୨୭ ବନ୍ୟା ଋତୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାକ୍ ବନ୍ୟା ପ୍ରସ୍ତୁତି ସମୀକ୍ଷା ବୈଠକ ଆହ୍ୱାନ କରାଯାଇଛି। ଆସନ୍ତା ୨୬ତାରିଖ ଅପରାହ୍ଣ ସାଢ଼େ ୪ଟାରେ ରାଜୀବ ଭବନସ୍ଥିତ ଜଳସମ୍ପଦ ବିଭାଗର ପ୍ରଥମ ମହଲା ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହେବ। ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏହି ସମୀକ୍ଷା ବୈଠକ ବସିବା ନେଇ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଆରତୀ ରାଉତ ଏକ ଚିଠି ମାଧ୍ୟମରେ ସୂଚନା ଦେଇଛନ୍ତି। ଆସନ୍ତା ମୌସୁମୀ ଋତୁରେ ବନ୍ୟାର ସଫଳ ମୁକାବିଲା ଓ ପ୍ରଶମନ ପାଇଁ ବିଭାଗ କେତେଦୂର ପ୍ରସ୍ତୁତ ଅଛି, ସେ ନେଇ ଏହି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ। ଏଥିସହ ବିଭିନ୍ନ ଅଞ୍ଚଳର ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା, ବିପଦସଙ୍କୁଳ ସ୍ଥିତିର ଆକଳନ ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ଯୋଜନା ସମ୍ପର୍କରେ ସମୀକ୍ଷା ହେବ। ଏହି ବୈଠକରେ ଯୋଗଦେବା ପାଇଁ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ବିଭିନ୍ନ ନଦୀ ଅବବାହିକାର ମୁଖ୍ୟଯନ୍ତ୍ରୀ ଓ ବେସିନ୍ ମ୍ୟାନେଜର୍ (ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୂଲ୍ୟା-ବଂଶଧାରା-ନାଗାବଳୀ ଓ ଇନ୍ଦ୍ରାବତୀ-କୋଲାବ ବେସିନ), ଜଳ ନିଷ୍କାସନ, ଯୋଜନା, ବନ୍ଧ ସୁରକ୍ଷା ଏବଂ କ୍ଷୁଦ୍ର ଜଳସେଚନ ବିଭାଗର ସମସ୍ତ ମୁଖ୍ୟଯନ୍ତ୍ରୀମାନଙ୍କୁ ନିଜନିଜ ୱିଙ୍ଗର୍ ସମସ୍ତ ତଥ୍ୟ ସହ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ମାନୁ ନାହାନ୍ତି ବୁକ୍ ସର୍କୁଲାର**

# ବିରୋଧୀ ବିଧାୟକଙ୍କୁ ଅସମ୍ମାନ କରୁଛି ପ୍ରଶାସନ

ଭୁବନେଶ୍ୱର,୧୭।୫(ସମିସ): ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିରୋଧୀ ବିଧାୟକମାନଙ୍କୁ ଯଥୋଚିତ ସମ୍ମାନ ମିଳୁ ନାହିଁ। ସରକାରୀ ନିୟମ ଓ ବୁକ୍ ସର୍କୁଲାର-୪୭ ଅନୁଯାୟୀ ପ୍ରଶାସନ ଲୋକପ୍ରତିନିଧିମାନଙ୍କୁ ନେଇ ବାଛବିଚାର କରିବ ନାହିଁ। ହେଲେ ରାଜ୍ୟର ଅନେକ ସ୍ଥାନରେ ସରକାରୀ ଦଳର ବିଧାୟକଙ୍କୁ ଗୋଟିଏ ପ୍ରକାର ଆଚରଣ ଓ ବିରୋଧୀ ବିଧାୟକଙ୍କୁ ଅନ୍ୟପ୍ରକାର ଆଚରଣ କରାଯାଉଥିବା ଅଭିଯୋଗ ଆସୁଛି। ଅନେକ ସ୍ଥାନରେ ଏଭଳି ଘଟଣାକୁ ନେଇ ବିରୋଧୀ ବିଧାୟକମାନେ ସୋସିଆଲ୍ ମିଡିଆରେ ଅସନ୍ତୋଷ ଜାହିର କରୁଥିବା ବେଳେ ନିକଟରେ ଘଟିଥିବା ଏକ ଘଟଣା ପାଇଁ ଗୁଣୁପୁର କଂଗ୍ରେସ ବିଧାୟକ ସତ୍ୟଜିତ ଗମାଙ୍ଗୋ ରାଜ୍ୟ ସରକାର ଓ ପ୍ରଶାସନିକ କଳ ଉପରେ ବର୍ଷିଛନ୍ତି।

ରବିବାର ଶ୍ରୀ ଗମାଙ୍ଗୋ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି ରାୟଗଡ଼ା ଜିଲ୍ଲାରେ ଜିଲ୍ଲା ପ୍ରଶାସନର ଜନପ୍ରତିନିଧିମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ଆଣିବା ଗତ ୧୫ ତାରିଖର ରାୟଗଡ଼ା ଜିଲ୍ଲା ଯୋଜନା ବୋର୍ଡର ବୈଠକକୁ ନେଇ ପ୍ରବଳ ଅସନ୍ତୋଷ ଜାହିର କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଗୁରୁବାର ରାତି ୧୦ଟା ୨୩ ମିନିଟ୍‌ରେ ସରକାରୀ ଚିଠି ମାଧ୍ୟମରେ ଶୁକ୍ରବାର ଦିନ

■ ରାତିରେ ଚିଠି, ସକାଳେ ବୈଠକକୁ ନେଇ ବର୍ଷିଲେ କଂଗ୍ରେସ ବିଧାୟକ
■ ପୂର୍ବରୁ ସମାନ ଘଟଣା ପାଇଁ ବିରୋଧ କରିଥିଲେ ଡାବୁଗାଁ ବିଧାୟକ

୧୨ଟାରେ ଜିଲ୍ଲା ଯୋଜନା ବୋର୍ଡର ଗୁରୁତ୍ୱପୂର୍ଣ୍ଣ ବୈଠକ ହେବ ବୋଲି ତାଙ୍କୁ ସୂଚନା ଦିଆଯାଇଥିଲା। ଜନପ୍ରତିନିଧିମାନେ ବୈଠକ କିଭଳି ଭାବରେ ଉପସ୍ଥିତ ନ ରହି ପାରିବେ, ସେଥିପାଇଁ ସୁଚିନ୍ତିତ ସରକାରୀ ଷଡ଼ଯନ୍ତ୍ର କରି ଏଭଳି ବିଳମ୍ବରେ ସୂଚନା ଦିଆଯାଇଥିଲା ବୋଲି ସେ କହିଛନ୍ତି। କେବଳ ଗୋଟିଏ ନୁହେଁ, ବିଭିନ୍ନ ସମୟରେ ଜିଲ୍ଲାର ତିନି ବିଧାୟକଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ କରିବା ସହ ବିଧାୟକ ପାଣ୍ଠିର ଉନ୍ନତିମୂଳକ କାର୍ଯ୍ୟରେ ମଧ୍ୟ ବହୁ ବିଳମ୍ବ କରାଯାଉଥିବା କହି ଶ୍ରୀ ଗମାଙ୍ଗୋ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଘଟଣାକୁ ନେଇ ପିସିସି ମୁଖପାତ୍ର ବିଭୂତିଭୂଷଣ ମହାପାତ୍ର ମନ୍ତ୍ରୀ ତଥା ରାୟଗଡ଼ା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନିତ୍ୟାନନ୍ଦ ଗଣ୍ଡଙ୍କ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନର ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଜିଲ୍ଲା ଯୋଜନା ବୋର୍ଡ ବୈଠକର ଅନ୍ୟୂନ ଦଶ ଦିନ ଆଗରୁ ଓ ଜରୁରୀ ପରିସ୍ଥିତିରେ ଅନ୍ୟୂନ ତିନି ଦିନ ଆଗରୁ ବିଜ୍ଞପ୍ତି ଓ ଚିଠି କରିବାର ନିୟମ ଥିଲେ ମଧ୍ୟ କାହିଁକି ଓ କେଉଁ ପରିସ୍ଥିତିରେ ଏହା ପାଳନ କରାଗଲା ନାହିଁ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ରାୟଗଡ଼ାର ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ନିଜ ଦାୟିତ୍ୱ ଭୁଲି କେବଳ ତୃତୀୟ ମହଲା ଓ ଖଣି ମାଲିକଙ୍କ ନିର୍ଦ୍ଦେଶ ପାଳନ କରୁଥିବା କହିବା ସହ ସେ ନିଜକୁ ରାଜା ଓ ରାୟଗଡ଼ାକୁ ନିଜ ରାଜ୍ୟ ଭାବିବା ଛାଡ଼ନ୍ତୁ ବୋଲି କହିଛନ୍ତି। ଭୁଲରୁ ଶିଖି ଭବିଷ୍ୟତରେ ପୁନର୍ବାର ଭୁଲ୍ ନ କରିବାକୁ ଅନୁରୋଧ କରିବା ସହ ପୁନରାବୃତ୍ତି ହେଲେ ଜନଆନ୍ଦୋଳନ ହେବ ବୋଲି ବିଧାୟକ ଶ୍ରୀ ଗମାଙ୍ଗୋ ଓ ମୁଖପାତ୍ର ଶ୍ରୀ ମହାପାତ୍ର ସ୍ପଷ୍ଟ ଚେତାବନୀ ଦେଇଛନ୍ତି।

ଏହା ପୂର୍ବରୁ ଡାବୁଗାଁ ବିଧାୟକ ମନୋହର ରନ୍ଧାରି ମଣ୍ଡେଇ ମହୋତ୍ସବର ସାଂସ୍କୃତିକ ମଞ୍ଚରେ ପ୍ରଶାସନର କାର୍ଯ୍ୟକଳାପକୁ ନେଇ ପ୍ରବଳ ବର୍ଷିଥିଲେ। ଏହି ଅଞ୍ଚଳରେ ଦୁଇ ଜଣ ମନ୍ତ୍ରୀ ଥିବା ବେଳେ ବିଧାୟକ ଶ୍ରୀ ରନ୍ଧାରିଙ୍କୁ ତାଙ୍କର ଭାଷଣକୁ ସଂକ୍ଷିପ୍ତ କରିବାକୁ ଜିଲ୍ଲାପାଳ କହିଥିଲେ। ଏହାପରେ ସେ ପ୍ରଶାସନ ଉପରେ ବର୍ଷିବା ସହିତ ତାଙ୍କୁ କେବଳ କାର୍ଡ ଦିଆଯାଇଥିବା ଓ କୌଣସି ଫୋନ୍‌ଟିଏ ମଧ୍ୟ କରି ନିମନ୍ତ୍ରଣ କରାଯାଇ ନ ଥିଲା ବୋଲି କହିଥିଲେ।

# ବଜ୍ରପାତରେ ଗଲା ଦୁଇ ଜୀବନ

ଲକ୍ଷ୍ମୀପୁର, ୧୭।୫ (ସମିସ): କୋରାପୁଟ ଜିଲ୍ଲାରେ ବଜ୍ରପାତ ଆଜି ଦୁଇଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ଜାମିର ଶେଖ ଓ ଡୁମୁରିପଦର ଗାଁର ଜଣେ ୧୦ମ ଶ୍ରେଣୀର ଛାତ୍ର କମୁଲୁ ହିକକା। ସୂଚନାନୁସାରେ, ଜାମିର ଓ ତାଙ୍କ ସାନ ଭାଇ ଅବଦୁଲ ରେହେମାନ କୋଲକାତାରୁ ଆସି ଲକ୍ଷ୍ମୀପୁର ଅଞ୍ଚଳରେ ଗାଁ ଗାଁ ବୁଲି ପେଡ଼ି ବିକ୍ରି କରୁଥିଲେ। ଦିନ ପ୍ରାୟ ୩ଟାରେ କାଇପଦର ନିକଟସ୍ଥ ଏକ ଗଛ ମୂଳେ ଦୁହେଁ ଆଶ୍ରୟ ନେଇଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ଜାମିର୍ ଟଳି ପଡ଼ିଥିଲେ। ସାନଭାଇ ତାଙ୍କୁ ଏକ ମୋଟର ଚାଳିତ ଠେଲା ଗାଡ଼ିରେ ଲକ୍ଷ୍ମୀପୁର ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି, ତୋୟାପୁଟ ପଞ୍ଚାୟତର ଡୁମୁରିପଦର ଗାଁର ଛାତ୍ର କମୁଲୁ ହିକକା ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେ ମେଣ୍ଢା ଚୋରାଇବାକୁ ଯାଇଥିଲା ବେଳେ ଏହି ଅଘଟଣ ଘଟିଥିଲା।

ଗୋଟିଏ ପମ୍ପ ମାସେ ହେବ ବନ୍ଦ, ଅନ୍ୟଟି ଦିନେ ଛଡ଼ା ଦିନେ

# ତେଲ ପାଇଁ ଲମ୍ବା ଲାଇନ୍





ବୈପାରୀଗୁଡ଼ା, ୧୭।୫(ସମିସ): କେବେ ଦୂର ହେବ ପେଟ୍ରୋଲ ସମସ୍ୟା? ସହରାଞ୍ଚଳ ପରେ ଏବେ ଗ୍ରାମାଞ୍ଚଳରେ ତେଲ ସଙ୍କଟ ଦେଖିବାକୁ ମିଳିଛି। ବୈପାରୀଗୁଡା ସଦର ମହକୁମାଠାରେ ପେଟ୍ରୋଲ ଓ ଡିଜେଲ୍ ସଙ୍କଟ ଦେଖିବାକୁ ମିଳିଛି। ବୈପାରୀଗୁଡା ତଥା ରଞ୍ଚି-ବିଜୟୱାଡ଼ା ୩୨୬ ନମ୍ବର ଜାତୀୟ ରାଜପଥରେ ହରଗୌରୀ ଫିଲିଂ ଷ୍ଟେସନ ଓ କୌଶଲ୍ୟା ଫିଲିଂ ଷ୍ଟେସନ ଭଳି ୨ଟି ପେଟ୍ରୋଲ ପମ୍ପ ରହିଛି; କିନ୍ତୁ ହରଗୌରୀ ପମ୍ପ ମାସେ ହେବ ବନ୍ଦ ରହିଥିବା ବେଳେ କୌଶଲ୍ୟା ଫିଲିଂ ଷ୍ଟେସନରେ ଦିନେ ଛଡା ଦିନେ ତେଲ ବଣ୍ଟନ ଚାଲିଛି। ଫଳରେ ବୈପାରୀଗୁଡା ସମେତ ଆଖପାଖ ଅଞ୍ଚଳରେ ପେଟ୍ରୋଲ ଓ ଡିଜେଲ ସଙ୍କଟ ଦେଖାଦେଇଛି। ପେଟ୍ରୋଲ ପମ୍ପରେ ପର୍ଯ୍ୟାପ୍ତ

## ପୁଲିସ ସୁରକ୍ଷା ବଳୟରେ ପେଟ୍ରୋଲ ପମ୍ପ

ତେଲ ନଥିବାରୁ ସାଧାରଣ ଲୋକ ଭାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଶଲ୍ୟା ଫିଲିଂ ଷ୍ଟେସନ ସମ୍ମୁଖରେ ଆଜି ଦୀର୍ଘ ଲାଇନ ଲାଗିଥିବା ବେଳେ ଯାତାୟାତ ଓ ଦୈନନ୍ଦିନ କାର୍ଯ୍ୟକଳାପ ମଧ୍ୟ ପ୍ରଭାବିତ ହୋଇଛି। ଗ୍ରାହକମାନେ ଘଣ୍ଟା ଘଣ୍ଟା ଧରି ଲାଇନରେ ଯାଇ ତେଲ ନେଉଥିଲେ। କିଛି ସମୟ ପାଇଁ ଏଭଳି ଟ୍ରାଫିକ ସମସ୍ୟା ଉପୁଜିଥିଲା ଯେ ପୁଲିସ କର୍ମଚାରୀଙ୍କୁ ମୃତୟନ କରବାକୁ ପମ୍ପ କର୍ତ୍ତୃପକ୍ଷ ବାଧ ହୋଇଥିଲେ। ସେହିପରି ସ୍ଥାନୀୟ ଲୋକମାନେ କହିଛନ୍ତି ଯେ ଏହି ପମ୍ପରେ ଦିନେ ତେଲ ମିଳିଲେ ଆଉ ୨ ଦିନ ବନ୍ଦ ରହୁଛି। ହଠାତ୍ ଇନ୍ଧନ ସଙ୍କଟ ଯୋଗୁଁ ସାଧାରଣ ଯାତାୟାତ, ବ୍ୟବସାୟ ଓ ଜରୁରୀ ସେବାରେ ବାଧା ସୃଷ୍ଟି ହେଉଛି। ସେହିପରି ହରଗୌରୀ ପେଟ୍ରୋଲ ପମ୍ପଟି ଏକ ମାସ ତଥା ୩୦ରୁ ଅଧିକ ଦିନ ହେବ ବନ୍ଦ ରହିଛି। ଖବର ନେବାରୁ ଜଣାପଡିଛି ଯେ ପେମେଣ୍ଟ୍ ସମସ୍ୟା ଯୋଗୁଁ ଏହି ପମ୍ପରେ ତେଲ ପହଞ୍ଚିପାରୁ ନାହିଁ। ସାଧାରଣତଃ ପେଟ୍ରୋଲ ପମ୍ପଗୁଡିକ ନିଜ କମ୍ପାନିକୁ ପେମେଣ୍ଟ୍ କରିବା ପରେ ସେମାନଙ୍କ ପାଖରେ ସେହିଦିନ ତେଲ ପହଞ୍ଚିଥାଏ। ଯେତିକି ଟଙ୍କାର ପେମେଣ୍ଟ୍ କରାଯାଏ ସେତିକି ତେଲ ଆସି ପହଞ୍ଚିଥାଏ। ହରଗୌରୀ ଫିଲିଂ ଷ୍ଟେସନରେ ପେମେଣ୍ଟ୍ ସମସ୍ୟା ଯୋଗୁଁ ତେଲ ପହଞ୍ଚିପାରୁ ନାହିଁ।

■ ଟାଙ୍କିରେ ମିଳୁନି ପେଟ୍ରୋଲ, ଗ୍ରାମାଞ୍ଚଳରେ ମିଳୁଛି

# ସ୍ଥାଣୁ ପାଲଟିଛି କି ବ୍ଲକ ଯୋଗାଣ ବିଭାଗ ?

ମାଥିଲି,୧୭।୫ (ସମିସ):



ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ପାଇଁ ଦେଶରେ ତୈଳ ସଙ୍କଟ ସୃଷ୍ଟି ହୋଇଛି। ରାଜ୍ୟରେ ମଧ୍ୟ ତୈଳ ସଙ୍କଟ ପାଇଁ ଟାଙ୍କିଗୁଡ଼ିକ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏପରିକି ଅନେକ ତୈଳ ଟାଙ୍କି ବନ୍ଦ ଥିବା ଦେଖିବାକୁ ମିଳିଛି। ଏହାରି ଭିତରେ ଯେଉଁ ଟାଙ୍କିରେ ତୈଳ ଗଚ୍ଛିତ ଅଛି ସେଠାରେ ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡା ହେବାକୁ ପଡୁଛି। ଘଣ୍ଟା ଘଣ୍ଟା ଧରି ଛିଡା ହେବା ପରେ କେଉଁ ଟାଙ୍କିରେ ବାଇକ ଚାଳକ ପାଇଁ ୧୦୦ ଟଙ୍କାର ମିଳୁଛି ତ କେଉଁଠି ୨୦୦ ଟଙ୍କାର ମିଳୁଛି। ଯାହା ଆବଶ୍ୟକଠାରୁ କମ ମିଳୁଥିବାରୁ ବାଇକ ଚାଳକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଡିଜେଲ ଗାଡିକୁ କେଉଁଠି ୫ ଶହ ତ କେଉଁଠି ୧୦୦୦ ଟଙ୍କାର ମିଳୁଛି। ଗ୍ରାମାଞ୍ଚଳରେ ପ୍ରଯ୍ୟାପ୍ତ ପରିମାଣରେ ତେଲ ମିଳୁଛି ସେ ବି ଚଡା ଦରରେ। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ। ଟାଙ୍କି ମାଲିକମାନେ ଗ୍ରାମାଞ୍ଚଳ ବେପାରୀଙ୍କୁ ବିଳମ୍ବିତ ରାତିରେ ଜାରକିନରେ ଶହ ଶହ ଲିଟର ତେଲ ଦେଉଛନ୍ତି ବୋଲି ଅନେକ ଲୋକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ତୈଳ ସଙ୍କଟକୁ ନେଇ ଯୋଗାଣ ବିଭାଗ କଡା ନଜର ରଖିଛନ୍ତି। ମାଥିଲି ଅଞ୍ଚଳରେ ଯୋଗାଣ ବିଭାଗ ଅଧିକାରୀମାନେ ସ୍ଥାଣୁ ପାଲଟି ଯାଇଛନ୍ତି। ଯାହା ଫଳରେ ଟାଙ୍କି ମାଲିକ ମାନେ ମାନମୁଖୀ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ଦିନତମାମ ଲୋକେ ତେଲ ପାଇଁ ଟାଙ୍କିକୁ ଯାଇ ଲମ୍ବା ଧାଡିରେ ଛିଡ଼ା ହେବା ପରେ ସେବୀ ସ୍ୱଳ୍ପ ମାତ୍ରାରେ ମିଳୁଛି ତେଲ ଯାହା ସମୁଦ୍ରକୁ ଶଙ୍ଖେ। ତେଲ ଟାଙ୍କିରେ ଜାରକିନରେ ତେଲ ମିଳୁ ନ ଥିବା କାରଣ ପାଇଁ ଅନେକ ସରକାରୀ ଓ ବେସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବା ପରିଲକ୍ଷିତ ହେଉଛି। ବିଜ୍ଞାନ ଯୁଗରେ ଚାଷୀମାନେ ଏବେ ଯନ୍ତ୍ର ଚାଳିତ ଯନ୍ତ୍ରପାତି ଉପରେ ନିର୍ଭରଶୀଳ ହୋଇ ନିଜର ହଳ ଲଙ୍ଗଳ ଭୁଲି ଗଲେଣି। ତାହା ସହିତ ଆଗକୁ ଚାଷ କାର୍ଯ୍ୟ ଆସୁଥିବାରୁ ଟ୍ରାକ୍ଟର ମାଲିକଙ୍କୁ ଜାରକିନରେ ତେଲ ମିଳୁ ନଥିବାରୁ ଚିନ୍ତାରେ ଏବେ ଚାଷୀ। ଆଗକୁ କରିବେ କଣ ବୋଲି ଭାଳେଣି ପଡ଼ିଲାଣି। ଆଗକୁ ଯଦି ଏପରି ପରିସ୍ଥିତି ଲାଗି ରହେ ଚଳିତ ବର୍ଷ ଖରିଫ ଚାଷ କିପରି କରିବେ ବୋଲି ଏବେଠାରୁ ମୁଣ୍ଡରେ ହାତ ଦେଇ ବସିଲେଣି ଚାଷୀ। ଆମେ ଏବିଷୟରେ ମାଥିଲି ଯୋଗାଣ ଅଧିକାରୀ ରାଜେଶ ସବରଙ୍କୁ ଯୋଗାଯୋଗ କରିବାରୁ ବାବୁଙ୍କ ନମ୍ବର ଟେମ୍ପରାରି ଆଉଟ ଅଫ ସର୍ଭିସ ବୋଲି କହୁଛି। ଯଦି ଏପରି ସ୍ଥିତିରେ ଯୋଗାଣ ଅଧିକାରୀଙ୍କ ସହିତ ଯୋଗାଯୋଗ ହୋଇ ନପାରିବ ତାହେଲେ କିପରି ଏପରି ସ୍ଥିତିକୁ ସାମ୍ନା କରିବ ଯୋଗାଣ ବିଭାଗ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ଏହାକୁ ତୁରନ୍ତ ହସ୍ତକ୍ଷେପ କରି ସମାଧାନ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

## ମହିଳାଙ୍କ ଗଳିତ ଶବ ଜବତ

କୋଷାଗୁମୁଡା,୧୭।୫(ସମିସ): ଆଜି ସକାଳେ ବିଶେଷ ସୂତ୍ରରୁ ଖବର ପାଇ କୋଷାଗୁମୁଡା ଥାନାଧିକାରୀ ବଙ୍ଗୀ ମାଂଝୀ ଏଏସଆଇ ରାମଚନ୍ଦ୍ର ଖଣ୍ଡଗୋରୀଙ୍କ ସହ କୋଷାଗୁମୁଡାଠାରୁ ପଣ୍ଡୁଗୁଡା ଗ୍ରାମ ମଧ୍ୟରେ ଥିବା ନୀଳଗିରି ଜଙ୍ଗଲର ଟ୍ରେଞ୍ଚ ନାଳ ଉପରେ ଏକ ଗଳିତ ଶବକୁ ଉଦ୍ଧାର କରିବା ସହ ନବରଙ୍ଗପୁର ସାଇଣ୍ଟିଫିକ ଟିମକୁ ଖବର ଦେଇଥିଲେ। ଘଟଣା ଉପରେ ସାଇଣ୍ଟିଫିକ ପହଞ୍ଚି ଅନୁସନ୍ଧାନ କରିଛନ୍ତି। ମୃତ ମହିଳା ହେଲେ ଧନାଇ ଗୌଡ଼(୭୫)। କୋଷାଗୁମୁଡା ସଦର କୁମ୍ଭାର ସାହିର ବୋଲି ଜଣାପଡିଛି। ଖବର ପାଇ ଭଣଜା କୃଷ୍ଣ ଗୌଡ଼(୫୨) ଘଟଣାସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିଛନ୍ତି। ଦୀର୍ଘ ଦିନରୁ ଧନାଇ ମାନସିକ ରୋଗାକ୍ରାନ୍ତ ଥିଲେ ବୋଲି ପରିବାର ଲୋକେ କହିଛନ୍ତି । କୃଷ୍ଣ ଗୌଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ କୋଷାଗୁମୁଡା ଥାନାଧିକାରୀ ଶ୍ରୀମତୀ ମାଂଝୀ ଥାନାରେ ଏକ ଅପମୃତ୍ୟୁ ମାମଲାରେ କେସ ନମ୍ବର ୬/୨୬ରେ ମାମଲା ରୁଜୁ କରିଥିବା କହିଛନ୍ତି।

## ଘର ଭିତରେ ଗାମୁଛାରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

ଉମରକୋଟ, ୧୭।୫ (ସମିସ): ବେକରେ ଗାମୁଛା ବାନ୍ଧି ଘର ଭିତରେ ଝୁଲି ପଡ଼ି ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ଆତ୍ମହତ୍ୟା କରିଥିବା ଯୁବକ ଜଣକ ହେଲେ ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତ ୟୁଭି ୫ ଗ୍ରାମର ମିଣ୍ଟୁ ବିଶ୍ୱାସ (୪୫)। ମିଳିଥିବା ସୂଚନା ଅନୁସାରେ, ମିଣ୍ଟୁ ଗତକାଲି ଅପରାହ୍ନ ୧ଟା ସମୟରେ ଘରେ କେହି ନଥିବାର ସୁଯୋଗ ନେଇ ଘର ଭିତରେ ନିଆଁ ଲଗାଇ ଘର ଭିତରେ ଥିବା ଲୁହା ପାଇପରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ଏହାର କିଛି ସମୟ ପରେ ମିଣ୍ଟୁଙ୍କ ଭାଇ ମନୋଜ ବିଶ୍ୱାସ ଘର ଭିତରୁ ଧୂଆଁ ବାହାରୁ ଥିବା ଦେଖି ଘର ଭିତରକୁ ପଶିଥିଲେ। ଘର ଭିତରେ ପଶି ଦେଖିଲେ ଯେ ମିଣ୍ଟୁ ଘର ଭିତରେ ଥିବା ଲୁହା ପାଇପରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। କାଳେ ବଞ୍ଚିଥିବ ଭାବି ତଳକୁ ଓହ୍ଲାଇଥିଲେ। କିନ୍ତୁ ସେତେବେଳକୁ ବିଳମ୍ବ ହୋଇଯାଇଥିଲା। ମିଣ୍ଟୁ ମୃତ୍ୟୁବରଣ କରିଥିଲେ। ଏହାପରେ ଗ୍ରାମବାସୀ ଆସି ନିଆଁ ଲିଭେଇଥିଲେ। ଏନେଇ ମନୋଜ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। କାଲି ସନ୍ଧ୍ୟା ହୋଇଯିବାରୁ ଶବ ବ୍ୟବଚ୍ଛେଦ ହୋଇ ପାରି ନଥିଲା। ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନା ଥାଉକି ପାରିବାରିକ ଝଗଡ଼ା ହୋଇ ମିଣ୍ଟୁଙ୍କ ମାନସିକ ଅବସ୍ଥା ଠିକ୍ ନଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତଦନ୍ତ ଭାର ଏସଆଇ ସଞ୍ଜୟ ମଣ୍ଡଳ ସମ୍ଭାଳିଛନ୍ତି।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ



ସେମିଳିଗୁଡ଼ା, ୧୭।୫(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସେମିଳିଗୁଡା ଭେଣ୍ଡିଂ ଜୋନଠାରେ ଜଳଛତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଗତକାଲିର କାଳ ବୈଶାଖୀର ପ୍ରଭାବ ପରେ ଆଜି ରବିବାର ସକାଳଠାରୁ ପ୍ରବଳ ଗରମ ଓ ଗୁଳିଗୁଳି ଅନୁଭବ ହେଉଥିବା ବେଳେ ସାପ୍ତାହିକ ହାଟକୁ ପନିପରିବା କିଣିବାକୁ ଆସିଥିବା ଲୋକମାନଙ୍କୁ ବରିଷ୍ଠ ନାଗରିକଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଦହି ଓ ଲେମ୍ବୁ ପାଣିକୁ ବେଶ ଆନନ୍ଦ ସହକାରେ ପାନ କରୁଥିଲେ। ଏତଦ୍‌ବ୍ୟତୀତ ପନିପରିବା ବିକ୍ରୟ କରିବାକୁ ଖରାରେ ବସି ରହିଥିବା ମହିଳା ଓ ପୁରୁଷଙ୍କୁ ମଧ୍ୟ ଉକ୍ତ ଦହି ପାଣି ବରିଷ୍ଠ ନାଗରିକମାନେ ଯୋଗାଉଥିଲେ। ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରତାପଚନ୍ଦ୍ର ପାତ୍ର, ସାଧାରଣ ସମ୍ପାଦକ ଭୁବନେଶ୍ୱର ପଟ୍ଟନାୟକ, ବରିଷ୍ଠ କର୍ମକର୍ତ୍ତା ଈଶ୍ୱରଚନ୍ଦ୍ର ଗୁରୁ, ପ୍ରଶାନ୍ତଚନ୍ଦ୍ର ବେହେରା, ନୀଳମଣି ନାୟକ, ସିଏଚପିକେ ପାତ୍ର ପ୍ରମୁଖ ଜଳଛତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ସମସ୍ତ କାର୍ଯ୍ୟକାରୀ ସଦସ୍ୟ ସହଯୋଗ କରିଥିଲେ। ସୁନାବେଡା ପୌରାଧ୍ୟକ୍ଷ ଡ଼ଃ ରାଜେନ୍ଦ୍ର କୁମାର ପାତ୍ର, କାଉନସିଲର ମମତା ରାୟଙ୍କ ସମେତ ଏବଂ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉକ୍ତ ଜଳଛତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## 'ଲାୟନ୍ସ ଅପରାଜିତା' ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ରାୟଗଡ଼ା,୧୭।୫(ସମିସ):



"ଆଜି ଏକ ସଫା ସ୍ଥାନ, କାଲିର ଏକ ସୁରକ୍ଷିତ ଭବିଷ୍ୟତ' ଏହି ମୂଳମନ୍ତ୍ର ସହିତ, ଲାୟନ୍ସ କ୍ଲବ୍ ରାୟଗଡ଼ ଅପରାଜିତା ରାୟଗଡ଼ ରେଳ ଷ୍ଟେସନ ଅଞ୍ଚଳରେ ଏକ ସ୍ୱଚ୍ଛ ଭାରତ ସ୍ୱଚ୍ଛତା ଅଭିଯାନ ସଫଳତାର ସହିତ ଆୟୋଜନ କରିଛି। ସୁସ୍ଥ, ପ୍ରଦୂଷଣମୁକ୍ତ ଏବଂ ରୋଗମୁକ୍ତ ସମାଜ ପାଇଁ ପରିବେଶକୁ ସଫା ରଖିବାର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ଲାୟନ୍ସ କ୍ଲବ ରାୟଗଡ଼ର ସଦସ୍ୟମାନେ ଲାୟନ୍ସ ସରଣ୍ୟ, ଲାୟନ୍ସ ଭେଙ୍କଟ ରମଣା, ଲାୟନ୍ସ ଏମ୍ ସତୀଶ କୁମାର, ଲାୟନ୍ସ ବିଜୟା ଆଚାର୍ଯ୍ୟ, ଲାୟନ୍ସ ମଣିକଣ୍ଠା, ଅଧ୍ୟକ୍ଷ ଲାୟନ୍ସ ଜି. ରାମ କୃଷ୍ଣ, ଭିପିଂ ଲାୟନ୍ସ ରଜିତା କୋରାଡା, ସଚିବ ଲାୟନ୍ସ ବି. ଅବନ୍ତି, କୋଷାଧ୍ୟକ୍ଷ ଲାୟନ୍ସ ପି. କଲ୍ୟାଣୀ ଏବଂ ଜେମ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ରାୟଗଡ଼ର ଛାତ୍ର ଏବଂ ସମ୍ମାନିତ ଅଧ୍ୟକ୍ଷ (ଲାୟନ୍ସ ଶେଷଗିରି)ଙ୍କ ସହିତ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି ସେବା କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ବ୍ୟକ୍ତି ଏବଂ ଅତିଥିମାନେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଲାୟନ୍ସ ଅଶ୍ୱିନୀ ଦାଶ, ପ୍ରଥମ ଭିଡିଜି ଏମଜେଏଫ, ଲାୟନ୍ସ ପ୍ରସନ୍ନ କୁମାର ଗନ୍ତାୟତ (ଜେଡସି), ଲାୟନ୍ସ ଏସ.ବି. ପତି (ସଦସ୍ୟତା ଅଧ୍ୟକ୍ଷ), ଲୟନ୍ସ ଟି. ଜୟରାମ (କ୍ୱେଷ୍ଟ ଅଧ୍ୟକ୍ଷ), ଲୟନ୍ସ ଲାଲ ବିହାରୀ ଲେଙ୍କା (ସଭାପତି, ଲାୟନ୍ସ କ୍ଲବ ରାୟଗଡ), ଲୟନ୍ସ ପ୍ରତାପ ବାଉରୀ (ଉପସଭାପତି, ଲାୟନ୍ସ କ୍ଲବ ରାୟଗଡା), ଲୟନ୍ସ ରମେଶ ଗୁଲାନି, ଲୟନ୍ସ ବାବୁରାଓ (ସଭାପତି, ଲାଫ୍ଟର ୱାକର୍ସ କ୍ଲବ), ଲୟନ୍ସ ଗିରିଶ, ଲୟନ୍ସ ଉଦୟ ପଣ୍ଡା, ଏବଂ ଲୟନ୍ସ କୋରଡା ଭାଗୀରଥି (ଚାରାରୋପଣ ଅଧ୍ୟକ୍ଷ, ଲାୟନ୍ସ କ୍ଲବ ରାୟଗଡ) ଯୋଗ ଦେଇଥିଲେ।

## ଗାଁମୁହାଁ ଭାଲୁ; ଭୟରେ ଅଞ୍ଚଳବାସୀ



ନନ୍ଦାହାଣ୍ଡି,୧୭।୫(ସମିସ): ଖାଦ୍ୟ ଅନ୍ୱେଷଣରେ ଗାଁ ମଧ୍ୟରେ ଦଳ ଦଳ ହୋଇ ପ୍ରବେଶ କରୁଛନ୍ତି ଭାଲୁ। ଗତକିଛି ଦିନ ହେବ ପ୍ରତି ରାତ୍ରରେ ମେଣ୍ଟ୍ରି ପଞ୍ଚାୟତର ବାଦିଗୁଡା ଗ୍ରାମକୁ ଭାଲୁ ଖାଦ୍ୟ ଅନ୍ୱେଷଣ ପାଇଁ ଆସୁଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ସମୟରେ ଗାଁ ଭିତରକୁ ପ୍ରବେଶ କରି ରାତିତମାମ୍ ଗ୍ରାମ ଉପକଣ୍ଠରେ ଥିବା କାଜୁ, ପଣସ, କେନ୍ଦୁ, ଆମ୍ବ ଗଛ ମୂଳେ ଓ ଗାଁ ଭିତରେ ସକାଳ ସୂର୍ଯ୍ୟ ଉଦୟ ପର୍ଯ୍ୟନ୍ତ ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି। କିଛିଦିନ ମଧ୍ୟରେ ଗାଁର ଏକ ଯୁବକ ଶୌଚ ପାଇଁ ଯାଇଥିବା ସମୟରେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଏହି ଘଟଣାର ଦୃଶ୍ୟ ଦେଖି ଗାଁ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ବାଦିଗୁଡା ଗାଁ ଦୁଇଟି ପାହାଡ ମଧ୍ୟରେ ଅବସ୍ଥିତ। ଗାଁର ଉତ୍ତର ଦିଗରେ ଫୋସ୍କା ପାହାଡ ଦକ୍ଷିଣରେ ଧଣ୍ଡରା ପାହାଡ ଅବସ୍ଥିତ ଥିବାରୁ ଭାଲୁ ଗାଁ ମଧ୍ୟରେ ପ୍ରବେଶ କରି ଖାଦ୍ୟ ଅନ୍ୱେଷଣ କରିବା ସହ ଏ ପାହାଡରୁ ସେ ପାହାଡ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ବିଶେଷ କରି ରାତିରୁ ସୂର୍ଯ୍ୟଉଦୟ ପର୍ଯ୍ୟନ୍ତ ଯାତାୟାତ କରିବାପାଇଁ ଲୋକ ସାହସ କରିପାରୁନାହାନ୍ତି। ସେମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଭାଲୁମାନଙ୍କୁ କାବୁ କରିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଜେପିର ଜନ ଆକ୍ରୋଶ ମହିଳା ସମାବେଶ

କୋଷାଗୁମୁଡା,୧୭।୫(ସମିସ): କଂଗ୍ରେସ ମହିଳା ସମୃଦ୍ଧି ବିଲ୍‌କୁ ରାଜ୍ୟସଭାରେ ବିରୋଧ କରିବାକୁ ନେଇ ବିଜେପି ପକ୍ଷରୁ ଆଜି ଅପରାହ୍ଣରେ କୋଷାଗୁମୁଡା ଚଡଁରିଆ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅଞ୍ଚଳର ପ୍ରାୟ ଶତାଧିକ ମହିଳା ଯୋଗଦେଇ ନାରାବାଜୀ କରିଥିଲେ। ଫ୍ଲାଗ, ବ୍ୟାନର ଧରି ଗ୍ରାମ ପରିକ୍ରମା କରିଥିଲେ। ପରେ ଚଡଁରିଆଙ୍କ ମନ୍ଦିର ପ୍ରାଙ୍ଗଣରେ ଏହି ଜନ ଆକ୍ରୋଶ ସଭାରେ ନାରୀ ସମୃଦ୍ଧି ପେଥରେ କାହିଁକି କଂଗ୍ରେସ



ବିରୋଧୀ ହୋଇ ମହିଳାଙ୍କ ପ୍ରଗତିକୁ ବନ୍ଦ କରୁଛି ବୋଲି ବିଜେପି ମହିଳା ମୋର୍ଚ୍ଚା ନିନ୍ଦା କରିବା ସହ ଦୃଢ଼ ପ୍ରତିବାଦ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ବିଜେପି ସଭାପତି କୁଞ୍ଜବିହାରି ଦାସ, ସାଂସଦ ପ୍ରତିନିଧି ସୁରେଶ ପାତ୍ର, ପ୍ରଦେଶ ଜନଜାତି ମେମ୍ବରସମନାଥ ପୂଜାରୀ, ଏସଟିଏସି ଜିଲ୍ଲା ଅଧ୍ୟକ୍ଷ ପଦ୍ମିନୀ ମାଝୀ, ଉପାଧ୍ୟକ୍ଷ ଲିଙ୍ଗରାଜ ଭତ୍ରା, ଜିଲ୍ଲା ବିଜେପି ମହିଳା ଶୋଭାନେତ୍ରୀ ମନ୍ଦିରା ନାୟକ, ଭୁବନେଶ୍ୱର ନାୟକ, ଦେବାନନ୍ଦ ପଟନାୟକ, ଧନୁର୍ଜୟ ବେହେରା, ହରେକୃଷ୍ଣ ପ୍ରଧାନ, ମଣ୍ଡଳ ସଭାପତି ବଳଦେବ ଭତ୍ରା, ପ୍ରଫୁଲ ଗୋରଡା, ପୋପି ପ୍ରଧାନ ପ୍ରମୁଖଙ୍କ ସହ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ କର୍ମୀ ସାମିଲ ହୋଇଥିଲେ।

## ମହିମା ସମାଜର ଅଖଣ୍ଡ ବ୍ରହ୍ମଯଜ୍ଞ



କୁନ୍ଦୁରା, ୧୭।୫(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଗୁଣ୍ଡାଳ ପଞ୍ଚାୟତ ଝୋଲାଗୁଡ଼ାଠାରେ ବିଶ୍ୱବାସୀଙ୍କ ମଙ୍ଗଳ ପାଇଁ କୌପନଧାରୀ ମହିମା ସମାଜ ପକ୍ଷରୁ ଅଖଣ୍ଡ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସତ୍ୟ ମହିମା ଉପାସନା ପୀଠ ପକ୍ଷରୁ ସମବେଦ ବିଭୁ ପ୍ରାର୍ଥନା ସହ ଅଖଣ୍ଡ ବ୍ରହ୍ମଧ୍ୱନି ପ୍ରଜ୍ୱଳନ କରାଯାଇଛି। କାର୍ଯ୍ୟକ୍ରମରେ ଶ୍ରୀମତ ବୀଣାକର ବାବା, ଶ୍ରୀମତ ସୁମନ୍ତ ବାବା, ଶ୍ରୀମତ ସଦାନନ୍ଦ ବାବା, ତ୍ୟାଗୀ ତୁକାରାମ ଦାସ, ତ୍ୟାଗୀ ମନୋରଞ୍ଜନ ଦାସ, ତ୍ୟାଗୀ ସିଦ୍ଧେଶ୍ୱର ଦାସ ପ୍ରମୂଖ ପୂଜା କାର୍ଯ୍ୟରେ ନେତୃତ୍ୱ ନେଇଥିଲେ। ଏହି ଅବସରରେ କଳସ ଯାତ୍ରା, ଅଖଣ୍ଡ ଝାଡ଼ବତୀ ପ୍ରଜ୍ୱଳନ, ଯଜ୍ଞ, ପୂର୍ଣ୍ଣାହୁତି, ସପ୍ତାମୃତ ପଣା ଓ ବାଳଭୋଗ ବଣ୍ଟନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ସ୍ଥାନୀୟ ଅଞ୍ଚଳ ସମେତ ବିଭିନ୍ନ ଅଞ୍ଚଳରୁ ବହୁ ସାଧୁସନ୍ଥ ଓ ମହିମା ସମାଜର ଶତାଧିକ ଭକ୍ତ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୁପୁ ଭତରା, ସମ୍ମାନିତ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ ବ୍ଲକ ସଭାପତି ଧନୁର୍ଜୟ ଘିଉରିଆ, କୁନ୍ଦୁରା ସରପଞ୍ଚ ଲବ ପରଜା, ଗୁଣ୍ଡାଳ ସରପଞ୍ଚ ବାସନ୍ତୀ ମାଛ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀ ମିନରବାଲିଆ, ଶ୍ରୀକାନ୍ତ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଯଜ୍ଞ ପରିଚାଳନା କମିଟି ସଭାପତି ଜିତେନ୍ଦ୍ର କୁମାର କୁଣ୍ଡୁ, ଅଚ୍ୟୁତ ବଡ଼ଭାଇ, ରଘୁ ପୂଜାରୀ, ରତ୍ନାକର କମାର, ପଦଲାମ ଖିଲ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସ




ମାଥିଲି,୧୭।୫ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଉତ୍କଳମଣି ଗୋପବନ୍ଧୁ ସ୍ନାତକ ମହାବିଦ୍ୟାଳୟରେ କିସ କୋର କମିଟି ଜିଲ୍ଲା ସମ୍ପାଦକ ନରସିଂହ ନାୟକଙ୍କ ନେତୃତ୍ୱରେ ଆଜି ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଯାଇଛି ।ଏ ମୁଖ୍ୟଅତିଥି ଭାବରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆର.ସତ୍ୟ ନାରାୟଣ ରାଓ, ମୁଖ୍ୟବକ୍ତା ଭାବରେ ମହାବିଦ୍ୟାଳୟର ଉନ୍ନତୀକରଣ ଦାତା ତଥା ଚାଉଳମେନ୍ଦୀ ପଞ୍ଚାୟତର ସରପଞ୍ଚ ଜଳନ୍ଧର ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ରାମଚନ୍ଦ୍ର ମାଛା, ମହାବିଦ୍ୟାଳୟ ଅଧ୍ୟକ୍ଷା ନିଳିମା ମହାନ୍ତି, ବରିଷ୍ଠ ଶିକ୍ଷା ଅଧ୍ୟାପକ ରତ୍ନାକର ସାହୁ ଓ ରଞ୍ଜନ କୁମାର ରାଉତ, ଅଧ୍ୟାପିକା ବବିତା ନାୟକ, ବିଶ୍ୱଜ୍ୟୋତି ନାୟକ ବରିଷ୍ଠ ସାମ୍ବାଦିକ ବାସୁଦେବ ଜେନା ଯୋଗ ଦେଇଥିଲେ। ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ର ସନ୍ତୋଷ କିର୍ଷାନିଙ୍କ ସନକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କର ଆମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା ହୋଇଥିଲା। ଆଜି ଆର୍ଟ ଅଫ ଗିଭିଂ ଦିବସ ୨୨୨ ଦେଶ ତଥା ଭାରତରେ ପଲ୍ଲୀଠାରୁ ଆରମ୍ଭ କରି ମହନଗରୀ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏଥିରେ ଜାତି,ଧର୍ମ, ଲିଙ୍ଗ,ଜନ୍ମ ସ୍ଥାନ,ଜାତୀୟତା, ବେଉସା, ବୟସ ନିର୍ବିଶେଷରେ ସମସ୍ତେ ସାମିଲ ହୋଇଛନ୍ତି। ତାହା ସହିତ ଛାତ୍ରଛାତ୍ରୀଙ୍କଠାରୁ ବରିଷ୍ଠ ନାଗରିକ, ପଲ୍ଲୀବାସୀ ବନବାସୀ, ସହରବାସୀ ଓ ନଗରବାସୀ ସମସ୍ତେ ଏକ ବିଚାରର ସୂତ୍ରରେ ବାନ୍ଧି ହୋଇଛନ୍ତି। ଯେଉଁ ବନ୍ଧନ ମୁକ୍ତ ହୃଦୟର ବନ୍ଦନା ଗାନ କରେ। ଜୀବନର ଜୟ ଗାନ କରେ ସଂକୀର୍ଣ୍ଣତାର ସୀମା ବିଲୋପ କରି ଅସୀମତାର ଆବାହନ କରେ। ଏହି ଦିବସ ଅବସରରେ ଅତିଥିଙ୍କ ଦ୍ୱାରା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଟି ସାର୍ଟ, ଡାୟରୀ ଓ ପେନ ସହିତ ଛାତ୍ରଛାତ୍ରୀଙ୍କୁ ଖେଳ ସାମଗ୍ରୀ ମଧ୍ୟ ବଣ୍ଟନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ। ସେହିପରି ମାଲକାନଗିରି ଜିଲ୍ଲା ସଦରସ୍ଥିତ ଆଓମା ଗୁରୁକୁଳରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଲାଞ୍ଚ ଯାଚିଥିବା ବିଜେଡି କାଉନ୍‌ସିଲରଙ୍କ ନାମ ପ୍ରକାଶ କରନ୍ତୁ ଜୟପୁର ବିଧାୟକ: ରବି ନନ୍ଦ

ଜୟପୁର, ୧୭ ।୫(ସମିସ): ଜୟପୁର ପୌରସଂସ୍ଥା ପକ୍ଷରୁ ସହରର ସଫେଇ ଟେଣ୍ଡର ପାଇଁ ଏକ ନିର୍ଦ୍ଦିଷ୍ଟ ଠିକାସଂସ୍ଥାକୁ କାର୍ଯ୍ୟ ପ୍ରଦାନ କରିବା ନେଇ ଜୟପୁର ବିଧାୟକଙ୍କ ୧୫ ଲକ୍ଷ ଟଙ୍କା ଲାଞ୍ଚ ପ୍ରଦାନ ନେଇ ପ୍ରସ୍ତାବ ଦିଆଯାଇଥିଲା ଏବଂ ଏଥିରେ ବିଜେଡି ସମର୍ଥିତ ୭ ଜଣ କାଉନସିଲର ତାଙ୍କୁ ପ୍ରସ୍ତାବ ପ୍ରଦାନ କରିଥିବା ନେଇ ଗଣମାଧମରେ ପ୍ରକାଶ କରିଥିଲେ। ତେଣୁ ଉକ୍ତ ବିଜେଡି କାଉନସିଲରଙ୍କ ନାମ ଘୋଷଣା କରନ୍ତୁ ଏବଂ ପ୍ରମାଣ ଦିଅନ୍ତୁ ବୋଲି ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଆହ୍ୱାନ କରିଛନ୍ତି। ଏହିପରି ବିଜେଡି ଦଳର ଲୋକ ପ୍ରତିନିଧି ଏବଂ କର୍ମକର୍ତ୍ତାଙ୍କୁ ବଦନାମକୁ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀ ନନ୍ଦ ପ୍ରକାଶ କରିଛନ୍ତି। ଯଦି ଉକ୍ତ ବିଜେଡି ସମର୍ଥିତ କାଉନିସଲରମାନେ ବିଧାୟକଙ୍କୁ ଲାଞ୍ଚ ଯାଚିଥିଲେ, ତେବେ ବିଧାୟକ ଶ୍ରୀ ବାହିନୀପତି ସେମାନଙ୍କ ବିରୋଧରେ ଥାନାରେ ଏତଲା ପ୍ରଦାନ କରନ୍ତୁ ଏବଂ ନିଜ ଘରର ସିସିଟିଭି ଭିଡିଓ ପ୍ରକାଶ କରି ପ୍ରମାଣ ଉପସ୍ଥାପନ କରିନ୍ତୁ ବୋଲି ଶ୍ରୀ ନନ୍ଦ ଦାବି କରିଛନ୍ତି। ଏହି କାର୍ଯ୍ୟରେ ଯଦି କୌଣସି ବିଜେଡି ସମର୍ଥିତ କାଉନସିଲର ସଂଶ୍ଳିଷ୍ଟ ରହିଥିବେ ତେବେ ଦଳ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ସୂଚନାଯୋଗ୍ୟ, କିଛି ବିଜେଡି କାଉନସିଲର ଏକ ଠିକାସଂସ୍ଥାକୁ ସଫେଇ ଟେଣ୍ଡର ପ୍ରଦାନ ନେଇ ବିଧାକୟକଙ୍କୁ ସାକ୍ଷାତ କରିବା ସହିତ ୧୫ ଲକ୍ଷ ଟଙ୍କା ଲାଞ୍ଚ ଦେବାକୁ ପ୍ରସ୍ତାବ ଦେଇଥିଲେ ବୋଲି ବିଧାୟକ ଶ୍ରୀ ବାହିନୀପତି ଗଣମାଧକୁ ସୂଚନା ଦେଇଥିଲେ। ଏହି ପ୍ରସଙ୍ଗକୁ ନେଇ ଜୟପୁର ରାଜନୀତି ଉତ୍ତପ୍ତତା ବୃଦ୍ଧି ପାଇଥିବା ବେଳେ ଏହିପରି ନେତାଙ୍କ ମଧ୍ୟରେ ଆରୋପ ଓ ପ୍ରତ୍ୟାରୋପ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ପୌରସଂସ୍ଥାର ବିଜେଡି ସମର୍ଥିତ କାଉନସିଲରମାନେ ଟେଣ୍ଡର ପ୍ରଦାନରେ ଟେଣ୍ଡର ପ୍ରକ୍ରିୟାରରେ ବ୍ୟାପକ ଅନିୟମତା ଓ ଦୁର୍ନୀତି କରାଯାଇଥିବା ଅଭିଯୋଗ ନେଇ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହିତ ଏଥିନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ସେହିପରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏହାର ତଦନ୍ତ କରିଛନ୍ତି। ଅନ୍ୟପକ୍ଷରେ ପୌରସଂସ୍ଥା ପକ୍ଷରୁ ଟେଣ୍ଡର ଲଟେରୀ ଉଠାଣ କରାଯାଇ ଠିକାସଂସ୍ଥାକୁ ତରବରିଆ ଭାବେ କାର୍ଯ୍ୟାଦେଶ ପ୍ରଦାନକୁ ନେଇ ସନ୍ଦେହକୁ ଦ୍ୱିଗୁଣିତ କରଛି।

# ବିମାରିପୁଟ ଦେଶୀ ମଦଭାଟିରେ ଚଢ଼ଉ

## ୮୦୦ ଲିଟର ପୋଚ ସହ ବିପୁଳ ସାମଗ୍ରୀ ଜବତ, ଜଣେ ଗିରଫ



ଲମତାପୁଟ/ନନ୍ଦପୁର, ୧୭।୫ (ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ନନ୍ଦପୁର ଥାନା ଅଧୀନ ବନମାଳିପୁଟ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ରମେଶ ବିଶୋଇଙ୍କ ବିମାରୀପୁଟସ୍ଥିତ ଘରେ ସ୍ଥାପିତ ଦେଶୀମଦ ଭାଟିକୁ ନନ୍ଦପୁର ପୁଲିସ ଭାଙ୍ଗି ନଷ୍ଟ କରିଛି। ଭାଟିରେ ଥିବା ମଦରନ୍ଧା ଚୁଲିକୁ ଭାଙ୍ଗି ଏକାଧିକ ପ୍ଲାଷ୍ଟିକ ଡ୍ରମରେ ଥିବା ୮୦୦ ଲିଟରରୁ ଅଧିକ ପୋଚ ଢାଳି ନଷ୍ଟ କରିବା ସହ ସମିତିସଭ୍ୟ ରମେଶ ବିଶୋଇ (୫୪)ଙ୍କୁ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି। ଥାନାରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଉଥିବା ଥାନାଧିକାରୀ ତ୍ରିନାଥ ତୋଟାପାଡ଼ିଆ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଗିରଫ ସେନ ବିଶୋଇ ବିମାରିପୁଟ ଗ୍ରାମରେ ଥିବା ତାଙ୍କ ନିଜସ୍ୱ ଘରେ ଦୀର୍ଘଦିନ ହେଲା ଦେଶୀମଦ ଭାଟି ସ୍ଥାପନ କରି ବିକ୍ରି କରୁଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଗ୍ରାମର ମହିଳାମାନେ ଅଭିଯୋଗ କରିଥିଲେ। ଅଭିଯୋଗ ଟିକେଟ କ୍ରମାଙ୍କ ସିଏମଓ୨୦୨୬୧୫୯୬୧୯୪ ପ୍ରକାରେ ପଞ୍ଜିକୃତ ହୋଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆସିଥିଲା। ଏସପି ଓ ନନ୍ଦପୁର ଏସଡିପିଓ ଦେବେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶ ମୁତାବକ ନନ୍ଦପୁର ଥାନାଧିକାରୀ ଅଭିଯୋଗର ତଦନ୍ତ କରି ଭିମାରିପୁଟ ଗ୍ରାମରେ ସ୍ଥିତ ସେନ ବିଶୋଇଙ୍କ ଘରେ ଚଢ଼ାଉ କରିଥିଲେ। ଗ୍ରାମବାସୀଙ୍କ ସମ୍ମୁଖରେ ପୋଲିସ ଦଳ ମଦରନ୍ଧା ଭାଟିର ଚୁଲା ଭାଙ୍ଗିବା ସହ ଏକାଧିକ ଡ୍ରମରେ ଥିବା ୮୦୦ ଲିଟର ପୋଚକୁ ଢାଳି ନଷ୍ଟ କରିଥିଲେ। ୭୦ ଲିଟରରୁ ଉର୍ଦ୍ଧ ବିକ୍ରି ପାଇଁ ଗଚ୍ଛିତ ରନ୍ଧାମଦ ଜବତ କରିଥିଲେ। ଚଢ଼ଉ ଦଳରେ ଥାନାଧିକାରୀଙ୍କ ସମେତ ଏସଆଇ ଜ୍ୟୋତିମୟୀ ଶବର ପୁଲିସ ଓ ଆଇଆରବିଏନ୍ ଯବାନ ସାମିଲ ଥିଲେ।

# ଜିଲ୍ଲା କିନ୍ନର ସଂଘ ପକ୍ଷରୁ ସାବିତ୍ରୀ ବ୍ରତ



ନବରଙ୍ଗପୁର, ୧୭।୫(ସମିସ): ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘ ପକ୍ଷରୁ ବିନାୟକ ଭବନରେ ସାବିତ୍ରୀ ବ୍ରତ ପାଳନ କରାଯାଇଛି। ଉକ୍ତ ପୂଜାରେ ଜିଲ୍ଲାର କୋଣ ଅନୁକୋଣରୁ ଆସିଥିବା କିନ୍ନରମାନେ ଯୋଗ ଦେଇ ଜଗତ କଲ୍ୟାଣ ନିମନ୍ତେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସାବିତ୍ରୀ ପୂଜା ସମୟରେ ସଙ୍ଘର ସଭାପତି କାଜଲ କିନ୍ନର, ସମ୍ପାଦକ ଚୁମକି କିନ୍ନର, ସହସମ୍ପାଦକ ପ୍ରୀତି କିନ୍ନର, ଶ୍ରୁତି, ଲକ୍ଷ୍ମୀ, ଅନିତା, ମେହେନ୍ଦି, ଏଲିନା, ଶିବାନୀ, କବିତା, ସୁବର୍ଣ୍ଣ, ଇପିଶିତା ସମେତ ଜିଲ୍ଲାର କୋଣ ଅନୁକୋଣରୁ ଅନେକ କିନ୍ନର ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ, ସଂଘର ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ମହାପାତ୍ର, ଆଇନ ପରାମର୍ଶଦାତା ଅଧିବକ୍ତା ରାମପ୍ରସାଦ ପାତ୍ର ଏବଂ ଶ୍ରୀନିବାସ ପଟ୍ଟନାୟକ, ପ୍ରୋଜେକ୍ଟ ଲିଡର ଏମ.ବାଲା କୃଷ୍ଣ ରାଓ, ସଂଘର ଉପଦେଷ୍ଟା ଶର୍ମିଷ୍ଠା ଦେଓ, କିଶୋରୀ ପଟ୍ଟନାୟକ, ସ୍ୱର୍ଣଲତା ପଟ୍ଟନାୟକ, ଇଂ ଚନ୍ଦନା ମଲ୍ଲିକ, ଅଧ୍ୟାପକ ଅଖିଳ ଭଟ୍ଟ, ଦୁର୍ଗା ପାଢ଼ୀ, ନିନି ବାବୁ ତ୍ରିପାଠୀ ସମେତ ଅନ୍ୟ ସମସ୍ତ ସଦସ୍ୟ ସଂଘର ଏହି ପୂଜା ନେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କାଳବୈଶାଖୀ ପ୍ରଭାବରେ ଗଛ ପଡ଼ି ରାସ୍ତା ଅବରୋଧ



ନନ୍ଦପୁର,, ୧୭।୫(ସମିସ): ଗତକାଲି ରାତିରେ ନନ୍ଦପୁର ବ୍ଲକ ଅଧୀନସ୍ଥ ବାଲଡା ପଞ୍ଚାୟତର ସୋପୁଟ ଗ୍ରାମରେ ଏକ ବିରାଟ ପଣସ ଗଛ କାଳବୈଶାଖୀ ପ୍ରଭାବରେ ଉପୁଡି ପଡିଥିଲା। ଗଛଟି ସୋପୁଟ ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖ ରାସ୍ତା ଉପରେ ପଡ଼ିଯାଇଥିବାରୁ ଗ୍ରାମକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଫଳରେ ଗ୍ରାମବାସୀ ବହୁ ସମୟ ଧରି ଯାତାୟାତ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ନନ୍ଦପୁର ଅଗ୍ନିଶମ ବାହିନୀର କେନ୍ଦ୍ରାଧିକାରୀ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱରେ ମୁଖ୍ୟ ଅଗ୍ନିଯୋଦ୍ଧା ଚିନ୍ନା ରେଡ୍ଡୀ, ଅଗ୍ନିଯୋଦ୍ଧା ପ୍ରକାଶ କିଷାନ, ଥବିର ଭୋଇ, କିରଣ କୁମାର ମହାରଣା, ଜଗନ୍ନାଥ ଦଳାଇ ଏବଂ ଗାଡ଼ି ଚାଳକ ଏସ୍. ପଣ୍ଡା ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସକାଳ ପ୍ରାୟ ୬ଟା ୩୦ ମିନିଟ୍ ସମୟରେ ଗଛ କାଟି ରାସ୍ତାରୁ ହଟାଇ ଯାତାୟାତ ସ୍ୱାଭାବିକ କରାଯାଇଥିଲା। ସୂଚିତ ଯେ ଗତକାଲି ଗୋଲୁର୍ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖୁଡା ଓ ଖୁଡୁବ ଗ୍ରାମରେ ଦୁଇଜଣଙ୍କ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ପାଡୁଆର ଏକ ଚାହା ଦୋକାନ ଉପରେ ଗଛ ପଡ଼ିବା ଦ୍ୱାରା ଦୋକାନ ଓ ଦୋକାନ ସମ୍ମୁଖରେ ରଖାହୋଇଥିବା ଦୁଇଟି ବାଇକ୍ ମଧ୍ୟ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିଲା।

# ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ



ନନ୍ଦପୁର, ୧୭।୫(ସମିସ): ନନ୍ଦପୁର ପ୍ରେସ କ୍ଲବ୍ ପକ୍ଷରୁ ନନ୍ଦପୁର ବ୍ଲକ ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ବିଶ୍ୱାଳଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ନନ୍ଦପୁରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନନ୍ଦପୁର ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେଣୁଗୋପାଳ ବେହେରା, ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧନ ନାୟକ, ଲାଲବାହାଦୁର ଚୌଧୁରୀ, ଶକ୍ତିପ୍ରସାଦ ପାତ୍ର, ଆନନ୍ଦ ରାଓ, ଏ.ଲୋକ ନାଥ, ମହେନ୍ଦ୍ର କୁମାର ନାୟକ, ସାମାଜିକ କର୍ମୀ ମୁନା ଦଳପତି, ବିଷ୍ଣୁ ପାଲି, ରମେଶ କୁମାର ଚୌଧୁରୀ ଦେବଜିତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ଶ୍ରୀ ପାଙ୍ଗି ଏକା ସାଙ୍ଗରେ ସାମ୍ବାଦିକତା ଓ ଆଇନଜୀବୀ ଭାବେ ଅଞ୍ଚଳରେ ସୁନାମ ରଖିବା ନେଇ ସ୍ୱର୍ଗତ ବିଶ୍ୱଜିତଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିବା ବେଳେ ରାଜସ୍ୱନିରୀକ୍ଷକ ଶ୍ରୀ ନାୟକ ତାଙ୍କ ଅକାଳ ବିୟୋଗ ନେଇ ଗଭୀର ଶୋକ ପ୍ରକାଶ କରିଥିଲେ। ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରା ପରିଚାଳନା କରିଥିବା ବେଳେ ପ୍ରେସ କ୍ଲବ୍ ସମ୍ପାଦକ ରମେଶ କୁମାର ଅଧିକାରୀ ତାଙ୍କ ପରିବାରଙ୍କୁ ମହାପ୍ରଭୁ ଅସୀମ ଶକ୍ତି ପ୍ରଦାନ କରିବା ପାଇଁ ପ୍ରାର୍ଥନା କରିଥିଲେ। ପ୍ରେସ କ୍ଲବ୍ ଉପସଭାପତି ବିମଳ ରାଓ ସ୍ମିଥ, ଉଗ୍ରସେନ ଗୁଣ୍ଟା, ବଳରାମ ଭାଇ ପ୍ରମୁଖ ସହଯୋଗ କରିଥିଲେ।

● କଲଭର୍ଟ ନିର୍ମାଣ କାର୍ଯ୍ୟରେ ବାଧକ

# ଗାଁ ମଝିରେ ମୂଳଦୁଆ ଗାତ; ଯାତାୟାତ ବାଧାପ୍ରାପ୍ତ



ନବରଙ୍ଗପୁର/ନନ୍ଦାହାଣ୍ଡି, ୧୭।୫(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଦହଣା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମେରନାସ ଗ୍ରାମ ସୌରା ସାହିରେ କଲଭର୍ଟ ନିର୍ମାଣ ପାଇଁ ପାଞ୍ଚ ମାସ ତଳେ ଯନ୍ତ୍ରୀ ମୂଳଦୁଆ ଗାତ ଖୋଳାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ତ ଦୂରର କଥା ଆରମ୍ଭ ବି ହୋଇ ପାରିନାହିଁ। ଯଦ୍ୱାରା ସ୍ଥାନୀୟ ଲୋକ ଯାତାୟତ ପାଇଁ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ଜମି ମଧ୍ୟକୁ ଦେଇ ଡାଇଭର୍ସନ ରାସ୍ତା କରାଯାଇଛି ଯାହାକି ସାମାନ୍ୟ ବର୍ଷା ହେଲେ ବାଇକ ଚଳାଚଳ ମଧ୍ୟ କଷ୍ଟ ହେଉଛି। ଆଗକୁ ଯେହେତୁ ବର୍ଷା ଋତୁ ଥିବା ଯୋଗୁଁ ଜମିରେ ପାଣି ଭରିଯିବ ଏବଂ ଯାତାୟାତ ସମ୍ପୂର୍ଣ ଠପ୍ ହୋଇଯିବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ କହିବାନୁସାରେ, କଲଭର୍ଟ ପାଇଁ ପାଞ୍ଚ ମାସ ତଳେ ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୂଳଦୁଆ ଓ ସୁଚନଫଳକ ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଠିକା କାମକୁ କେନ୍ଦ୍ରକରି ସ୍ଥାନୀୟ ୱାର୍ଡସଭ୍ୟ ଯୁଧିଷ୍ଠିର ହରିଜନ ସୂଚନାଫଳକକୁ ଭାଙ୍ଗିବା ସହ ବିଭ୍ରାଟ ସୃଷ୍ଟି କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଗତ ଫେବୃଆରୀରେ ନିର୍ବାଚିତ ସରପଞ୍ଚ କମଳା ପୂଜାରୀ ଆସ୍ଥା ଭୋଟରେ ପରାସ୍ତ ହୋଇ ପଦଚ୍ୟୁତ ହୋଇଥିଲେ। ବର୍ତ୍ତମାନ ନାଏବ ସରପଞ୍ଚ କନକ ପାଇକ ସରପଞ୍ଚ ଦାୟିତ୍ୱରେ ଅଛନ୍ତି। ପୂର୍ବ ସରପଞ୍ଚ ମଞ୍ଜୁର କରିଥିବା ପ୍ରକଳ୍ପକୁ ନୂତନ ସରପଞ୍ଚ ରଦ୍ଦ କରିଛନ୍ତି ବୋଲି ସ୍ଥାନୀୟ ଲୋକ ଗମ୍ଭୀର ଆରୋପ କରିଛନ୍ତି। ଏ ବାବଦରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଭିଷେକ ବାଘକୁ ପଚାରିବାରୁ କହିଛନ୍ତି ଯେ ଉକ୍ତ ପ୍ରକଳ୍ପ ପାଇଁ ଦୁଇ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ଯାହା କି ଅତିଶୀଘ୍ର ସମ୍ପୂର୍ଣ କରାଯିବ। ପ୍ରକୃତରେ ଲେଆଉଟ୍ ଦେବା ସମୟରେ ପଞ୍ଚମ ଆର୍ଥିକ କମିଶନ ପାଣ୍ଠିରୁ କଲଭର୍ଟ ଓ ଗାର୍ଡୱାଲ୍ ପାଇଁ ପାଞ୍ଚ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା କିନ୍ତୁ ଏବେ କେମିତି ତାହା ଦୁଇ ଲକ୍ଷ ଟଙ୍କା ହେଲା ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ କହୁଥିବା ଅଟକଳ ମୂଲ୍ୟ ଦୁଇ ଲକ୍ଷ ଟଙ୍କା ଓ ମୂଳଦୁଆ ଦେଇଥିବା ଯନ୍ତ୍ରୀଙ୍କ ମତ ତାଳମେଳ ରହୁ ନଥିବା ଜଣାପଡ଼ିଛି।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ କୃତିତ୍ୱ

# ଜାତୀୟ ପାରା ସନ୍ତରଣ ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ହାସଲ



କୋରାପୁଟ,୧୭।୫(ସମିସ): ଭାରତ ସରକାରଙ୍କ କ୍ରୀଡ଼ା ବିଭାଗ ଦ୍ୱାରା ହାଇଦ୍ରାବାଦର ଜିଏମସି ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଆୟୋଜିତ ୨୫ତମ ଜାତୀୟ ପାରା ସନ୍ତରଣ ଚାମ୍ପିଅନସିପ୍ ପ୍ରତିଯୋଗିତାରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ର ରିତେଶ ମେହେର ରୌପ୍ୟ ପଦକ ହାସଲ କରି ଇତିହାସ ରଚିଛନ୍ତି। ଓଡ଼ିଆ ବିଭାଗ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଥିବା ରିତେଶ ୧୦୦ ମିଟର୍ ବଟରଫ୍ଲାଏ ସନ୍ତରଣ ପ୍ରତିଯୋଗିତାକୁ ମାତ୍ର ଏକ ମିନିଟ୍ ୫୫ ସେକେଣ୍ଡରେ ସଫଳତାର ସହ ସମାପନ କରିଥିଲେ। ମାତ୍ର ୨ ସେକେଣ୍ଡ ପାଇଁ ସେ ସ୍ୱର୍ଣ୍ଣ ପଦକ ହାସଲ କରିବାରୁ ବଞ୍ଚିତ ହୋଇଥିଲେ। ବରଗଡ଼ ଜିଲ୍ଲାର 'ଚକରକେନ୍ଦ ଗ୍ରାମରେ ଜନ୍ମିତ ରିତେଶ ବାଲ୍ୟ ଅବସ୍ଥାରୁ ବିଭିନ୍ନ ସମସ୍ୟା ସତ୍ତ୍ୱେ ଅଖଣ୍ଡ ନିଷ୍ଠା ଓ ଦୃଢ଼ ମନୋବଳ ଯୋଗୁଁ ଅସାଧ୍ୟ ସାଧନ କରିପାରିଛନ୍ତି। ଭବିଷ୍ୟତରେ ତାଙ୍କୁ ଯଦି ସରକାରୀ ଏବଂ ବେସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିବ, ସେ ନିଶ୍ଚିତ ଭାବେ ଦେଶ ତଥା ରାଜ୍ୟ ପାଇଁ ଅଲିମ୍ପିକ୍ ଓ ବିଭିନ୍ନ ଅନ୍ତର୍ଜାତୀୟ ସନ୍ତରଣ କ୍ରୀଡ଼ା ପ୍ରତିଯୋଗିତାରେ ଗୌରବ ଆଣିବାର ଆଶା ଓ ସ୍ୱପ୍ନ ରଖିଥିବା କହିଛନ୍ତି। ଏହି ସଫଳତା ଅନ୍ୟ ବିଦ୍ୟାର୍ଥୀଙ୍କ ପାଇଁ ଆଦର୍ଶ ଓ ପ୍ରେରଣା ବୋଲି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଶ୍ରୀ ମେହେରଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ବକ୍ତବ୍ୟ ରଖିଛନ୍ତି।

# କୁନ୍ଦୁଲୀ ଗୁରୁକୁଳ ଆଶ୍ରମରେ ସଂସ୍କାର ସ୍ୱାବଲମ୍ବନ ଲଘୁ ଗୁରୁକୁଳ ଶିବିର ଉଦ୍‌ଯାପିତ



ସେମିଳିଗୁଡ଼ା, ୧୭।୫(ସମିସ): ସେମିଳିଗୁଡା ବ୍ଲକ ଅନ୍ତର୍ଗତ କୁନ୍ଦୁଲୀସ୍ଥିତ ଆଦିମ ଗୁରୁକୁଳ ଆଶ୍ରମରେ ଏକ ଚାରିଦିନିଆ ଗ୍ରୀଷ୍ମକାଳୀନ ସଂସ୍କାର ସ୍ୱାବଲମ୍ବନ ଲଘୁ ଗୁରୁକୁଳ ଶିବିର ଅନୁଷ୍ଠିତ ହୋଇ ଉଦଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପଟାଙ୍ଗୀ ବିଧାୟକ ତଥା କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଆଶ୍ରମର ପରିଚାଳନା କମିଟିର ସଭାପତି ଆନନ୍ଦ ପାଟୱାନିଆ, ଉପସଭାପତି ସୁନୀଲ ଅଗ୍ରୱାଲ, କାର୍ଯ୍ୟକାରିଣୀ ସଦସ୍ୟ ଶିକ୍ଷାବିତ ଡକ୍ଟର ଚିତ୍ତରଞ୍ଜନ ମିଶ୍ର ଯୋଗଦେଇଥିଲେ। କୋଷାଧ୍ୟକ୍ଷ ଡକ୍ଟର ଜଳେନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଆଶ୍ରମର ଆଚାର୍ଯ୍ୟ ମନୁଦେବ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏପରି ଶିବିର ଆଗକୁ ଆୟୋଜନ କରି ପିଲାଙ୍କୁ ସଂସ୍କାର, ସଂସ୍କୃତି, ବ୍ୟବହାର, ଆତ୍ମନିର୍ଭରଶୀଳତା ଶିଖାଇବା ପାଇଁ ବକ୍ତାମାନେ ମତପ୍ରକାଶ କରିଥିଲେ। ହାଲର କର୍ମକର୍ତ୍ତା ଓ କିଟ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ପିଲାମାନଙ୍କୁ ବହି ଖାତା ପ୍ରଦାନ କରିଥିଲେ। ଶ୍ରୀମତୀ ପାଟୱାନିଆ, ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର, ଅର୍ଜୁନ ବାଙ୍କା, ଶୁକ୍ରା ଭାଇ ପ୍ରମୁଖଙ୍କ ସହ ସମସ୍ତ ଛାତ୍ରଙ୍କ ଅଭିଭାବକ ଯୋଗଦେଇଥିଲେ। ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ନାବାଳିକାଙ୍କୁ ବିବାହ ଓ ପ୍ରତାରଣା; ଅଭିଯୁକ୍ତ ଗିରଫ



ଜୟପୁର,୧୭।୫(ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ ଥାନାଞ୍ଚଳର ଜଣେ ୧୭ ବର୍ଷିଆ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିବା ସହ ଜୋରଜବରଦସ୍ତ ବିବାହ ପରେ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। ଘରରୁ ମାଡ଼ମାରି ବାହାର କରିଦେବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ଜୟପୁର ମହିଳା ଥାନା ପୁଲିସ ଏକ ମାମଲା ରୁଜୁକରି ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଉଛି କୋଟପାଡ ଥାନା ବାସ୍ତାମ୍ବା ଗ୍ରାମର ଅଜୟ ନାୟକ (୨୧)। ପୁଲିସ ସୂଚନା ଅନୁଯାୟୀ, ୨ ବର୍ଷ ପୂର୍ବରୁ ନାବାଳିକା ଯୁକ୍ତ ୨ ଶ୍ରେଣୀରେ ପାଠ ପଢୁଥିବା ବେଳେ ପ୍ରେମିକ ଅଭିଯୁକ୍ତ ଅଜୟ ତାଙ୍କ ସହ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା। କିଛି ଦିନ ପରେ ନାବାଳିକାଙ୍କ ଗ୍ରାମର ପହଞ୍ଚି ଉକ୍ତ ନାବାଳିକାଙ୍କୁ ନିଜ ଘରକୁ ନେଇଯାଇ ପତ୍ନୀ ଭାବେ ରଖିବା ନେଇ ଗ୍ରାମରେ ପାଟିତୁଣ୍ଡ କରିଥିଲା। ଶେଷରେ ନାବାଳିକାଙ୍କ ପରିବାର ଓ ଗ୍ରାମବାସୀ ଏବଂ ଅଭିଯୁକ୍ତଙ୍କ ପରିବାର, ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ମାଧ୍ୟମରେ ନାବାଳିକାଙ୍କୁ ଉକ୍ତ ଯୁବକଙ୍କ ସହିତ ବିବାହ କରାଯାଇଥିଲା। କିଛି ନାବାଳିକା ଅଭିଯୁକ୍ତଙ୍କ ଗ୍ରାମରେ ତାଙ୍କ ଘରରେ ରହିବା ପରେ ଅଭିଯୁକ୍ତ ଯୁବକ ଏବଂ ତାଙ୍କ ପରିବାର ପକ୍ଷରୁ ନାବାଳିକାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇ ଘରରୁ ବାହାର କରିଦିଆଯାଇଥିଲା। ଶେଷରେ ନାବାଳିକା ନିଜ ବାପ ଘରକୁ ଫେରିବା ସହିତ ନିରୁପାୟ ହୋଇ ମହିଳା ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ ବୋଲି ଥାନାଧିକାରୀ ଆଶ୍ରିତା ଖାଲକୋ ପ୍ରକାଶ କରିଛନ୍ତି।


# ଏନ୍‌ସିସି ଓଡ଼ିଶା ୧୫ତମ ବାଟାଲିୟନର ପ୍ରଶିକ୍ଷଣ ଶିବିର





ଜୟପୁର, ୧୭ ।୫(ସମିସ): କୋରାପୁଟ ଜୟପୁରସ୍ଥିତ ସମର ଶିକ୍ଷାର୍ଥୀ ବାହିନୀ ୧୫ତମ ଓଡିଶା ବ୍ୟାଟାଲିୟନ୍ ଏନ୍‌ସିସି ପକ୍ଷରୁ ୧୦ ଦିନିଆ ବାର୍ଷିକ ପ୍ରଶିକ୍ଷଣ ଶିବିର (ଏଟିସି କ୍ୟାମ୍ପ) ଆଜିଠାରୁ ସ୍ଥାନୀୟ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଶୁଭାରମ୍ଭ ହୋଇଛି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହି ଶିବିରରେ କୋରାପୁଟ, ରାୟଗଡା ଏବଂ ମାଲକାନଗିରି ଜିଲ୍ଲାର ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟର ମୋଟ ୩୬୮ ଜଣ ଏନସିସି ଛାତ୍ରଛାତ୍ରୀ ଯୋଗଦେଇଛନ୍ତି। ପ୍ରଥମ ଥର ପାଇଁ ଜୟପୁରଠାରେ ଆୟୋଜିତ ଶିବିରର ଏନସିସି ଛାତ୍ରୀ ବାହିନୀର କ୍ୟାଡେଟ ଯୋଗଦାନ କରିଛନ୍ତି। ଶିବିରଟି ୧୫ତମ ବାଟାଲିୟନ କମାଣ୍ଡିଂ ଅଫିସର ଲେଫ୍‌ଟେନାଣ୍ଟ କର୍ଣ୍ଣଲ ପ୍ରୀତିରଞ୍ଜନ ଦାଶଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ଆୟୋଜିତ ହେଉଛି। ଏହି ଶିବିରରେ ଶୃଙ୍ଖଳା, ନେତୃତ୍ୱ ଗୁଣ, ଦେଶପ୍ରେମ, ଡ୍ରିଲ୍, ମାନଚିତ୍ର ପଠନ, ଶାରୀରିକ ପ୍ରଶିକ୍ଷଣ, ଯୋଗାଭ୍ୟାସ, ସାମାଜିକ ସଚେତନତା ସହିତ ବନ୍ଧୁକରେ ଗୁଳିଚାଳନା ତାଲିମ ଓ ବିଭିନ୍ନ ସାମରିକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସେହିପରି ଏନ୍‌ସିସି କ୍ଷେତ୍ରରେ ନାରୀ ସଶକ୍ତୀକରଣ ଓ ଯୁବତୀମାନଙ୍କ ମଧ୍ୟରେ ଦେଶସେବାର ମନୋଭାବ ବୃଦ୍ଧିରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଶିବିରରେ ଏଏନଓ କ୍ୟାପେଟନ ଡ. ଲକ୍ଷ୍ମଣ ପାତ୍ର, ଲେଫ୍‌ଟେନାଣ୍ଟ ଉଦୟ ନାୟକ, ମଦନ ମୋହନ ଓଝା, ଡି. ଉଦୟ ଭାସ୍କର ରାଓ, ଡମ୍ବରୁଧର ତ୍ରିପାଠୀ, ସଞ୍ଜୟ କୁମାର ପାଢ଼ୀ, ଭୀମ ବେହେରା ଏବଂ ଗୁପ୍ତେଶ୍ୱର ସାହୁ ପ୍ରମୁଖ ଏଏନଓମାନେ ଶିବିର ପରିଚାଳନା ଓ କ୍ୟାଡେଟ୍‌ଙ୍କ ପ୍ରଶିକ୍ଷଣରେ ସହଯୋଗ କରୁଛନ୍ତି। ସେହିପରି ପିଆଇ ଷ୍ଟାଫ୍ ଭାବେ ସୁବେଦାର ପବନ କୁମାର, ସୁବେଦାର ଜଗଦୀଶ ପ୍ରସାଦ, ହାବିଲଦାର ମାନକ ଚାନ୍ଦ, ହାବିଲଦାର ବିକ୍ରମ ସିଂହ, ହାବିଲଦାର ଓବର ସିଂହ, ହାବିଲଦାର ହରପ୍ରୀତ ସିଂହ, ହାବିଲଦାର ଅମରଜିତ ଯାଦବ, ହାବିଲଦାର ରମଣ ସିଂହ ଏବଂ ଏନସିଇ ଦେବେନ୍ଦ୍ର ଥାପା ପ୍ରମୁଖ କ୍ୟାଡେଟ୍‌ଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ବିଶ୍ୱବିଦ୍ୟାଳୟର ବରିଷ୍ଠ ସହାୟକ ମନୋରଞ୍ଜନ ବାରିକ, କନିଷ୍ଠ ସହାୟକ ସୁଜିତ କୁମାର ଜାନୀ ଶ୍ରୀଧର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ସମ୍ପାଦକୀୟ



ତୁମର ମତାମତ ଦ୍ୱାରା ନୁହେଁ; ତୁମେ ସୃଷ୍ଟି କରିଥିବା ଉଦାହରଣ ଦ୍ୱାରା ହିଁ ପୃଥିବୀରେ ପରିବର୍ତ୍ତନ ସମ୍ଭବ ହୋଇଥାଏ।
-ପଉଲୋ କୋଏଲ୍ହୋ

ସକାଳ
THE SAKALA

## କାଟି ଖାଅ

ଆସନ୍ତା ବର୍ଷେ ପର୍ଯ୍ୟନ୍ତ ସୁନା ନ କିଣିବା, ବିଦେଶ ଗସ୍ତ ନ କରିବା, ଖାଇବା ତେଲ ପରିମାଣ ହ୍ରାସ କରିବା ଏବଂ ଘରୁ କାମ କରିବା(ୱାର୍କ ଫ୍ରମ ହୋମ୍) ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଅଶୋଧିତ ତୈଳ ଓ ସୁନା ଚାହିଦାରେ ଭାରତ ଆତ୍ମନିର୍ଭରଶୀଳ ନୁହେଁ, ଅଥଚ ବିଶ୍ୱର ସର୍ବବୃହତ୍ ଚାହିଦାଭିତ୍ତିକ ରାଷ୍ଟ୍ର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି। ଗତ ବର୍ଷ ସୁନା ଆମଦାନୀ ପ୍ରତିବଦଳରେ ଭାରତରୁ ୭୨୦୦ କୋଟି ଡଲାର ବାହାର ଦେଶକୁ ଯାଇଥିଲା। ସେହିପରି ଭାରତ ତୈଳ ଚାହିଦାର ପାଖାପାଖି ୯୦% ଆମଦାନୀ କରୁଛି। ଗତବର୍ଷ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ଡଲାର ପିଛା ୭୦ ଡଲାର ଥିବା ବେଳେ ଭାରତ ବାର୍ଷିକ ୧୩୪.୭ ଆମେରିକୀୟ ଡଲାର(୧୧.୯ ଲକ୍ଷ କୋଟି ଟଙ୍କା) ଖର୍ଚ୍ଚ କରିଥିଲା। ବର୍ତ୍ତମାନ ବ୍ୟାରେଲ୍ ପିଛା ଦର ୧୧୩ ଡଲାରକୁ ବୃଦ୍ଧି ପାଇଥିବାରୁ ଏବଂ ଡଲାର ତୁଳନାରେ ଭାରତର ଟଙ୍କା ଦ୍ରୁତ ହ୍ରାସ ପାଉଥିବାରୁ ସେ ବାବଦରେ କେତେ ଡଲାର ଖର୍ଚ୍ଚ ହେଉଥିବ ଅନୁମେୟ। ଖାଇବା ତେଲରେ ମଧ୍ୟ ଭାରତକୁ ମୁଖ୍ୟତଃ ଇଣ୍ଡୋନେସିଆ ଓ ମାଲେସିଆ ଉପରେ ନିର୍ଭର କରିବାକୁ ପଡୁଛି ଏବଂ ଏଥିପାଇଁ ବିନିମୟର ମାଧ୍ୟମ ରହିଛି ଆମେରିକୀୟ ଡଲାର। ତେଣୁ ଏହି ଦୈନନ୍ଦିନ ମୁଖ୍ୟ ସାମଗ୍ରଗୁଡ଼ିକର ବ୍ୟବହାରରେ ମିତବ୍ୟୟିତା ଅବଲମ୍ବନ କଲେ ଅର୍ଥନୀତିକୁ ଏକ ସମ୍ଭାବ୍ୟ ସଙ୍କଟରୁ ରକ୍ଷା କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀଙ୍କ ଚିନ୍ତା କରିଛନ୍ତି।

ସାମ୍ପ୍ରତିକ ମଧ୍ୟପ୍ରାଚ୍ୟ ସଙ୍କଟ ଜନିତ ଭାରତୀୟ ମୁଦ୍ରା ଉପରେ କ୍ରମବର୍ଦ୍ଧିଷ୍ଣୁ ଚାପ ଓ ଚାଲୁ ଖାତା ନିଅଣ୍ଟ(କରେଣ୍ଟ ଆକାଉଣ୍ଟ ଡେଫିସିଟ୍) ପରିମାଣ ବୃଦ୍ଧି ଦୃଷ୍ଟିରୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ପ୍ରଣିଧାନଯୋଗ୍ୟ। କିନ୍ତୁ ଭାରତୀୟ ଅର୍ଥନୀତିର ଏହି ଦୁଃସ୍ଥିତି ବା ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ସଙ୍କଟ କେବଳ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ସୃଷ୍ଟି ହୋଇନାହିଁ କି ରାତାରାତି ଆସିନାହିଁ କିମ୍ବା ଏଥିପାଇଁ ଭାରତୀୟ ଉପଭୋକ୍ତାମାନଙ୍କର କ୍ରୟ ବା ଉପଭୋଗ ମାନସିକତା ହିଁ କେବଳ ଦାୟୀ ନୁହେଁ। ବିଗତ କିଛି ବର୍ଷର 'ବାଲାନ୍ସ ଅଫ୍ ପେମେଣ୍ଟ'କୁ ନିରେଖି ଦେଖିଲେ ଏହା ବୁଝାପଡ଼ିବ।

ବୈଦେଶିକ ମୁଦ୍ରା ଭଣ୍ଡାର ଦୁଇଟି କାରକ ଦ୍ୱାରା ପ୍ରଭାବିତ ହୁଏ। ପ୍ରଥମତଃ, ରପ୍ତାନୀ ତୁଳନାରେ ଆମଦାନୀ ଅଧିକ ହେଉଥିଲେ ସେ ବାବଦ ଦେୟ ପାଇଁ ଅଧିକରୁ ଅଧିକ ଡଲାର ଖର୍ଚ୍ଚ କରିବାକୁ ପଡ଼େ ଏବଂ ଡଲାର ପରିମାଣ ହ୍ରାସ ପାଏ। ବିପରୀତ ଭାବେ ରପ୍ତାନୀ ବଢ଼ିଲେ ଡଲାରର ଅନ୍ତଃସ୍ରୋତ ସୁଗମ ହୁଏ। ଭାରତର ବୈଦେଶିକ ମୁଦ୍ରଭଣ୍ଡାରରେ ରପ୍ତାନି ଜନିତ ଆୟ ତୁଳନାରେ ବୈଦେଶିକ ପ୍ରତ୍ୟକ୍ଷ ନିବେଶ(ଏଫ୍‌ଡିଆଇ) ଏବଂ ବୈଦେଶିକ ପ୍ରତିଭୂତି ନିବେଶ(ଏଫ୍‌ପିଆଇ)ର ଅବଦାନ ଅଧିକ। କିନ୍ତୁ ଗତ ଦୁଇ/ତିନିବର୍ଷ ଧରି ଭାରତକୁ ଏଫ୍‌ଡିଆଇ ଆଗମନ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିବା ବେଳେ ଏଫ୍‌ପିଆଇରୁ ବୈଦେଶିକ ପୁଞ୍ଜି ପ୍ରତ୍ୟାହାର ଉଦ୍‌ବେଗଜନକ ଭାବେ ବଢ଼ି ଚାଲିଛି। ଗତ ମାର୍ଚ୍ଚ ମାସରୁ ଅଦ୍ୟାବଧି ୩୮୦୦ କୋଟି ଡଲାର ମୂଲ୍ୟର ପୁଞ୍ଜି ପ୍ରତ୍ୟାହାର ହୋଇସାରିଛି। ଏହାପଛରେ ମୂଳ କାରଣ ରହିଛି କେନ୍ଦ୍ର ସରକାରଙ୍କ ଏଫ୍‌ଡିଆଇ ନୀତି। ୨୦୨୩ ପୂର୍ବରୁ 'ୱିଥହୋଲଡିଂ ଟାକ୍ସ'(ଏଫ୍‌ପିଆଇ ବା ଭାରତୀୟ ବଣ୍ଡରେ ନିବେଶ କରିଥିବା ବୈଦେଶିକ ପୁଞ୍ଜିପତିମାନଙ୍କର ସୁଧ ଆୟ ଉପରେ ଭାରତ ସରକାର କାଟି ରଖୁଥିବା ଟିକସ) ୫% ଥିବା ବେଳେ ୨୦୨୩ ପରେ କେନ୍ଦ୍ର ସରକାର ଏହାକୁ ଏକାଥରକେ ୨୦%କୁ ବୃଦ୍ଧି କରିଛନ୍ତି। ଏଣୁ ବୈଦେଶିକ ପୁଞ୍ଜିପତିମାନେ ଭାରତର ପ୍ରତିଭୂତି ବଜାରରୁ ମୁହଁ ଫେରାଇବା ଆରମ୍ଭ କରିଛନ୍ତି, ଯାହାର ପ୍ରଭାବ ଆମ ବୈଦେଶିକ ମୁଦ୍ରାଭଣ୍ଡାର ଉପରେ ପଡ଼ିଛି। ଏବେ ସରକାରଙ୍କ ଚେତା ପଶିଛି ଏବଂ ୱିଥହୋଲ୍ଡିଂ ଟ୍ୟାକ୍ସକୁ ପୂର୍ବଭଳି ୫%କୁ ହ୍ରାସ କରିବାକୁ ଯୋଜନା କରୁଥିବା ସୂଚନା ମିଳିଛି।

ଏବେ 'ଆତ୍ମନିର୍ଭର ଭାରତ'ର ବାସ୍ତବତା ଦେଖାଯାଉ। ଭାରତ ଏବେ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ଏଥିରେ ସନ୍ଦେହ ନାହିଁ। କିନ୍ତୁ ଆମ ଦେଶର କୃଷି ସମ୍ପୂର୍ଣ୍ଣ ରୂପେ ଆମଦାନୀଭିତ୍ତିକ ରାସାୟନିକ ସାର ଉପରେ ନିର୍ଭରଶୀଳ। ଯଦିବା ଯୁଦ୍ଧକାଳୀନ ଭିତ୍ତିରେ ଆଗାମୀକାଲି ଭାରତ ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ଉଦ୍ୟମରେ ପର୍ଯ୍ୟାପ୍ତ ସାର କାରଖାନାମାନ ନିର୍ମାଣ କରେ ତେବେ ମଧ୍ୟ ଉତ୍ପାଦନ ପାଇଁ ଆବଶ୍ୟକ ଏଲ୍‌ଏନ୍‌ଜି ଓ ନାପ୍‌ଥା ଆଦି ଇନ୍ଧନ ପାଇଁ ଆମକୁ ଅନ୍ୟ ଦେଶ ଉପରେ ନିର୍ଭର କରିବାକୁ ବାଧ୍ୟ। ବାସ୍ତବତା ହେଉଛି ଆଜିର ଜଗତରେ ଆମଦାନୀ କାଣ୍ଟଛାଣ୍ଟ କିମ୍ବା ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ଭାରତ ସମେତ କୌଣସି ରାଷ୍ଟ୍ର ପକ୍ଷରେ ସମ୍ଭବ ନୁହେଁ। ଅଧିକନ୍ତୁ କେବଳ କାଟି ଖାଇଲେ(ଆମଦାନୀ ହ୍ରାସ) ଅର୍ଥନୀତିରେ ତତ୍କାଳ ସୁଧାର ଆସିବ ନାହିଁ, ବରଂ ତାହାର ପ୍ରତ୍ୟକ୍ଷ ନକାରାତ୍ମକ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିବ। ତେଣୁ ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ବା କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ପାଇଁ କେବଳ ଆମଦାନୀ ଦାୟୀ ନୁହେଁ; ବରଂ ତ୍ରୁଟିପୂର୍ଣ୍ଣ ଅର୍ଥନୀତି ହିଁ ଦାୟୀ। ଏହାକୁ ସରକାର ସ୍ୱୀକାର କରି ଆବଶ୍ୟକ ସଂସ୍କାର ନ ଆଣିବା ପର୍ଯ୍ୟନ୍ତ ସ୍ଥିତିରେ ସୁଧାର ଆଶା ଆଦୌ ନାହିଁ। ଭୋଟ ରାଜନୀତିକୁ ପରିହାର କରି ଯୁରିଆରେ ରିହାତି ପରିମାଣ ହ୍ରାସ, ପେଟ୍ରୋଲ୍ ଡିଜେଲ୍‌ରେ ସୀମିତ ବିକ୍ରୟ(ରାସନ୍) ବ୍ୟବସ୍ଥା, ସରକାରୀ ଯାତ୍ରା ଓ ରାଜନୈତିକ ସଭାସମିତିରେ କାର ଓ ମୋଟରସାଇକେଲ୍ ରାଲି ନିୟନ୍ତ୍ରଣ ଆଦି କଠୋର କଟକଣାକୁ ସରକାରୀ ନୀତିରେ ସାମିଲ୍ କରିବାର ବେଳ ଆସିଛି। ଏହା ବିନା ଭାରତର କରେଣ୍ଟ ଆକାଉଣ୍ଟ ଚାପମୁକ୍ତ ହୋଇପାରିବ ନାହିଁ କି ଡଲାର ତୁଳନାରେ ଟଙ୍କା ଆଉ ସବଳ ହେବାର ପରିବେଶ ସୃଷ୍ଟି ହେବ ନାହିଁ।

ଭାରତୀୟଙ୍କ ଦୁଇଟି ବଦଭ୍ୟାସକୁ ଭଗବାନ୍ ମଧ୍ୟ ବୋଧହୁଏ ବଦଳାଇପାରିବେ ନାହିଁ। ସେ ଦୁଇଟି ହେଉଛି କ୍ରିକେଟ୍‌ର ଆକର୍ଷଣ ଏବଂ ଘରୁ ଓହ୍ଲାଇଲେ ଗାଡ଼ିର ଆବଶ୍ୟକତା। ବିଡ଼ମ୍ବନା ହେଲା ସରକାରଙ୍କ ରାଜକୋଷ ପୂର୍ତ୍ତି ଲକ୍ଷ୍ୟ ହିଁ ଏହି ଦୁଇ ବଦଭ୍ୟାସକୁ ଜନ୍ମ ଦେଇଛି। କ୍ରିକେଟ୍‌ର ବିଜ୍ଞାପନ ଓ ପ୍ରଯୋଜନାରୁ ବିପୁଳ ଆୟ ଏବଂ ପେଟ୍ରୋଲ୍/ ଡିଜେଲ୍ ଉପରେ ସଂଗୃହୀତ 'ଭାଟ'ରୁ ରାଜକୋଷ ପୁଷ୍କଳ ହେଉଛି। ତେଣୁ ଲୋକେ ଯେତେ ଅଧିକ କ୍ରିକେଟ୍ ଦେଖିବେ ଏବଂ ଯେତେ ଅଧିକ ଗାଡ଼ି ଚଳାଇବେ ଦେଶର ଓ ରାଜ୍ୟମାନଙ୍କର ରାଜକୋଷ ସେତେ ସମୃଦ୍ଧ ହେବ। ପ୍ରଧାନମନ୍ତ୍ରୀଙ୍କ କହିବା ପ୍ରକାରେ ଯଦି ମିତବ୍ୟୟିତା ଅବଲମ୍ବନ କରାଯାଏ ତେବେ ପ୍ରଥମେ ରାଜକୋଷର ଆୟ ପ୍ରଭାବିତ ହେବ। ରାଜକୋଷୀୟ କ୍ଷତିଭରଣା ପାଇଁ ଅନ୍ୟବାଟେ ଅଧିକ ଟିକସ ସଂଗ୍ରହର ବାଟ ତିଆରି ହେବ, ଯାହାଦ୍ୱାରା ମୁଦ୍ରାସ୍ଫୀତି ପୁଣି ଅଣାୟତ୍ତ ହୋଇ ଅଭିବୃଦ୍ଧି ବ୍ୟାହତ ହେବ।

ହୁଏତ ଦେଶ ପୁଣି ଥରେ ସ୍ୱାଧୀନତା ସମୟକୁ ଫେରିଯିବ ଯେଉଁଠି ଜୀବନ ଜିଇଁବାର ମନ୍ତ୍ର ଥିଲା 'କାଟି ପିନ୍ଧ, କୁଟି ଖାଅ'। ଏବେ ଅନେକ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ପ୍ୟାକେଟ୍ ଛୋଟ ହେବା ବା ଦାମ ସମାନ ଥାଇ କମ୍ ଓଜନର ପ୍ୟାକେଟ୍ ବଜାରକୁ ଆସିବାର ବ୍ୟବସାୟିକ ସଂସ୍କୃତି ଆରମ୍ଭ ହୋଇସାରିଲାଣି। ନିଯୁକ୍ତି ସୁଯୋଗ ସଂକୁଚିତ ହେବା ସହିତ ଦରଦାମକୁ ଚାହିଁ ରୋଜଗାର ବା ଆୟ ବଢୁନାହିଁ। ଅଧିକନ୍ତୁ ଛଟେଇ ବଢୁଛି। ଏବେ ଆଉ କୁଟି ଖାଇବା ମାନସିକତାରେ ମଧ୍ୟ ଲୋକେ ନାହାନ୍ତି। ତେଣୁ କେବଳ କାଟି ଖାଇବା(ଜୀବନଚର୍ଯ୍ୟାକୁ କାଣ୍ଟଛାଣ୍ଟ) କରିବା ବ୍ୟତୀତ ବିକଳ୍ପ ନାହିଁ।

## ପ୍ରଶ୍ନପତ୍ର ପ୍ରଘଟ ଏକ ପ୍ରତାରଣା

ବୃହସ୍ପତି ସାମଲ

ଡାକ୍ତରଟିଏ ହେବାର ରଙ୍ଗୀନ୍ ସ୍ୱପ୍ନ ଦେଖି ବର୍ଷ ବର୍ଷ ଧରି ଜାତୀୟ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା (ନିଟ୍-ୟୁଜି) ପାଇଁ ଅକ୍ଳାନ୍ତ ପରିଶ୍ରମ କରି ଆସୁଥିବା ଲକ୍ଷ ଲକ୍ଷ ଯୁବକଯୁବତୀଙ୍କ ମଧ୍ୟରୁ ଅନ୍ୟୂନ ୨୨ ଲକ୍ଷ ବିଦ୍ୟାର୍ଥୀ ୩ମେ'୨୦୨୬ରେ ଦେଶ ଓ ବିଦେଶର ୫୫୧ଟି ସହରର ୫୪୦୦ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। କିନ୍ତୁ ପରୀକ୍ଷା ସରିବା ପରେ ଯେଉଁ ଖବର ସାମ୍ନାକୁ ଆସିଲା, ତାହା ସାରା ଦେଶର ବିବେକକୁ ଚମକାଇ ଦେଲା ଭଳି କଥା। ପରୀକ୍ଷା ପୂର୍ବଦିନ 'ଗେସ୍ ପେପର' ନାମରେ ପ୍ରଶ୍ନପତ୍ର ୧୦ ଲକ୍ଷରୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥିବା କୁହାଯାଉଛି। ରାଜସ୍ଥାନ ସ୍ପେସିଆଲ ଅପରେସନ୍ ଗ୍ରୁପ୍ ଓ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତରେ ୧୩୫ରୁ ଅଧିକ ପ୍ରଶ୍ନ ପ୍ରକୃତ ପରୀକ୍ଷା ସହ ମେଳ ଥିବା ତଥ୍ୟ ମିଳିଛି। ଏହାପରେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଉକ୍ତ ପରୀକ୍ଷା ବାତିଲ୍ କରିଛି। ରାଜସ୍ଥାନ, ବିହାର, ହରିୟାଣା, ମହାରାଷ୍ଟ୍ର, କେରଳ ଓ ଉତ୍ତରାଖଣ୍ଡ ପର୍ଯ୍ୟନ୍ତ ଏହି ଜାଲ ବିସ୍ତାରିତ ଥିବା ଅଭିଯୋଗ ଦେଶକୁ ଲଜ୍ଜିତ କରିଛି। ଏହା କେବଳ ଏକ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ନୁହେଁ; ଏହା ଦେଶର ଯୁବପିଢ଼ିର ସ୍ୱପ୍ନ, ମେଧା, ସାମାଜିକ ନ୍ୟାୟ ଓ ସାମ୍ବିଧାନିକ ସମାନତାର ସୁଯୋଗ ଉପରେ ଏକ ଯୋଜନାବଦ୍ଧ ଆକ୍ରମଣ, ବିଦ୍ୟାର୍ଥୀମାନଙ୍କ ଭବିଷ୍ୟତ ସହ କଠୋର ବିଶ୍ୱାସଘାତକତା ଏବଂ ନିଜ ପିଲାମାନଙ୍କ ସୁନେଲି ଭବିଷ୍ୟତ ପାଇଁ ଜୀବନର ସବୁକିଛି ବାଜି ଲଗେଇଥିବା ଅଭିଭାବକମାନଙ୍କ ପ୍ରତି ଘୋର ପ୍ରତାରଣା।

୨୦୧୫ ମସିହାରେ ଅଲ୍ ଇଣ୍ଡିଆ ପ୍ରି-ମେଡିକାଲ ଟେଷ୍ଟ ପେପର ଲିକ୍ ଘଟଣା ଦେଶକୁ ଆଚମ୍ବିତ କରିଥିଲା। ଟେଲିଫୋନ୍, ବ୍ଲୁଟୁଥ ଓ ଇଲେକ୍ଟ୍ରୋନିକ ଉପକରଣ ମାଧ୍ୟମରେ ଉତ୍ତର ପଠାଯାଉଥିବା ତଥ୍ୟ ସାମ୍ନାକୁ ଆସିଥିଲା। ସୁପ୍ରିମକୋର୍ଟ ପରୀକ୍ଷା ବାତିଲ କରି ପୁନଃ ପରୀକ୍ଷାର ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଭବିଷ୍ୟତରେ ଶକ୍ତ ପ୍ରଯୁକ୍ତି ନିର୍ଭରଶୀଳ ସୁରକ୍ଷିତ ପରୀକ୍ଷା ପ୍ରଣାଳୀ ଆପଣେଇବାକୁ କେନ୍ଦ୍ର ସରକାର ଓ ଏନଟିଏ ଆଶ୍ୱାସନା ଦେଇଥିଲେ। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା ହେଲା। ସମୟକ୍ରମେ ପରୀକ୍ଷା ମାଫିଆମାନେ ଶକ୍ତିଶାଳୀ ହେଉଛନ୍ତି ଏବଂ ଯୁବପିଢ଼ି ଅଧିକ ଅସୁରକ୍ଷିତ ହେଉଛନ୍ତି। ଗତ ଦଶବର୍ଷ ମଧ୍ୟରେ ପାଖାପାଖି ୮୯ଟି ପେପର ଲିକ୍ ହୋଇଛି। ୨୦୨୪ ମସିହାରେ ନିଟ୍-ୟୁଜି ପରୀକ୍ଷାରେ ୨୩.୩୩ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ୪, ୭୫୦ରୁ ଅଧିକ କେନ୍ଦ୍ରରେ ହୋଇଥିବା ଏହି ପରୀକ୍ଷା ପରେ ପେପର ଲିକ୍, ଗ୍ରେସ ମାର୍କ ଓ ୬୭ ଜଣ ପୂର୍ଣ୍ଣାଙ୍କ ପାଇବା ଦେଶବ୍ୟାପୀ ଆନ୍ଦୋଳନର କାରଣ ହୋଇଥିଲା। ସିବିଆଇ ତଦନ୍ତରେ ୧୪୪ ଜଣ ପରୀକ୍ଷାର୍ଥୀ ଲିକ୍ ହୋଇଥିବା ପ୍ରଶ୍ନପତ୍ର ପାଇଁ ଟଙ୍କା ଦେଇଥିବା ତଥ୍ୟ ସାମ୍ନାକୁ ଆସିଥିଲା। ହଜାରିବାଗ ଓ ପାଟନାରୁ ପ୍ରଶ୍ନପତ୍ର ଚୋରି ହୋଇଥିବା ଓ ସଲ୍ଭର ଗ୍ୟାଙ୍ଗ ମାଧ୍ୟମରେ ଉତ୍ତର ଯୋଗାଯାଇଥିବା ତଥ୍ୟ ମିଳିଥିଲା।

ଏହି ପେପର ଲିକ୍ ଘଟଣା କେବଳ ପରୀକ୍ଷା ବ୍ୟବସ୍ଥାର ଦୁର୍ବଳତା ନୁହେଁ; ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଜୀବନ ଓ ସ୍ୱପ୍ନ ସହ ହେଉଥିବା ଏକ ଅମାନବୀୟ ଖେଳ। ପ୍ରତିବର୍ଷ ଅନେକ ଛାତ୍ରଛାତ୍ରୀ ୨ରୁ ୫ ବର୍ଷ ପର୍ଯ୍ୟନ୍ତ କୋଚିଂ ନେଇ ପ୍ରସ୍ତୁତି କରନ୍ତି। ଅନେକ ପରିବାର ଜମି ବିକ୍ରି କରି, ଋଣ ନେଇ, ସଞ୍ଚୟ ଖର୍ଚ୍ଚ କରି ଛାତ୍ରଙ୍କୁ କୋଚିଂ ଓ ପଢ଼ାର ଖର୍ଚ୍ଚ ଦେଇଥା'ନ୍ତି। କୋଟା, ଦିଲ୍ଲୀ, ପାଟନା, ହାଇଦ୍ରାବାଦ ଭଳି ସହରଗୁଡ଼ିକରେ କୋଚିଂ ଖର୍ଚ୍ଚ ପ୍ରତିବର୍ଷ ୨ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପହଞ୍ଚୁଛି। ପରୀକ୍ଷା ଲିକ୍ ହେବା ପରେ ଛାତ୍ରଛାତ୍ରୀମାନେ ନିରାଶା, ଅବସାଦ, ମାନସିକ ଚାପ ଓ ଆତ୍ମହତ୍ୟା ପର୍ଯ୍ୟନ୍ତ ଚିନ୍ତା କରୁଛନ୍ତି। ସୋସିଆଲ ମିଡିଆରେ 'ରି-ନିଟ୍', 'ଜଷ୍ଟିସ ଫର୍ ଷ୍ଟୁଡେଣ୍ଟ୍ସ' ଭଳି ଅଭିଯାନ ଦେଶକୁ ଉତ୍ତେଜିତ କରୁଛି। ଏପରି ଘଟଣାରେ ସରକାରୀ ଖର୍ଚ୍ଚ ମଧ୍ୟ ଭୟଙ୍କର ଭାବେ ବୃଦ୍ଧି ପାଉଛି। ଦେଶବ୍ୟାପୀ ପରୀକ୍ଷା ଆୟୋଜନ, ସୁରକ୍ଷା, କେନ୍ଦ୍ର ପରିଚାଳନା, ପ୍ରଶ୍ନପତ୍ର ଛପା, ପରିବହନ, ନିରୀକ୍ଷଣ ଏବଂ ସିସିଟିଭି ତଥା ବାଇଓମେଟ୍ରିକ ବ୍ୟବସ୍ଥା ଭଳି ଡିଜିଟାଲ ସୁରକ୍ଷା ପାଇଁ ଶତାଧିକ କୋଟି ଟଙ୍କା ଖର୍ଚ୍ଚ ହେଉଛି। ପୁନଃ ପରୀକ୍ଷା କିମ୍ବା ତଦନ୍ତ ହେଲେ ଏହି ଖର୍ଚ୍ଚ ଆହୁରି ବଢ଼ିଯାଏ। ସିବିଆଇ, ରାଜ୍ୟ ପୁଲିସ, ଏସ୍‌ଆଇଟି, ଫରେନସିକ ଟିମ୍, ଆଇନ୍ ପ୍ରକ୍ରିୟା, ସୁପ୍ରିମକୋର୍ଟ ଶୁଣାଣି ସବୁ ମିଶି ଦେଶର ଅର୍ଥନୀତି ଉପରେ ଅହେତୁକ ଚାପ ସୃଷ୍ଟି କରୁଛି।

ଏହି ସଙ୍କଟ କେବଳ ନିଟ୍ ମଧ୍ୟରେ ସୀମିତ ନୁହେଁ। ୨୦୧୮ ମସିହାରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସଇ)ର ଦଶମ ଗଣିତ ଓ ଦ୍ୱାଦଶ ଅର୍ଥନୀତି ପ୍ରଶ୍ନପତ୍ର ହ୍ୱାଟସ୍‌ଆପ୍‌ରେ ଭାଇରାଲ ହୋଇଥିଲା। ସେହି ସମୟରେ ପ୍ରାୟ ୨୮ ଲକ୍ଷ ଛାତ୍ରଛାତ୍ରୀ ଭୟ, ଅନିଶ୍ଚିତତା ଓ ମାନସିକ ଚାପରେ ରହିଥିଲେ। ଦେଶବ୍ୟାପୀ ପ୍ରତିବାଦ ପରେ ପୁନଃ ପରୀକ୍ଷା ନେଇ ଚର୍ଚ୍ଚା ହୋଇଥିଲା। ଅନେକ ଛାତ୍ର କହିଥିଲେ ଯେ ଥରେ ପରୀକ୍ଷା ଦେଇସାରିବା ପରେ ପୁଣି ସେହି ମାନସିକ ଚାପ ସହିବା ସେମାନଙ୍କ ପାଇଁ ଅସମ୍ଭବ ହୋଇପଡ଼ିଥିଲା। 'ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍' ପରୀକ୍ଷା ପରିଷଦ ପରିଚାଳିତ ଆଇସିଏସ୍‌ଇ ଓ ଆଇଏସ୍‌ସି ପରୀକ୍ଷା ସମୟରେ ମଧ୍ୟ ବିଭିନ୍ନ ବର୍ଷରେ ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହେବା ଅଭିଯୋଗ ଆସିଛି। ଯଦିଓ ପରିଷଦ ସେଗୁଡ଼ିକୁ ଅମୂଳକ ବୋଲି କହିଥିଲା, ତଥାପି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନିଶ୍ଚିତତା ଓ ମାନସିକ ଚାପ ବଢ଼ିଥିଲା।

ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ମଧ୍ୟ ପ୍ରଶ୍ନପତ୍ର ଭାଇରାଲ ଓ ସମୂହ ନକଲ ଅଭିଯୋଗରୁ ମୁକ୍ତ ନୁହେଁ। ମାଟ୍ରିକ୍ ପରୀକ୍ଷା ସମୟରେ ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ପ୍ରଶ୍ନପତ୍ର ଘୂରିବା, କେତେକ କେନ୍ଦ୍ରରେ ସମୂହ ନକଲ ଓ ପୁନଃ ପରୀକ୍ଷା ଘଟଣା ରାଜ୍ୟର ଶିକ୍ଷା ପ୍ରଣାଳୀ ଉପରେ ଗଭୀର ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ଏହାଠାରୁ ଅଧିକ ଭୟଙ୍କର ହେଉଛି ନିଯୁକ୍ତି ପରୀକ୍ଷାର ଅବସ୍ଥା। ରେଳବାଇ ନିଯୁକ୍ତି ବୋର୍ଡ, କର୍ମଚାରୀ ଚୟନ ଆୟୋଗ, ବିହାର ଲୋକସେବା ଆୟୋଗ, ଉତ୍ତରାଖଣ୍ଡ ସବଅର୍ଡିନେଟ ସର୍ଭିସ ସିଲେକ୍ସନ କମିଶନ୍, ଓଡ଼ିଶା ପୁଲିସ ସବ୍-ଇନ୍ସପେକ୍ଟର ପରୀକ୍ଷା ଓ ହରିୟାଣା ଲୋକସେବା ଆୟୋଗ ଭଳି ବିଭିନ୍ନ ପରୀକ୍ଷା ପେପର ଲିକ୍‌ର ଶିକାର ହୋଇଛି। ଅନେକ ଯୁବକ ୫ରୁ ୬ ବର୍ଷ ଧରି ପ୍ରସ୍ତୁତି କରିଥିଲେ। କିନ୍ତୁ ପେପର ଲିକ୍ ହେତୁ ପରୀକ୍ଷା ବାତିଲ ହୋଇଗଲା ଓ କେତେକଙ୍କର ବୟସ ସୀମା ମଧ୍ୟ ସମାପ୍ତ ହୋଇଗଲା।

ଏହି ସମସ୍ତ ଘଟଣା ପରେ ସରକାର ପବ୍ଲିକ ଏକ୍‌ଜାମିନେସନ୍‌ସ (ପ୍ରିଭେନ୍ସନ୍ ଅଫ୍ ଅନଫେୟାର ମିନ୍ସ) ଆକ୍ଟ, ୨୦୨୪ ଲାଗୁ କରିଛନ୍ତି। ଏହି ଆଇନ ଅନୁସାରେ ପେପର ଲିକ୍, ନକଲ, ଡିଜିଟାଲ ହ୍ୟାକିଂ ଓ ସଂଗଠିତ ଅପରାଧ ପାଇଁ ୩ରୁ ୧୦ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଓ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ବ୍ୟବସ୍ଥା ରହିଛି। ଇନଫର୍ମେସନ୍ ଟେକ୍ନୋଲୋଜି ଆକ୍ଟ, ପ୍ରିଭେନ୍ସନ୍ ଅଫ୍ କରପ୍ସନ୍ ଆକ୍ଟ ଓ ଭାରତୀୟ ନ୍ୟାୟ ସଂହିତା ଅନୁସାରେ ମଧ୍ୟ କଠୋର ଶାସ୍ତିର ବ୍ୟବସ୍ଥା ଅଛି। ତଥାପି ପ୍ରଶ୍ନ ଉଠେ, ଏତେ ଆଇନ ବ୍ୟବସ୍ଥା ଥିଲେ ମଧ୍ୟ ପେପର ଲିକ୍ କାହିଁକି ରୋକାଯାଇ ପାରୁନାହିଁ? ବିଭିନ୍ନ ତଦନ୍ତ ରିପୋର୍ଟ ଅନୁଯାୟୀ କୋଚିଂ ମାଫିଆଙ୍କ ପ୍ରଭାବ, ରାଜନୈତିକ ସୁରକ୍ଷା, ଡିଜିଟାଲ ସୁରକ୍ଷାର ଦୁର୍ବଳତା ଓ ଅଧିକାରୀମାନଙ୍କର ଦୁର୍ନୀତି ପ୍ରବଣତା ଏହାର ମୂଳ କାରଣ। ଏହି ପରିସ୍ଥିତିରେ କେବଳ ଛୋଟ କର୍ମଚାରୀଙ୍କୁ ଗିରଫ କରି ଦାୟିତ୍ୱ ଶେଷ କରି ହେବ ନାହିଁ। ଯେଉଁ ଅଧିକାରୀ ଓ ସଂସ୍ଥା ପରୀକ୍ଷା ସୁରକ୍ଷା ପାଇଁ ଦାୟୀ, ସେମାନଙ୍କ ବିରୋଧରେ କଠୋର ବିଭାଗୀୟ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ପୁନଃ ପରୀକ୍ଷା ଓ ତଦନ୍ତରେ ହେଉଥିବା ସମସ୍ତ ଖର୍ଚ୍ଚ ଦୋଷୀଙ୍କ ସମ୍ପତ୍ତି ଜବତ କରି ଆଦାୟ କରାଯିବା ବିଧେୟ। ଜନତାଙ୍କ ଟିକସ ଟଙ୍କାରେ ଦୁର୍ନୀତିର ଭାର ବୋହିବା ଏକ ଜାତୀୟ ଅପରାଧ କହିଲେ ଅତ୍ୟୁକ୍ତି ହେବନାହିଁ।

ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର, ଏନଟିଏ, ରାଜ୍ୟ ସରକାର, ନ୍ୟାୟପାଳିକା ଓ ପ୍ରଶାସନ କଠୋରରୁ କଠୋରତମ ନୀତି ଆପଣାଇବାର ଆବଶ୍ୟକତା ଦେଖାଦେଇଛି। ଅଧିକନ୍ତୁ, ଶିକ୍ଷାବିତ୍, ଅଭିଭାବକ, ଛାତ୍ର ସଂଗଠନ ଓ ସିଭିଲ ସୋସାଇଟି ତଥା ସମସ୍ତ ଗଣତାନ୍ତ୍ରିକ ଶକ୍ତି ସଂଘବଦ୍ଧ ହୋଇ ପରୀକ୍ଷା ପ୍ରଣାଳୀକୁ ମାଫିଆମୁକ୍ତ କରିବା ପାଇଁ ଏକ ଦୁର୍ବାର ଆନ୍ଦୋଳନ ଗଢ଼ିବାକୁ ପଡ଼ିବ। ଶିକ୍ଷାକୁ ବଜାର ଓ ଦୁର୍ନୀତିର ହାତରୁ ବଞ୍ଚାଇବାକୁ ପଡ଼ିବ। ନଚେତ୍ ଆସନ୍ତାକାଲି ଦେଶର ପ୍ରତ୍ୟେକ ପରୀକ୍ଷା, ପ୍ରତ୍ୟେକ ନିଯୁକ୍ତି ଓ ଯୁବପିଢ଼ିଙ୍କ ପ୍ରତ୍ୟେକଟି ସ୍ୱପ୍ନ ମାଫିଆଙ୍କ ହାତରେ ବନ୍ଦୀ ହୋଇଯିବ।

ପଦ୍ମପୁର(କେନ୍ଦୁଝର), ମୋ: ୯୪୩୭୦୨୨୬୬୯

## ପରିପକ୍ୱ ବୟସରେ ଅପରିପକ୍ୱ ଭାବନା

ଅର୍ଜ୍ଜୁନ ଘଡ଼େଇ

ବୟସର ଅପରାହ୍ଣରେ ଜ୍ଞାନ, ଗରିମା, ଅଭିଜ୍ଞତା, ଆଚରଣ ଓ ଉଚ୍ଚାରଣ ଆଦିରେ ପରିପକ୍ୱତାର ପରିପ୍ରକାଶ ଘଟିଥାଏ। ଶାରୀରିକ ବିକାଶ ସହ ମାନସିକ ବା ଆତ୍ମିକ ଚେତନାରେ ପରିପକ୍ୱତା ଘଟିବା ଏକ ସ୍ୱାଭାବିକ୍ ପ୍ରକ୍ରିୟା। ଆମେ ସେତେବେଳେ ସେମାନଙ୍କୁ ବୟସ୍କ ନାଗରିକ ଭାବେ ବିବେଚନା କରୁ ଯେତେବେଳେ ସେମାନଙ୍କର ଶରୀରର ବିଭିନ୍ନ ଅଂଶରେ ରୂପ, ରଂଗ ସହିତ ଆଚରଣ ଓ ଉଚ୍ଚାରଣରେ ମଧ୍ୟ ପରିବର୍ତ୍ତନର ଆଭାସ ମିଳେ। ପାରିବାରିକ କିମ୍ବା ସାମାଜିକ ସମ୍ମାନ ପାଇବାରେ ହକ୍‌ଦାର ଏହି ବୟସ୍କମାନେ ସେମାନଙ୍କର ବିଚାର-ବିବେଚନା, ସ୍ଥିର ନିଷ୍ପତ୍ତି, ଉପଯୁକ୍ତ ପରାମର୍ଶ ଆଦି ଦେବା ପାଇଁ ଯଥେଷ୍ଟ ଯୋଗ୍ୟତା ଅର୍ଜନ କରିସାରିଥା'ନ୍ତି। କିନ୍ତୁ ସମୟ ସମୟରେ ସେମାନଙ୍କର ଆଚରଣ ଓ ଉଚ୍ଚାରଣ ଏପରି ହୋଇଥାଏ ଯେ, ସେମାନଙ୍କୁ ଅନେକ ଅନାଦର କରିବା ପରି ଭାବ ପ୍ରକଟ କରିଥା'ନ୍ତି, ଯାହା ଉଭୟ ଦୃଷ୍ଟିରୁ ସମୀଚୀନ ହୋଇନଥାଏ। ନା ବୟସ୍କ ବ୍ୟକ୍ତିଟି ଉପଯୁକ୍ତ ସମ୍ମାନ ବା ମର୍ଯ୍ୟାଦା ପାଇଥାଏ, ନା ଅସମ୍ମାନ କରିଥିବା ବ୍ୟକ୍ତିଟି ସାମାଜିକ ବ୍ୟବସ୍ଥାକୁ ସମ୍ମାନ ଦେଇଥାଏ। ମୋ ମତରେ ଏପରି ଭାବନା ସୃଷ୍ଟି ହୁଏ ବୟସ୍କମାନଙ୍କର ଅହଂକାର ବା ଜିଦ୍‌ଖୋର ମନୋବୃତ୍ତିରୁ, ଯାହା ସାମାଜିକ ବ୍ୟବସ୍ଥା ମଧ୍ୟରେ ଅନୁଚିତ ମନେହୁଏ।

ବୟସ୍କଙ୍କୁ ସମ୍ମାନ ଦେବା ନୀତିଯୁକ୍ତ ଓ ଯୁକ୍ତିଯୁକ୍ତ



ହେଲେ ମଧ୍ୟ ଅନ୍ୟମାନଙ୍କର ମତ ବା ମାନସିକତାକୁ ଅଣଦେଖା ବା ଅବହେଳା କରିବା ସ୍ପୃହଣୀୟ ନୁହେଁ ଜଣେ ବୟସ୍କଙ୍କ ପକ୍ଷରେ। ଯେଉଁଥିପାଇଁ ଅନେକ ସମୟରେ ପରିବାର କିମ୍ବା ସମାଜରେ ଅନେକ ବୟସ୍କ ବ୍ୟକ୍ତିଙ୍କୁ ଅଶାନ୍ତ ମାନସିକତାର କୁପରିଣତି ସ୍ୱରୂପ ମାନସିକ ନିର୍ଯାତନା କିମ୍ବା ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼େ। ତେଣୁ ଅହଂକାର ବା ଜିଦ୍‌ଖୋର ମନୋବୃତ୍ତିକୁ ପରିପକ୍ୱ ବୟସର ଅପରିପକ୍ୱ ଭାବନା ଭାବେ ଗ୍ରହଣ କରିବା ସମୀଚୀନ। ବୟସ୍କମାନଙ୍କ ଅହଂକାର ଭାବନାରୁ ଜିଦ୍‌ଖୋର ମନୋବୃତ୍ତିର ପରିପ୍ରକାଶ ଘଟେ। ଏହି ପ୍ରବୃତ୍ତି ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଠାରେ ଦେଖାଗଲେ ମଧ୍ୟ ସ୍ଥାନ ଓ ସମୟ ଦୃଷ୍ଟିରୁ ପାର୍ଥକ୍ୟ ପରିଦୃଷ୍ଟ ହୁଏ। କିନ୍ତୁ ଜଣେ ବୟସ୍କ, ଯିଏ ନିଜକୁ ଅଭିଜ୍ଞ ଅନୁଭୂତି ସଂପନ୍ନ କରିସାରିଛନ୍ତି, ବୟସର ଅପରାହ୍ଣରେ ଜିଦ୍‌ଖୋର ମନୋବୃତ୍ତି ପରିପ୍ରକାଶ କରିବାର ଆବଶ୍ୟକତା ନଥାଏ। ଯାହା ପରିବାର ବା ସମାଜ ପାଇଁ ମଂଗଳକାରୀ, ଗ୍ରହଣୀୟ ହେବ ତା'କୁ ଗ୍ରହଣ କରି ନେଲେ ଅସୁବିଧା ସୃଷ୍ଟି ହେବ ନାହିଁ।

ବେଳେବେଳେ ବୟସ୍କଙ୍କ ମନରେ ଏପରି ଭାବନା ସୃଷ୍ଟି ହୁଏ ଯେ, ଜୀବନ ଭିତରେ ଯେଉଁମାନଙ୍କୁ ଜନ୍ମ ଠାରୁ ନିଜ ଗୋଡ଼ରେ ଛିଡ଼ା କରାଇବା ପର୍ଯ୍ୟନ୍ତ ନିଜର ସମସ୍ତ ଶକ୍ତି, ସାମର୍ଥ୍ୟ ବିନିଯୋଗ କରିଛନ୍ତି ସେମାନେ ତାଙ୍କୁ ଉପଯୁକ୍ତ ସମ୍ମାନ ନ ଦେବେ କାହିଁକି? କାହିଁକି ସେମାନେ ତାଙ୍କ ନିଷ୍ପତ୍ତି, ପରାମର୍ଶ ଆଦିକୁ ଅଣଦେଖା, ବେଖାତିର କରିବେ? ଏପରି ଭାବନା ସେମାନଙ୍କ ମନରେ ସୃଷ୍ଟି ହେଲେ ତାହା ତାଙ୍କ ନିଜ ମାନସିକତାକୁ କ୍ଷତାକ୍ତ କରିପାରେ। ସମୟ-ସମୟରେ ଆତ୍ମୀୟ କିମ୍ବା ରକ୍ତସଂପର୍କୀୟମାନଙ୍କଠାରୁ ଅପ୍ରୀତିକର ଉତ୍ତର ମିଳିବ। ତୁମେ ତୁମର କର୍ତ୍ତବ୍ୟ ସଂପାଦନ କରି ମହତାକାଂକ୍ଷା, ସ୍ୱାର୍ଥ ସାଧନ କରିଥିବା ଦୃଷ୍ଟିରୁ ସେଇ ଦାନର ପ୍ରତିଦାନ ପାଇବାକୁ ଆଶା କରିବା ବା ପାଇବାକୁ ଜିଦ୍ ଧରିବା ନିଶ୍ଚୟ ଅଯୁକ୍ତିକର ବା ଅଗ୍ରହଣୀୟ ଆଜିର ସମୟରେ।

ପରିବର୍ତ୍ତିତ ସମୟ ଓ ସାମାଜିକ ଅବସ୍ଥାକୁ ଲକ୍ଷ୍ୟ କରି ନିଜକୁ ବା ନିଜର ଜିଦ୍‌ଖୋର ମନୋବୃତ୍ତିକୁ ଅନ୍ୟମାନଙ୍କ ଉପରେ ଲଦିଦେଲେ ତା'ର ପରିଣତି ନିଶ୍ଚୟ ଭୋଗ କରିବାକୁ ହେବ। ବୟସ୍କମାନେ ଏହା ବିଚାର କରିବା ଉଚିତ୍। କିଛି ପାଇବାର ଆଶା, ଆମକୁ ନିରାଶାର ଦୁଃଖଦ ଅର୍ଗଳିକୁ ନିକ୍ଷେପ କରି ଯନ୍ତ୍ରଣା ଦେବ। ଆମ ପରିପକ୍ୱ ବୟସରେ ଅପରିପକ୍ୱ ଭାବନା ଯୋଗୁଁ ମାନସିକ ଆଘାତପ୍ରାପ୍ତ ହେଲେ କେହି ଆମକୁ 'ଆହା' କରିବେ ଏହା ସୁନିଶ୍ଚିତ ନୁହେଁ। ଅନ୍ୟକୁ ସେବା ଯୋଗାଇ ଦେବାର ଅର୍ଥ ଏଇଆ ନୁହେଁ ଯେ, ଆମେ ସେମାନଙ୍କଠାରୁ ସେବା ପାଇବା ପାଇଁ ଦାବି କରିବା ଯଥାର୍ଥ ବା ବାଧ୍ୟତାମୂଳକ।

ଏ ସବୁ ଏକ ନିର୍ଦ୍ଦିଷ୍ଟ ସମୟର ଭାବନା ଓ ପ୍ରଭାବ। ଆମେ ବୟସ୍କମାନେ ଦୀର୍ଘଦିନର ସଂଚିତ ଜ୍ଞାନ, ଗରିମା, ଯଶ, ସମ୍ମାନ, କୃତୀକୁ ନେଇ କେବଳ ଆତ୍ମସନ୍ତୋଷ ଲାଭ କରିବା ଉଚିତ୍। ଆମ ଅନୁଭୂତି, ଅନୁଭବ, ଅଭିଜ୍ଞତା ଦ୍ୱାରା କାହାକୁ ପ୍ରଭାବିତ କରିବାର ମାନସିକତା ପରିହାର କରିବା ଆମର ବିଚାରବୋଧ ହେବା ବିଧେୟ। ପରିପକ୍ୱ ବୟସରେ ଅପରିପକ୍ୱ ଭାବନାରେ ଆକ୍ରାନ୍ତ ହେଲେ ଅଯଥା ଆକ୍ରମଣର ଶରବ୍ୟ ହେବା। ଏକଥା ବିଚାର କଲେ ଅବଶିଷ୍ଟ ଜୀବନ ଶାନ୍ତିରେ କଟିଯିବ। 'ଆଲୋ ସଖି ଆପଣା ମହତ ଆପେ ରଖି' ନ୍ୟାୟରେ ସଂଯତ ଓ ସାବଧାନ ହୋଇ ପରିବାର ବା ସମାଜ ଭିତରେ ଶାନ୍ତିରେ ବଞ୍ଚିବାର କଳାକୌଶଳ ବୟସ୍କମାନେ ଶିଖିବାର ଆବଶ୍ୟକତା ରହିଛି ଆଜିର ସମୟରେ।

(ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ)
ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୯୪୩୮୦୪୮୬୧୫)

## ଆମ ବୃକ୍ଷଲତା ଆମ ଜୀବନ

### ଚିତାପାରୁ

White Leadwort, Ceylon leadwort or Plumbago - Plumbago zeylanica

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଚିତାପାରୁର ମୂଳଜାତ ପରିସର ହେଉଛି ଭାରତ ଓ ଅଷ୍ଟ୍ରେଲିଆ ସମେତ ବିଶ୍ୱର ସମସ୍ତ ଉଷ୍ଣମଣ୍ଡଳୀୟ ଓ ଉପ-ଉଷ୍ଣମଣ୍ଡଳୀୟ ଜଳବାୟୁ ଅଞ୍ଚଳ। ଏହା ଦକ୍ଷିଣ ଭାରତ, ଓଡ଼ିଶା, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଅନ୍ୟ କିଛିରାଜ୍ୟର ଜଙ୍ଗଲମାନଙ୍କରେ ପ୍ରାକୃତିକ ଭାବରେ ବଢ଼ିଥାଏ। ଏହା ଉଦ୍ୟାନମାନଙ୍କରେ ମଧ୍ୟ ଚାଷ କରାଯାଏ।

ଚିତାପାରୁ ବା ଶ୍ୱେତ ଚିତାପାରୁ ଏକ ବହୁବର୍ଷୀୟ ଗୁଳ୍ମ, ଯାହାର ଉଚ୍ଚତା ପ୍ରାୟ ୧ ରୁ ୨ ମିଟର। ଏହାର କାଣ୍ଡ କଠିନ, ଚମକଦାର, ଅନେକ ଶାଖାଯୁକ୍ତ, ସିଧାସଳଖ ବଢ଼େ କିମ୍ବା ଅନ୍ୟ ଉଦ୍ଭିଦର ଆଶ୍ରୟ ନିଏ କିମ୍ବା ତଳେ ମାଳିଯାଏ। ତାଜା କାଣ୍ଡ ହାଲୁକା ହଳଦିଆ ରଙ୍ଗର। ଶୁଖିଗଲେ ଲାଲ-ବାଦାମୀ ସହିତ ଏକ ତୀବ୍ର ଗନ୍ଧ ସୃଷ୍ଟି କରେ। ଏହାର ପତ୍ର ସରଳ, ଡେମ୍ଫବିହୀନ, ବିପରୀତ, ଅଣ୍ଡାକାର, ମସୃଣ, ଘନ, ମାଂସଳ, ଲୋମଯୁକ୍ତ ଧାର ଓ ଚକଚକିଆ। ଫୁଲଗୁଡ଼ିକ ଦ୍ୱିଲିଙ୍ଗୀ, ଧଳା। କ୍ୟାପସୁଲ ବା ଫଳଗୁଡ଼ିକ ସବୁଜ ରଙ୍ଗର। ପ୍ରାଥମିକ ସମୟରେ ଚିକ୍କଣିଆ କେଶ ସହିତ ଏବଂ ପରିପକ୍ୱ ହେଲେ ଗାଢ଼ ମାଟିଆ ହୋଇଯାଏ। ଫଳଗୁଡ଼ିକର ବହିରାବରଣ ନରମ ଅଠାଳିଆ, ଯେକୌଣସି ଉଦ୍ଭିଦ, କୀଟ ବା ବସ୍ତୁ ସଂସ୍ପର୍ଶରେ ଆସିଲେ ଲାଗି ରହେ। ଫଳଗୁଡ଼ିକରେ ଲାଲ ମାଟିଆରୁ ଗାଢ଼ ମାଟିଆ ରଙ୍ଗର ଗୋଟିଏ ଲମ୍ବା ବିହନ ଥାଏ। ସେପ୍ଟେମ୍ବରରୁ ନଭେମ୍ବର ପର୍ଯ୍ୟନ୍ତ ଫୁଲ ଫୁଟେ, ଫଳ ଜାନୁଆରୀରୁ ଫେବୃଆରୀ ପର୍ଯ୍ୟନ୍ତ ହୋଇଥାଏ।

ପାରମ୍ପରିକ ଭାବରେ ଏହାକୁ ଅଲସର ବା ଘା'ଉପଶମକାରୀ, ଉତ୍ତେଜକ, ରକ୍ତବୃଦ୍ଧିକାରୀ, କଫନାଶକ, ରେଚକ, ପାଚନକାରୀ, ଗର୍ଭପାତକାରୀ, ମାଂସପେଶୀ ଯନ୍ତ୍ରଣା ଓ ବାତ ରୋଗ ନିବାରକ, ଅନ୍ତଃନଳୀ ସ୍ୱାସ୍ଥ୍ୟରେ ଉନ୍ନତିକାରକ ଭାବେ ବ୍ୟବହାର କରାଯାଏ। ଏହା ବ୍ୟାକ୍ଟେରିଆ ରୋଧୀ, ଫଙ୍ଗସ ରୋଧୀ, କର୍କଟ ରୋଧୀ, ମୂତ୍ର କାରକ, କାମୋଦ୍ଦୀପକ, ପୀଡ଼ା ଉପଶମକାରୀ, ପ୍ରଦାହ ରୋଧୀ, ଆଲର୍ଜି ବା ପ୍ରତିକୂଳ ପ୍ରତିକ୍ରିୟା ରୋଧୀ, ଶୁକ୍ରାଣୁ ଉତ୍ତେଜକ, ମାଂସପେଶୀ ସଙ୍କୋଚନ ରୋଧୀ, ସ୍ମରଣଶକ୍ତି ବୃଦ୍ଧିକାରକ। ଏହା ପାଇଲ୍ସ ବା ଅର୍ଶରୋଗ, କୋଷ୍ଠକାଠିନ୍ୟ, ସ୍ଥୂଳତା, ଯୌନ ସମସ୍ୟା, ଥଣ୍ଡା, କାଶ, ଜ୍ୱର, ଶ୍ୱାସ, କ୍ରନିକ୍ ସାଇନୋସାଇଟିସ୍, ରକ୍ତସ୍ରାବ, ଚାପ, ଚିନ୍ତା, ପେଟ ଫୁଲିବା, ପେପ୍ଟିକ୍ ଅଲସର, ଖାଦ୍ୟନଳୀ, ହୃତପିଣ୍ଡ ଜ୍ୱଳନ ଇତ୍ୟାଦିର ଚିକିତ୍ସା ପାଇଁ ବ୍ୟାପକ ଭାବରେ ବ୍ୟବହୃତ ହୁଏ।

ଚିତାପାରୁ ମନ ଓ ଶରୀରକୁ ପୁନର୍ଜୀବିତ କରିବାରେ ସାହାଯ୍ୟ କରେ। ଏହା ଗର୍ଭାଶୟକୁ ସଙ୍କୋଚନ କରିପାରେ ଏବଂ ଋତୁସ୍ରାବ ପ୍ରବାହ କିମ୍ବା ଗର୍ଭାଶୟ ରକ୍ତସ୍ରାବକୁ ଉତ୍ତେଜିତ କରିପାରେ। ଏହା ମଧ୍ୟ ଯକୃତ ଟନିକ୍ ଭାବରେ ବ୍ୟବହୃତ ହୁଏ। ମା'ମାନଙ୍କ ସ୍ତନ୍ୟପାନ ସମୟରେ କ୍ଷୀର ପ୍ରବାହକୁ ମଧ୍ୟ ହ୍ରାସ କରିପାରେ। ତେଣୁ ସମ୍ପୂର୍ଣ୍ଣ ଗର୍ଭାବସ୍ଥା ଓ ସ୍ତନ୍ୟପାନ ସମୟରେ ଏହାକୁ ଏଡ଼ାଇବାକୁ ପରାମର୍ଶ ଦିଆଯାଇଛି। ଚିତାପାରୁର ବିଭିନ୍ନ ଅଂଶ ବ୍ୟବହାର କରିବା ପୂର୍ବରୁ ସେଗୁଡ଼ିକୁ ପରିଷ୍କାର କରିବା ପାଇଁ ସତର୍କ ରହିବା ଉଚିତ। ପରିଷ୍କାର କରିବା ପାଇଁ ପ୍ରବାହିତ ପାଣିରେ ମୂଳଗୁଡ଼ିକୁ ଭଲ ଭାବରେ ଧୋଇ, ଛୋଟ ଛୋଟ ଖଣ୍ଡ କରି କାଟି, ମୂଳଗୁଡ଼ିକୁ ତିନି ଘଣ୍ଟା ପାଇଁ ଚୂନ ପାଣିରେ ବୁଡ଼ାଇ, ବାହାର କରି ତିନି ଥର ପୁନରାବୃତ୍ତି କରିବା ପରେ ବିଶୁଦ୍ଧ ହୁଏ। ଚିତାପାରୁ ମୂଳର ରସ ହାୱାଇରେ ଟାଟୁ ଗଠନରେ ନୀଳ ଓ କଳା ରଙ୍ଗ ପ୍ରଦାନ କରିବା ପାଇଁ ବ୍ୟବହୃତ ହୁଏ।

ଚିତାପାରୁରେ ଅନେକ ଜୈବ ରାସାୟନିକ ଉପାଦାନ ଅନ୍ତର୍ନିହିତ ଅଛି, ଯଥା ଫ୍ଲାଭୋନଏଡ୍ସ, ଆଲକାଲଏଡ୍ସ, ପ୍ଲମ୍ବାଗିନ୍, ଚିଟାନୋନ୍, ଜେଲାନୋନ୍, ଗ୍ଲାଇକୋସାଇଡ୍ସ, ଷ୍ଟେରଏଡ୍ସ, ଟ୍ରାଇଟରପେନୋଏଡ୍ସ, ସାପୋନିନ୍ସ, ଟାନିନ୍ସ, କୁମାରିନ୍ସ, ଫେନୋଲିକ୍ ଯୌଗିକ, ନାପଥୋକୁଇନୋନ୍ସ, ଟେର୍ପେନୋଏଡ୍ସ ଓ ଷ୍ଟେରଏଡ୍ସ, କାର୍ବୋହାଇଡ୍ରେଟ୍ସ, ସ୍ଥିର ତେଲ, ଚର୍ବି, ପ୍ରୋଟିନ୍, ଇତ୍ୟାଦି। ଶ୍ୱେତ ବା ଧଳା ଚିତାପାରୁର ଉପଜାତି, ରକ୍ତ ଚିତାପାରୁ ସମେତ ଆହୁରି ଅନେକ ଅଛି। ଏଗୁଡ଼ିକ ମଧ୍ୟରୁ ଶ୍ୱେତ ବା ଧଳା ଚିତାପାରୁ ଅଧିକ ଔଷଧିଗୁଣ ବିଶିଷ୍ଟ।

ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଥରିଲା ରୁଷ୍...

ପ୍ରକାରର ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ପାଇଁ ଦୂତାବାସ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମ୍ପୃକ୍ତ କମ୍ପାନୀ ମ୍ୟାନେଜମେଣ୍ଟ ସହ ନିରନ୍ତର ଯୋଗାଯୋଗରେ ରହିଛି।

ଏହି ଆକ୍ରମଣ ଏକାଧିକ ପ୍ରଦେଶରେ ହୋଇଥିଲା। ଏଠାରେ ପ୍ରାୟ ତିନି ଜଣଙ୍କର ମୃତ୍ୟୁ ଘଟିଛି। ଗୋଟିଏ ବେସରକାରୀ ଆବାସିକ ଗୃହ ଉପରେ ଡ୍ରୋନ୍ ପଡ଼ିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ବ୍ୟକ୍ତି ଭଗ୍ନାବଶେଷ ଆବର୍ଜନା ତଳେ ଚାପି ହୋଇ ରହିଥିଲେ। ଅନ୍ୟ ଦୁଇଜଣ ପୁରୁଷ ମଧ୍ୟ ପୃଥକ ଘଟଣାରେ ପ୍ରାଣ ହରାଇଛନ୍ତି। ୟୁକ୍ରେନ୍ ସୀମାନ୍ତରେ ଥିବା ଏହି ଅଞ୍ଚଳରେ ଜଣଙ୍କର ମୃତ୍ୟୁ ହୋଇଛି। ଆକ୍ରମଣ ଏବଂ ଡ୍ରୋନ୍‌ର ଭଙ୍ଗା ଅଂଶ ପଡ଼ିବା ଯୋଗୁଁ ମସ୍କୋ ଅଞ୍ଚଳରେ ପ୍ରାୟ ୧୨ରୁ ଅଧିକ ଲୋକ ଆହତ ହୋଇଥିବା ଜଣାପଡ଼ିଛି। ମସ୍କୋର ଆଞ୍ଚଳିକ ପ୍ରଶାସକ ଆନ୍ଦ୍ରେଇ ଭୋରୋବେୟୋଭ କହିଛନ୍ତି ଯେ ରୋଜ ତିନିଟାରୁ ଉର୍ଦ୍ଧ୍ୱ ଋଷର ସାମରିକ ବାହିନୀ ଏହି ବଡ଼ ଧରଣର ଆକ୍ରମଣର ମୁକାବିଲା କରିବାରେ ଲାଗିଥିଲା। ସେହିପରି ମସ୍କୋ ନଗରପାଳ ସେରଗେଇ ସୋବ୍ୟାନିନ ସୂଚନା ଦେଇଛନ୍ତି ଯେ କେବଳ ରାଜଧାନୀ ଆଡ଼କୁ ମାଡ଼ି ଆସୁଥିବା ୭୪ଟି ଡ୍ରୋନ୍‌କୁ ସେମାନଙ୍କ ବାହିନୀ ନଷ୍ଟ କରିଦେଇଛି। ସାଧାରଣତଃ ମସ୍କୋ ଉପରେ ଏଭଳି ସିଧାସଳଖ ପ୍ରହାର ବିରଳ ହୋଇଥିବାରୁ ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

### କଳବଳ କରୁଛି...

ବଙ୍ଗୋପସାଗର ପଟୁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ହେତୁ ଗୁଳୁଗୁଳି ପାଇଁ ଏହା ସହାୟକ ହେଉଛି। ଏହାସହିତ ଏକ ଘୂର୍ଣ୍ଣଚାପ ବଳୟ ସକ୍ରିୟ ରହିଥିବାରୁ ରାଜ୍ୟକୁ ଶୁଷ୍କ ଗରମ ବାୟୁ ଆସୁଛି। ଫଳରେ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ପ୍ରବଳ ତାତି ଅନୁଭୂତ ହେଉଥିବା ବେଳେ ଉପକୂଳରେ ପ୍ରବଳ ଗୁଳୁଗୁଳି ହେଉଛି। ସକାଳ ୮ଟା ପରଠାରୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଆର୍ଦ୍ରତା ପରିମାଣ ୭୦ ପ୍ରତିଶତରୁ ଅଧିକ ରହୁଥିବା ଯୋଗୁଁ ଗୁଳୁଗୁଳିରେ ଲୋକେ ଅଥୟବ୍ୟସ୍ତ ହୋଇପଡୁଛନ୍ତି। ଆଗକୁ ଏଭଳି ସ୍ଥିତି ଜାରି ରହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ବିଶେଷ କରି ୨୦ ତାରିଖପରଠାରୁ ତାତିରେ ଦୃଷ୍ଟାନ୍ତମୂଳକ ବୃଦ୍ଧି ସହ ୨୪ ତାରିଖ ପର୍ଯ୍ୟନ୍ତ ତାତି ଓ ଗୁଳୁଗୁଳି ଅନୁଭୂତ ହେବ। ଏହି ସମୟରେ ଅନେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁବା ସହ ଉପକୂଳରେ ଭୀଷଣ ଗୁଳୁଗୁଳି ହେବା ନେଇ ଆକଳନ କରାଯାଇଛି। ଅନ୍ୟପଟେ ଆସନ୍ତା ସପ୍ତାହ ମଧ୍ୟରେ କାଳବୈଶାଖୀ ବିଶେଷ ପ୍ରଭାବ ନ ରହିଲେ ମଧ୍ୟ କାଁ ଭାଁ ରେ ଅଞ୍ଚଳରେ କାଳବୈଶାଖୀ ଜନିତ ବର୍ଷା ପାଇଁ ପାଣିପାଗ କେନ୍ଦ୍ର କହିଛି। ୨୦ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ରେ କାଳବୈଶାଖୀର ପ୍ରଭାବ ସାମାନ୍ୟ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

### ଦିଲ୍ଲୀ ୪୫ ଡିଗ୍ରୀ...

ମେଘୁଆ ପାଗ ସହ ପବନ ବହିବାର ସମ୍ଭାବନା ଥିଲେ ହେଁ, ସପ୍ତାହର ବାକି ଦିନଗୁଡ଼ିକରେ ଆକାଶ ସମ୍ପୂର୍ଣ୍ଣ ସଫା ରହିବା କାରଣରୁ ଗରମ ଏବଂ ଗୁଳୁଗୁଳି ବଢ଼ିବ। ଏପରିକି ରାତି ସମୟରେ ମଧ୍ୟ ଲୋକଙ୍କୁ ଗରମରୁ ଆଶ୍ୱସ୍ତି ମିଳିବ ନାହିଁ। ଅନ୍ୟପଟେ, ଉତ୍ତର ଭାରତ ଗରମରେ ସିଝୁଥିବା ବେଳେ ଦେଶର କିଛି ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି। ପୂର୍ବୋତ୍ତର ରାଜ୍ୟ (ଆସାମ, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ) ଏବଂ ଦକ୍ଷିଣ ଭାରତର କେରଳ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶରେ ବିଜୁଳି, ଘଡ଼ଘଡ଼ି ସହ ମଧ୍ୟମ ଧରଣର ବର୍ଷା ପୂର୍ବାନୁମାନ କରାଯାଇଛି। ଏହି ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଦିପ୍ରହର ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜରୁରୀ କାମ ନଥିଲେ ବାହାରକୁ ନ ବାହାରିବା, ପ୍ରଚୁର ପରିମାଣରେ ପାଣି ପିଇବା ଏବଂ ବାହାରକୁ ଗଲାବେଳେ ହାଲୁକା ସୂତା କପଡ଼ା ସହ ଛତା କିମ୍ବା ଟୋପି ବ୍ୟବହାର କରିବାକୁ କୁହାଯାଇଛି।

### ଆଗକୁ ସ୍ଥିତି...

ପରେ ବୃଦ୍ଧି ପାଇଥିବା ଚାହିଦା ପୁଣି ତଳମୁହାଁ ହୋଇଛି। ଡିଜେଲ ମୂଲ୍ୟ ବୃଦ୍ଧି କମ୍ପାନୀଗୁଡ଼ିକର ଖର୍ଚ୍ଚ ବୃଦ୍ଧି କରିବାର ପ୍ରଭାବ ସିଧା ଗ୍ରାହକଙ୍କ ଉପରେ ପଡ଼ିଛି। ବର୍ଦ୍ଧିତ ପରିବହନ ଏବଂ ପରିଚାଳନା ଖର୍ଚ୍ଚ ଯୋଗୁଁ କ୍ଷୀର କମ୍ପାନୀଗୁଡ଼ିକ ଦୁଗ୍ଧଜାତ ସାମଗ୍ରୀ ମୂଲ୍ୟ ବୃଦ୍ଧି କରିଛି। ଡେଲିଭରୀ ଆପ୍, କୋରିଅର କମ୍ପାନୀ ଏବଂ ଇ-କମର୍ସ ପ୍ଲାଟଫର୍ମଗୁଡ଼ିକ ଖର୍ଚ୍ଚ ବୃଦ୍ଧି ପାଇଁ କରୁଥିବା ଯୋଜନା ଲୋକଙ୍କ ମାସିକ ବ୍ୟୟକୁ ବୃଦ୍ଧି କରିବ ବୋଲି କୁହାଯାଉଛି। ଟ୍ରାକ୍ଟର, ଜଳସେଚନ ପମ୍ପ ଏବଂ ଯନ୍ତ୍ରପାତିକୁ ବିଦ୍ୟୁତ୍ ଦେବା ପାଇଁ କୃଷି କାର୍ଯ୍ୟରେ ବ୍ୟବହାର ହେଉଥିବା ଡ଼ିଜେଲ ମୂଲ୍ୟ ବୃଦ୍ଧି ଚାଷୀଙ୍କ ଉତ୍ପାଦନ ବ୍ୟୟ ବୃଦ୍ଧି କରିବାର ଆଶଙ୍କା ସୃଷ୍ଟି କରିଛି। ଇତିମଧ୍ୟରେ ମାରିକୋ ଏବଂ ଡାବର ଇଣ୍ଡିଆ ଭଳି କମ୍ପାନୀଗୁଡ଼ିକ ପୂର୍ବରୁ ସେମାନଙ୍କ ଉତ୍ପାଦରେ ୨ ରୁ ୫ ପ୍ରତିଶତ ମୂଲ୍ୟ ବୃଦ୍ଧି କରିସାରିଛନ୍ତି। ନେସ୍‌ଲେ ଇଣ୍ଡିଆ, ହିନ୍ଦୁସ୍ତାନ ୟୁନିଲିଭର ଭଳି ପ୍ରମୁଖ କମ୍ପାନୀ ନିଜ ଉତ୍ପାଦର ମୂଲ୍ୟ ବୃଦ୍ଧି କରିବାକୁ ଯୋଜନା ଚଳାଇଛନ୍ତି। ଡାବର ଇଣ୍ଡିଆର ଗ୍ଲୋବାଲ୍ ସିଇଓ ମୋହିତ ମାଲହୋତ୍ରା କହିଛନ୍ତି ଯେ କମ୍ପାନୀ ବିଭିନ୍ନ ବ୍ୟବସାୟିକ କ୍ଷେତ୍ରରେ ପ୍ରାୟ ୪ ପ୍ରତିଶତ ମୂଲ୍ୟ ବୃଦ୍ଧି କରିସାରିଛି। ଭବିଷ୍ୟତରେ ଆଉ ଏକ ମୂଲ୍ୟ ବୃଦ୍ଧି ଆବଶ୍ୟକ ହୋଇପାରେ। ଆର୍ଥିକବର୍ଷରେ ମୁଦ୍ରାସ୍ଫୀତି ପ୍ରାୟ ୧୦ ପ୍ରତିଶତ ରହିବା ଆଶା କରାଯାଉଛି। ବ୍ରିଟାନିଆ ଇଣ୍ଡଷ୍ଟ୍ରିଜ୍ ଏବଂ ହିନ୍ଦୁସ୍ତାନ ୟୁନିଲିଭରର ଅଧିକାରୀମାନେ କହିଛନ୍ତି ଯେ ଯଦି ମୁଦ୍ରାସ୍ଫୀତି ଚାପ ଜାରି ରହେ, ତେବେ ସେମାନେ ମୂଲ୍ୟ ବୃଦ୍ଧି କରିବେ। ପାର୍ଲେ ପ୍ରଡକ୍ଟସର ମୁଖ୍ୟ ମାର୍କେଟିଂ ଅଧିକାରୀ ମୟଙ୍କ ଶାହ କହିଛନ୍ତି ଯେ ମୂଲ୍ୟ ବୃଦ୍ଧି ପ୍ରାୟ ନିଶ୍ଚିତ ମନେ ହେଉଛି, ଯଦିଓ ସଠିକ ପରିମାଣ ଏ ପର୍ଯ୍ୟନ୍ତ ନିର୍ଣ୍ଣୟ କରାଯାଇନାହିଁ। ହେଲେ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଅଶୋଧିତ ତୈଳ ମୂଲ୍ୟ ଦୀର୍ଘ ସମୟ ପାଇଁ ଅସ୍ଥିର ରହେ, ତେବେ ଗ୍ରାମୀଣ ବଜାର ସବୁଠାରୁ ଅଧିକ ପ୍ରଭାବିତ ହେବ।

### ରାଜକୋଷକୁ ଆସୁନି...

ଶୋଷି ଚାଲିଛନ୍ତି। ସରକାରଙ୍କଠାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ରାଜ୍ୟର ୭ଟି ନଦୀ ଅବବାହିକାରୁ ଶିଳ୍ପ ସଂସ୍ଥାମାନଙ୍କୁ ଜଳ ଉଠାଣର ଅନୁମତି ମିଳିଛି। ସେଗୁଡ଼ିକ ହେଲା ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ଇନ୍ଦ୍ରାବତୀ, କୋଲାବ, ନାଗାବଳୀ ଓ ଋଷିକୁଲ୍ୟା। ଏହି ନଦୀ ଅବବାହିକାରୁ କେତେ ପରିମାଣରେ ଜଳ ଉତ୍ତୋଳନ କରାଯିବ ତାହା ଜଳସମ୍ପଦ ବିଭାଗ ସ୍ଥିରୀକୃତ ହୋଇଛି। ତେବେ ପ୍ରାୟ ୧୨୨ଟି ଶିଳ୍ପ ସଂସ୍ଥା ଜଳଉଠାଇବାକୁ ସରକାରଙ୍କ ସହ ଚୁକ୍ତି କରିଥିଲେ ହେଁ, ସେମାନଙ୍କ ମଧ୍ୟରୁ କେତେକ ସଂସ୍ଥା ଆବଶ୍ୟକତାଠାରୁ ଅଧିକ ଜଳ ଉତ୍ତୋଳନ କରୁଥିବା ବିଭାଗର ଦୃଷ୍ଟିଗୋଚର ହୋଇଛି।

ତେବେ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ କେତେକ ପ୍ରତିଷ୍ଠାନ ଏହି ନିୟମକୁ ଅଣଦେଖା କରୁଥିବା ଜଣାପଡ଼ିବା ପରେ ଜଳସମ୍ପଦ ବିଭାଗ ପକ୍ଷରୁ ଏହି ଚେତାବନୀ ଦିଆଯାଇଛି। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଏହି ପ୍ରକ୍ରିୟା ଶେଷ ନକଲେ ଓଡ଼ିଶା ଜଳସେଚନ ନିୟମ, ୧୯୬୧ (ସଂଶୋଧିତ)ର ଧାରା ୨୩-ଏ, ୨(ଜେ) ଅନୁଯାୟୀ ପ୍ରତିଷ୍ଠାନଗୁଡ଼ିକର ଚୁକ୍ତିନାମା ରଦ୍ଦ କରାଯିବା ସହ ପାଣି ସଂଯୋଗ ବିଚ୍ଛିନ୍ନ କରାଯିବ। ତେବେ ବିଭାଗ ଗତ ଡିସେମ୍ବର ମାସରେ ମଧ୍ୟ ସମାନ ଧରଣର ନିର୍ଦ୍ଦେଶନାମା ଜାରି କରିଥିଲା। ଯଦି ଖିଲାପକାରୀ ଶିଳ୍ପସଂସ୍ଥା ୩ ମାସ ମଧ୍ୟରେ ଫ୍ଲୋ-ମିଟର ଲଗାଇବାରେ ବିଫଳ ହୁଅନ୍ତି, ତାହେଲେ ସେମାନଙ୍କଠାରୁ ଚୁକ୍ତି ହୋଇଥିବା ଜଳ ବାବଦୀୟ ଅର୍ଥର ୬ ଗୁଣ ଆଦାୟ କରିବାକୁ ବିଭାଗ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲା। ମାତ୍ର ଏହି ନିର୍ଦ୍ଦେଶନାମାକୁ କାହିଁକି କାର୍ଯ୍ୟକାରୀ କରାଗଲା ନାହିଁ, ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଶିଳ୍ପ ସଂସ୍ଥାଙ୍କ ଜଳ ଶୋଷଣ ଏଇଠି ସରୁନାହିଁ। ରାଜ୍ୟରେ ବହୁ ଶିଳ୍ପସଂସ୍ଥା ଉପରେ ଏବେବି ହଜାର ହଜାର କୋଟି ଟଙ୍କାର ଜଳକର ବକେୟା ଭାବରେ ପଡ଼ିରହିଛି। ମାତ୍ର ସରକାର ଏହି ରାଶିକୁ ଆଦାୟ କରିପାରୁ ନାହାନ୍ତି। ଗୋଟିଏ ପଟେ ଛତିଶଗଡ଼ ଉପରମୁଣ୍ଡରେ ବେଆଇନ ନିର୍ମାଣ କରି ଚାଲିଥିବା ବେଳେ ମହାନଦୀ ଅବବାହିକାରେ ଜଳସ୍ତର ଲଗାତାର ଭାବେ ହ୍ରାସ ପାଉଛି। ସେହିପରି ଅନ୍ୟ ନଦୀ ଅବବାହିକାରେ ମଧ୍ୟ କ୍ରମାଗତ ଭାବେ ଜଳସ୍ତର ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି। ସମାନ ସମୟରେ ଶିଳ୍ପ ସଂସ୍ଥାଗୁଡ଼ିକ ମନଇଚ୍ଛା ଜଳଶୋଷଣ କରିବା ଆଗାମୀ ଦିନରେ ଓଡ଼ିଶା ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା ପ୍ରକାଶ କଲେଣି ପରିବେଶବିତ୍।

### ଉତ୍ତରଖାତା ପୋଡ଼ିବା...

ସମୟ ସହ ଶିକ୍ଷାଦାନ ଶୈଳୀରେ ପରିବର୍ତ୍ତନ ହୋଇଛି। ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରି ଶିକ୍ଷାଦାନ କରିବାକୁ ଗୁରୁତ୍ୱାରୋପ କରିବା ସହ ଏନେଇ ବିଭିନ୍ନ ସମୟରେ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ମାତ୍ର ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରି ପିଲାଙ୍କୁ ପାଠ ପଢ଼ାଇବାରେ ସେମାନେ ଯେତେ ମନୋନିବେଶ କରୁ ନାହାନ୍ତି, ତାଠାରୁ ରିଲ୍‌ସ କରିବାକୁ କିଛି ଶିକ୍ଷକ ଓ ଶିକ୍ଷୟିତ୍ରୀ ବେଶୀ ତତ୍ପରତା ପ୍ରକାଶ କରୁଛନ୍ତି। ଶ୍ରେଣୀଗୃହରେ ଶିକ୍ଷୟିତ୍ରୀମାନେ ପିଲାଙ୍କ ସହ ଭିଡିଓ କରୁଥିବାର ଅନେକ ଭିଡିଓ ଇନଷ୍ଟାଗ୍ରାମରେ ଆସୁଛି। ଶିକ୍ଷୟିତ୍ରୀ ସ୍ମାର୍ଟ ବୋର୍ଡରେ ପଢ଼ାଇବାବେଳର ଭିଡିଓ ଆସୁଥିବାରୁ ସେହି ସମୟରେ କୌଣସି ପିଲା ଏହାକୁ ମୋବାଇଲ୍‌ରେ ରେକର୍ଡିଂ କରୁଥିବା ଏକ ପ୍ରକାର ସ୍ପଷ୍ଟ ଜଣାପଡୁଛି। ସେହିପରି ଅନେକ ଶିକ୍ଷୟିତ୍ରୀ ଗୀତ ଗାଇଲା ବେଳେ ପିଲାମାନେ ବାଦ୍ୟ ବଜାଉଛନ୍ତି। କେତେକ ସ୍ଥାନରେ ଦ୍ୱିଅର୍ଥ ବୋଧକ ଗୀତ ବା କଣ୍ଟେଣ୍ଟରେ ଭିଡିଓ ପ୍ରସ୍ତୁତ କରୁଛନ୍ତି। ଅନେକ ସମୟରେ ଏହାକୁ ନେଇ ବିବାଦ ମଧ୍ୟ ଦେଖାଦେଉଛି ଓ ଅଭିଭାବକମାନେ ଏହାକୁ ନେଇ କ୍ଷୋଭପ୍ରକାଶ କରିଛନ୍ତି। ଭଦ୍ରକ ଜିଲ୍ଲାରେ ଜଣେ ଶିକ୍ଷୟିତ୍ରୀଙ୍କ ରିଲ୍ସ ସ୍ଥାନୀୟ ଅଞ୍ଚଳରେ ବିବାଦ ସୃଷ୍ଟି କରିଥିଲା। ଅଭିଭାବକମାନେ ଶିକ୍ଷୟିତ୍ରୀଙ୍କୁ ଘେରିବା ସହ ତାଙ୍କ ବଦଳି ଦାବିରେ ବିଦ୍ୟାଳୟ ବନ୍ଦ କରିଥିଲେ। ଫଳରେ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ମାତ୍ର ନୂତନ ବିଦ୍ୟାଳୟରେ ମଧ୍ୟ ଅଭିଭାବକମାନେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବିରୋଧ କରିବା ସହ ବିଦ୍ୟାଳୟରେ ଯୋଗଦେବାକୁ ବିରୋଧ କରିଥିଲେ। କ୍ରମାଗତ ଭାବେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ରିଲ୍‌ସ ସଂଖ୍ୟା ଆଶାତୀତ ଭାବେ ବଢୁଥିବାବେଳେ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଅଭିଭାବକମାନେ ଚିନ୍ତାପ୍ରକଟ କରିଛନ୍ତି। ଅଭିଭାବକଙ୍କ ମତରେ ପିଲାମାନଙ୍କ ସାଂସ୍କୃତିକ ପ୍ରତିଭାକୁ ପ୍ରସ୍ଫୁଟିତ କରିବାରେ ଏସବୁ କିଛି ମାତ୍ରାରେ ସହାୟକ ହେବ। ମାତ୍ର ଶିକ୍ଷୟିତ୍ରୀମାନେ ପିଲାଙ୍କୁ ବ୍ୟବହାର କରି ଭିଡିଓ କରିବା, ପିଲାଙ୍କ ସହ ରିଲ୍‌ସ କରିବା, ପିଲାଙ୍କ ଅଜ୍ଞତାକୁ ବା କୌତୂକ ଉତ୍ତରକୁ ସାମାଜିକ ଗଣମାଧ୍ୟମରେ ଛାଡ଼ି ଟଙ୍କା ରୋଜଗାର କରୁଛନ୍ତି। ଏହା ପିଲାଙ୍କ ଉପରେ ମାନସିକ ଚାପ ସୃଷ୍ଟି କରୁଛି। ଏଣୁ ବିଦ୍ୟାଳୟରେ ରିଲ୍‌ସ କରିବା ଉପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିବା ସହ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବାକୁ ଶିକ୍ଷାବିତ ଓ ଅଭିଭାବକମାନେ ଦାବି କରିଛନ୍ତି।

### କେଉଁଠି ନିଶା...

ଗଞ୍ଜେଇ ବେପାରୀକୁ ସହଯୋଗ କରୁଥିବା ସଂକ୍ରାନ୍ତ ଅଭିଯୋଗ ପରେ ବରଗଡ଼ ଏସ୍‌ପି ଜଣେ ଏଏସଆଇ ସମେତ ୩ଜଣଙ୍କୁ ନିଲମ୍ବିତ କରିଥିଲେ। ତଦନ୍ତ ପରେ ପ୍ରମାଣ ମିଳିବାରୁ ଇନ୍ସପେକ୍ଟର ଶୁକ୍ଳଙ୍କ ବିରୋଧରେ ଡିଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନବରଙ୍ଗପୁର ଦେଓଗାଁ ଥାନା ଆଇଆଇସି ରଘୁନାଥ ମାଝୀଙ୍କୁ ହାଜତ ମୃତ୍ୟୁ ମାମଲାରେ ନିଲମ୍ବନ କରାଯାଇଛି। ସେ ଜଣେ ବ୍ୟକ୍ତିଙ୍କୁ ହାଜତରେ ପିଟି ପିଟି ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। କନ୍ଦ୍ରାପଡା ଜିଲ୍ଲା ସଦର ଥାନା ଅନ୍ତର୍ଗତ ସାରଙ୍ଗ ଗାଁରେ ମଧୁସୂଦନ ପ୍ରଧାନଙ୍କ ପୁଅ ହୃଷିକେଶ ପରିବର୍ତ୍ତେ ପ୍ରଫୁଲ୍ଲ ପ୍ରଧାନଙ୍କ ପୁଅ ହୃଷିକେଶଙ୍କୁ ଉଠାଇ ଆଣି ହାଜତରେ ଭର୍ତ୍ତି କରିଛି। ୧୨ ଘଣ୍ଟା ହାଜତରେ ରଖିବା ପରେ ଛାଡ଼ି ଦିଆଯାଇଥିଲେ ହେଁ ତାଙ୍କ ବାହାଘର ପ୍ରସ୍ତାବ ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ କଟକରେ କାର୍ଯ୍ୟ କରୁଥିବା ଦୁଇ ବରିଷ୍ଠ ପୁଲିସ ଅଧିକାରୀଙ୍କ ଅନୈତିକ କାର୍ଯ୍ୟକୁ ନେଇ ମଧ୍ୟ ବିବାଦ ସୃଷ୍ଟି ହୋଇଛି। ଜଣେ ବରିଷ୍ଠ ପୁଲିସ ଅଧିକାରୀ ଅନ୍ୟ ଜମିରେ ବଳପୂର୍ବକ ଘର କରିଥିବା ଓ ପ୍ରତିବାଦ କରିବାରୁ ବିଚରା ଜମି ମାଲିକଙ୍କୁ ନାଲି ଆଖି ଦେଖାଉଥିବା ଅଭିଯୋଗ ହୋଇଛି। ସେହିପରି କଟକରେ କାର୍ଯ୍ୟ କରୁଥିବା ଅନ୍ୟଜଣେ ବରିଷ୍ଠ ଅଧିକାରୀ ଜନୈକ ରିୟଲ ଇଷ୍ଟେଟ କମ୍ପାନୀର ହାତବାରିସୀ ସାଜିଥିବା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଗୃହ ବିଭାଗ ଉଭୟ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

ବାଲିଅନ୍ତାରେ ଜିଆରପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ଘଟଣା ପରେ ଜଣେ ଏଡିଜି ପାହ୍ୟା ଅଫିସର ସୌମ୍ୟଙ୍କ ସମେତ ୮ ଜଣ ପୁଲିସ କର୍ମଚାରୀଙ୍କୁ ଶାରୀରିକ ଶୋଷଣ କରୁଥିବା ଅଭିଯୋଗ ଉଠିଛି। ତଳିଆ କର୍ମଚାରୀଙ୍କୁ ବରିଷ୍ଠ ଅଧିକାରୀମାନେ ବ୍ୟକ୍ତିଗତ କାମରେ ବ୍ୟବହାର କରୁଥିବା ଅଭିଯୋଗ ସିଧା ଖାକି ବାହିନୀକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି, ଅମାନିଆ ହେବାରୁ ସୌମ୍ୟଙ୍କ ଦରମା ବନ୍ଦ କରାଯିବା ପୁଲିସ ଅଧିକାରୀଙ୍କ ମନମାନିକୁ ପ୍ରଦର୍ଶିତ କରିଛି। ଯାହାକୁ ନେଇ ଜାତୀୟ ମାନବିକ ଅଧିକାର କମିଶନ ରିପୋର୍ଟ ତଲବ କରିଛନ୍ତି।

### ବୁର୍ଲାରେ ମନୀଷକୁ...

କାରବାର ପାଇଁ ଅଭିଯୁକ୍ତମାନେ ଆଣୁଥିଲେ। ସମ୍ବଲପୁର ସହରରେ ସବୁବେଳେ ପାଟ୍ରୋଲିଂ ଚାଲୁଥିବାରୁ ଏହି ଡିଲ ବୁର୍ଲା ଆଡ଼େ ହେବାର ଯୋଜନା ଥିଲା।

ସୂଚନାନୁସାରେ, ରବିବାର ଭୋର୍‌ରେ ବୁର୍ଲା ପୁଲିସ ପ୍ଲାନେଟୋରିୟମ୍ ଛକ ନିକଟରେ ଗାଡ଼ି ଚେକିଂ କରୁଥିଲା। ଏହି ସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପଟୁ ଆସୁଥିବା ଏକ କାର୍‌କୁ ପୁଲିସ ଅଟକାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଚାଳକ ଗାଡ଼ି ନ ଅଟକାଇ ରାଇଟ୍ ଡାଇକ୍ ରୋଡ୍ ଦିଗକୁ ଦ୍ରୁତ ଗତିରେ ପଳାଇଥିଲା। ପୁଲିସ ଟିମ୍ ତୁରନ୍ତ ଗାଡ଼ିର ପିଛା କରି ଫିସେରୀ ଛକ ନିକଟରେ ଗାଡ଼ିକୁ ଅଟକାଇଥିଲା। ଏତିକିବେଳେ, ମନୀଷ ଗାଡ଼ି ଭିତରୁ ଡେଇଁ ପଡ଼ି ପଳାଇବାକୁ ଉଦ୍ୟମ କରିଥିଲା ଏବଂ ପୁଲିସ ଉପରେ ୩ ରାଉଣ୍ଡ ଗୁଳି ଚଳାଇଥିଲା। ପୁଲିସ୍ ଆତ୍ମରକ୍ଷା ପାଇଁ ପାଲଟା ୨ ରାଉଣ୍ଡ ଗୁଳି ଚଳାଇଥିଲା। ଏଥିରେ ମନୀଷର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ପରେ ପୁଲିସ ତାକୁ ଉଦ୍ଧାର କରିବା ସହ ଗାଡ଼ିରେ ଥିବା ଅନ୍ୟ ୩ ସହଯୋଗୀଙ୍କୁ ଅଟକ କରିଥିଲା। ଗୁରୁତର ମନୀଷକୁ ବୁର୍ଲା ଭୀମସାର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସେ ବିପଦମୁକ୍ତ ଅବସ୍ଥାରେ ଥିବା ପୁଲିସ ସୂଚନା ଦେଇଛି। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଗୁଳି, ୩ଟି ଖାଲି ଖୋକା, ଗୋଟିଏ କାର୍, ୫ଟି ମୋବାଇଲ ଏବଂ ୧୦ କାର୍ଟୁନ କଫ୍‌ସିରପ ବୋତଲ(ମୋଟ ୧୨୦୦ବୋତଲ) ଜବତ ହୋଇଛି।

ମନୀଷ ଜଣେ ପେସାଦାର ଅପରାଧୀ ବୋଲି ପୁଲିସ କହିଛି। ତା' ନାମରେ ପୂର୍ବରୁ ଡକାୟତି, ରାହାଜାନି, ଆର୍ମସ ଆକ୍ଟ ଏବଂ ବେଆଇନ କୋରେକ୍ସ ବ୍ୟବସାୟ ସମ୍ପର୍କିତ ୧୪ରୁ ଅଧିକ ଗୁରୁତର ମାମଲା ରହିଛି। ମନୀଷ ନାମରେ ଅଇଁଠାପାଲି ଥାନାରେ ୭ଟି, ଧନୁପାଲି ଥାନାରେ ଗୋଟାଏ, କ୍ଷେତରାଜପୁର ଥାନାରେ ଗୋଟାଏ, ବରେଇପାଲି ଥାନାରେ ୪ଟି ଓ ସଦର ଥାନାରେ ଗୋଟାଏ ମାମଲା ରହିଛି।

### ୫ ଦିନରେ..

ପୁଲିସ ଡିଜିଙ୍କ କାର୍ଯ୍ୟକାଳ ଆଉ ବେଶୀ ଦିନ ବାକି ନାହିଁ। ଏହାପରେ କିଏ ପୁଲିସ ମୁଖିଆ ହେବେ, ତାହା ସ୍ପଷ୍ଟ ହୋଇନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ଅଧଡ଼ଜନେ ବରିଷ୍ଠ ପୁଲିସ ଅଧିକାରୀଙ୍କ ନାମ କେନ୍ଦ୍ରକୁ ପଠାଯାଇଥିଲେ ହେଁ, ସରକାର କାହାକୁ ଡ଼ିଜି ପଦ ପାଇଁ ପସନ୍ଦ କରିବେ ତାହା ଏବେ ଜଣାପଡ଼ି ନାହିଁ। ଅନ୍ୟପକ୍ଷରେ କିଛି ଜିଲ୍ଲାରେ ପୁଲିସ ମୁଖ୍ୟମାନେ ରାଜନୈତିକ ଚାପରେ ଅତିଷ୍ଠ ଥିବା କୁହାଯାଉଛି। ସ୍ଥାନୀୟ ଅଞ୍ଚଳର ନେତାମାନେ ପୁଲିସ ଅଧିକାରୀଙ୍କୁ ନିଜ ବ୍ୟକ୍ତିଗତ କର୍ମଚାରୀମାନଙ୍କ ପରି ବ୍ୟବହାର କରୁଛନ୍ତି ଓ ସେମାନେ କହୁଥିବା କାମ ପ୍ରାଥମିକତା ସହ କରିବାକୁ ଚାପ ପକାଉଛନ୍ତି। ଚାପ ଅତିଷ୍ଠ କିଛି ଜିଲ୍ଲାସ୍ତରର ଅଧିକାରୀ ସ୍ଥାନାନ୍ତର ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ଓ କିଛି ଅଧିକାରୀ ଡ଼େପୁଟେସନ ପାଇଁ ମନ ବଳାଇଥିବା କୁହାଯାଉଛି।

ଏହି ସମୟରେ ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ଅପରାଧୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ଓଡ଼ିଶାରେ ଅପରାଧୀମାନଙ୍କ ପାଇଁ ସ୍ଥାନ ନାହିଁ ବୋଲି କହିବା ସହ ଅସାମାଜିକ ଓ ଅଭ୍ୟାସଗତ ଅପରାଧୀଙ୍କୁ ବାନ୍ଧି ଭିତରେ ରଖିବାକୁ ସେ କହିଛନ୍ତି। ଯେଉଁମାନେ ଅପରାଧ ଘଟାଇବା ପାଇଁ ଚିନ୍ତା କରୁଛନ୍ତି; ସେମାନେ ବ୍ରହ୍ମପୁର ଓ ସମ୍ବଲପୁର ଭଳି ଏନକାଉଣ୍ଟର ପାଇଁ ପ୍ରସ୍ତୁତ ରୁହନ୍ତୁ ବୋଲି ଚେତାବନୀ ଦେଇଛନ୍ତି। ଗତ ୫ ଦିନ ମଧ୍ୟରେ ଏନବିଡବ୍ଲୁ ମାଧ୍ୟମରେ ୧୭୭୧ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୬ ଜଣଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ୍ (ଏନ୍‌ଏସ୍‌ଏ) ଲଗାଯାଇଛି। ଏଥିସହିତ ୫୦ରୁ ଅଧିକ ଫେରାର ଅପରାଧୀଙ୍କୁ ଗିରଫ କରାଯାଇଛି। ସେହିଭଳି ଗୁଇନ୍ଦା ଆଧାରରେ ଜେଲ୍ ଫେରାନ୍ତଙ୍କ ଉପରେ କଡ଼ା ନଜର ରଖା ଯାଇଛି। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ରେ ସୁଧାର ଆଣିବା ପାଇଁ ପ୍ରତ୍ୟେକ ଜିଲ୍ଲାର ଏସପି ଗ୍ରାଉଣ୍ଡ ଜିରୋରେ କାର୍ଯ୍ୟ କରୁଛନ୍ତି। ନିଶାଦ୍ରବ୍ୟ ଚୋରା ଚାଲାଣ ଉପରେ କଡା ନଜର ରଖାଯାଇଥିବା ବେଳେ ଖଣିଜ ଚୋରା ଚାଲାଣକାରୀଙ୍କୁ ଦୃଢ଼ ହସ୍ତରେ ଦମନ କରାଯାଉଛି ବୋଲି ଶ୍ରୀ ଖୁରାନିଆ କହିଛନ୍ତି। ଏହି ସ୍ୱତନ୍ତ୍ର ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି ସେ କହିଛନ୍ତି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ୨୦ରୁ ଉର୍ଦ୍ଧ୍ୱ ମାମଲା ଥିବା ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଢିପ ସାହିର ଦିପୁନ ନାୟକ ପୁଲିସ ଉପରେ ବୋମାମାଡ଼ ଓ ଗୁଳିଚାଳନା ଅଭିଯୋଗ ହୋଇଛି ଓ ତାକୁ ଏନ୍‌କାଉଣ୍ଟର କରାଯାଇଛି। ସମ୍ବଲପୁର ଅଞ୍ଚଳର କୁଖ୍ୟାତ କଫସିରପ୍ ବେପାରୀ ମନୀଷ ସାହୁ ଓ ତାର ସହଯୋଗୁଁ ପୁଲିସ ଉପରେ ୩ ରାଉଣ୍ଡ ଗୁଳି ଚଳାଇ କଫ୍ ସିରପ୍ ଭର୍ତ୍ତି କାର୍ ନେଇ ପଳାଇବାକୁ ଉଦ୍ୟମ ବେଳେ ଏନ୍‌କାଉଣ୍ଟର ଶିକାର ହୋଇଛି। ପୁଲିସ ଚଳାଇଥିବା ୨ ରାଉଣ୍ଡ ଗୁଳିରୁ ଗୋଟିଏ ମନୀଷ ଗୋଡ଼ରେ ବାଜିଛି। ତା ନାମରେ ୧୪ଟି ମାମଲା ରହିଛି।

## ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ପାଇଁ ଅଧ୍ୟାଦେଶ

ନୂଆଦିଲ୍ଲୀ,୧୭।୫(ଏଜେନ୍ସି): ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ଅଧ୍ୟାଦେଶ ଜାରି କରିଛନ୍ତି। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱାକ୍ଷର କରିଛନ୍ତି। ଫଳରେ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୩ରୁ ୩୭କୁ ବୃଦ୍ଧି ପାଇବା ଏକପ୍ରକାର ନିଶ୍ଚିତ ହୋଇଛି। ତେବେ ଏହି ସଂଖ୍ୟାରେ ଭାରତର ପ୍ରଧାନ ବିଚାରପତି ଅନ୍ତର୍ଭୁକ୍ତ ନୁହନ୍ତି। କେନ୍ଦ୍ର କ୍ୟାବିନେଟ୍ ଗତ ମେ ୫ରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ପାଇଁ ସଂସଦରେ ଏକ ବିଲ୍ ଆଣିବାକୁ ପ୍ରସ୍ତାବ ଅନୁମୋଦନ କରିଥିଲେ। ତେବେ ସଂସଦର ଅଧିବେଶନ ଚାଲିନଥିବାରୁ ସରକାର ଅଧ୍ୟାଦେଶ ଜରିଆରେ ଏହି ପରିବର୍ତ୍ତନକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସମ୍ବିଧାନର ଧାରା ୧୨୩ ଅନୁଯାୟୀ, ଯେତେବେଳେ ସଂସଦର ଅଧିବେଶନ ମୁଲତବୀ ଥାଏ ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ଥାଏ। ସେତେବେଳେ ରାଷ୍ଟ୍ରପତି କେନ୍ଦ୍ର କ୍ୟାବିନେଟର ସୁପାରିଶ କ୍ରମେ ଅଧ୍ୟାଦେଶ ଜାରି କରିପାରିବେ। ସରକାରଙ୍କ କହିବା ଅନୁଯାୟୀ, ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ଦ୍ୱାରା ସୁପ୍ରିମକୋର୍ଟ ଅଧିକ ଦକ୍ଷତାର ସହ କାର୍ଯ୍ୟ କରିପାରିବେ ଏବଂ ଲୋକଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ କରାଯାଇପାରିବ। ନିୟମ ଅନୁଯାୟୀ, ସଂସଦର ପରବର୍ତ୍ତୀ ଅଧିବେଶନ ଆରମ୍ଭ ହେବାର ୬ ସପ୍ତାହ ମଧ୍ୟରେ କିମ୍ବା ୬ ମାସ ମଧ୍ୟରେ ଏହି ଅଧ୍ୟାଦେଶକୁ ସଂସଦରେ ପାରିତ କରିବାକୁ ପଡ଼ିବ, ନଚେତ୍ ଏହା ଅକାମୀ ହୋଇଯିବ। ତେବେ ଆସନ୍ତା ଜୁଲାଇ ମାସରେ ସଂସଦର ମୌସୁମୀ ଅଧିବେଶନ ବସିବ।

ମୂଳ ସମ୍ବିଧାନରେ ଜଣେ ପ୍ରଧାନ ବିଚାରପତି ଏବଂ ଅନ୍ୟ ୭ ଜଣ ବିଚାରପତିଙ୍କ ପାଇଁ ବ୍ୟବସ୍ଥା ଥିଲା। ୧୯୫୬ରେ ଏହି ସଂଖ୍ୟା ୧୦କୁ ବୃଦ୍ଧି ପାଇଥିଲା। ୧୯୬୦ରେ ୧୩, ୧୯୭୭ରେ ୧୭, ୧୯୮୬ରେ ୨୫ ଏବଂ ୨୦୦୮ରେ ବିଚାରପତିଙ୍କ ସଂଖ୍ୟା ୩୦କୁ ବୃଦ୍ଧି କରାଯାଇଥିଲା। ଶେଷଥର ପାଇଁ ୨୦୧୯ରେ ଏହି ସଂଖ୍ୟା ୩୦ରୁ ୩୩କୁ ବୃଦ୍ଧି କରାଯାଇଥିଲା।

## ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱିଡେନର ସର୍ବୋଚ୍ଚ ସମ୍ମାନ 'ରୟାଲ ଅର୍ଡର ଅଫ୍ ପୋଲାର ଷ୍ଟାର'

ନୂଆଦିଲ୍ଲୀ,୧୭।୫(ଏଜେନ୍ସି): ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରବିବାର ସ୍ୱିଡେନର ସମ୍ମାନଜନକ 'ରୟାଲଅର୍ଡରଅଫ୍ ପୋଲାରଷ୍ଟାରକମାଣ୍ଡରଗ୍ରାଣ୍ଡକ୍ରସ୍' ସମ୍ମାନରେଭୂଷିତକରାଯାଇଛି। ଏହା ଜଣେ ବିଦେଶୀ ସରକାରଙ୍କ ମୁଖ୍ୟଙ୍କୁ ସ୍ୱିଡେନ ପକ୍ଷରୁ ପ୍ରଦାନ କରାଯାଉଥିବା ସର୍ବୋଚ୍ଚ ନାଗରିକ ସମ୍ମାନ। ପ୍ରଧାନମନ୍ତ୍ରୀଙ୍କ ସ୍ୱିଡେନ ଗସ୍ତ ସମୟରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବିଭିନ୍ନ ବିଦେଶୀ ରାଷ୍ଟ୍ରଙ୍କଠାରୁ ମିଳିଥିବା ଅନ୍ତର୍ଜାତୀୟ ସମ୍ମାନ ୩୧ରେ ପହଞ୍ଚିଛି। ଭାରତ ଏବଂ ସ୍ୱିଡେନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ସହ ବାଣିଜ୍ୟ, ନବସୃଜନ, ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ସହଯୋଗକୁ ଗଭୀର କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ବିଶ୍ୱର ହାତଗଣତି ବରିଷ୍ଠ ନେତାଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀ ସ୍ୱିଡେନର ଏହି ରାଷ୍ଟ୍ରୀୟ ସମ୍ମାନ ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଗୋଥେନବର୍ଗ ଠାରେ ଆୟୋଜିତ କାର୍ଯ୍ୟକ୍ରମଟି ଭାରତ ଓ ସ୍ୱିଡେନର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି।

## ମିଡିଆ ଟିମ୍ ଗଢ଼ିଲା ଓଜେସି
## ପ୍ରଶାନ୍ତ ଶତପଥୀ ମିଡ଼ିଆ ସେଲ୍ ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର,୧୭।୫(ସମିସ): ଓଡ଼ିଶା ଜନତା କଂଗ୍ରେସର ମିଡିଆ ଓ କମ୍ୟୁନିକେଶନ ସେଲ ଘୋଷଣା ହୋଇଛି। ଓଜେସିର ପ୍ରତିଷ୍ଠାତା ସଭାପତି ମହମ୍ମଦ ମୋକିମଙ୍କ ଅନୁମୋଦନ କ୍ରମେ ଦଳ ପକ୍ଷରୁ ଏହି ଘୋଷଣା କରାଯାଇଛି। ଏଥିରେ ନିକଟରେ କଂଗ୍ରେସ ଛାଡ଼ି ଓଜେସିରେ ଯୋଗ ଦେଇଥିବା ପ୍ରଶାନ୍ତ ଶତପଥୀଙ୍କୁ ଓଜେସି ଗଣମାଧ୍ୟମ ଓ ଯୋଗାଯୋଗ ପ୍ରକୋଷ୍ଠର ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ଶ୍ରୀ ଶତପଥୀ ପୂର୍ବରୁ ଗଣମାଧ୍ୟମ ସ୍ତରରେ ଜଣେ ପରିଚିତ ଚେହେରା। ତାଙ୍କର ଶାଳୀନ ଏବଂ ଶାଣିତ ସ୍ୱର ଦଳର ଆଭିମୁଖ୍ୟକୁ ରାଜ୍ୟବାସୀଙ୍କ ନିକଟରେ ଦୃଢ଼ ଭାବେ ପହଞ୍ଚାଇବ ବୋଲି ସଭାପତି ଆଶାବ୍ୟକ୍ତ କରିଛନ୍ତି। ଏହି କମିଟିରେ ମୋଟ ୯ ଜଣଙ୍କୁ ମୁଖପାତ୍ର ନିଯୁକ୍ତ କରାଯାଇଛି। ମୁଖପାତ୍ର ମାନଙ୍କ ମଧ୍ୟରେ ବଦ୍ରିନାରାୟଣ ମହାନ୍ତି, ନିକୁଞ୍ଜ ପଶାୟତ, ବାସୁଦେବ ଭଞ୍ଜ, ଶୈଳବାଳା ଜେନା, ସଂଗ୍ରାମ କିଶୋର ମାଝୀ, ନରେଶ ମହାନ୍ତି, ପ୍ରସନ୍ନ ବିଷୋୟୀ, ସୋମନାଥ ରାଉତ ଓ ଶୁଭେନ୍ଦୁ ମଲ୍ଲିକ ପ୍ରମୁଖ ସାମିଲ ଅଛନ୍ତି। ମିଡିଆ ସେଲର ତଥ୍ୟ ଓ ଅନୁସନ୍ଧାନ ବିଭାଗରେ ପ୍ରଦୀପ ପ୍ରଧାନ, ମନୋଜ ଜେନା ଓ ପ୍ରଶମିତ କାନୁନଗୋଙ୍କୁ ନିଯୁକ୍ତି ମିଳିଛି।


OFFICE OF THE
NOTIFIED AREA COUNCIL, DHARAMGARH
(Dt.)-KALAHANDI.
E-mail :- nacdharmagarh@gmail.com
No. 2064 /DMH Dated. 14.05.2026
13001/524/2627

TENDER CALL NOTICE

| | |
|---|---|
| Name of the work | Supply of Manpower Towards Privatization of Sanitation Work in all Wards of Dharamgarh NAC, Kalahandi. |
| No of works | 01 No |
| Tender notice no. & Date | 2058/DMH, Dt.14.05.2026 |
| Agency | As per eligibility |
| Period of Tender | 3 Months |
| Available of Documents | Dt.18.05.2026 to Dt.29.05.2026 (In Office Hours) at NAC Office Dharamgarh |
| Tender paper Cost | Rs.10,000.00 |
| EMD | @ 1% of the Estimated Cost |
| Last date of receipt of bid documents | Upto 1:00 PM of Dt.30.05.2026 |
| Date of opening of Bid | 10:00 AM of Dt.01.06.2026 |
| Name and address of the Officer inviting the notice | Executive Officer, NAC, Dharamgarh, Kalahandi |

Executive Officer,
NAC, Dharamgarh
OIPR-13001/13163/1/26-27/0006

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
SAMBALPUR IRRIGATION DIVISION, SAMBALPUR
E-mail id-sidsambalpur@gmail.com
e-Procurement Notice No. SESID-03/2026-27
Bid Identification No. SESID-03(01-07)/2026-27
No./ 1644 /Date. 13/05/2026
32001/230/2627

Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | |
|---|---|---|
| 1. | Nature of Works | Flood Works |
| 2. | Nos. of works | 07 (Seven) Nos. |
| 3. | Bid Identification No. | SESID-03(01)/2026-27 to SESID-03(07)/2026-27 |
| 4. | Estimated Cost | 12.86 to 82.22 Lakhs |
| 5. | Earnest Money Deposit | Referred to DTCN |
| 6. | Cost of Tender Paper | Referred to DTCN |
| 7. | Period of Completion | Referred to DTCN |
| | (Single Cover) | |
| 8. | Date and Time of availability of Bid Document in the Portal | Dt: 20.05.2026 at 11.00 AM to Dt: 29.05.2026 up to 17.00 PM. |
| 9. | Last Date / Time for receipt of Bids in the Portal | Dt: 29.05.2026 up to 17.00 PM. |
| 10. | Date of opening of Bid | Dt: 30.05.2026 at 11.00 AM. |
| 11. | Clarification seeking date | Dt: 20.05.2026 at 11.00 AM to Dt: 26.05.2026 up to 17.00 PM. |
| 12. | Date of Lottery (if required) | To be intimated later |
| | (Double Cover) | |
| 13. | Date and Time of availability of Bid Document in the Portal | Dt: 20.05.2026 at 11.00 AM to Dt: 29.05.2026 up to 17.00 PM. |
| 14. | Last Date / Time for receipt of Bids in the Portal | Dt: 29.05.2026 up to 17.00 PM. |
| 15. | Date of opening of Technical Bid | Dt: 30.05.2026 up to 11.00 PM. |
| 16. | Date of opening of Financial Bid | Dt: 04.06.2026 up to 11.00 PM. |
| 17. | Clarification seeking date | Dt: 20.05.2026 at 11.00 AM to Dt: 26.05.2026 up to 17.00 PM. |
| 18. | Date of Lottery (if required) | To be intimated later |
| 19. | Name and Address of the Officer Inviting Bid | Superintending Engineer, Sambalpur Irrigation Division, Sambalpur, At/Po-Khetrajpur - 768003, Dist-Sambalpur, Email Id:- sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

Superintending Engineer
Sambalpur Irrigation Division, Sambalpur
OIPR-32001/32530/1/26-27/0003

OFFICE OF THE MUNICIPAL COUNCIL, BELPAHAR.
13001/529/2627
EXPRESSION OF INTEREST
BID REFERENCE NO. EO/BPHM/SUPPLY/01/26-27
BID IDENTIFICATION NO. 2026_ORULB_129186
NOTICE NO. 1819 DT. 12.05.2026

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| | |
|---|---|
| Name of the Work | Supply and Installation of different items to Belpahar Municipality. |
| No of Works | 01 No. |
| Date & Time of availability of the bid documents in the portal | From dt. 14.05.2026 at 10.00 A.M. to dt. 25.05.2026 up to 5.00 P.M. |
| Bids received online shall be opened on | 11.00 A.M. onwards on dt. 26.05.2026 |
| Name & address of the officer inviting EOI | Executive Officer, Belpahar Municipality. |

Further the details can be seen from the procurement portal: www.tendersorissa.gov.in. If any addendum/corrigendum/cancellation of tender shall be published in the above website only.

Executive Officer,
Belpahar Municipality.
OIPR-13001/13050/1/26-27/0004



**AFFIDAVIT**

I, BANITA KUMARI SADANGI, W/O BENU MADHAB PANDA resident of At/PO - Kumuli, PS - B Singpur, Dist - Koraput, Pin - 764057, Odisha declare by this Affidavit No.2086, dated - 17/05/2026, that now onwards I shall be known as **BANITA PANDA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 519, dated 14.05.2026, I, RAJU TAKRI, Son of - Dharmadas Takri, Resident of - R K Colony, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from SABHA HARIJAN to RAJU TAKRI. Henceforth, I shall be known as RAJU TAKRI for all purposes.
**Sd/- Raju Takri**

**AFFIDAVIT**

By virtue of an Affidavit before Notary Public, Malkangiri, I **Kanak Durka,** aged about 56 years, W/o: Late Narasingh Durka, resident of Village: Akur, PO.: Padmagiri, PS/Dist.: Malkangiri, Odisha, declare by this Affidavit No.: 945/2026, Dated: 14/05/2026 that I have changed my name from Kanak Turka to **Kanak Durka.** Henceforth I shall be known as **Kanak Durka** for all future purposes.

**AFFIDAVIT**

By virtue of an affidavit sworn before Executive Magistrate JHUMPURA on date 15.05.2026. Vide no- 351. I PURNA CHANDRA NAIK Son of MADHUSUDAN NAIK, At- PATUAKUDAR, Po- MALDA, Ps- BAMEBARI, Dist- KENDUJHAR, State- ODISHA, Pin- 758031, I have changed my daughter's name from SOBHAGINI NAIK to SWOVAGINI NAIK. Henceforth, She shall be known as **SWOVAGINI NAIK** for all purpose.
**Sd/- Purna Chandra Naik**

**NOTICE**

By virtue of an affidavit sworn before the Executive Magistrate, Athmallik dated 15th May 2026, I, Mrs. SUMITRA BEHERA, W/o- Sanjay Behera, Vill: Dinabandhupur, P.o./P.s.:: Thakurgarh, Dist: Angul, Pin- 759125, Odisha, declare that I have changed my name from "LAXMI BEHERA" to **"SUMITRA BEHERA".** Henceforth, I shall be known as **"SUMITRA BEHERA"** for all purposes.
**SUMITRA BEHERA**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 584, dated 24-03-2026, I, TULARAM PUJARI, S/o - Late. Baisakhu Pujari, permanent resident of Village - Bhatigan, PO - Bhatigam, PS - Kodinga, Dist - Nabarangpur, Odisha, Pin - 764063, declare that I have changed the name of my Daughter from KATKE PUJARI to KETAKI PUJARI. Henceforth, she shall be known as **KETAKI PUJARI** for all purposes.
**Sd/- Tularam Pujari**

**AFFIDAVIT**

By an affidavit before Executive Magistrate, Bhadrak, I, VERSA BAHETI, Age-21 years, D/o Raj Kumar Baheti, At/Vill- Kantapal, P.O.- Charampa, Bhadrak, State-Odisha, PIN-756101, do hereby solemnly affirm and declare as follows: That my actual and correct name is VERSA BAHETI, but due to inadvertence my name has been wrongly mentioned as BARSA BAHETI in my Aadhaar Card. That **VERSA BAHETI** and **BARSA BAHETI** are one and the same person. This affidavit is made for Aadhaar correction.

● ଡିଜେଲ ଅଭାବରୁ ଚାଲିଗଲା ୫୩୦୦ କୁକୁଡ଼ାଙ୍କ ଜୀବନ

# ଜେନେରେଟର ବନ୍ଦ ହେବାରୁ ଫାର୍ମ ମାଲିକଙ୍କୁ ୧୫ ଲକ୍ଷର କ୍ଷତି



ମାଲକାନଗିରି,୧୭।୫(ସମିସ): ମାଲକାନଗିରି ଜିଲ୍ଲାରେ ଡିଜେଲ ଅଭାବ ଏବେ ଗୁରୁତର ସମସ୍ୟାର ରୂପ ନେଇଛି। ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ପରେ ଜେନେରେଟର ଚାଲି ନଥିବାରୁ ଏକ କୁକୁଡ଼ା ଫାର୍ମରେ ୫ ହଜାର ୩ ଶହ କୁକୁଡ଼ାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, କିଛିଦିନ ଧରି ମାଲକାନଗିରି ଜିଲ୍ଲାରେ ପେଟ୍ରୋଲ ଓ ଡିଜେଲର ତୀବ୍ର ଅଭାବ ଦେଖାଦେଇଛି। ପେଟ୍ରୋଲ ପମ୍ପଗୁଡ଼ିକରେ ଗ୍ରାହକମାନେ ଦୀର୍ଘ ସମୟଧରି ଲମ୍ବା ଲାଇନରେ ଅପେକ୍ଷା କରୁଥିବା ବେଳେ ମୋଟରସାଇକଲ ପାଇଁ ୨୦୦ ଟଙ୍କା ଓ କାର ପାଇଁ ୫୦୦ ଟଙ୍କା ପର୍ଯ୍ୟନ୍ତ ତେଲ ସୀମିତ କରାଯାଉଛି। ବେରେଲରେ ଡିଜେଲ ମିଳୁ ନଥିବାରୁ ଅନେକ ବ୍ୟବସାୟୀ ଓ ଚାଷୀ ମଧ୍ୟ ଅସୁବିଧାରେ ପଡ଼ିଛନ୍ତି। ଏହି ପରିସ୍ଥିତି ମଧ୍ୟରେ ଜିଲ୍ଲା ସଦରରେ ଟୁଟୁ ପାତ୍ରୀ ନାମକ କୁକୁଡା ଚାଷୀଙ୍କ କୁକୁଡ଼ା ଫାର୍ମ ନିକଟରେ ଥିବା ଟ୍ରାନ୍ସଫର୍ମରରେ ତ୍ରୁଟି ଦେଖାଦେବାରୁ ଗତ ରାତିରେ ବିଦ୍ୟୁତ ସଂଯୋଗ ବନ୍ଦ ହୋଇଯାଇଥିଲା। କୁକୁଡା ଫାର୍ମର ତାପକୁ ନିୟନ୍ତ୍ରଣ ପାଇଁ ତୁରନ୍ତ କର୍ମଚାରୀ ମାନେ ଜେନେରେଟର ଲଗାଇଥିଲେ। କିନ୍ତୁ ଡିଜେଲ ଅଭାବ ଯୋଗୁଁ ଜେନେରେଟର କିଛି ସମୟ ଚାଲିବା ପରେ ବନ୍ଦ ହୋଇଯାଇଥିଲା। ଫଳରେ ଫାର୍ମରେ ତାପମାତ୍ରା ବୃଦ୍ଧି ଯୋଗୁଁ ପ୍ରାୟ ୫୩୦୦ କୁକୁଡ଼ା ମୃତ୍ୟୁବରଣ କରିଥିଲେ। ମୃତ କୁକୁଡ଼ାଗୁଡ଼ିକର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ତେବେ ଏପର୍ଯ୍ୟନ୍ତ କୌଣସି କ୍ଷତିପୂରଣ ମିଳିନଥିବାରୁ ଫାର୍ମ ମାଲିକ ଦୁଃଖ ପ୍ରକାଶ କରିଛନ୍ତି। ପରେ ମୃତ କୁକୁଡ଼ାଗୁଡ଼ିକୁ ମାଟି ତଳେ ପୋତି ଦିଆଯାଇଥିବା ଜଣାପଡ଼ିଛି। ଜିଲ୍ଲାରେ ଇନ୍ଧନ ଅଭାବ ଓ ବିଦ୍ୟୁତ ସମସ୍ୟାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବା ବେଳେ ଶୀଘ୍ର ଏହାର ସମାଧାନ କରିବାକୁ ଦାବି ହେଉଛି।

# 'ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ'

ଜୟପୁର, ୧୭।୫(ସମିସ): ନୂତନ ରାଜ୍ୟ ସରକାର ଗଠନ ହେବା ପରେ ରାଜ୍ୟରେ ମହିଳାଙ୍କୁ ଉପରେ ନିର୍ଯାତନା ବୃଦ୍ଧି ପାଇଥିବା ବେଳେ ମହିଳା ଓ ଯୁବତୀମାନେ ଅସୁରକ୍ଷିତ ହୋଇପଡିଛନ୍ତି। ରାଜ୍ୟରେ ବିଭିନ୍ନ ଥାନାରେ ନାରୀ ନିର୍ଯାତନା ଓ ଅତ୍ୟାଚାରକୁ ନେଇ ଖବର ପ୍ରକାଶିତ ହେଉଛି। ଏଥିନେଇ ବିଜୁ ଜନତା ଦଳର ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ମହିଳା ବିଜେଡି ଦଳ ପକ୍ଷରୁ ନାରୀ ଅଧିକାର ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ କୋରାପୁଟ ଜିଲ୍ଲା ଜୟପୁରଠାରେ ମହିଳା ବିଜେଡି ପକ୍ଷରୁ ଏକ ଶୋଭାଯାତ୍ରା ସମେତ ନାରୀ ସମାବେଶ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଜେଡି ନେତ୍ରୀ ଡ.ଇନ୍ଦିରା ନନ୍ଦଙ୍କ ଆହ୍ୱାନକ୍ରମେ ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀର ପୌରାଞ୍ଚଳ ଓ ଗ୍ରାମାଞ୍ଚଳର ଶତାଧିକର ମହିଳା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

୨୦୩୩ରେ ରାଜ୍ୟରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ ଗତ ବିଜେଡି ସରକାରର ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଲାଗୁ କରିଥିଲେ। ପଞ୍ଚାୟତ, ସହରାଞ୍ଚଳରୁ,




ବିଜୁ ମହିଳା ଜନତା ଦଳର ନାରୀ ଅଧିକାର ଅଭିଯାନ

ବିଧାନସଭା ଏବଂ ଲୋକସଭାରେ ମଧ୍ୟ କାର୍ଯ୍ୟକାରୀ କରିଥିଲେ। କିନ୍ତୁ ବିଜେପି ସରକାର ୩୩ ପ୍ରତିଶତ ମହିଳା ସଂରକ୍ଷଣ ସାରା ଦେଶରେ ଲାଗୁ କରିବାରେ ବିଫଳ ହୋଇଛି ବୋଲ ସମାବେଶରେ ଅଭିଯୋଗ କରାଯାଇଥିଲା। ରାଜ୍ୟ ଓ ଦେଶରେ ବଢୁଥିବା ନାରୀ ନିର୍ଯାତନା, ହତ୍ୟା, ବଳାତ୍କାର ଓ ଅନ୍ୟାନ୍ୟ ଅତ୍ୟାଚାରକୁ ନିୟନ୍ତ୍ରଣ କରିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି। ଆଜି ପୂର୍ବାହ୍ନରେ ଜୟପୁର ଜ୍ୟୋତି କଲ୍ୟାଣ ମଣ୍ଡପଠାରେ ମହିଳା ନେତ୍ରୀ ଓ କର୍ମୀମାନେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ସମାବେଶସ୍ଥଳ ରାଜୁସାହି ପଞ୍ଚାନନ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ସମାବେଶର ନିଷ୍ପତ୍ତିକ୍ରମେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ନେଇ ଦସ୍ତଖତ ଅଭିଯାନ କରାଯାଇଥିଲା। ଦେଶର ରାଷ୍ଟ୍ରପତି ଜଣେ ହୋଇଥିବା ଯୋଗୁଁ ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଛି। ମହିଳାଙ୍କ ସୁରକ୍ଷା ନେଇ ବିଜେଡି ଦଳ ପକ୍ଷରୁ ଆନ୍ଦୋଳନ ଆଗାମୀ ଦିନରେ ଜୋରଦାର କରାଯିବ ବୋଲି ମହିଳା ନେତ୍ରୀମାନେ ଚେତବନୀ ଦେଇଥିଲେ। ବିଜୁ ମହିଳା ଜନତା ଦଳର ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ପାର୍ବତୀ ମସ୍ତି, ବୋରିଗୁମ୍ମା ବ୍ଲକ ଅଧ୍ୟକ୍ଷା ଦୀପ୍ତି ନାୟକ, ବରିଷ୍ଠ ନାରୀ ନେତ୍ରୀ କୌଶଲ୍ୟା ହିକକା, କାଉନସିଲର ସୁଷମା ମହାପାତ୍ର, ସ୍ମିତା ପାଣି, ବି. ଅରୁଣା, ଟ୍ୱିଙ୍କଲ ମିଶ୍ର ପ୍ରମୁଖ ନିଜ ନିଜ ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ଜିଲ୍ଲା ବିଜେଡି ସଭାପତି ଝିନ ହିକକା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ମିଶ୍ର, ସୂର୍ଯ୍ୟନାରାୟଣ ରଥ, ନାଗରାଜ ଦୋରା, ବାଲିଙ୍ଗି ରାଓ, ଶିବ ପଟ୍ଟନାୟକ, ଏ.ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ରାୟଗଡ଼ରେ ନିଦାଘ ଉତ୍ସବ ପାଳିତ



ରାୟଗଡ,୧୭।୫(ସମିସ): ଉତ୍କଳ ସାହିତ୍ୟ ସମାଜ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ନିଦାଘ ମହୋତ୍ସବ ସ୍ଥାନୀୟ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ ସଭା ଗୃହଠାରେ ଉତ୍କଳ ସାହିତ୍ୟ ସମାଜ ରାୟଗଡ଼ ଶାଖାର ଆବାହକ ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ରୂପେ ଦୈନିକ ସମାଜର ମୁଦ୍ରାକର ଓ ପ୍ରକାଶକ ରାଜେନ୍ଦ୍ର ଜେନା, ବରେଣ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ନବୀନଚନ୍ଦ୍ର ନାୟକ, ଉତ୍କଳ ସାହିତ୍ୟ ସମାଜର ଉପସଭାପତି ସୁଶାନ୍ତ କୁମାର ନାୟକ ସମ୍ମାନିତ ଅତିଥି ଓ ଉତ୍କଳ ସାହିତ୍ୟ ସମାଜ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଅଭିବୃଦ୍ଧି ପାଇଁ କାର୍ଯ୍ୟ କରିବା ପାଇଁ ଉତ୍କଳ ସାହିତ୍ୟ ସମାଜ ପ୍ରତିଶ୍ରୁତିବଦ୍ଧ। ଏଥିରେ ଭାଷା, ସାହିତ୍ୟ ସଂଗଠନ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଉତ୍କଳ ସାହିତ୍ୟ ସମାଜ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ତୁଲାଇବ ଉଚିତ୍ ବୋଲି ସମବେତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ସଂଯୋଜକ ଡକ୍ଟର ରାଜେଶ କୁମାର ପାଢ଼ୀ, ଶିବପ୍ରସାଦ ମିଶ୍ର ଅଭିଭାଷଣ ପ୍ରଦାନ କରିଥିବା ବେଳେ ନୀଳମଣି ପାଢ଼ୀଯୋଷି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା ପରିଚାଳନା କରିଥିଲେ। ଉତ୍ସବରେ ଡକ୍ଟର ପ୍ରୀତିଧାରା ସାମଲ, ରବି ଶତପଥୀ, ପ୍ରଦୀପ କୁମାର ମିଶ୍ର, ଶିବାଶିଷ କର, ଦିଲୀପ କୁମାର ଦାସ, ଅମିତାଭ ଖିଲାର, ପ୍ରେମଚାନ୍ଦ ମହାନ୍ତି, ଭୁବନ ମୋହନ ମହାନ୍ତି, ନୀଳ ଲୋହିତ ମହାପାତ୍ର, ବିଦେଶୀ ନାୟକ, ସୁଶାନ୍ତ ଦାସ, ପ୍ରାଣକୃଷ୍ଣ ପାଣିଗ୍ରାହୀ, ଅକ୍ଷୟ କୁମାର ଦାସ, ବ୍ରଜସୁନ୍ଦର ନାୟକ, ଜଗଦୀଶଚନ୍ଦ୍ର ଦୋରା, ଅକ୍ଷୟ କୁମାର ମଲ୍ଲିକ, ଗୌରାଙ୍ଗ ରାଉତ, କ୍ରିଷ୍ଣାପ୍ରିୟ ସାହାଣୀ, ରମେଶ ମିଶ୍ର, ଆଶ୍ୱିନ ଦାସ, ସତ୍ୟବାଦୀ ପତି, ଅଶ୍ୱିନୀ ତ୍ରିପାଠୀ, ଅରୁଣ ପାଣିଗ୍ରାହୀ, ରବି ଶତପଥୀ, ବିପିନ୍ ବିହାରୀ ବିଶ୍ୱାଳ, ସସ୍ମିତା ଆଚାର୍ଯ୍ୟ ଓ ମହେଶ୍ୱତା ପାଣିଗ୍ରାହୀ ଉପସ୍ଥିତ ରହିଥିଲେ। ପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ, ସଂଗୀତ ପରିବେଷଣ ହୋଇଥିଲା।

# ରାଜ୍ୟ ବିଜେଡି ସମ୍ପାଦକ ଦୁର୍ଗାପ୍ରସାଦ ତ୍ରିପାଠୀଙ୍କୁ ଭବ୍ୟ ସ୍ୱାଗତ



ମାଲକାନଗିରି, ୧୭।୫(ସମିସ): ମାଲକାନଗିରି ଜିଲ୍ଲା ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ତ୍ରିପାଠୀଙ୍କୁ ରାଜ୍ୟ ବିଜୁ ଜନତା ଦଳର ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ନୂତନ ଦାୟିତ୍ୱ ପାଇବା ପରେ ସେ ପ୍ରଥମଥର ପାଇଁ ଜିଲ୍ଲା ସଦରରେ ପହଞ୍ଚିଥିବା ବେଳେ ଦଳୀୟ କର୍ମୀ ଓ ସମର୍ଥକମାନଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଯାଇଥିଲା। ଭୈରବୀ ମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ଶୋଭାଯାତ୍ରାରେ ହଜାର ହଜାର ବିଜେଡି କର୍ମୀ, ସମର୍ଥକ ଓ ଦଳୀୟ ନେତାମାନେ ଯୋଗଦେଇଥିଲେ। ଢୋଲ ଓ ସ୍ଲୋଗାନରେ ସମଗ୍ର ପରିବେଶ ଉତ୍ସବମୁଖର ହୋଇଯାଇଥିଲା। ପରେ ଜିଲ୍ଲା ସଦର ସଂସ୍କୃତି ଭବନରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ବରିଷ୍ଠ ନେତା, କର୍ମୀ ଓ ସମର୍ଥକ ଶ୍ରୀ ତ୍ରିପାଠୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଓ ସମସ୍ତ ପଦଧିକାରୀଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ସଂଗଠନକୁ ଆହୁରି ମଜବୁତ କରିବା ପାଇଁ କାମ କରିବେ ବୋଲି କହିଥିଲେ। ସେହିପରି ଜିଲ୍ଲାରେ ଦଳକୁ ଅଧିକ ସକ୍ରିୟ ଓ ସୁଦୃଢ କରିବା ଦିଗରେ ସମସ୍ତ କର୍ମୀଙ୍କୁ ଏକାଠି ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲ୍ଲା ବିଜେଡି ସଭାପତି ମାନସ ମାଡକାମୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାମାରି ଟାଙ୍ଗୁଲ, ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ, ପୌରାଧ୍ୟକ୍ଷ ମନୋଜ କୁମାର ବେହେରା, ବରିଷ୍ଠ ନେତା ପ୍ରଭାକର ହନ୍ତାଳ, ଗୋପାଳ ପଣ୍ଡା, ପି ବାଲା ରାଓ, ଶିବ ତ୍ରିପାଠୀ, ପେଣ୍ଡରା ପଣ୍ଡା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅନ୍ନପୂର୍ଣ୍ଣା ଯୋଜନାରେ ଖାଉଟି ସାମଗ୍ରୀ ବଣ୍ଟନ

ନନ୍ଦପୁର, ୧୭।୫(ସମିସ): ନିଜେ ପାଇବା ସହ ଅନ୍ୟ ଦୁଇଜଣଙ୍କୁ ପାଇବାରେ ସହଯୋଗ କର। ସେହି ଦୁଇ ଜଣ ଆଉ ଦୁଇ ଜଣଙ୍କୁ ସହଯୋଗ କରିବେ। ଏହିପରି ଏକ ଯୋଜନା ଅନ୍ନପୂର୍ଣ୍ଣା ଯୋଜନା। ଏହି ଯୋଜନା କାର୍ଯ୍ୟକାରୀ ହୋଇଛି



ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପାଡୁଆଠାରେ। ଶତାଧିକ ହିତାଧିକାରୀଙ୍କୁ ମାସକର ଖାଉଟି ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ଯୋଜନାରେ ଜଡ଼ିତ ଥିବା ହିତାଧିକାରୀ ଏକ ବର୍ଷ ପର୍ଯ୍ୟନ୍ତ ଏକ ହଜାର ଟଙ୍କାର ଖାଉଟି ସାମଗ୍ରୀ ପାଇ ପାରିବେ। ରେକ୍ସର ୱେଲଫେୟାର ଫାଉଣ୍ଡେସନ୍ ପକ୍ଷରୁ ଅନ୍ନପୂର୍ଣ୍ଣା ଯୋଜନାରେ ଗ୍ରାମାଞ୍ଚଳଠାରୁ ସହର ପର୍ଯ୍ୟନ୍ତ ଲୋକଙ୍କୁ ଜଡ଼ିତ କରି ପ୍ରତି ମାସରେ ଏକ ହଜାର ଟଙ୍କାର ଖାଉଟି ସାମଗ୍ରୀ ପ୍ରଦାନ କରାଯାଉଛି। ପ୍ରଥମ ଥର ଏହି କାର୍ଯ୍ୟକ୍ରମରେ ପାଡୁଆ ଅଞ୍ଚଳର ଶତାଧିକ ଲୋକଙ୍କୁ ଖାଉଟି ସାମଗ୍ରୀ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି କାମେଶ କାମୁଡି, ଓଡ଼ିଶା ଆନ୍ଧ୍ର ଛତିଶଗଡ ଲିଡର ଉପେନ୍ଦ୍ର ତାଲ ମାରି, ସମିତି ସଭ୍ୟ ମୋହନ ଖରା, ପୂର୍ବତନ ସରପଞ୍ଚ ରେଲି ସୀସା ପ୍ରମୁଖ ଯୋଗ ଦେଇଥିଲେ।

# ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ଦାବିପତ୍ର

ଡାବୁଗାଁ, ୧୭।୫(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନିମନ୍ତେ ବିଜେପି ଜିଲ୍ଲା ଯୁବ ସଭାପତି ଶୁଭଜିତ ପାଣିଗ୍ରାହୀ ରବିବାର ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀଶଙ୍କର ମାଝିଙ୍କୁ ତାଙ୍କର ବାସଭବନରେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡିକ ହେଲା: ଡାବୁଗାଁ ମୁଖ୍ୟରାସ୍ତା ଅଙ୍ଗୀନଦୀଠାରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ସୋଲାର ଲାଇଟ ବ୍ୟବସ୍ଥା, ଡାବୁଗାଁ ଶ୍ମଶାନଠାରେ ଶବଦାହ ଗୃହ ନିର୍ମାଣ ଏବଂ ସୋଲାର ଲାଇଟ ବ୍ୟବସ୍ଥା, ଜିଲ୍ଲାର ମଧ୍ୟସ୍ଥଳୀ ଡାବୁଗାଁ ହୋଇଥିବାରୁ ଡାବୁଗାଁଠାରେ ଏକ ପାନ୍ଥ ନିବାସ ନିର୍ମାଣ କରିବା, ଡାବୁଗାଁ କୃଷି ଫାର୍ମଠାରେ ଥିବା



ପୋଖରୀକୁ ରୂପାନ୍ତରଣ ଏବଂ ସୁନ୍ଦର ପାର୍କ ନିର୍ମାଣ କରିବା ଓ ଡାବୁଗାଁଠାରେ ଶିକ୍ଷକଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଯଥା ତାଲିମ ପ୍ରଦାନ, ପାଠ୍ୟଚକ୍ରର ଆଲୋଚନା, ପ୍ରକଳ୍ପ କାର୍ଯ୍ୟ ପ୍ରସ୍ତୁତି ଏବଂ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ଏକ ଶିକ୍ଷକ ଭବନ ନିର୍ମାଣ କରିବା। ଉକ୍ତ ଦାବିଗୁଡିକ ଶୀଘ୍ର ଓ ପର୍ଯ୍ୟାୟକ୍ରମେ ପୂରଣ କରାଯିବ ନେଇ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଛନ୍ତି।

# ଭାରତୀୟ ମଜଦୁର ସଂଘର କାର୍ଯ୍ୟକାରୀ କମିଟି କାର୍ଯ୍ୟକର୍ତ୍ତା ଚୟନ

ଗୁଡ଼ାରୀ, ୧୭।୫(ସମିସ): ଗୁଡ଼ାରୀ ବ୍ଲକରେ ଭାରତୀୟ ମଜଦୁର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ତୁମୁଲୁପାଡୁ ଟୋଟାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଂଘର ସଭାପତି ପ୍ରମୋଦ କୁମାର ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସଦସ୍ୟ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ସଂଘର ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ସମ୍ମାନିତ ଅତିଥି ଭାବେ ବିଏମଏସ ଜିଲ୍ଲା ସଭାପତି ମୋହନ ରାଓ ମାଝୀ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗ, ରମାଦେବୀ ବାଉରୀ, ନିରଞ୍ଜନ ସେନାପତି, ଗୀତାଞ୍ଜଳି ହିଆଲ, ତମାଲ ସାହୁକାର ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଭାରତୀୟ ମଜଦୁର ସଂଘର ଅଙ୍ଗନବାଡି କର୍ମୀ, ଆଶା କର୍ମୀ,



ଶ୍ରମିକ ସଂଘ ଓ ବ୍ୟାବସାୟିକ ସଂଘ ବିଭିନ୍ନ ସମସ୍ୟା, ସଂଗଠନର ସୁଦୃଢ଼ୀକରଣ ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାସହ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ପ୍ରମୋଦ କୁମାର ପତିଙ୍କୁ ପୁନର୍ବାର ସଭାପତି, ସୁଶାନ୍ତ କୁମାର ନାୟକଙ୍କୁ ସମ୍ପାଦକ ଓ ସୁଭଦ୍ରା କହଁରଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ସେହିପରି ଉପସଭାପତି ଭାବେ ସୁଶାନ୍ତ କୁମାର ପାଣିଗ୍ରାହୀ, ସହ ସମ୍ପାଦକ ଭାବେ ରଞ୍ଜନ କୁମାର ବେହେରା, ସାଙ୍ଗଠନିକ ସମ୍ପାଦିକା ଭାବେ ରମାଦେବୀ ବାଉରୀ ଏବଂ ୭ ଜଣ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ଚୟନ କରାଯାଇଛି। କର୍ମକର୍ତ୍ତାମାନେ ସଂଘକୁ ଆହୁରି ସକ୍ରିୟ କରିବା ସହ ଶ୍ରମିକମାନଙ୍କ ଅଧିକାର ପାଇଁ ସଂଗଠିତ ଭାବେ କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ କରିଥିଲେ। ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରି ବୈଠକ ସମାପ୍ତ ହୋଇଥିଲା। ସ୍ଥାନୀୟ ସାମ୍ବାଦିକ ପ୍ରସାଦ ଲିମା, ଲୋକନାଥ ସାହୁ, ମକରଧ୍ୱଜ କାଦମ୍ବାଲୁ ଏବଂ ଶ୍ରୀନିବାସ ପାଢ଼ୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ପର୍ଯ୍ୟାବରଣ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

● ବେଆଇନ ଗୋ-ଚାଲାଣ

# ୧୫ ଗାଈ ଉଦ୍ଧାର; ପୁଲିସର ତଦନ୍ତ ଜାରି

କାଲିମେଲା,୧୭।୫(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ କାଲିମେଲା ପଞ୍ଚାୟତ ଅନ୍ତର୍ଗତ ଅଲସିଗୁଡା ଗ୍ରାମ ନିକଟରେ ଗୋ-ଚାଲାଣ ଅଭିଯୋଗକୁ କେନ୍ଦ୍ରକରି ଚଞ୍ଚଳତା ଦେଖାଯାଇଛି। ଶନିବାର ରାତି ପ୍ରାୟ ୨ଟା ସମୟରେ ପୁନିମେଟଲା ଅଞ୍ଚଳରୁ ହାଇଦ୍ରାବାଦ ଅଭିମୁଖେ ପ୍ରାୟ ୧୫ଟି ଗାଈ ଚାଲାଣ ହେଉଥିବା ସୂଚନା ପାଇ ମାଲକାନଗିରି ସନାତନୀ ଗ୍ରୁପ୍ ଏବଂ ବଜରଙ୍ଗ ଦଳର କେତେକ ଯୁବକ ଘଟଣାସ୍ଥଳରେ ପହଞ୍ଚି



ଗାଈ ଗୁଡିକୁ ଅଟକାଇଥିବା ଜଣାପଡ଼ିଛି। ଯୁବକମାନେ ଗାଈମାନଙ୍କୁ ଗୋ ହତ୍ୟା ପାଇଁ ଚାଲାଣ କରାଯାଉଥିବା ଅଭିଯୋଗ କରିଥିବା ବେଳେ ଘଟଣା ସମ୍ପର୍କରେ କାଲିମେଲା ଥାନାକୁ ସୂଚନା ଦିଆଯାଇଥିଲା। ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗାଈମାନଙ୍କୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। କାଲିଗୁଡା ଗ୍ରାମର କରା ମୁଓା ଓ ମନ୍ଦାପଲ୍ଲୀ ଗ୍ରାମର ଯୋଗ ହାଲବାଙ୍କ ନାମକ ଦୁଇ ବ୍ୟକ୍ତି ଏହି ଗୋ ଚାଲାଣ କରୁଥିବା ଜଣାପଡିଛି। ଘଟଣାସ୍ଥଳରେ ଏସଆଇ କୁମାର ମାଝୀ, ଏଏସଆଇ ରାମକାନ୍ତ ସାହୁ, ଇର୍ମା ରାୱା ଓ ହାବିଲଦାର ଦେବା ମାଡକାମି ସହ କାଲିମେଲା ଥାନାର ପୁଲିସ ଟିମ୍ ପହଞ୍ଚି ଯାଞ୍ଚ କାର୍ଯ୍ୟ ଜାରି ରଖିଛନ୍ତି। ପୁଲିସ ପକ୍ଷରୁ ତଦନ୍ତ ପରେ ଘଟଣାର ପ୍ରକୃତ ସତ୍ୟତା ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି।

# ୪୩ ଟିକିଆ ହାତୀ ପଲ ଘେରାବନ୍ଦୀରେ ଗ୍ରାମବାସୀ

କଲ୍ୟାଣସିଂହପୁର, ୧୭।୫(ସମିସ): କର୍ଲାପାଟ ବନଖଣ୍ଡ କରିଡ଼ର ଦେଇ କଳାହାଣ୍ଡିଆ ହାତୀ ରାୟଗଡା ଜିଲ୍ଲାର ବନାଞ୍ଚଳରେ ପଶି ଦିନକୁ ଦିନ ଲୋକଙ୍କୁ ଭୟଭୀତ କରି ନିଜ ଅକ୍ତିଆରରେ ରଖିଛନ୍ତି କହିଲେ ଭୁଲ ହେବନାହିଁ। ପୁଣି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସିଙ୍ଗାରି, ପାର୍ଶାଲି ଧାମୁଣି ପଙ୍ଗା, ପଲମା, ନାରାୟଣ ପୁର, କରପା ପଞ୍ଚାୟତରେ ୪୩ ଟିକିଏ ହାତୀପଲ ଅଞ୍ଚଳକୁ ଘେରାବନ୍ଦୀ କରି ରଖିଥିବାରୁ ଅଞ୍ଚଳର ଲୋକେ ରାତ୍ର ପଦାକୁ ବାହାରିବାକୁ ଭୟ କରୁଛନ୍ତି। ସିଙ୍ଗାରି ପଞ୍ଚାୟତର ପାଦୁଲୁ ଗୁଡା ପାଳ ଖମଣ ସିନ୍ଧି ପଦର ଓ ପାର୍ଶାଲି ପଞ୍ଚାୟତ ଖୁର୍ଷୁ ମୁହଁ, ଚାଟିକଣା, ବୁଡୁଣି ଅଞ୍ଚଳରେ ୨୮ଟି ହାତୀ



ମଧ୍ୟରୁ ୬ଟି ଛୁଆ ୨୨ଟି ଦନ୍ତା ଓ ମାଈ ହାତୀ ରହିଥିବାରୁ ଉକ୍ତ ଅଞ୍ଚଳରେ ଲୋକେ ଭୟରେ ରହିଛନ୍ତି। ସେହିପରି ପଲମା ପଞ୍ଚାୟତର ବନ୍ଧ କରଞ୍ଜା, ପଡିଭଟା, ପାପିକଣା, ଉପର ସଜା, ଭିତର ସଜା ଅଞ୍ଚଳରେ ୬ଟି ହାତୀପଲ ରହି ଅଞ୍ଚଳକୁ ଓ ଗ୍ରାମବାସୀଙ୍କୁ ଡରାଇ ରଖିଛନ୍ତି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ସେହିଭଳି ଧାମୁଣି ପଙ୍ଗା ଗୁଗୁରୁ ମାଣ୍ଡି ତାଡିଝୋଲା କାଳିଆ ଗୁଡା, ନାରାୟଣ ପୁର ପଞ୍ଚାୟତର ବଡ଼ କୁଆଙ୍ଗ, ସାନ କୁଆଙ୍ଗ କରପା ମୁଡୁକୁଣି, ହିରିସୁଳି ଗ୍ରାମଗୁଡ଼ିକରେ ୯ ଟିକିଆ ହାତୀପଲ ଅଞ୍ଚଳକୁ ଘେରା ବନ୍ଦୀ କରି ରଖିଥିବା କହିଛନ୍ତି ଅଞ୍ଚଳବାସୀ। ଚାଟିକଣାଠାରୁ ଖୁର୍ଷୁ ମୁହଁ ରାସ୍ତା ନିର୍ମାଣରେ ଶ୍ରମିକ ରହିଥିବା କେମ୍ପକୁ ଭାଙ୍ଗିବା ପାଇଁ ପଶୁଥିବା ବେଳେ ଶ୍ରମିକମାନେ ଉଠିପଡ଼ିବାରୁ ଚାଲିଗଲେ ହାତୀପଲ। ହାତୀପଲ ଦେଖି ଲୋକେ ଭୟଭିତ ହୋଇଥିବା କେମ୍ପରୁ ଉଠି ଚାଲିଯାଇଥିବା ଦେଖିବାକୁ ମିଳିଛି। ଗତ କାଲି ରାତ୍ର ରେ ପ୍ରାୟ ୨୮ଟି ହାତୀ ଦେଖି ଭୟରେ ଅଛନ୍ତି ଜଙ୍ଗଲୀ ଅଞ୍ଚଳବାସୀ। ଉକ୍ତ ଖବର ପାଇ ରେଞ୍ଜର ସଚିଦାନନ୍ଦ ପରିଡା, ବନପାଳ ଶିବଶଙ୍କର ମହାପାତ୍ର, ଅନ୍ୟ ଫରେଷ୍ଟର, ପାରାଗାର୍ଡ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରି ନଜର ରଖି ଲୋକଙ୍କୁ ସଚେତନା କରୁଥିବା ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ ଆମ୍ବ, ପଣଶ କଦଳୀ, ସପୁରି ବିଶେଷକରି ପାଣିର ସୁବିଧା ରହିଥିବାରୁ କଳାହାଣ୍ଡିଆ ହାତୀ କର୍ଲାପାଟ କରିଡ଼ର ଦେଇ ଆସି ବସାବାନ୍ଧି ରହିଯାଉଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

# ନୂଆଦିଲ୍ଲୀ 'ମଦର ଡେରୀ'କୁ ରପ୍ତାନି ହେଲା ୨.୫ ମେଟ୍ରିକ୍ ଟନ୍ ଆମ୍ରପାଲି ଆମ୍ବ

ରାୟଗଡ଼, ୧୭।୫(ସମିସ): ରାୟଗଡ଼ ପ୍ରୋତ୍ସାହିତ କରିବା ଏବଂ ସ୍ଥାନୀୟ ସଂଯୋଗ ସୁଯୋଗ ସୁନିଶ୍ଚିତ କରିବା ବିପଣନ ସମିତି (ଓରମାସ) ଏବଂ କୃଷକ ନିରନ୍ତର ପ୍ରୟାସ ଏକ ବଡ଼ ସଫଳତା ରାୟଗଡ଼ ଅଧୀନରେ ଥିବା ଏଫପିଓ ବିପଣନ ପଦକ୍ଷେପ ମାଧ୍ୟମରେ ୨.୫ 'ଆମ୍ରପାଲି' କିସମର ଆମ୍ବ ସଫଳତାର କେଏପିସିଏଲ ମୁନିଗୁଡ଼ା ଦ୍ୱାରା ମୁନିଗୁଡ଼ା ଏହି ଆମ୍ବ ସଂଗ୍ରହ ଓ ସଂଗୃହୀତ ପ୍ରସିଦ୍ଧ 'ମଦର ଡେରୀ'କୁ ଯୋଗାଣ ପାଇଁ ଗାଡ଼ିକୁ ରାୟଗଡ଼ ଜିଲ୍ଲା ପରିଷଦର ଓରମାସର ଉପସିଇଓଙ୍କ ଉପସ୍ଥିତିରେ ଅଭିନବ ପଦକ୍ଷେପ ଆଗାମୀ ଦିନରେ ଉତ୍ପାଦର ଉଚିତ ମୂଲ୍ୟ ଦେବା ସୁଧାର ଆଣିବାରେ ସହାୟକ ହେବ




ଜିଲ୍ଲାରେ ସାମୂହିକ ବିପଣନକୁ ଚାଷୀଙ୍କ ପାଇଁ ଉତ୍ତମ ବଜାର ଦିଗରେ ଓଡ଼ିଶା ଗ୍ରାମୀଣ ଉନ୍ନୟନ ଓ ଉତ୍ପାଦକ ସଂଗଠନ (ଏଫପିଓ)ଙ୍କର ଆଣି ଦେଇଛି। ଆଜି ଓରମାସ ଦ୍ୱାରା କରାଯାଇଥିବା ଏକ ସାମୂହିକ ମେଟ୍ରିକ ଟନ୍ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ସହ ଯୋଗାଇ ଦିଆଯାଇଛି। ବ୍ଲକର ସ୍ଥାନୀୟ ଚାଷୀମାନଙ୍କଠାରୁ କରାଯାଇଥିଲା। ନୂଆଦିଲ୍ଲୀ ସ୍ଥିତ ଏହି ଆମ୍ବ ବହନ କରୁଥିବା ପରିବହନ ସିଡିଓ ଅକ୍ଷୟ କୁମାର ଖେମୁଣ୍ଡୁ ଏବଂ ଶୁଭାରମ୍ଭ କରାଯାଇଥିଲା। ଏହି ଜିଲ୍ଲାର କୃଷକମାନଙ୍କୁ ସେମାନଙ୍କ ସହ ଆର୍ଥିକ ସ୍ଥିତିରେ ବ୍ୟାପକ ବୋଲି ଶ୍ରୀ ଖେମୁଣ୍ଡୁ କହିଛନ୍ତି।

## ଦୃଷ୍ଟିହୀନଙ୍କ ଭଜନ ସମାରୋହ

ଜି.ଉଦୟଗିରି,୧୭।୫(ସମିସ): ଜି.ଉଦୟଗିରିରେ ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ମା ବ୍ରାହ୍ମଣୀ ଦେବୀ ଦୃଷ୍ଟିହୀନ ଭଜନ ସନ୍ଧ୍ୟା ତରଫରୁ ସହରର ବନ୍ଧଛକରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗଣେଶ ମାର୍କେଟ କମ୍ପ୍ଲେକ୍ସ ତରଫରୁ ନୂତନ ପଟ୍ଟନାୟକ, ଶଙ୍କର୍ଷଣ ଡାକୁଆ, ଦିବାକର ସାହୁ, ଅନନ୍ତ ଅନୁରୂପ ବେହେରା, ସୋମୁ ପତିଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ଭଜନ ଟିମ ସମସ୍ତେ ଦୃଷ୍ଟିହୀନ ଥିବାବଳେ ଉଚ୍ଚକୋଟିର ଭଜନ ପରିବେଷଣ କରିଥିଲେ।

## ଏଏମ୍‌ସିଏସ୍ କଲେଜରେ ଛାତ୍ରୀଙ୍କ ସଫଳତା



ଟିକାବାଲି,୧୭।୫(ସମିସ): ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ସ୍ନାତକ ଶେଷ ବର୍ଷର ଛାତ୍ରୀ ଲିଙ୍କିମା ପ୍ରଧାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ୨୦୨୬ ସ୍ନାତକ (କଳା) ପରୀକ୍ଷାରେ ୧୦୯୨ ନମ୍ବର ରଖି ଅର୍ଥନୀତି ବିଭାଗରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ନବମ ସ୍ଥାନରେ କରିଛନ୍ତି। ସେ ଗାର୍ଡିଙ୍ଗିଆ ପଞ୍ଚାୟତ ମଣ୍ଡାଗୁଡ଼ା ଗ୍ରାମର ଅନାଦି ପ୍ରଧାନଙ୍କ କନ୍ୟା। ଆଗକୁ ଜଣେ ଭଲ ଅଧ୍ୟାପିକା ହୋଇ ପିଲାମାନଙ୍କୁ ଉତ୍ତମ ଶିକ୍ଷାଦାନ କରିବେ ଏବଂ ସମାଜରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସୂଚାରୁରୂପେ ସମ୍ପାଦନ କରିବେ ବୋଲି କହିଛନ୍ତି। ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି, ବର୍ତ୍ତମାନର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ରଥ, ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ଶଙ୍କର ପାଢ଼ୀ, ଅଧ୍ୟାପିକା ଶିବାନୀ କହଁର, ଅଧ୍ୟାପକ ନରେନ୍ଦ୍ର ଦିଗାଲ, ବନମାଳୀ ବେହେରା, ବିରୂପାକ୍ଷ ତ୍ରିପାଠୀ ଏବଂ କଲେଜ କର୍ମଚାରୀ ଦୀପକ ସାହୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବ୍ରହ୍ମାକୁମାରୀ ସଂସ୍ଥାନର ପ୍ରତିଷ୍ଠା ଉତ୍ସବ



ଛତ୍ରପୁର,୧୭।୫(ସମିସ): ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଛତ୍ରପୁର ଶାଖାର ୩୦ତମ ବାର୍ଷିକୀ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ବ୍ରହ୍ମାକୁମାରୀ ସଂସ୍ଥାନର କାର୍ଯ୍ୟକ୍ରମ ଛତ୍ରପୁର ସହରରେ ପୂର୍ବେ ଏକ ଅସ୍ଥାୟୀ କୋଠାରେ ଦୀର୍ଘବର୍ଷ ଧରି ଚାଲୁ ରହି ଆସିଥିବା ବେଳେ ୨୦୦୩ ନଭେମ୍ବର ମାସ ୪ ତାରିଖରେ ଏହି ସଂସ୍ଥାନର ଏକ ସ୍ଥାୟୀ କୋଠା ନିର୍ମାଣ ନିମନ୍ତେ ଛତ୍ରପୁର ସହରାଞ୍ଚଳର କଳ୍ପବାସିନୀ ନଗର ଠାରେ ବିଶିଷ୍ଟ ସନ୍ଥ ବ୍ରହ୍ମାକୁମାରୀ ଦାଦି ରତ୍ନ ମୋହିନୀଙ୍କ ଦ୍ୱାରା ଭୂମି ପୂଜନ କାର୍ଯ୍ୟକ୍ରମରେ ଶିଳାନ୍ୟାସ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ କାଳରେ ୨୦୦୮ ଫେବୃଆରୀ ୨୪ ତାରିଖରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଛତ୍ରପୁର ଶାଖାର ନୂତନ କୋଠା ନିର୍ମାଣ ହୋଇପାରିଥିଲା। ରବିବାର ପୂର୍ବାହ୍ନରେ ପ୍ରଭାତ ଫେରି ଶୋଭାଯାତ୍ରା ସହ ଆନୁଷ୍ଠାନିକ ସମାରୋହ ସହ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଗଞ୍ଜାମ ପୋଲିସ ପ୍ରଶାସନ ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଚିନ୍ମୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଧ୍ୱଜା ଉତ୍ତୋଳନ କରିଥିଲେ। ରାଜଯୋଗିନୀ ବ୍ରହ୍ମା କୁମାରୀ ବିଜୟ ଲକ୍ଷ୍ମୀ ଏହି କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ। ବ୍ରହ୍ମା କୁମାର ସୂର୍ଯ୍ୟ ଭାଇ ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ବ୍ରହ୍ମା କୁମାର ବାଲା କ୍ରିଷ୍ଣା ଭାଇ, ରଜନୀକାନ୍ତ ଭାଇ ଦୀପା ଭଉଣୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ପୌର ପରିଷଦର କଂଗ୍ରେସ କମିଟି ସଭାପତି ହେଲେ କାଳିଆ



ଛତ୍ରପୁର,୧୭।୫(ସମିସ): ଛତ୍ରପୁରର ଯୁବ ସଂଗଠକ ତଥା ଟାଣୁଆ ନେତା କାଳିଆ ରାଉଳଙ୍କୁ ଗଞ୍ଜାମ ଜିଲ୍ଲା କଂଗେସ (ପୂର୍ବ) କମିଟିର ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ ପ୍ରଦାନ କରିଛନ୍ତି। ଶ୍ରୀ ରାଉଳଙ୍କୁ ଛତ୍ରପୁର ପୌରପରିଷଦ କଂଗ୍ରେସ କମିଟିର ନୂତନ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଶ୍ରୀ ପଟ୍ଟନାୟକ ଏକ ଚିଠି ମାଧ୍ୟମରେ ସୂଚନା ଦେଇଛନ୍ତି। ଛତ୍ରପୁର ପୌରପରିଷଦର କଂଗ୍ରେସ ଦଳର ସଭାପତି ଭାବେ ଦାୟିତ୍ୱ କାଳିଆ ରାଉଳ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏନେଇ ସେ କହିଛନ୍ତି ଯେଉଁ ଗୁରୁ ଦାୟିତ୍ୱ ମୋତେ ଦଳ ଦେଇଛନ୍ତି ତାଙ୍କୁ ମୁଁ ସୁଚାରୁ ରୂପେ ତୁଲାଇବା ସହିତ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ଜିଲ୍ଲା ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ, ଉପଦେଷ୍ଟା ତ୍ରିନାଥ ବେହେରା, ଜିଲ୍ଲା ଉପସଭାପତି ଅଶୋକ କୁମାର ପଟ୍ଟନାୟକ, ବୃନ୍ଦାବନ ଖଟେଇ ଏବଂ ଦଳୀୟ ନେତା ଓ କର୍ମୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ପାରଳାରେ ପେଟ୍ରୋଲ, ଡିଜେଲର କୃତ୍ରିମ ଅଭାବ

ପାରଳାଖେମୁଣ୍ଡି,୧୭।୫(ସମିସ)

- ବ୍ୟାରେଲରେ ଦେଉଛନ୍ତି ତେଲ, ଗ୍ରାହକ ହନ୍ତସନ୍ତ
- ପ୍ରଶାସନର ନିର୍ଦ୍ଦେଶ ମାନୁନାହାନ୍ତି ପମ୍ପ ମାଲିକ ଓ କର୍ମଚାରୀ



ପାରଳାଖେମୁଣ୍ଡି ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ପେଟ୍ରୋଲ ପମ୍ପରେ ତେଲ ଅଭାବ ନଥିବା ପ୍ରଶାସନ କହୁଥିବା ବେଳେ କେତେକ ପମ୍ପରେ କୃତ୍ରିମ ଅଭାବ ସୃଷ୍ଟି କରାଯାଉଥିବା ଅଭିଯୋଗ ହୋଇଛି। ସହରର ଶ୍ରୀକ୍ରିଷ୍ଣା ସିନେମା ହଲ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରେ ୧୦୦୦ ଟଙ୍କା ତେଲକୁ ଦେଉଛି ୯୦୦ ଟଙ୍କାର ବଳକା ୧୦୦ କମିଶନ ଖାଉଥିବା ଅଭିଯୋଗ ମଧ୍ୟ ହୋଇଛି। ସେପଟେ ବ୍ୟାରେଲରେ ତେଲ ନଦେବା ପାଇଁ ପ୍ରଶାସନ ତାଗିଦ କରିଥିଲେ ମଧ୍ୟ ବ୍ୟାରେଲ ଧରି ଆସୁଥିବା ଲୋକଙ୍କୁ ତୈଳ ଦିଆଯାଉଛି। ଏହି ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ ଗଲେ ତେଲ ମହଜୁଦ ଥାଇ ମଧ୍ୟ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରାଇ ତେଲ ଭରୁଛନ୍ତି। ଏହା ସହ ଏକ ହଜାର ଟଙ୍କାର ଡିଜେଲ ବ୍ୟାରେଲରେ ଭରିଲେ ୯ଶହ ଟଙ୍କାର ତେଲ ପକାଇ ଶହେ ଟଙ୍କା କମିଶନ ନେଉଥିବା ଅଭିଯୋଗ ହୋଇଛି। ଏନେଇ ପଚରା ଉଚରା କଲେ କର୍ମଚାରୀ ଏକଜୁଟ ହୋଇ ହୋହାଲ୍ଲା କରିବା ସହ ତେଲ ତୁମକୁ ଦିଆଯିବନି ବୋଲି ନାଲି ଆଖି ଦେଖାଉଛନ୍ତି। ଏପରିକି ସେମାନଙ୍କ ବ୍ୟବହାରର ଭିଡିଓ ଦୃଶ୍ୟକୁ କିଛି ଗ୍ରାହକ କଏଦ କଲାବେଳେ ସେମାନଙ୍କ ମୋବାଇଲ ଫୋନ୍‌କୁ ଛଡାଇ ନେଇ ଭିଡିଓ ଦୃଶ୍ୟକୁ ଡିଲିଟ୍ ମାରିଦେଇଥିବାର ମଧ୍ୟ ଅଭିଯୋଗ ହୋଇଛି। ପେଟ୍ରୋଲ ପମ୍ପକୁ ବ୍ୟାରେଲ ଧରି ଆସୁଥିବା ଲୋକଙ୍କୁ ତେଲ ଦିଆଯାଉଥିବା ବେଳେ କିଛି ତେଲ ଗ୍ରାହକ ଆପତ୍ତି କରିଥିଲେ ମଧ୍ୟ ଆମ ଇଚ୍ଛାରେ ତେଲ ଦେବୁ ତୁମେ କିଏ ବୋଲି ଯୁକ୍ତି କରୁଛନ୍ତି। ହେଲେ ପ୍ରଶାସନ ତୈଳ ସଙ୍କଟ ହେବା ଆଶଙ୍କା କରି ବ୍ୟାରେଲରେ ତେଲ ଦେବା ପାଇଁ ତାଗିଦ କରୁଥିବା ବେଳେ ଏହି ପମ୍ପ ମାଲିକ ଜଣକ ବେଖାତିର କରି ୪୦ ରୁ ୫୦ ଲିଟର ଦେଉଛନ୍ତି। ଯାହାକି ପ୍ରଶାସନର ନିର୍ଦ୍ଦେଶକୁ ଫୁଙ୍କରି ଚାଲିଥିବାର ଆଲୋଚନା ହେଉଛି। ଏନେଇ ଉଲ୍ଲେଖିତ ପେଟ୍ରୋଲ ଡିଜେଲ ପମ୍ପର ମାଲିକଙ୍କୁ ପଚରାଯିବାରେ ଘଟଣାର ନେଇ ତଦନ୍ତ କରିବେ ବୋଲି କହିଛନ୍ତି। ତୈଳ ଅଭାବ ନଥିଲେ ମଧ୍ୟ ଏପରି କିଛି ପେଟ୍ରୋଲ ପମ୍ପ ମାଲିକ କୃତ୍ରିମ ଅଭାବ ସୃଷ୍ଟି କରି ରାତାରାତି ମାଲାମାଲ ହେବା ପାଇଁ ଚେଷ୍ଟା କରୁଥିବା ଅଭିଯୋଗ ହେଉଛି।

## ବିଭିନ୍ନ ସ୍ଥାନରେ 'ଆର୍ଟ ଅଫ ଗିଭିଂ' କାର୍ଯ୍ୟକ୍ରମ



ଛତ୍ରପୁର,୧୭।୫(ସମିସ): କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମର ୧୩ତମ ପ୍ରତିଷ୍ଠା ଦିବସ ଅବସରରେ ଛତ୍ରପୁରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଥିମ ସେୟାର ଟୁ ସାଇନ ଅବସରରେ ଛତ୍ରପୁର ଷ୍ଟାଡିଅମ ଠାରେ ସନରାଇଜର୍ସ କ୍ଲବ ପକ୍ଷରୁ ଏକ ଭଲିବଲ ମ୍ୟାଚ ଆୟୋଜିତ ହୋଇଥିଲା। କିଟ୍ ୟୁନିଭରସିଟିର ଡେପୁଟି ଲାଇବ୍ରେରିୟାନ ଅଶୋକ କୁମାର ସାହୁ ଓ କାର୍ଯ୍ୟ ନିର୍ବାହୀ ଷ୍ଟାଫ ସୁଶାନ୍ତ କୁମାର ପଟ୍ଟନାୟକ ସଂଯୋଜକ ଭାବେ ଯୋଗ ଦେଇ ଆର୍ଟ ଅଫ ଗିଭିଂର ୧୩ ବର୍ଷର ସଫଳତା ବର୍ଣ୍ଣନା କରିଥିଲେ। ଏହି ଅବସରରେ ଛତ୍ରପୁର ସନରାଇଜର୍ସ ଭଲିବଲ ଟିମର ସଭାପତି ସମୀର ପଟ୍ଟନାୟକ, ସମ୍ପାଦକ ରଜନୀ କାନ୍ତ ପଟ୍ଟନାୟକ କୋଷାଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ପାତ୍ର, ଖେଳାଳୀ ସୁବାସ ସେଠି, ସୁଧାକର ଦୋରା, ଲିଙ୍ଗରାଜ ରେଡ୍ଡୀଙ୍କ ସମେତ ବହୁ ଖେଳାଳୀ ଯୋଗଦେଇଥିଲେ।

ଗଞ୍ଜାମ: ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ କାଇଁଚପୁର ଗ୍ରାମରେ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଟ୍ ୟୁନିଭରସିଟିର ଡେପୁଟି ଡେଭଲପମେଣ୍ଟ ଛାୟାକାନ୍ତ ପଟ୍ଟନାୟକଙ୍କ ତତ୍ତ୍ୱବଧାନରେ କିଟ୍ ୟୁନିଭରସିଟିର କର୍ମଚାରୀ ହେମନ୍ତ କୁମାର ବେହେରାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ପରିଷଦର ୧୫ ନମ୍ବର ଜୋନ ସଭ୍ୟ ସନାତନ ବେହେରା, ସମାଜସେବୀ ପୁର୍ଣ୍ଣେନ୍ଦୁ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସାନ କାଇଁଚପୁର ଗ୍ରାମର ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହା ସହିତ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଏଭଳି ପଦକ୍ଷେପକୁ ଅତିଥି ଓ ଖେଳାଳୀ ମାନେ ପ୍ରଶଂସା କରିଥିଲେ। ଏନେଇ ଅନୁଷ୍ଠିତ ଭଲିବଲ ଟୁର୍ଣ୍ଣାମେଣ୍ଟରେ କୁନା ବେହେରା, ତ୍ରିପତି ରେଡ୍ଡୀଙ୍କ ସମେତ ବହୁ ଖେଳାଳୀ ସାମିଲ ଥିଲେ।

## ରାୟଗଡରେ ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ




ରାୟଗଡ, ୧୭।୫(ସମିସ): ରାୟଗଡ ସହରର ତେଜସ୍ୱୀ ହୋଟେଲଠାରେ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ମହା ଆଡମ୍ବର୍ସହକାରେ ପାଳନ କରାଯାଇଛି। କଳିଙ୍ଗ ଟିଭି ରାୟଗଡ଼ ବ୍ୟୁରୋ ହେଡ ଅମୂଲ୍ୟ ରତ୍ନ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାୟଗଡ ରେଳ ଡିଭିଜନର ଡିଆରଏମ ଅମିତାଭ ସିଂଘଲ ମୁଖ୍ୟଅତିଥି, ରାୟଗଡ ବିଡିଓ ସୁଜିତ କୁମାର ମିଶ୍ର ସମ୍ମାନିତ ଅତିଥି, ରାମନାଗୁଡା ତହସିଲଦାର ପ୍ରାଣ କୃଷ୍ଣ ପାଣିଗ୍ରାହୀ ଅନ୍ୟତମ ଅତିଥି ଓ କିସ୍ ଆଲୁମିନି ରାଜ୍ୟ ସଭାପତି ହର ପ୍ରସାଦ ହେପୃକା ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନାଥ ଆଶ୍ରମ ସେବା ସମାଜର ଛାତ୍ରୀମାନେ ଶିବ ତାଣ୍ଡବ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ସୁସ୍ଥ ସମାଜ ଗଠନ ପାଇଁ ସହାୟତା ହିଁ ମାଧ୍ୟମ ଏବଂ ଆମେ ଆମର ଆଗାମୀ ପିଢ଼ି ପାଇଁ ଆର୍ଟ ଅଫ ଗିଭିଂ ଶିକ୍ଷା ଦେବା ଉଚିତ୍ ବୋଲି ଡିଆରଏମ୍ ଅମିତାଭ ସିଂଘଲ କହିଥିଲେ।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା




ପୋଲସରା,୧୭।୫(ସମିସ): ପୋଲସରାରେ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲସରା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଭିନାଶ ନାଇଡୁଙ୍କ ଅଧ୍ୟକ୍ଷତାରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଲସରା ମ୍ୟୁନସିପାଲିଟି ଅଧ୍ୟକ୍ଷା ସଙ୍ଗୀତା ବେହେରା ଓ ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନା, ଏପିପି ଅବଦେସ ପଟ୍ଟନାୟକ, ରମେଶ ଚନ୍ଦ୍ର ପ୍ରଧାନ ଓ ବ୍ରଜବନ୍ଧୁ ଦଳବେହେରା ଏବଂ ଓକିଲ ବ୍ରଜେନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଦିନକୁ ଦିନ ପରିବେଶ ଦୂଷିତ ହେଉଥିବାକୁ ନେଇ ଉଦବେଗ ପ୍ରକାଶ କରିଥିଲେ ମଞ୍ଚାସୀନ ଅତିଥି। ଏହାର ନିରାକରଣ ପାଇଁ ଆବଶ୍ୟକ ପଦକ୍ଷେପ ସହ ସର୍ବସାଧାରଣ ସ୍ତରରେ କିପରି ନିଆଯିବ ସେନେଇ ଆଲୋଚନା ହୋଇଥିଲା। ମଞ୍ଚ ପରିଚାଳନା ଏପିପି ବ୍ରଜବନ୍ଧୁ ଦଳ ବେହେରା ଏବଂ କ୍ଲର୍କ ଶେରୁ ସାମଲ କରିଥିବା ବେଳେ ନିର୍ବାହୀ ଅଧିକାରୀ ଶ୍ରୀ ଜେନା ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଅଦାଲତର ସନ୍ଦୀପ କୁମାର ପ୍ରଧାନ, ସଲୀଲ କୁମାର ସାହୁ, ପ୍ରଶାନ୍ତ କୁମାର ପଣ୍ଡା ଓ ରୁପକ ଆଚାର୍ଯ୍ୟଙ୍କ ସମେତ ପୌରପରିଷଦର ସାନିଟାରୀ ଏକ୍ସପର୍ଟ ତେଜସ୍ୱିନି ନାୟକ, କନିଷ୍ଠ ଯନ୍ତ୍ରୀ, ସ୍ୱଚ୍ଛସାଥି ବବିତା ବେହେରା, ଗୀତାଞ୍ଜଳୀ ପ୍ରଧାନ, ରଶ୍ମିତା ରାଉତ, ରୁନୁ ସାହୁଙ୍କ ସମେତ ସମସ୍ତ କାଉନସିଲର, ବିଭାଗୀୟ ଷ୍ଟାଫ ଏବଂ କର୍ମଚାରୀ ସହଯୋଗ କରିଥିଲେ।

## ଅଧିକ କ୍ଷୁଦ୍ର ଶସ୍ୟ ଚାଷ ପାଇଁ ଆହ୍ୱାନ



ଦାରିଙ୍ଗବାଡି,୧୭।୫(ସମିସ): ଦାରିଙ୍ଗବାଡି ବ୍ଲକରେ ପାରମ୍ପରିକ ତଥା ପୁଷ୍ଟିସାରଯୁକ୍ତ ମାଣ୍ଡିଆ, ହଳଦୀ, କାଙ୍ଗୁ ଓ ସୁଆଁ ଭଳି କ୍ଷୁଦ୍ର ଶସ୍ୟ ଚାଷକୁ ବ୍ୟାପକ କରିବା ପାଇଁ ଭୁବନେଶ୍ୱରର ପ୍ରତିଷ୍ଠିତ ୟୁବି ଫୁଡ୍ କମ୍ପାନୀ ପକ୍ଷରୁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ଆର୍ଥିକ ଉନ୍ନତି ଓ ସ୍ୱାସ୍ଥ୍ୟରକ୍ଷାକୁ ଦୃଷ୍ଟିରେ ରଖି କମ୍ପାନୀର ପ୍ରତିଷ୍ଠାତା ଅଶୋକ ନନ୍ଦ ଚାଷୀଙ୍କୁ କାଙ୍ଗୁ ଓ ସୁଆଁ ଚାଷ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କମ୍ପାନୀ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି ଯେ, ଦାରିଙ୍ଗବାଡିର ଜଳବାୟୁ ଓ ମାଟି ଏହି ପାରମ୍ପରିକ ଶସ୍ୟ ଚାଷ ପାଇଁ ବେଶ୍ ଉପଯୁକ୍ତ। ବର୍ତ୍ତମାନ ବଜାରରେ କାଙ୍ଗୁ ଏବଂ ସୁଆଁର ଚାହିଦା କ୍ରମାଗତ ଭାବେ ବଢୁଥିବାରୁ, ଚାଷୀ ଏହାକୁ ଆପଣାଇଲେ କମ୍ ଖର୍ଚ୍ଚ ଏବଂ କମ୍ ଜଳସେଚନରେ ଅଧିକ ଲାଭବାନ ହୋଇପାରିବେ। ମଧ୍ୟସ୍ଥିଙ୍କ ଦୌରାତ୍ମ୍ୟ କମିବ, ଚାଷୀ ସ୍ୱାବଲମ୍ବୀ ହେବେ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ କମ୍ପାନୀ ପ୍ରତିନିଧି ଚାଷୀଙ୍କୁ ସମସ୍ତ ପ୍ରକାର ସହାୟତାର ଆଶ୍ୱାସନା ଦେଇଛନ୍ତି। କମ୍ପାନୀ ପକ୍ଷରୁ ଚାଷୀଙ୍କୁ ଉନ୍ନତମାନର ବିହନ ଓ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଯୋଗାଇ ଦିଆଯିବ। ଏହାସହ ଚାଷୀ ଅମଳ କରୁଥିବା ଶସ୍ୟକୁ ଉଚିତ୍ ମୂଲ୍ୟରେ ସିଧାସଳଖ କ୍ରୟ କରିବା ପାଇଁ କମ୍ପାନୀ ପ୍ରତିଶ୍ରୁତି ଦେଇଛି। ଏହାଦ୍ୱାରା ବଜାରରେ ମଧ୍ୟସ୍ଥି ବା ଦଲାଲମାନଙ୍କ ଦୌରାତ୍ମ୍ୟ ହ୍ରାସ ପାଇବ ଏବଂ ଚାଷୀ ପ୍ରକୃତ ମୂଲ୍ୟ ପାଇ ସ୍ୱାବଲମ୍ବୀ ହୋଇପାରିବେ ବୋଲି କୁହାଯାଇଛି। ଦାରିଙ୍ଗବାଡି ଅଞ୍ଚଳର ଚାଷୀ ଲେଙ୍କା ପ୍ରଧାନଙ୍କ ସମେତ ଅନେକ ସ୍ଥାନୀୟ କୃଷକ ସାମିଲ ହୋଇ କାଙ୍ଗୁ ଓ ସୁଆଁ ଚାଷ ପ୍ରତି ବେଶ୍ ଆଗ୍ରହ ପ୍ରକାଶ କରିଥିଲେ। ପରିବେଶ ଅନୁକୂଳ ଏବଂ ଅଧିକ ଲାଭଜନକ ଏହି ଚାଷ ଆଗାମୀ ଦିନରେ ସ୍ଥାନୀୟ କୃଷି ଅର୍ଥନୀତିକୁ ଏକ ନୂଆ ଦିଗ ଦେବ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ଆଶା ବ୍ୟକ୍ତି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଶରତ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ ଏବଂ ପଦ୍ମାଳୟା ଚୌଧୁରୀ ଉପସ୍ଥିତ ରହି ବିଶେଷ ଆଲୋଚନା କରିଥିଲେ।

● ଡାକ୍ତର ନାହାନ୍ତି କି କର୍ମଚାରୀ ନାହାନ୍ତି

## ପ୍ରାଥମିକ ଚିକିତ୍ସାଳୟରେ ତାଲା; ରୋଗୀ ହନ୍ତସନ୍ତ

ପାରଳାଖେମୁଣ୍ଡି,୧୭।୫(ସମିସ)




ଗୋଷାଣି ବ୍ଲକ ଗାରାବନ୍ଧରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ତଥା ପ୍ରାଥମିକ ଚିକିତ୍ସାଳୟରେ ଡାକ୍ତର କିମ୍ବା କର୍ମଚାରୀ ନଥିବା ଯୋଗୁଁ କେନ୍ଦ୍ରରେ ତାଲା ଝୁଲୁଛି। ଏଥି ପାଇଁ ରୋଗୀ ହନ୍ତସନ୍ତ ହେଉଥିବା ବେଳେ ପାଖପଡୋଶୀ ଚିକିତ୍ସାଳୟକୁ ଯିବା ବେଳେ ମୃତ୍ୟୁମୁଖରେ ପଡୁଛନ୍ତି। ନିକଟରେ ଥିବା ବାହାର ରାଜ୍ୟର ଚିକିତ୍ସାଳୟକୁ ଯାଇ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି। ଆଜି ଅପରାହ୍ନ ପ୍ରାୟ ୩.୩୦ରେ ଜଣେ ରୋଗୀ ଚିକିତ୍ସା ପାଇଁ ଆସିଥିଲେ ହେଁ ତାଲା ପଡିଥିବା ଯୋଗୁଁ ଫାଟକ ନିକଟରେ ଶୋଇଥିବାର ବିକଳ ଦୃଶ୍ୟ ଦେଖିବାକୁ ମିଳିଥିଲା।

ସୂଚନା ପ୍ରକାରେ ଗାରାବନ୍ଧ ପଞ୍ଚାୟତ ବାଲାଜୀପୁର ଗ୍ରାମର ପି.ଗଣେଶଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଏକ ଅଟୋ ଯୋଗେ ଆଣିଥିଲେ। ହେଲେ ତାଲାପଡିଥିବାର ଦେଖି ଉପାୟ ଶୂନ୍ୟ ହୋଇ ଯାଇଥିଲେ। ଆଜି ଅତ୍ୟାଧିକ ଉତ୍ତାପ ସାଙ୍ଗକୁ ଗୁରୁତର ଅବସ୍ଥାରେ ସେହି ଫାଟକ ନିକଟରେ ହିଁ ଶୋଇ ରହିଥିଲେ। ତାଙ୍କ ପରିବାର ଲୋକେ ତାଙ୍କ ସେବା କରି ଡାକ୍ତର କିମ୍ବା କର୍ମଚାରୀ ଆସିବେ ବୋଲି ବହୁ ସମୟ ଧରି ଅପେକ୍ଷା କରିଥିଲେ। ଗଣେଶଙ୍କ ସ୍ୱାସ୍ଥ୍ୟ ଗୁରୁତର ହୋଇ ପଡିବାରୁ ତାଙ୍କୁ ଅନ୍ୟତ୍ର ନେଇଥିଲେ ପରିବାର ଲୋକେ। ଏପରି ଅବସ୍ଥା ଦିନେକି ଦୁଇ ଦିନ ନୁହେଁ ୮ ମାସରୁ ଅଧିକ ସମୟ ଧରି ଚିକିତ୍ସାଳୟରେ ଏପରି ତାଲା ଝୁଲୁଥିବା ଅବସ୍ଥା ଦେଖିବାକୁ ମିଳୁଛି ବୋଲି ଗ୍ରାମବାସୀ କହିଛନ୍ତି। ୮ ମାସ ପୂର୍ବେ ଏହି ଚିକିତ୍ସାଳୟର ଫାର୍ମାସିଷ୍ଟଙ୍କ ଅବସର ଗ୍ରହଣ ପରେ ପଦ ଖାଲି ପଡିଥିବା ବେଳେ ଜଣେ ଅବସରପ୍ରାପ୍ତ ଡାକ୍ତର ମଧ୍ୟ ଛାଡି ଚାଲିଯାଇଥିଲେ। ହେଲେ ଗତ ମାସରେ ପୁଣି ସେହି ଡାକ୍ତଙ୍କୁ ଜିଲ୍ଲା ମୁଖ୍ୟଚିକିତ୍ସକ ପୁନଃ ଅବସ୍ଥାପିତ କରିଛନ୍ତି। ଡାକ୍ତର ଜଣକଙ୍କ ଅତ୍ୟାଧିକ ବୟସ ହୋଇଥିବାରୁ ସେ ଅଧିକ ସମୟ ଦେଇପାରୁ ନାହାନ୍ତି। ଏପରି ସ୍ଥଳେ ଆଲୋପଥି ଚିକିତ୍ସା ପ୍ରଭାବିତ ହେଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଏଠାରେ ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ତୁରନ୍ତ ନିଯୁକ୍ତି କରିବାକୁ ଦାବି କରିଛନ୍ତି। ପ୍ରକାଶ ଯେ ଡାକ୍ତର ଓ କର୍ମଚାରୀଙ୍କୁ ଅବସ୍ଥାପିତ ପାଇଁ ବହୁ ବାର ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କରେ ଅଭିଯୋଗ କରିଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଏପରିକି ଗତ କିଛି ଦିନ ପୂର୍ବେ ଡାକ୍ତର ଓ କର୍ମଚାରୀ ନଥିବା ଯୋଗୁଁ ଜରୁରୀ ଚିକିତ୍ସା ଅଭାବରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଅଞ୍ଚଳବାସୀ ଧାରଣା ମଧ୍ୟ ଦେଇଥିଲେ। ହେଲେ ଜିଲ୍ଲାପ୍ରଶାସନ ଲୋକଙ୍କ ସମସ୍ୟା ବୁଝୁ ନଥିବା ବେଳେ ଡାକ୍ତରଙ୍କୁ ନିଯୁକ୍ତି ଦେଇଛୁ ବୋଲି କହି ବିଭାଗୀୟ କର୍ତ୍ତୃପକ୍ଷ ହାତ ଝାଡି ଦେଉଥିବା ଜଣାପଡିଛି। ଏହି ଚିକିତ୍ସାଳୟ ଉପରେ ଉଭୟ ଗୋଷାଣି ଓ ରାୟଗଡ ବ୍ଲକର ୧୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭରଶୀଳ। ହେଲେ ଏପରି ପରିସ୍ଥିତି ଯୋଗୁଁ ଲୋକେ ଏବେ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହୋଇଛି। ଏନେଇ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚ। ବିଧାୟକ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଥିଲେ। ଏପରି କର୍ତ୍ତବ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କହିଛନ୍ତି ବିଧାୟକ।

## ବାରଖମାରେ 'ଆର୍ଟ ଅଫ୍ ଗିଭିଂ' କାର୍ଯ୍ୟକ୍ରମ



ବାଲିଗୁଡା,୧୭।୫(ସମିସ): ମାନବ ଜୀବନର ଗଭୀରତମ ଅର୍ଥ ଅଧିକାରରେ ନୁହେଁ କିମ୍ବା ଅଂଶଗ୍ରହଣରେ ନିହିତ ସଞ୍ଚୟର ନୁହେଁ ବରଂ ଯୋଗଦାନରେ ନିହିତ। (ସେୟାର ଟୁ ସାଇନ) ବାଣ୍ଟିଲେ ଚମକିବ ଦର୍ଶନ ଏହି ଚିରନ୍ତନ ସତ୍ୟରୁ ଜନ୍ମ ନେଇଛି। ବାଣ୍ଟିଲେ ଚମକିବ ଭାବନାଟି ଆର୍ଟ ଅଫ ଗିଭିଂ ବା ଦେବାର କଳା ଦର୍ଶନର ପ୍ରବର୍ତ୍ତକ ଡ. ଅଚ୍ୟୁତ ସାମନ୍ତଙ୍କର ଚଳିତ ବର୍ଷର ଏକ ସ୍ୱତନ୍ତ୍ର ଭାବନା ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ମେ ୧୭ ତାରିଖ ଦିନ ସାରା ବିଶ୍ୱର ୬ ମହାଦେଶର ୧୯୦ ଦେଶରେ ପ୍ରାୟ ୫୦ ହଜାର ସ୍ଥାନରେ ଅନ୍ତର୍ଜାତୀୟ ଆର୍ଟ ଅଫ ଗୀଭିଂ ଦିବସ ପାଳନ କରାଯାଇଛି। ଓଡ଼ିଶାର ୨୦ ହଜାର ସ୍ଥାନରେ ଏହି ଦିବସକୁ ପାଳନ କରାଯାଇଛି। ୨୦୧୩ ମେ ୧୭ ତାରିଖ ଦିନ ଠାରୁ ଡ. ସାମନ୍ତଙ୍କ ଦ୍ୱାରା ବିଶ୍ୱବ୍ୟାପୀ ନିଃସ୍ୱାର୍ଥପର ସେବା ମନୋଭାବର ପ୍ରସାର ପାଇଁ ଏହା ହେଉଛି ଏକ ଅଭିଯାନ।ରବିବାର ଦିନ ବାଲିଗୁଡ଼ା ବ୍ଲକ୍ ବାରଖମା ପଞ୍ଚାୟତର ଖେଳ ପଡ଼ିଆରେ ଆର୍ଟ ଅଫ୍ ଗିଭିଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ଅଞ୍ଚଳର ପ୍ରାୟ ୫୦ ରୁ ଅଧିକ ଯୁବକ ଉପସ୍ଥିତ ରହି କାର୍ଯ୍ୟକ୍ରମର ଅଂଶୀ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଆର୍ଟ ଅଫ୍ ଗିଭିଙ୍ଗ ଟି ସାର୍ଟ, କ୍ରୀଡ଼ା ସାମଗ୍ରୀ ଏବଂ ଜଳଖିଆ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ ସାଂସଦ କନ୍ଧମାଳ ତଥା ଆର୍ଟ ଅଫ୍ ଗିଭିଙ୍ଗ, କିସ ଓ କିଟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପୂର୍ବତନ କୋଡ଼ିନେଟର ମିଳନ ଦିଗାଲ ପରିଚାଳନା କରିଥିଲେ।

## ରଥଖଳାରୁ...

# ଶେଷ ପର୍ଯ୍ୟାୟରେ ଚକ ନିର୍ମାଣ



ପୁରୀ, ୧୭।୫ (ସମିସ): ଜୁଲାଇ ୧୬ ତାରିଖରେ ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଶନିବାର ସୁଦ୍ଧା ତିନିରଥର ୪୨ ଚକ ମଧ୍ୟରୁ ୩୯ଟି ଚକ ନିର୍ମାଣ ଶେଷ ହୋଇଥିଲା। ବାକି ତିନି ରଥର ଗୋଟିଏ ଗୋଟିଏ ଚକ ତୁମ୍ବରେ ରବିବାର ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। ସୋମବାର ତିନିରଥର ଶେଷ ୩ଟି ଚକ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ୪ଟି ଲେଖାଏଁ ଚାରି ନାହାକାର ଦୁଇ ମୁଖ ସାଲ କାର୍ଯ୍ୟ ଶେଷ ହେବା ସହ ତିନିରଥର ପାଞ୍ଚ ଦଣ୍ଡାକୁ ବାନ୍ଧି ରଖିବା ପାଇଁ ନିର୍ମାଣ ଶେଷ ହୋଇଥିବା ୨୦ ଫୁଟିଆ ମୁହାଁଟିରେ ୫ଟି ଲେଖାଏଁ ବିନ୍ଧ କାର୍ଯ୍ୟ ପୂଜା ଅନୁକୂଳ ପୂର୍ବକ ଶେଷ ହୋଇଛି। ୧୨ଲେଖାଏଁ ଭୂଇଁ ଚଉତାର ଦୁଇ ମୁଖ ସାଲ କାର୍ଯ୍ୟ ସରିଥିବା ବେଳେ ବିନ୍ଧ କାର୍ଯ୍ୟ ବାକି ରହିଛି। ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଡମକର ଚଉପଟ କାର୍ଯ୍ୟ ସରିଛି। ରଥ ଅମିନ ତିନିରଥ ଚାଳିକୁ ଜଗତପୃଷ୍ଠ ଶେଣୀ ନିର୍ମାଣ ପାଇଁ ୨୦ ଫୁଟିଆ ୩ଟି ଧଉରା ଏବଂ ୨ଟି ଲେଖାଏଁ ଅସନ କାଠ ଯୋଗାଇ ଦେଇଛନ୍ତି। ମହାରଣା ସେବକମାନେ ଜଗତପୃଷ୍ଠ ଶେଣୀର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ତିନିରଥର ବେଦୀ ସିଂହାସନ ନିର୍ମାଣ ପାଇଁ ଏହି ଜଗତପୃଷ୍ଠ ଶେଣୀ ବ୍ୟବହାର ହୋଇଥାଏ। ରୂପକାର ସେବକମାନେ ମୋଟ ୨୪ଟି ସାଲ ଗୁଜରୁ ୧୮ଟିରେ ରୂପ ଖୋଦେଇ ଶେଷ କରି ୨୦ଟି ତୀଖ ଗୁଜରେ ନୃସିଂହ ରୂପ ଖୋଦେଇ ଆରମ୍ଭ କରିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ଦଣ୍ଡା କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦୀଠାରେ ମହାପ୍ରଭୁଙ୍କ ସ୍ନାନଯାତ୍ରା, ରଥଯାତ୍ରା ନିମନ୍ତେ ଠାକୁରଙ୍କ ପୂଜା ନୀତି ପାଇଁ କୁରୁମ ପିଢ଼ା ଏବଂ ମହାପ୍ରଭୁଙ୍କ ବିଜେ ଡୋରି, ପଇତା ପ୍ରସ୍ତୁତ ପାଇଁ ପାଟରା ସେବକମାନଙ୍କ ନିମନ୍ତେ ବାଉଁଶ କାଠି ସରଞ୍ଜାମମାନ ନିର୍ମାଣ କାର୍ଯ୍ୟ ପାହି ମହାରଣା ଆରମ୍ଭ କରିଛନ୍ତି।

## ଶିଶୁ ଶ୍ରମିକଙ୍କ ସହ ବଢୁଛି ଡ୍ରପଆଉଟ୍ ହାର

# ଶିଶୁ ହାତରେ ଶ୍ରମର ଶୃଙ୍ଖଳ, ଚିଙ୍ଗୁଡ଼ି ପ୍ଲାଣ୍ଟରେ ବନ୍ଦୀ ଶୈଶବ

ବାଲେଶ୍ୱର,୧୭।୫
(ରୁଚିକ ରଞ୍ଜନ ମହାପାତ୍ର)




ଶିଶୁଙ୍କ ହସ ଏବଂ ଶୈଶବକୁ ଗିଳି ଦେଉଛି ଲୋଭର କଳା ସାମ୍ରାଜ୍ୟ। ବାଲେଶ୍ୱର ଜିଲ୍ଲାରେ ଏବେ ଶିଶୁ ଶ୍ରମିକ ସମସ୍ୟା ଭୟଙ୍କର ରୂପ ନେଇଥିବା ବେଳେ ଚାନ୍ଦିପୁର ବଳରାମଗଡ଼ି ଅଞ୍ଚଳର ବିଭିନ୍ନ ଚିଙ୍ଗୁଡି ପ୍ରୋସେସିଂ ପ୍ଲାଣ୍ଟରେ ଅପ୍ରାପ୍ତବୟସ୍କ ଶିଶୁମାନଙ୍କୁ ଖୋଲାଖୋଲି ଶ୍ରମିକ ଭାବେ କାମରେ ନିୟୋଜନ କରାଯାଉଥିବା ଭଳି ଗୁରୁତର ଘଟଣା ସାମ୍ନାକୁ ଆସିଛି। ମାତ୍ର ୮ରୁ ୧୪ବର୍ଷ ବୟସର କୁନି କୁନି ଶିଶୁଙ୍କୁ ଦିନରାତି ଅସ୍ୱାସ୍ଥ୍ୟକର ଏବଂ ଅମାନବୀୟ ପରିବେଶ ମଧ୍ୟରେ କାମ କରାଯାଉଥିବା ଦୃଶ୍ୟ ଏବେ ସମଗ୍ର ଜିଲ୍ଲାକୁ ହତବାକ୍ କରିଛି। ଶିଶୁମାନେ ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟରେ କାର୍ଯ୍ୟ କରୁଥିବା ବେଳର ଫଟୋ ସାମ୍ନାକୁ ଆସିବା ପରେ ଶିଶୁଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଯେଉଁ ବୟସରେ ସେମାନଙ୍କ ହାତରେ ବହି, ଖାତା ଓ ଖେଳନା ରହିବା କଥା, ସେହି ବୟସରେ ସେମାନଙ୍କ ହାତରେ ଧରାଯାଇଛି ଶ୍ରମର ଭାର। ନାହିଁ ଶିକ୍ଷା, ନାହିଁ ସୁରକ୍ଷା, ନାହିଁ ମାନବିକତା। ଅଳ୍ପ କିଛି ଟଙ୍କା ପାଇଁ କୁନି ଜୀବନକୁ ନରକ ଭିତରକୁ ଠେଲି ଦିଆଯାଉଥିବା ଅଭିଯୋଗ ହେଉଛି। ଏମିତିକି କେତେକ ପ୍ଲାଣ୍ଟରେ ଶିଶୁଙ୍କ ଆଧାର କାର୍ଡକୁ ଜାଲିଆତି କରି ବୟସ ବଢ଼ାଇ ଦେଖାଯାଉଥିବା ଭଳି ସଙ୍ଗୀନ ଅଭିଯୋଗ ହେଉଛି। ଅର୍ଥାତ୍ କେବଳ ଶିଶୁ ଶ୍ରମିକ ନୁହେଁ, ସରକାରୀ ଦସ୍ତାବିଜରେ ଜାଲିଆତି କରି ଶିଶୁଙ୍କୁ ଅଳ୍ପ ଟଙ୍କାରେ ଖଟାଇ ଠିକାଦାର ଏବଂ କମ୍ପାନୀ ମାଲେମାଲ ହେଉଥିବା କୁହାଯାଉଛି। ଏହା ପଛରେ ଏକ ବଡ଼ ରାକେଟ୍ କାମ କରୁଥିବା ସନ୍ଦେହ ସୃଷ୍ଟି ହେଉଛି। କେବଳ ଚିଙ୍ଗୁଡ଼ି ପ୍ଲାଣ୍ଟ ନୁହେଁ, ଜିଲ୍ଲାର ବିଭିନ୍ନ ଇଟା ଭାଟି, ପଥର ଖାଦାନ ଓ ଅନ୍ୟାନ୍ୟ ଅସଂଗଠିତ କ୍ଷେତ୍ରରେ ମଧ୍ୟ ଶିଶୁମାନଙ୍କୁ ଅମାନବୀୟ ଭାବେ କାମରେ ଲାଗାଯାଉଥିବା ଅଭିଯୋଗ ହେଉଛି। କିନ୍ତୁ ଏତେ ସବୁ ଘଟଣା ସତ୍ତ୍ୱେ ଜିଲ୍ଲା ଶ୍ରମ ବିଭାଗ, ଶିଶୁ ସୁରକ୍ଷା ବିଭାଗ ଓ ପ୍ରଶାସନର ନୀରବତା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଶିଶୁଙ୍କ ସୁରକ୍ଷା ପାଇଁ ଗଠିତ ବିଭାଗ ଗୁଡ଼ିକ କାହିଁକି ଚୁପ୍? କାହାର ଚାପରେ କିମ୍ବା କାହାର ସୁରକ୍ଷା ବଳରେ ଚାଲିଛି ଏହି କଳା କାରବାର? ସାଧାରଣରେ ଏବେ ଏହି ପ୍ରଶ୍ନ ଜୋର ଧରିଛି। ଯଦି ଜିଲ୍ଲା ପ୍ରଶାସନ, ଶ୍ରମ ବିଭାଗ, ଶିଶୁ ସୁରକ୍ଷା ବିଭାଗ ଓ ଶିକ୍ଷା ବିଭାଗ ମିଳିତ ଭାବେ ତୁରନ୍ତ ଚଢ଼ଉ କରନ୍ତି, ତେବେ କେବଳ ବଳରାମଗଡ଼ି ଅଞ୍ଚଳରୁ ୫୦୦ରୁ ଅଧିକ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇପାରନ୍ତା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କିନ୍ତୁ ପ୍ରଶାସନିକ ନିଷ୍କ୍ରିୟତା ଯୋଗୁଁ ଦିନକୁ ଦିନ ଶିଶୁମାନଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦିଆଯାଉଛି। ଆଇନ କହୁଛି ଶିଶୁ ଶ୍ରମ ଅପରାଧ। କିନ୍ତୁ ବାଲେଶ୍ୱରରେ ଏହି ଅପରାଧ ଖୋଲାଖୋଲି ଚାଲିଥିବା ବେଳେ କାର୍ଯ୍ୟାନୁଷ୍ଠାନ ଶୂନ୍ୟ। ଶିଶୁଙ୍କ ଆଖିରୁ ହସ ଛଡ଼ାଇ ନିଆଯାଉଛି, ଭବିଷ୍ୟତକୁ ବନ୍ଦୀ କରାଯାଉଛି, ଆଉ ପ୍ରଶାସନ କେବଳ ନିରବ ଦର୍ଶକ ସାଜିଥିବା ଅଭିଯୋଗ ହେଉଛି। ସେପଟେ କେବେ ଚେତିବ

**• ଚାନ୍ଦିପୁର ବଳରାମଗଡ଼ିରେ ୫୦୦ରୁ ଅଧିକ ଶିଶୁ ଶ୍ରମିକ**
**• ଜାଲ ଆଧାର କାର୍ଡରେ ବୟସ ବଢ଼ାଇ ଶିଶୁଙ୍କୁ କାମ**
**ପ୍ରଶାସନ ନିରବ, ଶ୍ରମ ବିଭାଗ ସ୍ଥାଣୁ**

ବାଲେଶ୍ୱର ଜିଲ୍ଲା ପ୍ରଶାସନ, କେବେ ବନ୍ଦ ହେବ କୁନି ଜୀବନର ଏହି ବେପାର, କେବେ ଶ୍ରମର ଶୃଙ୍ଖଳରୁ ମୁକ୍ତି ପାଇବେ ବାଲେଶ୍ୱରର ନିଷ୍ପାପ ଶିଶୁ ବୋଲି ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ। ସେପଟେ ଏହି ଘଟଣାରେ ଜିଲ୍ଲାପାଳ ହସ୍ତକ୍ଷେପ କରି ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରମ ବିଭାଗ, ଶିଶୁ ସୁରକ୍ଷା ବିଭାଗ, ଶିକ୍ଷା ବିଭାଗ ମିଳିତ ଭାବେ ଚଢ଼ଉ କରି ଶିଶୁଙ୍କୁ ଉଦ୍ଧାର କରି ଉପଯୁକ୍ତ ଥଇଥାନ କରାଯିବାର ଆବଶ୍ୟକତା ରହିଛି। ଏମିତିକି ପ୍ରଶାସନ ଶିଶୁ ଶ୍ରମିକଙ୍କ ସଂଖ୍ୟା କେଉଁ କାରଣରୁ ବଢୁଛି ତାହାର ଖିଅ ଖୋଜି ଶିଶୁଙ୍କୁ ଶ୍ରମିକ ଭାବେ ନିୟୋଜିତ କରୁଥିବା ବ୍ୟକ୍ତି ଏବଂ ସଂସ୍ଥା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆଗାମୀ ଦିନରେ ବାଲେଶ୍ୱର ଜିଲ୍ଲାରେ ଶିଶୁ ଶ୍ରମିକଙ୍କ ରୋକିବା କଷ୍ଟସାଧ ହୋଇପଡ଼ିବ ବୋଲି ସଚେତନ ନାଗରିକମାନେ ପ୍ରକାଶ କରିଛନ୍ତି। ଏ ନେଇ ଜିଲ୍ଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି ଶ୍ରମ ବିଭାଗ ପକ୍ଷରୁ ଚଢ଼ଉ ହେଉଛି, ଆଗାମୀ ଦିନରେ ଚଢ଼ଉ ଜୋରଦାର କରିବା ସହ ନିୟମ ଉଲ୍ଲଂଘନ କରି ଶିଶୁଙ୍କୁ ଶ୍ରମିକ ଭାବେ ନିୟୋଜିତ କରିଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହୀର କୁହନ୍ତି ଏହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି ତୁରନ୍ତ ଶିଶୁ ଶ୍ରମିକଙ୍କୁ ଉଦ୍ଧାର ଏବଂ ଥଇଥାନ ସହ ଶିଶୁଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ସୁଦୂର ମରୁଭୂମିରେ ଗୁଞ୍ଜରିତ ହେଲା ଓଡ଼ିଶାର ଗୌରବ ଗାଥା

## ଆବୁଧାବି 'ଉତ୍କର୍ଷ-୨୦୨୬'ରେ ଯୋଗଦେଲେ ବିଧାୟିକା ସୋଫିଆ ଫିରଦୋଷ



କଟକ, ୧୭।୫ (ସମିସ): ସୁଦୂର ପ୍ରବାସ ମାଟିରେ ଓଡ଼ିଆ ଅସ୍ମିତା, କଳା, ସଂସ୍କୃତି ଓ ଐତିହ୍ୟର ଏକ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂଯୁକ୍ତ ଆରବ ଏମିରେଟ୍ସର ଆବୁଧାବି ଏବଂ ଏହାର ପଡ଼ୋଶୀ ଅଞ୍ଚଳରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀ ପ୍ରବାସୀଙ୍କ ମିଳିତ ପ୍ରୟାସରେ ଗଠିତ 'ଓଡ଼ିଆ ସମାଜ ଆବୁଧାବି' ପକ୍ଷରୁ ସ୍ଥାନୀୟ ପ୍ରତିଷ୍ଠିତ ଫୋକ୍ଲୋର୍ ଥିଏଟରଠାରେ ଉତ୍କଳ ଦିବସ ଉପଲକ୍ଷେ "ଉତ୍କର୍ଷ-୨୦୨୬" କାର୍ଯ୍ୟକ୍ରମ ବେଶ୍ ଧୂମଧାମରେ ସମ୍ପନ୍ନ ହୋଇଛି। ପ୍ରାୟ ଦିନ ସାରା ଚାଲିଥିବା ଏହି ଭବ୍ୟ ଉତ୍ସବରେ କଟକର ବିଧାୟିକା ସୋଫିଆ ଫିରଦୋଷ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ।

ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ବିଧାୟିକା ସୋଫିଆ ଫିରଦୋଷ ନିଜ ଅଭିଭାଷଣରେ କହିଥିଲେ ଯେ, ମାଟିଠାରୁ ହଜାର ହଜାର କିଲୋମିଟର ଦୂରରେ ରହି ମଧ୍ୟ ନିଜ ମାତୃଭାଷା, ସଂସ୍କୃତି ଏବଂ ପରମ୍ପରାକୁ ବଞ୍ଚାଇ ରଖିବା ସହ ବିଶ୍ୱ ଦରବାରରେ ଓଡ଼ିଆ ଜାତିର ପରିଚୟକୁ ସମୃଦ୍ଧ କରିବାରେ ପ୍ରବାସୀ ଓଡ଼ିଆମାନଙ୍କର ଏହି ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ। ନିଜ ଭାଷା ଓ ଐତିହ୍ୟ ପ୍ରତି ଥିବା ଏହି ଅକୁଣ୍ଠ ଭଲପାଇବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରବାସୀ ଓଡ଼ିଆ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ, ପାରମ୍ପରିକ ସଙ୍ଗୀତ ଏବଂ ଓଡ଼ିଶାର ଗୌରବମୟ ଇତିହାସକୁ ନେଇ ପ୍ରସ୍ତୁତ ବିଭିନ୍ନ ଝଲକ ସେଠାରେ ଉପସ୍ଥିତ ସମସ୍ତ ଦର୍ଶକଙ୍କୁ ବିମୋହିତ କରିଥିଲା। ଉତ୍ସବରେ ଆବୁଧାବି ତଥା ଅନ୍ୟାନ୍ୟ ଏମିରେଟ୍ସରୁ ଶତାଧିକ ଓଡ଼ିଆ ପରିବାର ଏକତ୍ରିତ ହୋଇ ପରସ୍ପର ମଧ୍ୟରେ ଭାତୃଭାବ ବିନିମୟ କରିବା ସହ "ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ସମଗ୍ର ଥିଏଟର ପରିସର କିଛି ସମୟ ପାଇଁ ଏକ "ମିନି-ଓଡ଼ିଶା'ର ଭ୍ରମ ସୃଷ୍ଟି କରିଥିବା ବେଳେ ପ୍ରବାସୀ ଓଡ଼ିଆଙ୍କ ଏଭଳି ନିଷ୍ଠା ସମାରୋହକୁ ସଫଳତାର ଶୀର୍ଷରେ ପହଞ୍ଚାଇଥିଲା। ଶେଷରେ ଆୟୋଜକ କମିଟି ପକ୍ଷରୁ ସମସ୍ତ ଅତିଥି ଓ ସହଯୋଗୀଙ୍କୁ ସାଧୁବାଦ ସହ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ସିବିଏସଇ ପୁନଃମୂଲ୍ୟାଙ୍କନ ଫି' କମିଲା

ଭୁବନେଶ୍ୱର, ୧୭।୫(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) +୨ ପରୀକ୍ଷା ମାର୍କକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖା ଦେବା ପରେ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଖାତା ପୁନଃ ମୂଲ୍ୟାଙ୍କନ ସହିତ ପରୀକ୍ଷା ଖାତା ନକଲ ଓ ମାର୍କ ଯାଞ୍ଚ ପାଇଁ ଫି' ହ୍ରାସ କରାଯାଇଛି। ପୂର୍ବରୁ ଛାତ୍ରଛାତ୍ରୀମାନେ ନିଜ ଉତ୍ତରଖାତାର ସ୍କାନ୍ କପି ପାଇବା ପାଇଁ ୭ଶହ ଟଙ୍କା ପ୍ରଦାନ କରୁଥିଲେ। ଏହାକୁ ହ୍ରାସ କରାଯାଇ ୧୦୦ ଟଙ୍କା କରାଯାଇଛି। ସେହିପରି ମାର୍କ ଭେରିଫିକେସନ ପାଇଁ ପୂର୍ବରୁର ୫୦୦

**■ ୭ଶହ ବଦଳରେ ୧୦୦ ଟଙ୍କା ଦେବେ ଛାତ୍ରଛାତ୍ରୀ**
**■ ମାର୍କ ବଢ଼ିଲେ ସମ୍ପୂର୍ଣ୍ଣ ଫି' ଫେରସ୍ତ ହେବ**

ଟଙ୍କା ଫି' ରହିଥିବାବେଳେ ଏହାକୁ ମଧ୍ୟ ୧୦୦ ଟଙ୍କାକୁ ହ୍ରାସ କରାଯାଇଛି। ଅନୁରୂପ ଭାବେ ପ୍ରତି ପ୍ରଶ୍ନ ଚ୍ୟାଲେଞ୍ଜ ପାଇଁ ୧୦୦ ଟଙ୍କା ବଦଳରେ ଏଣିକି ୨୫ ଟଙ୍କା ଦେବାକୁ ପଡ଼ିବ ବୋଲି ସିବିଏସ୍ଇ ପକ୍ଷରୁ କୁହାଯାଇଛି।

ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗର ସଚିବ ସଞ୍ଜୟ କୁମାର ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରି କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ମାନସିକ ଚାପ ହ୍ରାସ କରିବାକୁ ଏହି ପଦକ୍ଷେପ ନିଆଯାଇଛି। ଫି' କମିବା ଦ୍ୱାରା ମାର୍କକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରଛାତ୍ରୀମାନେ ସହଜରେ ଆବେଦନ କରିପାରିବେ। ସବୁଠାରୁ ବଡ଼ କଥା ହେଲା, ପୁନଃ ମୂଲ୍ୟାୟନ କିମ୍ବା ଭେରିଫିକେସନ ପରେ ଯଦି ଛାତ୍ରଛାତ୍ରୀଙ୍କ ମାର୍କ ବଢ଼େ, ତେବେ ସେମାନେ ଦାଖଲ କରିଥିବା ସମ୍ପୂର୍ଣ୍ଣ ଫି' ଫେରସ୍ତ ଦିଆଯିବ। ସୂଚନାଯୋଗ୍ୟ, ଚଳିତ ବର୍ଷ ଅନ୍‌ଲାଇନ୍ ମୂଲ୍ୟାଙ୍କନ ଆରମ୍ଭ ହୋଇଛି। ମାତ୍ର ଏହାର ମାର୍କିଂ ପ୍ରକ୍ରିୟାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସାମାଜିକ ଗଣମାଧ୍ୟମରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ନିଖିଲ ହାଡ଼ପା ହତ୍ୟା ମାମଲା

# ଜୁଆ ଆଡ଼ା ଲୁଟ୍ ଓ ପୂର୍ବଶତ୍ରୁତାରୁ ହତ୍ୟା



ରାୟଗଡ଼ା, ୧୭।୫(ସମିସ): ବହୁଚର୍ଚ୍ଚିତ ନିଖିଲ ହାଡ଼ପା (୧୯) ଅପହରଣ ଓ ହତ୍ୟା ମାମଲାର ପର୍ଦ୍ଦାଫାସ୍ କରିଛି ରାୟଗଡ଼ା ପୁଲିସ। ଏହି ଘଟଣାରେ ପୁଲିସ ମୋଟ ୯ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତ ଉମେଶ ହିଆଲ, ୱିଲସନ୍ ସେମିଲି ଓରଫ୍ ରାଜ, ସିପୁ ଏବଂ ଅକ୍ଷୟ ସାମଲ ଓରଫ୍ ଟିଙ୍କୁଲୁକୁ ବିହାରର ଔରାଙ୍ଗାବାଦ ଜିଲ୍ଲାର ମଦନପୁର ଥାନା ଅଞ୍ଚଳରୁ ପୁଲିସ୍ ଗିରଫ କରିଥିବା ବେଳେ ୱାଇ. ଶ୍ୟାମସୁନ୍ଦର, ଭି.ଭି ଲୋକେଶ କୁମାର, ବି. ପବନ କୁମାର, ଏସ୍. ପ୍ରେମ କୁମାରଙ୍କୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଏବଂ କଳାହାଣ୍ଡି ଜିଲ୍ଲାର କେସିଙ୍ଗାରୁ ସୁମିତ ଜୈନ ଏବଂ ରାୟଗଡ଼ାରୁ ରାଜା ହୁଇକା ଓରଫ୍ ବରୁଣକୁ ଗିରଫ କରାଯାଇଛି। ପୂର୍ବ ଶତ୍ରୁତା ଓ ଜୁଆ ଖେଳକୁ କେନ୍ଦ୍ର କରି ଏମାନେ ନିଖିଲକୁ ହତ୍ୟା କରିଛନ୍ତି। ଆଜି ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ସୁଶ୍ରୀ ସ୍ୱାତୀ ଏସ୍. କୁମାର ଏହି ସୂଚନା ଦେଇଛନ୍ତି। ଏହି ଘଟଣାରେ ଆହୁରି କିଛି ଅଭିଯୁକ୍ତଙ୍କ ସଂପୃକ୍ତି ରହିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ଅଭିଯୁକ୍ତମାନଙ୍କଠାରୁ ହତ୍ୟାରେ ବ୍ୟବହୃତ ଏକ ପିସ୍ତଲ, ୧୧ଟି ମୋବାଇଲ, କ୍ରେଡିଟ୍ ଓ ଡେବିଟ୍ କାର୍ଡ, ନଗଦ ଟଙ୍କା ସମେତ ଗୋଟିଏ କଳା ସ୍କର୍ପିଓ(ଓଡି ୦୫ ବିଜେଡ୍ ୦୪୦୫) ଏବଂ ଗୋଟିଏ ଧଳା ବୋଲେରୋ (ଓଡି ୧୦ ଭି୧୦୯୧) ଜବତ ହୋଇଛି। ଅଭିଯୁକ୍ତମାନେ ବ୍ୟବହାର କରିଥିବା ପିସ୍ତଲ ମୃତ ନିଖିଲର ବୋଲି ଏସ୍‌ପି କହିଛନ୍ତି।

କୋରାପୁଟ ଜିଲ୍ଲାର ଆଲମଣ୍ଡାରେ ଏକ ଜୁଆ ଆଡ଼ାରୁ ନିଖିଲ ଏବଂ ତା'ର କିଛି ସହଯୋଗୀ ଲକ୍ଷାଧିକ ନଗଦ ଟଙ୍କା ଏବଂ ସୁନା ଚୋରି କରି ନେଇଥିଲେ। ଏହା ନିଖିଲ ହତ୍ୟାକାଣ୍ଡର

**■ ୯ ଅଭିଯୁକ୍ତ ଗିରଫ**
**■ ପିସ୍ତଲ, ୧୧ ମୋବାଇଲ, ଦୁଇଟି କାର୍ ଜବତ**

କାରଣ ବୋଲି ପୁଲିସ କହିଛି। ସୂଚନାଯୋଗ୍ୟ ଗତ ୯ ତାରିଖ ରାତିରେ ଅଭିଯୁକ୍ତ ଉମେଶ ଏବଂ ତା' ସହଯୋଗୀମାନେ ନଖିଲକୁ ପିଛା କରିବା ପରେ ଅପହରଣ କରିଥିଲେ। ପରେ ଏକ ପିସ୍ତଲରୁ ଗୁଳି ଚଳାଇଥିଲେ। ଦୁଇଟି ଗୁଳି ନିଖିଲଙ୍କ ଶରୀରରେ ବାଜିଥିଲା। ଏଥିରେ ନିଖିଲଙ୍କ ମୃତ୍ୟୁ ଘଟିଥିଲା। ପରେ ଅଭିଯୁକ୍ତମାନେ ନିଖିଲଙ୍କ ମୃତଦେହକୁ କାର୍‌ରେ ନେଇ ନାଗାବଳୀ ନଦୀ କୂଳରେ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ।

# ଭିଜିଲାନ୍ସ ଜାଲରେ ଭାପୁର ଗ୍ରାମ୍ୟ ଉନ୍ନୟନ କନିଷ୍ଠ ଯନ୍ତ୍ରୀ

ଖଣ୍ଡପଡ଼ା/ଭାପୁର, ୧୭।୫(ସମିସ): ନୟାଗଡ଼ ଜିଲ୍ଲାର ଜଣେ ଠିକାଦାରଙ୍କ ବିଲ ପାସ୍ କରାଇଦେବା ବାବଦକୁ ୧ ଲକ୍ଷ ୩୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ ଦ୍ୱାରା ଗିରଫ ହୋଇଛନ୍ତି ଭାପୁର ସେକ୍ସନ ଗ୍ରାମ୍ୟ ଉନ୍ନୟନ ବିଭାଗ

**■ ସହଯୋଗୀ ମଧ୍ୟ ଗିରଫ**
**■ ବିଲ୍ ପାସ୍ ପାଇଁ ଠିକାଦାରଙ୍କଠାରୁ ନେଉଥିଲେ ଲାଞ୍ଚ**

କନିଷ୍ଠ ଯନ୍ତ୍ରୀ କେଶବ ଚନ୍ଦ୍ର ସୁବୁଦ୍ଧି ଏବଂ ତାଙ୍କ ସହଯୋଗୀ ଆଶୁତୋଷ ବଳିଆରସିଂହ। ଆଜି ସକାଳ ୯ଟାରେ ଭିଜିଲାନ୍ସ ଟିମ ଖଣ୍ଡପଡ଼ା ଗ୍ରାମ୍ୟ ନିର୍ମାଣ ଉପ ବିଭାଜନ କାର୍ଯ୍ୟାଳୟ ପରିସରରେ ଥିବା ସରକାରୀ ବାସଭବନରୁ ଯନ୍ତ୍ରୀ କେଶବଙ୍କୁ କାବୁ କରିବା ସହ ତାଙ୍କଠାରୁ ସମସ୍ତ ଟଙ୍କା ଜବତ କରିଥିବା ଜଣାଯାଇଛି। ପରେ ଭିଜିଲାନ୍ସ ଟିମ କେଶବ କାର୍ଯ୍ୟ କରୁଥିବା ଭାପୁରସ୍ଥିତ ବିଭାଗୀୟ ସରକାରୀ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱରସ୍ଥିତ ବାସଗୃହ ସମେତ ପୈତୃକ ଗ୍ରାମରେ ଅଚାନକ ଚଢ଼ଉ କରି କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଗାଡି ଜବତ କରିଥିବା ସୂଚନା ମିଳିଛି।

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ହୋଇଥିବା କାର୍ଯ୍ୟର ସିକ୍ୟୁରିଟି ଜମା ଟଙ୍କା ଫେରସ୍ତ ଓ ବିଲ ପାସ କରାଇବା ପାଇଁ ଠିକାଦାର ଶିବ ପ୍ରସାଦ ଖଣ୍ଡାଙ୍କୁ ଯନ୍ତ୍ରୀ ଶ୍ରୀ ସୁବୁଦ୍ଧି ଲାଞ୍ଚ ମାଗିଥିଲେ। ଏପରିକି, ଟଙ୍କା ନଦେଲେ ତାଙ୍କ ବିଲ ପାସ କରିବେ ନାହିଁ ବୋଲି






ରୋକଠୋକ ଶୁଣାଇ ଦେଇଥିଲେ। ପରେ ଠିକାଦାରଜଣଙ୍କ ଏ ସଂପର୍କରେ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ଅଭିଯୋଗ ଆଧାରରେ ଭୁବନେଶ୍ୱର ଓ ନୟାଗଡ଼ ଭିଜିଲାନ୍ସ ଟିମ ରବିବାର ମିଳିତ ଭାବେ ଚଢ଼ଉ କରିଥିବା ସୂଚନା ମିଳିଛି। ଏ ସଂପର୍କରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଭିଜିଲାନ୍ସ ଟିମ କେଶବ ଓ ତାଙ୍କ ସହଯୋଗୀ ଆଶୁତୋଷକୁ ଭୁବନେଶ୍ୱର ନେଇ ଯାଇଥିବା ଜଣାପଡ଼ିଛି। ଏହି ଘଟଣା ଖଣ୍ଡପଡା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଥାନାଧିକାରୀଙ୍କ ଧମକରେ ଥାନାରେ ନାବାଳିକା ଚେତାଶୂନ୍ୟ ଘଟଣା

# ପୀଡ଼ିତା ଓ ପରିବାରକୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

ବାରିପଦା, ୧୭।୫ (ସମିସ): ନ୍ୟାୟଆଶାରେ ଥାନାକୁ ଯାଇଥିବା ଜଣେ ନାବାଳିକା ଥାନା ଅଧିକାରୀଙ୍କ ଧମକରେ ଚେତାଶୂନ୍ୟ ହୋଇଯିବା ଘଟଣାକୁ ବିଜୁ ଜନତା ଦଳ ଗୁରୁତ୍ୱର ସହ ନେଇଛି। ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନାରେ ଘଟିଥିବା ଏହି ଘଟଣାକୁ ଦଳ ନିନ୍ଦା କରିବା ସହ ଥାନାଧିକାରୀ ସୁମିତ ସୋରେନ୍‌ଙ୍କୁ ଅପସାରଣ କରିବା ଏବଂ ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। ଏହି ମର୍ମରେ ଦଳର ସୁପ୍ରିମୋ ତଥା ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରବିବାର ଏକ ପ୍ରତିନିଧିଦଳ ପୀଡ଼ିତା ପରିବାରକୁ ଭେଟି ଆଶ୍ୱାସନା ଦେବା ସହ ଏହାର ନିରପେକ୍ଷ ତଦନ୍ତ ପାଇଁ ଏସ୍‌ପିଙ୍କୁ ଭେଟିଛନ୍ତି। ଏସ୍‌ପିଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତଙ୍କ ସହ ଆଲୋଚନା କରଛନ୍ତି।

ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ବାରିପଦା ନଗରପାଳ ଆଜି ସକାଳେ ପିଆର୍‌ଏମ୍ ମେଡିକାଲରେ ପହଞ୍ଚି ନାବାଳିକା ଓ ତାଙ୍କ ପରିବାରକୁ ଭେଟି ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ନାବାଳିକାର ପରିବାରଲୋକ କହିଛନ୍ତି ଯେ ଜଣେ ଯୁବକ ତାଙ୍କ ଝିଅକୁ କିଛି ଦିନ ହେବ ରାସ୍ତାରେ ହଇରାଣ କରୁଥିଲା। ଅଧା ବାଟରେ ପ୍ରେମ ନିବେଦନ କରିବା ସହ ଅସଦାଚରଣ କରୁଥିଲା। ଏ ସଂପର୍କରେ ସେ ଘରେ ଜଣାଇବା ପରେ ମୋରଡ଼ା ଥାନାରେ ଉକ୍ତ ଯୁବକଙ୍କ ବିରୋଧରେ ଲିଖିତ ଅଭିଯୋଗ କରାଯାଇଥିଲା। କିନ୍ତୁ, ଥାନାଧିକାରୀ ଅଭିଯୋଗ ନ ରଖି ସେମାନଙ୍କୁ ଫେରାଇ ଦେଇଥିଲେ। ଫଳରେ ବାପା-ମାଆ ଓ ଝିଅ ବେତନଟୀ ଏସ୍‌ଡିପିଓଙ୍କୁ ମୋବାଇଲ୍‌ରେ ସମସ୍ତ ଘଟଣା ଜଣାଇଥିଲେ। ଏସ୍‌ଡିପିଓ ତାଙ୍କୁ ପୁନର୍ବାର ଥାନା



ଅଧିକାରୀଙ୍କୁ ଭେଟି ଏତଲା ଦେବାକୁ କହିଥିଲେ। ଏହା ଜାଣିବା ପରେ ଥାନା ଅଧିକାରୀ ରାଗି ଯାଇଥିଲେ। ନାବାଳିକାଜଣଙ୍କ ନିଜ ପରିବାରଲୋକଙ୍କ ସହ ପୁଣି ଥାନାକୁ ଯାଇଥିବା ବେଳେ ଥାନାଧିକାରୀ ପୂର୍ବାପେକ୍ଷା ଅଧିକ ପ୍ରତିକ୍ରିୟାଶୀଳ ହୋଇ ବୟାନ ସଂଗ୍ରହ ପାଇଁ ନାବାଳିକାଙ୍କୁ ଧମକ ଦେଇଥିଲେ। ଏପରି ବୟାନ ନେବା ବେଳେ କୌଣସି ମହିଳା ଅଧିକାରୀ ବି ଉପସ୍ଥିତ ନଥିଲେ। ଏପରିକି, ନାବାଳିକାଙ୍କ ୭ ବର୍ଷ କାରାଦଣ୍ଡ ହେବ ବୋଲି କୁଆଡ଼େ କହିଥିଲେ। ଏଥିରେ ଡରିଯାଇ ନାବାଳିକାଜଣଙ୍କ କାନ୍ଦିକାନ୍ଦି ବାହାରକୁ ଆସି ବାପା-ମାଆଙ୍କ ପାଖରେ ପହଞ୍ଚି ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ଅଭିଯୁକ୍ତଜଣଙ୍କ ଶାସକ ଦଳର ଚିତ୍ରଡା କାର୍ଯ୍ୟାଳୟର କର୍ମଚାରୀ ହୋଇଥିବାରୁ ତାଙ୍କୁ ସୁରକ୍ଷା ଦେବାକୁ ଯାଇ ଥାନାଅଧିକାରୀ ମାମଲା ରୁଜୁ କରିବାକୁ କୁନ୍ଥକୁନ୍ଥ ହେଉଥିବା ଏତଲାରେ ଦର୍ଶାଯାଇଛି।

ଥାନାଧିକାରୀ ସୁମିତ ସୋରେନଙ୍କ ଏଭଳି ଆଚରଣକୁ ନେଇ ବିଜେଡି ପ୍ରତିନିଧି ଦଳ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ସରକାର ନାବାଳିକାଙ୍କ ସୁରକ୍ଷା ପାଇଁ ସମସ୍ତ ଥାନାରେ ନାବାଳିକାଙ୍କୁ ଡାକି 'ଜୁଭେଣ୍ଟିନା' ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରୁଥିବା ବେଳେ ଏକ ସମ୍ବେଦନଶୀଳ ଘଟଣାରେ ଜଣେ ନାବାଳିକାଙ୍କ କ୍ଷେତ୍ରରେ ବିନା ମହିଳା ପୁଲିସ ଉପସ୍ଥିତିରେ ବୟାନ ସଂଗ୍ରହ ନାମରେ ହଇରାଣ ହରକତ, ଏପରିକି ଧମକ ଦେବା ତଦନ୍ତସାପେକ୍ଷ।

ଏହି ପ୍ରତିନିଧିଦଳରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଅମର ସେଠି, ଅରୁଣ ବରାଡ଼ ଓ ସୁନୀଲ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ମିଳିଥିବା ସୂଚନାନୁସାରେ, ମୋରଡ଼ା ପୁଲିସ

**ଥାନା ଅଧିକାରୀଙ୍କୁ ଅପସାରଣ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଅତିରିକ୍ତ ଏସପିଙ୍କୁ ଭେଟିଲେ**

ଅଭିଯୁକ୍ତ ଶ୍ରବଣ ମାଝୀଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତାକୁ ଥାନାରେ ଅଟକ ରଖିଛି। ଅପରପକ୍ଷେ, ପୀଡ଼ିତାଜଣଙ୍କ ପିଆରଏମ୍ ମେଡିକାଲରୁ ଘରକୁ ଫେରିଛନ୍ତି। ସନ୍ଧ୍ୟାରେ ମୋରଡ଼ାରେ ବିଜେଡି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଥାନାଧିକାରୀଙ୍କ ମୋବାଇଲ ଫୋନ୍ ସିଡିଆର୍ ଯାଞ୍ଚ, ଥାନାର ସିସିଟିଭି ଫୁଟେଜ୍ ଓ ନାବାଳିକା ନ୍ୟାୟ ଦାବିରେ ସୋମବାର ମୋରଡ଼ା ଥାନା ଘେରାଉ କରାଯିବା ନିଷ୍ପତ୍ତି ନିଆଯାଇଛି ବୋଲି ପୂର୍ବତନ ବିଧାୟକ ରାଜକିଶୋର ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୦୪- ନେପୋଲିଅନ୍‌ଙ୍କୁ ଫ୍ରାନ୍ସର ସମ୍ରାଟ ଘୋଷଣା କରାଗଲା।
- ୧୮୪୮- ଜର୍ମାନୀରେ ପ୍ରଥମ ଥର ନେସନାଲ୍ ଆସେମ୍ବଲିର ଉଦ୍‌ଘାଟନ ହେଲା।
- ୧୯୩୩- ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି ଦେବଗୌଡ଼ାଙ୍କ ଜନ୍ମ।
- ୧୯୫୦- ନାଟୋ ବିଧିବଦ୍ଧ ଭାବେ କାର୍ଯ୍ୟ ଆରମ୍ଭ କଲା।
- ୨୦୧୭- ହିନ୍ଦୀ ଫିଲ୍ମ ଅଭିନେତ୍ରୀ ରୀମା ଲାଗୁଙ୍କ ନିଧନ।



## ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ

ମ୍ୟୁଜିୟମ୍ ବା ସଂଗ୍ରହାଳୟ ହେଉଛି ଅତୀତର ଆଇନା, ଯେଉଁଠାରେ ଇତିହାସ, କଳା, ସଂସ୍କୃତି ଏବଂ ପରମ୍ପରାର ମୂକସାକ୍ଷୀ ସ୍ୱରୂପ ବିଭିନ୍ନ ପୁରାତନ ବସ୍ତୁ ସାଇତି ରଖାଯାଇଥାଏ। ଏହା ସଭ୍ୟତା ଓ ଜାତିର ପରିଚୟ ବହନ କରିବା ସହ ଗବେଷଣା ପାଇଁ ଜ୍ଞାନର ଭଣ୍ଡାର ଭାବେ କାର୍ଯ୍ୟ କରେ। ପ୍ରାଚୀନ କିର୍ତ୍ତୀରାଜି ଆଉ ପୁରୁଣା ସାମଗ୍ରୀକୁ ସଂଗ୍ରହ କରି ରଖିବା ପ୍ରୟାସ ନେଇ ପ୍ରତିବର୍ଷ ମେ' ୧୮ ତାରିଖକୁ ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ଭାବେ ପାଳନ କରାଯାଏ। ୧୯୭୭ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି। ସଂଗ୍ରହାଳୟ ହେଉଛି ଇତିହାସ, କଳା ଏବଂ ସଂସ୍କୃତିର ସଂରକ୍ଷଣ ସ୍ଥଳ। ସଂଗ୍ରହାଳୟରେ ଥିବା ଜିନିଷ ପ୍ରତ୍ୟକ୍ଷ ପ୍ରମାଣ ଓ ତଥ୍ୟ ଉପରେ ଆଧାରିତ। ଏହା ଅତୀତ ପାଇଁ ପ୍ରେରଣା ଦିଏ ଓ ଭବିଷ୍ୟତ ପାଇଁ କର୍ତ୍ତବ୍ୟବୋଧକୁ ଜାଗ୍ରତ କରାଏ। ଲୋକମାନଙ୍କୁ ସଂଗ୍ରହାଳୟ ପ୍ରତି ଆକର୍ଷିତ କରିବା ଓ ଜୀବନରେ ଏହାର ଆବଶ୍ୟକତା ସମ୍ପର୍କରେ ସଚେତନ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଛାତ୍ର, ଗବେଷକ ତଥା ସାଧାରଣ ଲୋକଙ୍କୁ ସଂଗ୍ରହାଳୟରେ ଉପଲବ୍ଧ ସମୃଦ୍ଧ ସାଂସ୍କୃତିକ ଭଣ୍ଡାର ସମ୍ବନ୍ଧରେ ଅବଗତ କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ୨୦୦୯ ରେ ଏହି ଦିବସରେ ବିଶ୍ୱର ୯୦ରୁ ଊର୍ଦ୍ଧ୍ୱ ଦେଶର ୨୦,୦୦୦ ମ୍ୟୁଜିୟମ ଅଂଶଗ୍ରହଣ କରିଥିଲେ। ୨୦୧୦ରେ ୯୮ ଓ ୨୦୧୧ରେ ୧୦୦ଟି ଦେଶ ଏଥିରେ ଭାଗ ନେଇଥିଲେ। ୨୦୧୨ରେ ୧୨୯ଟି ଦେଶରୁ ୩୦, ୦୦୦ ମ୍ୟୁଜିୟମ ଏହି ଦିବସ ଅବସରରେ ଭାଗ ନେବା ଥିଲା ଏକ ଉଲ୍ଲେଖନୀୟ ଘଟଣା। ଏହି ଦିନ ସଂଗ୍ରହାଳୟଗୁଡ଼ିକର ଗୁରୁତ୍ୱ ବୁଝାଇବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଏହି ଅବସରରେ ରାଜ୍ୟ ସଂଗ୍ରହାଳୟ ଓ ଅନ୍ୟାନ୍ୟ ପ୍ରତିଷ୍ଠାନରେ ଆଲୋଚନା ଚକ୍ର, ପ୍ରଦର୍ଶନୀ ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଆନ୍ତର୍ଜାତୀୟ କାଉନସିଲ୍ ଅଫ୍ ମ୍ୟୁଜିୟମ୍ସ ସଂସ୍ଥା ଦ୍ୱାରା ଏହି ଦିବସଟି ପରିଚାଳିତ ହୁଏ। ଶିକ୍ଷା, ଗବେଷଣା, ଇତିହାସ ଆଦି କ୍ଷେତ୍ରରେ ସଂଗ୍ରହାଳୟ ଯେଉଁ ଭୂମିକା ନିର୍ବାହ କରିଆସୁଛି ତାହା ବଜାୟ ରଖିବାକୁ ହେଲେ ଏହାର ସୁରକ୍ଷା ଲୋଡ଼ା। ଏହି ଦିବସରେ ବିଶ୍ୱର ଅନେକ ଦେଶର ସଂଗ୍ରହାଳୟରେ ନିଃଶୁଳ୍କ ପ୍ରବେଶ ବ୍ୟବସ୍ଥା କରାଯାଏ। ଭାରତରେ ବି ଏଭଳି ବ୍ୟବସ୍ଥା କରାଯାଇଥାଏ।

## ସ୍ୱଚ୍ଛତା ଲାଗି ନିଆରା ପ୍ରୟାସ

ସର୍ବସାଧାରଣ ସ୍ଥାନକୁ ସଫାସୁତୁରା ରଖିବା ଆଦୌ ସହଜ ନୁହେଁ। ଲୋକେ ରାସ୍ତାରେ ପାନ ଛେପ, ଜରି ଆଦି ପକାଇବା ସହିତ ରାସ୍ତାକଡ଼ କାନ୍ଥରେ ପରିସ୍ରା କରିବାକୁ ପଛାଇ ନ ଥାନ୍ତି। ଏହି କ୍ରମରେ କର୍ଣ୍ଣାଟକର ମହୀଶୂର ଏମିତି ଏକ ଉପାୟ ବାହାର କରିଛି, ଯାହାକୁ ନେଇ ଏବେ ଖୁବ୍ ଚର୍ଚ୍ଚା ହେଉଛି। ରାସ୍ତା କାନ୍ଥରେ ପରିସ୍ରା ନ କରିବା ପାଇଁ ଏଠାରେ ବଡ଼ ବଡ଼ କାଚ ଲଗାଯାଇଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଭିଡିଓରେ ଦେଖିବାକୁ ମିଳିଛି ଯେ, ଏଠାକାର ସର୍ବସାଧାରଣ କାନ୍ଥରେ ବଡ଼ ବଡ଼ କାଚ ଲଗାଯାଇଛି। ଏହି ପରୀକ୍ଷା ସେହିମାନଙ୍କୁ ରୋକିବା ଲାଗି କରାଯାଇଛି, ଯେଉଁମାନେ ସର୍ବସାଧାରଣ କାନ୍ଥରେ ପରିସ୍ରା କରି ତାହାକୁ ଅପରିଷ୍କାର କରନ୍ତି। ତେବେ ଲୋକମାନେ ଏହି ପରିକଳ୍ପନାକୁ ପସନ୍ଦ କରିଛନ୍ତି। ଅବଶ୍ୟ ସାମାଜିକ ଗଣମାଧ୍ୟମରେ ଲୋକେ ଏହାକୁ ମନୋବୈଜ୍ଞାନିକ ଉପାୟ ବୋଲି କହିଛନ୍ତି। ଯେତେବେଳେ କୌଣସି ବ୍ୟକ୍ତି କାନ୍ଥ ପାଖରେ ଏଭଳି କାମ କରିବାକୁ ଆସିବେ, ଏହି କାଚରେ ସେମାନେ ନିଜକୁ ଦେଖିବେ। ଏହିପ୍ରକାରେ ସେହି ବ୍ୟକ୍ତିଙ୍କୁ ଲଜ୍ୟା ଲାଗିବ ଏବଂ ସେହି ସ୍ଥାନରୁ ଚାଲିଯିବାକୁ ବାଧ ହେବେ। ଅନ୍ୟପଟେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ବି ରଖିଛନ୍ତି।



## ବରୁଣ ଛାଡ଼ିଲେ 'ନୋ ଏଣ୍ଟ୍ରି ୨'



ବୋନି କପୁରଙ୍କ ଫିଲ୍ମ 'ନୋ ଏଣ୍ଟ୍ରି'ର ସିକ୍ୱେଲ ଅଧାରେ ଅଟକିଛି। ଅନେକ ଦିନରୁ 'ନୋ ଏଣ୍ଟ୍ରି ୨'କୁ ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଏହାର ଷ୍ଟାରକାଷ୍ଟ ଏଯାବତ୍ ଫାଇନାଲ ହୋଇ ପାରି ନାହିଁ। ଅନେକ ଦିନ ପୂର୍ବରୁ ଏଥିରେ ବରୁଣ ଧୱନ୍, ଦିଲଜିତ୍ ଦୋସାଞ୍ଜ, ଅର୍ଜୁନ୍ କପୁର ମୁଖ୍ୟ ଭୂମିକାରେ ନଜର ଆସିବେ ବୋଲି କୁହାଯାଇଥିଲା। ଏବେ ବରୁଣ ଏହି ଫିଲ୍ମ ଛାଡ଼ି ଦେଇଥିବା ଜଣାପଡ଼ିଛି। ବରୁଣ ଏବେ 'ହେଁ ଜୱାନି ତୋ ଇସ୍କ ହୋନା ହେଁ'ର ପ୍ରମୋସନ୍‌ରେ ବ୍ୟସ୍ତ ଅଛନ୍ତି। ତେବେ ବରୁଣ ଏହି ଫିଲ୍ମରୁ ବାଦ୍ ପଡ଼ିବା ଖବର ସେତେବେଳେ ଆସିଥିଲା ଯେତେବେଳେ ଦିଲଜିତ୍‌ଙ୍କ ବଦଳରେ 'ନୋ ଏଣ୍ଟ୍ରି ୨' ରେ ଶାହିଦ୍ କପୁର ନଜର ଆସିବେ ବୋଲି କୁହାଗଲା। ଅବଶ୍ୟ ପରେ ଫିଲ୍ମ ନିର୍ମାତା ଶାହିଦ୍‌ଙ୍କ ଏଣ୍ଟ୍ରି କଥାକୁ ଗୁଜବ ବୋଲି ସଫେଇ ଦେଇଥିଲେ। ଗତବର୍ଷ ଦିଲ୍‌ଜିତ୍ ଏହି ଫିଲ୍ମ ଛାଡ଼ି ଦେଇଥିଲେ। କ୍ରିଏଟିଭ ଅସହମତିକୁ ନେଇ ସେ ଫିଲ୍ମ ଛାଡ଼ି ଦେଇଥିବା କୁହାଗଲା। ବରୁଣ ଏହାକୁ ଛାଡ଼ିବା ପରେ ଏହି ଫିଲ୍ମକୁ ନେଇ ଏକପ୍ରକାର ଅନିଶ୍ଚିତତା ଦେଖାଯାଇଛି। ଏବେ ଏହି ଫିଲ୍ମରେ କେବଳ ଅର୍ଜୁନ୍ କପୁର ରହିଯାଇଛନ୍ତି। ୨୦୦୫ ମସିହାରେ 'ନୋ ଏଣ୍ଟ୍ରି' ଫିଲ୍ମ ଆସିଥିଲା। ଏଥିରେ ସଲମାନ୍ ଖାନ୍, ଅନୀଲ କପୁର, ଫରଦିନ୍ ଖାନ୍, ବିପାଶା ବସୁ, ଲାରା ଦତ୍ତା, ସେଲିନା ଜେଟ୍‌ଲି, ଈଷା ଦେୱଲ ପ୍ରମୁଖ ନଜର ଆସିଥିଲେ। ଏହା ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା। ୨୦୨୪ରେ ବୋନି କପୁର ଏହାର ସିକ୍ୱେଲ ବିଷୟରେ ଘୋଷଣା କରିଥିଲେ। ଦିଲଜିତ୍‌ଙ୍କ ପରେ ବରୁଣ ଏହି ଫିଲ୍ମରୁ ଓହରି ଯିବାରୁ ଏବେ ଏହାକୁ ନେଇ ଏକପ୍ରକାର ଅନିଶ୍ଚିତତା ଦେଖାଯାଇଛି।

## ଆସ୍ଥା

## ମଳ ମାସ ଆରମ୍ଭ

**ମେ ୧୭ ତାରିଖରୁ ଆରମ୍ଭ ହୋଇଥିବା ମଳମାସ ଜୁନ୍ ୧୫ ପର୍ଯ୍ୟନ୍ତ ରହିବ। ଏହାକୁ ଅଧିକ ମାସ ବା ପୁରୁଷୋତ୍ତମ ମାସ ବୋଲି କୁହାଯାଏ। ଏହି ମାସ ତିନି ବର୍ଷରେ ଆସୁଥିବାରୁ ଏହା ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ତେଣୁ ଭଗବାନ ବିଷ୍ଣୁଙ୍କ ପୂଜା ଓ ପୁଣ୍ୟ ପ୍ରାପ୍ତି ଲାଗି ମଳ ମାସ ସବୁଠୁ ପବିତ୍ର ବୋଲି କୁହାଯାଏ।**



ଅକ୍ଷୟ ପୁଣ୍ୟ ପ୍ରାପ୍ତି: ଭଗବାନ ବିଷ୍ଣୁ ନିଜେ ଏହି ମାସର ନାଁ ପୁରୁଷୋତ୍ତମ ରଖିଛନ୍ତି। ଏଣୁ ଏହା ନାରାୟଣ ଭକ୍ତି ଲାଗି ସର୍ବୋତ୍ତମ ମାସ। ସେହିପରି ମଳ ମାସରେ କରାଯାଉଥିବା ପୂଜାପାଠ, ଦାନପୁଣ୍ୟ, ତପ-ସାଧନା ବହୁ ଗୁଣ ପୁଣ୍ୟ ପ୍ରଦାନ କରେ। ଏହି ମାସ ସାରା ଜନ୍ମର ପାପ ନଷ୍ଟ କରିଥାଏ। ବିଶ୍ୱାସ କରାଯାଏ, ଏହି ମାସରେ କରାଯାଉଥିବା ଧାର୍ମିକ କାର୍ଯ୍ୟର ଫଳ କେବେ ବି କମ୍ ହୋଇ ନ ଥାଏ ଏବଂ ଅକ୍ଷୟ ପୁଣ୍ୟ ଫଳ ପ୍ରାପ୍ତି ହୁଏ। ସେହିପରି ଏହି ମାସରେ ଅଶୁଭ କାମ କଲେ ପାପ ଲାଗେ।


### କ'ଣ କରିବେ ନାହିଁ

- ମଳ ମାସରେ ବିବାହ, ଗୃହପ୍ରବେଶ, ନୂଆ କାମ ଆରମ୍ଭ, ନୂଆ ଘର ନିର୍ମାଣ ଆଦି କାର୍ଯ୍ୟ କରିବା ଅନୁଚିତ।
- ଏହି ମାସରେ ଶାରୀରିକ ଏବଂ ମାନସିକ ପବିତ୍ରତାକୁ ପାଳନ କରିବା ଉଚିତ। ଏଥିରେ ବ୍ରହ୍ମଚର୍ଯ୍ୟ ପାଳନ ସାମିଲ ଅଛି।
- ମାଛ, ମାଂସ, ଅଣ୍ଡା, ପିଆଜ, ରସୁଣ ତଥା ନିଶାସେବନ କରିବା ଅନୁଚିତ। ଏସବୁ କରିବା ଦ୍ୱାରା ପାପ ଲାଗେ।
- ସେହିପରି ମିଛ କହିବା, କାହାକୁ ଠକିବା, ଚୋରି କରିବା, ପର ନିନ୍ଦାରୁ ଦୂରେଇ ରହିବା ଉଚିତ। ଏହି ମାସରେ ଏହି ସବୁ କାମ କଲେ ବହୁ ଗୁଣ ପାପ ଲାଗେ।
- ଏହି ମାସରେ ଦାନ କରି ପ୍ରଚାର କରନ୍ତୁ ନାହିଁ। ରାଶି ତେଲ, ଖରାପ ଶସ୍ୟ, ଖରାପ ଖାଦ୍ୟ ଆଦି ଦାନ କରନ୍ତୁ ନାହିଁ।
- କଂସା ବାସନରେ ଭୋଜନ କରିବା ଏହି ମାସରେ ଭଲ।

## ପୂଜା ସାମଗ୍ରୀ ଭାଙ୍ଗିବା ଶୁଭ ନା ଅଶୁଭ



**ପୂଜାପାଠ ସହ ସମ୍ବନ୍ଧିତ ପ୍ରତ୍ୟେକ ଜିନିଷର ମହତ୍ତ୍ୱ ରହିଛି। ତେବେ ଶଙ୍ଖ, ଭଗବାନଙ୍କ ଫଟୋ ସମେତ ଅନ୍ୟାନ୍ୟ ପୂଜା ଜିନିଷ ଭାଙ୍ଗିଲେ ମନରେ ଅଜଣା ଭୟ ମାଡ଼ି ଆସେ। ସେହିପରି ଏହା କିଛି ଅଶୁଭ ହେବାର ବି ସଙ୍କେତ ଦିଏ। ତେବେ ପୂଜା ଜିନିଷ ଭାଙ୍ଗିବା ଶୁଭ ନା ଅଶୁଭ, ସେ ସମ୍ପର୍କରେ ଜାଣିବା।**



**ପୂଜା ଶଙ୍ଖ:** ପୂଜାରେ ରଖାଯାଉଥିବା ଶଙ୍ଖ ଅତ୍ୟନ୍ତ ପବିତ୍ର। ଏହାକୁ କେବଳ ପୂଜା ସମୟରେ ହିଁ ବାଦନ କରାଯାଏ। ଶଙ୍ଖ ଭାଙ୍ଗିଲେ ଭୟ ଲାଗେ। ଶାସ୍ତ୍ର ଅନୁସାରେ, ପୂଜା ଶଙ୍ଖ ଭାଙ୍ଗିବା ଶୁଭ। ଶଙ୍ଖ ଘରେ ରହିଲେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ଏହି ଶଙ୍ଖ ଭାଙ୍ଗିଲେ କୌଣସି ନକାରାତ୍ମକ ଶକ୍ତିର ନାଶ ହୁଏ ବୋଲି ସଙ୍କେତ ଦିଏ। କୌଣସି ଅଶୁଭ ଘଟଣା ଦୂର ହୋଇଥାଏ।

**ଭଗବାନଙ୍କ ଫଟୋ ଭାଙ୍ଗିବା:** ଭଗବାନଙ୍କ ଫଟୋ ଭାଙ୍ଗିବାର ଅନେକ କାରଣ ହୋଇପାରେ। ଅବଶ୍ୟ ଏହା ପଛରେ କିଛି ଗଭୀର ସଙ୍କେତ ବି ଥାଇପାରେ। ଭଗବାନଙ୍କ ଫଟୋ ଭାଙ୍ଗିବା ଅଶୁଭ ନୁହେଁ, ବରଂ ଶୁଭ। ଭବିଷ୍ୟତରେ ଏହା ସତର୍କ ରହିବାକୁ ଦର୍ଶାଏ। ଏକଥାର ବି ସଙ୍କେତ ଦିଏ ଯେ, କୌଣସି ଅଶୁଭ ଫଳ ପ୍ରାପ୍ତ ହୋଇପାରେ।

**ପୂଜା ଦୀପ ଭାଙ୍ଗିବା:** ପୂଜା ଦୀପ ଭାଙ୍ଗିବା ଶାସ୍ତ୍ର ଅନୁସାରେ ଗଭୀର ସଙ୍କେତ ଦିଏ। ଏହା ଏକଥାକୁ ସୂଚାଏ ଯେ, ପୂଜାରେ କୌଣସି ଅଭାବ, ଅଶୁଦ୍ଧି ତ ନାହିଁ। ତେଣୁ ପୂଜା ସମୟରେ ନିୟମ ପାଳନ କରିବା ଜରୁରି।

**ପୂଜା ଯନ୍ତ୍ର ଭାଙ୍ଗିବା:** ପୂଜା ଯନ୍ତ୍ର ଭାଙ୍ଗିଲେ ବିଚଳିତ ହୁଅନ୍ତୁ ନାହିଁ। କୌଣସି ଅନୁଚିତ ମନୋକାମନା ସହିତ ପୂଜା ଯନ୍ତ୍ରକୁ ଘରେ ରଖାଯାଇଛି ଏବଂ ପୂଜା କରାଯାଉଛି। ଏହା ଭାଙ୍ଗିବା ଚିନ୍ତାଗ୍ରସ୍ତକୁ ବୁଝାଏ।

## ଖଟରେ ଭୋଜନ କରୁଥିଲେ...

**ଖଟ ଉପରେ ବସି ଭୋଜନ କରିବା ଏକ ଖରାପ ଅଭ୍ୟାସ। ବାସ୍ତୁ ଏବଂ ଜ୍ୟୋତିଷ ଶାସ୍ତ୍ରରେ ଏହାକୁ ନକାରାତ୍ମକ ପ୍ରଭାବ ବଢ଼ାଉଥିବା ଅଭ୍ୟାସ ବୋଲି କୁହାଯାଏ। ଏହାଦ୍ୱାରା ମାନସିକ ଅଶାନ୍ତି, ଆର୍ଥିକ ଅସ୍ଥିରତା ସହ ଅନେକ ସମସ୍ୟା ଦେଖାଦିଏ।**

ବାସ୍ତୁ ଅନୁସାରେ, ଭୋଜନ କରିବା ଲାଗି ଅଲଗା ସ୍ଥାନ ନିର୍ଦ୍ଧାରିତ କରାଯାଇଛି। ଖାଦ୍ୟ ଓ ବିଶ୍ରାମ ଗୋଟିଏ ସ୍ଥାନରେ କରିବାକୁ ଭୁଲ ବୋଲି କୁହାଯାଇଛି। ତେଣୁ ଖଟରେ ବସି ଖାଦ୍ୟ ଖାଇଲେ ଏହି ଦୁଇ ଶକ୍ତିର ସନ୍ତୁଳନ ବିଗିଡ଼ି ଥାଏ। ଏହାଦ୍ୱାରା ଘରର ପରିବେଶ ପ୍ରଭାବିତ ହୁଏ।

ଜ୍ୟୋତିଷ ଶାସ୍ତ୍ରରେ କୁହାଯାଇଛି ଯେ, ଭୋଜନ କେବଳ ଭୋକ ମେଣ୍ଟାଇବାର ସାଧନ ନୁହେଁ, ବରଂ ଶକ୍ତି ପ୍ରାପ୍ତ କରିବାର ପ୍ରକ୍ରିୟା। ତେଣୁ ଭୋଜନ ସବୁବେଳେ ପରିଷ୍କାର ଏବଂ ସକାରାତ୍ମକ ପରିବେଶରେ କରିବା ଦରକାର। ଲଗାତାର ଖଟ ଉପରେ ବସି ଖାଦ୍ୟ ଖାଇବା ଦ୍ୱାରା ଚନ୍ଦ୍ର ଓ ଶୁକ୍ର ଗ୍ରହ ଦୁର୍ବଳ ହୋଇଥାଏ।

ସେହିପରି ଖଟ ଉପରେ ବସି ଭୋଜନ କଲେ, ଆଳସ୍ୟ ଏବଂ ମାନସିକ ଭ୍ରମ ବଢ଼ିପାରେ। ବିଶେଷକରି ଖାଇବା ସମୟରେ ମୋବାଇଲ ତଥା ଟିଭିର ଅଧିକ ବ୍ୟବହାର କରାଗଲେ ଏହାର ପ୍ରଭାବ ଏକାଗ୍ରତା ଏବଂ ମାନସିକ ଶକ୍ତି ଉପରେ ପଡ଼ିଥାଏ। ଏହାଦ୍ୱାରା ନିଦ ସମସ୍ୟା ଏବଂ ଚିଡଚିଡାପଣ ବଢ଼େ। ଭୁଲ ସ୍ଥାନରେ ଭୋଜନ କଲେ ଏହା ଆର୍ଥିକ ସଙ୍କଟର କାରଣ ହୋଇପାରେ। କାରଣ ଶାସ୍ତ୍ରରେ ଅନ୍ନର ସମ୍ବନ୍ଧ ମା' ଅନ୍ନପୂର୍ଣ୍ଣାଙ୍କ ସହ ଜଡ଼ିତ। ତେଣୁ ଭୋଜନ ଡାଇନିଂ ଟେବଲ ତଥା ସ୍ୱଚ୍ଛ ସ୍ଥାନରେ ବସି କରିବା ଉଚିତ। ଏହା ଦ୍ୱାରା ମାନସିକ ଶାନ୍ତି ବଜାୟ ରହେ, ପାରିବାରିକ ବୁଝାମଣା ଭଲ ରହେ।

## 'ମୋତି' ସହିତ କେଉଁ ରତ୍ନ ମନା



**ରତ୍ନ ଶାସ୍ତ୍ରରେ ମୋତିକୁ ସୁନ୍ଦର ରତ୍ନ ବୋଲି କୁହାଯାଇଛି। ଏହାକୁ ଚନ୍ଦ୍ରଙ୍କ ରତ୍ନ ବୋଲି କୁହାଯାଏ। ଏହାର ଅନେକ ଉପକାରିତା ଥିଲେ ହେଁ ପ୍ରତ୍ୟେକ ରତ୍ନ ସହ ଏହାକୁ ପିନ୍ଧିବା ଉଚିତ ବୋଲି କୁହାଯାଇ ନାହିଁ। କେଉଁ ରତ୍ନ ସହିତ ମୋତିକୁ ଧାରଣ କରିବା ଅନୁଚିତ, ସେ ସମ୍ପର୍କରେ ଜାଣିବା।**

**ନୀଲମ:** ମୋତି ସହିତ ନୀଲମ ରତ୍ନ ପିନ୍ଧିବାକୁ ବାରଣ କରାଯାଏ। ଏହାଦ୍ୱାରା ଜୀବନରେ ସମସ୍ୟା, ମାନସିକ ଅଶାନ୍ତି, ଅଚାନକ ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ। ତେଣୁ ମୋତି ସହିତ ନୀଲମ ପିନ୍ଧିବା ଅଶୁଭ।

**ହୀରା:** ମୋତି ଏବଂ ହୀରାକୁ ମଧ୍ୟ ଏକାଠି ପିନ୍ଧିବା ଅନୁଚିତ। ଏହାକୁ ଏକତ୍ର ପିନ୍ଧିଲେ ମାନସିକ ଅବସାଦ ବଢ଼େ। ଏପରିକି ବୈବାହିକ ଜୀବନରେ କଳି ଝଗଡ଼ା ଲାଗି ରହେ।

**ଗୋମେଦ:** ରତ୍ନ ଶାସ୍ତ୍ରରେ ମୋତି ଏବଂ ଗୋମେଦର ଯୋଡ଼ିକୁ ଭଲ ବୋଲି କୁହାଯାଇ ନାହିଁ। ଏହାଦ୍ୱାରା ଭୟ, ନକାରାତ୍ମକ ଚିନ୍ତାଧାରା ଓ ମନର ଅଶାନ୍ତି ବଢ଼ିଯାଏ। ତେଣୁ ଏହି ରତ୍ନକୁ ଏକାଠି ପିନ୍ଧିବାକୁ ମନା କରାଯାଏ।

**ପନ୍ନା:** ମୋତି ସହିତ ପନ୍ନା ପିନ୍ଧିବା ଅଶୁଭ। ଜ୍ୟୋତିଷ ଏବଂ ରତ୍ନ ଶାସ୍ତ୍ରରେ ଏହି ଦୁଇଟି ରତ୍ନକୁ ଏକାଠି ପିନ୍ଧିଲେ ମନରେ ଭ୍ରମ ସୃଷ୍ଟି ହୁଏ ଏବଂ ଆତ୍ମବିଶ୍ୱାସ ହ୍ରାସ ପାଏ। ଏହାସହ ନିର୍ଣ୍ଣୟ ନେବାର କ୍ଷମତା ବାଧାପ୍ରାପ୍ତ ହୁଏ।

**ଲହସୁନିଆ:** ଲହସୁନିଆ ଓ ମୋତିକୁ ଏକାଠି ପିନ୍ଧିଲେ ମନ ଅଶାନ୍ତି ରହେ। ମାନସିକ ଅଶାନ୍ତି ସହ କାମରେ ମନ ଲାଗେ ନାହିଁ। ତେଣୁ ଏହାକୁ ଏକାଠି ପିନ୍ଧିବା ଅନୁଚିତ।

ଭୁବନେଶ୍ୱର-ରସିକଙ୍କ ଘାତକ ବୋଲିଂ; ପଞ୍ଜାବର ଷଷ୍ଠ ପରାଜୟ

# ଦମ୍‌ଦାର୍ ବିଜୟ ସହ ପ୍ଲେ ଅଫ୍‌ରେ ବେଙ୍ଗାଲୁରୁ



ଧର୍ମଶାଳା,୧୭।୫(ଏଜେନ୍ସି): ଦମ୍‌ଦାର ବିଜୟ ସହ ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଚଳିତ ଆଇପିଏଲ୍‌ରେ ପ୍ରଥମ ଦଳ ଭାବେ ଓ ମୋଟ ଉପରେ ଷଷ୍ଠଥର ଲାଗି ପ୍ଲେ ଅଫ୍‌ରେ ପ୍ରବେଶ କରିଛି। ଏଠାରେ ଆଜି ଏଠାରେ ଖେଳାଯାଇଥିବା ଆଇପିଏଲ୍‌ର ୬୧ତମ ଲିଗ୍ ମ୍ୟାଚ୍‌ରେ ବେଙ୍ଗାଲୁରୁ ୨୩ ରନ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଛି। ଏହି ବିଜୟ ପରେ ବେଙ୍ଗାଲୁରୁ ୧୩ଟି ମ୍ୟାଚ୍‌ରୁ ସର୍ବାଧିକ ୧୮ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛି। ଅନ୍ୟ ପକ୍ଷରେ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଗତଥରର ରନର୍ସଅପ୍ ପଞ୍ଜାବ କିଙ୍ଗ୍‌ସ ଆଜିର ମ୍ୟାଚ୍‌କୁ ମିଶାଇ କ୍ରମାଗତ ୬ଷ୍ଠ ପରାଜୟ ବରଣ କରିଛି। ପରାଜୟ ସତ୍ତ୍ୱେ ପଞ୍ଜାବ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ି ନ ଥିଲେ ମଧ୍ୟ ଏବେ ଅନ୍ୟ ଦଳର ପ୍ରଦର୍ଶନ ଉପରେ ତାହାର ଭାଗ୍ୟ ନିର୍ଭର କରୁଛି। ସେହିପରି ପଞ୍ଜାବ ଏହି ମ୍ୟାଚ୍ ହାରିଯିବା ପରେ ସିଏସ୍‌କେ, କେକେଆର୍, ରାଜସ୍ଥାନ ଓ ଦିଲ୍ଲୀର ପ୍ଲେ ଅଫ୍ ଖେଳିବା ଆଶା ଦୃଢ଼ୀଭୂତ ହୋଇଛି। କିନ୍ତୁ ଏହି ଦଳଗୁଡିକୁ ବାକିଥିବା ଲିଗ୍ ମ୍ୟାଚ୍‌ରେ ବିଜୟୀ ହେବା ଆବଶ୍ୟକ। ଏହି ମ୍ୟାଚ୍‌ରେ ସୁଯୋଗର ସଦ୍‌ବ୍ୟବହାର କରି ମାତ୍ର ୪୦ବଲ୍‌ରୁ ୮ଚୌକା ଓ ୪ଛକା ସହ ଅପରାଜିତ ୭୩ରନ୍ କରିଥିବା ଭେଙ୍କଟେଶ ଆୟରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।


ଆଜିର ମ୍ୟାଚ୍‌ରେ ବେଙ୍ଗାଲୁରୁ ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରି ଆରମ୍ଭରୁ ଶେଷଯାଏ ଏହି ମୁକାବିଲାକୁ ନିଜ ନିୟନ୍ତ୍ରଣରେ ରଖିଥିଲା। ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରିଥିବା ଏହି ଚାମ୍ପିଅନ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୨୨ ରନ୍ କରିଥିଲା। ଦଳ ପକ୍ଷରୁ ଭେଙ୍କଟେଶଙ୍କ ୭୩ ରନ୍ ବ୍ୟତୀତ ସୁପରଷ୍ଟାର ବିରାଟ କୋହଲି ୩୭ ବଲ୍‌ରେ ୪ଚୌକା ଓ ୩ଛକା ସହ ୫୮, ଦେବଦତ୍ତ ପାଡିକଲ ୨୫ବଲ୍‌ରୁ ୪ଚୌକା ଓ ୩ଛକା ସହ ୪୫ ରନ୍ କରିଥିଲେ। ଇନିଂସର ଶେଷବଲ୍‌ରେ ଆଉଟ ହୋଇଥିବା ଦୁର୍ଦ୍ଦଷ ଟିମ୍ ଡେଭିଡ୍ ୧୨ବଲ୍‌ରୁ ୨ଟି ଲେଖାଏଁ ଚୌକା ଓ ଛକା ସହ ୨୮ ରନ୍ କରିଥିଲେ। କେବଳ ଜ୍ୟାକବ ବେଥେଲ ୧୧ରନ୍ କରି ଫେଲ ମାରିଥିଲେ। ହରପ୍ରୀତ ବ୍ରାର ୩୫ରନ୍‌ରେ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ।

ଏହା ପରେ ଘରୋଇ ମାଟିରେ ଖେଳୁଥିବା ପଞ୍ଜାବ ଆଗରେ ୨୨୩ରନ୍‌ର ରେକର୍ଡ ରନ୍ ଚେଜର ଲକ୍ଷ୍ୟ ରହିଥିଲା। ଏହାକୁ ପିଛା କରି ଦଳର ୩ଜଣ ଟପ୍ ଅର୍ଡର ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ (ଗୋଲ୍ଡେନ ଡକ୍), ପ୍ରଭସିମରନ ସିଂହ (୨) ଓ ଶ୍ରେୟସ ଆୟର (୧)ଙ୍କୁ ୧୯ରନ୍ ମଧ୍ୟରେ ହରାଇଥିଲା। ଫଳରେ ଦଳ ଚାପରେ ପଡ଼ିଯାଇଥିଲା। କୁପର କନୋଲି (୩୭) ଓ ସୂର୍ଯ୍ୟାଂଶ ଶେଦ୍‌ଜେ (୩୫) ଆଉଟ ହେବା ପରେ ଦଳ ୧୦.୫ ଓଭର ସୁଦ୍ଧା ୯୩ରନ୍‌ରେ ଅଧା ଟିମ୍ ବା ୫ ୱିକେଟ ହରାଇ ବିଜୟ ଆଶା ଛାଡ଼ିଦେଇଥିଲା। ଏହି ସମୟରେ ମାର୍କସ ଷ୍ଟୋଇନିସ ଓ ଶଶାଙ୍କ ସିଂ ୬ଷ୍ଠ ୱିକେଟରୁ ୬୭ରନ୍ ଉଠାଇ ପଞ୍ଜାବ ସମର୍ଥକଙ୍କୁ କିଛିଟା ଆଶା ଦେଇଥିଲେ। ଷ୍ଟୋଇନିସ ୩୭ ଓ ଆଜମତୁଲ୍ଲା ଓମରଜାଇ ୧୪ରନ୍‌ରେ ଆଉଟ ହୋଇଥିଲେ। ତେବେ ଶଶାଙ୍କ ସିଂ ୨୭ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହ ୫୬ ରନ୍ କରିଥିଲେ ମଧ୍ୟ ଶେଷ ଦୁଇ ଓଭରରେ ଆବଶ୍ୟକ ୪୦ ରନ୍ ସଂଗ୍ରହ କରିପାରି ନ ଥିଲେ। ବେଙ୍ଗାଲୁରୁ ପକ୍ଷରୁ ଆରମ୍ଭରେ ଭୁବନେଶ୍ୱର ଦୁଇ ଓପନରଙ୍କୁ ଓ ଶେଷ ଭାଗରେ ରସିକ ସଲାମ ଦର ଘାତକ ବୋଲିଂ କରି ୩ଟି ୱିକେଟ ନେବା ଫଳରେ ପଞ୍ଜାବ କ୍ରମାଗତ ୬ଷ୍ଠ ପରାଜୟ ବରଣ କରିଥିଲା।

## କ୍ରମାଗତ ପରାଜୟରେ ଦ୍ୱିତୀୟ ସର୍ବାଧିକ

ଧର୍ମଶାଳାଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁଠାରୁ ପଞ୍ଜାବ ୨୩ ରନ୍‌ରେ ହାରିବା ପଞ୍ଜାବ କିଙ୍ଗ୍‌ସର ୬ଷ୍ଠ ପରାଜୟ ଥିଲା। ତେବେ ଗୋଟିଏ ଟୁର୍ଣ୍ଣାମେଣ୍ଟରେ ପଞ୍ଜାବ ପୂର୍ବରୁ କ୍ରମାଗତ ୭ଥର ୨୦୧୫ରେ ହାରିଥିଲା। ଅବଶ୍ୟ ଦଳର ଆଉ ଗୋଟିଏ ମ୍ୟାଚ୍ ବାକିଥିବାରୁ ଏହି ରେକର୍ଡ ସହ ସମକକ୍ଷ ହେବାର ସମ୍ଭାବନା ରହିଛି। ଏହି ଦଳ ୨୦୧୧, ୨୦୧୮ ଓ ୨୦୨୦ ସଂସ୍କରଣରେ ୫ଟି ଲେଖାଏଁ ମ୍ୟାଚ୍‌ରେ ପରାଜିତ ହୋଇଥିଲା।

ଅନ୍ୟ ପକ୍ଷରେ ଧର୍ମଶାଳାକୁ ଦ୍ୱିତୀୟ ହୋମ୍ ଗ୍ରାଉଣ୍ଡ କରିଥିବା ପଞ୍ଜାବ ଆଜିର ମ୍ୟାଚ୍‌କୁ ମିଶାଇ ୧୧ତମ ପରାଜୟ ବରଣ କରିଛି। ଏଠାରେ ଦଳ ୧୭ଟି ମ୍ୟାଚ୍ ଖେଳି ମାତ୍ର ୬ଟିରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ୨୦୨୩ପରଠାରୁ ପଞ୍ଜାବ କିଙ୍ଗ୍‌ସ ଧର୍ମଶାଳାରେ ୮ଟି ମ୍ୟାଚ୍ ଖେଳି ଗୋଟିଏ ମ୍ୟାଚ୍ ଜିତିଥିଲାବେଳେ ୭ଟିରେ ପରାଜୟ ବରଣ କରିଛି।



ଆଜିର ଆଇପିଏଲ୍ ମ୍ୟାଚ୍
ଚେନ୍ନାଇ ବନାମ ହାଇଦରାବାଦ୍
ଭେନ୍ୟୁ - ଚେନ୍ନାଇ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୩ | ୯ | ୪ | ୦ | ୧୮ | +୧.୦୬୫ |
| ଗୁଜରାଟ | ୧୩ | ୮ | ୫ | ୦ | ୧୬ | +୦.୪୦୦ |
| ହାଇଦରାବାଦ | ୧୨ | ୭ | ୫ | ୦ | ୧୪ | +୦.୩୩୧ |
| ପଞ୍ଜାବ | ୧୩ | ୬ | ୬ | ୧ | ୧୩ | +୦.୨୨୭ |
| ରାଜସ୍ଥାନ* | ୧୧ | ୬ | ୫ | ୦ | ୧୨ | +୦.୦୮୨ |
| ଚେନ୍ନାଇ | ୧୨ | ୬ | ୬ | ୦ | ୧୨ | +୦.୦୨୭ |
| କୋଲକାତା | ୧୨ | ୫ | ୬ | ୧ | ୧୧ | -୦.୦୩୮ |
| ଦିଲ୍ଲୀ* | ୧୨ | ୫ | ୭ | ୦ | ୧୦ | -୦.୯୯୩ |
| ମୁମ୍ବଇ (ଏ) | ୧୨ | ୪ | ୮ | ୦ | ୮ | -୦.୫୦୪ |
| ଲକ୍ଷ୍ନୌ (ଏ) | ୧୨ | ୪ | ୮ | ୦ | ୮ | -୦.୭୦୧ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

## ପଞ୍ଜାବ, ଶ୍ରେୟସଙ୍କ ନକରାତ୍ମକ ରେକର୍ଡ

ଧର୍ମଶାଳା,୧୭।୫(ଏଜେନ୍ସି): ବେଙ୍ଗାଲୁରୁ ସହ ଏଠାରେ ଆଇପିଏଲ୍ ମୁକାବିଲାରେ ଦୁଇଟି ନକରାତ୍ମକ ରେକର୍ଡ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବେଙ୍ଗାଲୁରୁ ୪ୱିକେଟରେ ୨୨୨ ରନ୍ କରିବା ପରେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ସର୍ବାଧିକ ୪୬ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗୃହୀତ ହେବାର ରେକର୍ଡ ହୋଇଛି। ଏହା ପଛକୁ ବେଙ୍ଗାଲୁରୁ ବିପକ୍ଷରେ ୪୦ଥର, ଦିଲ୍ଲୀ ବିପକ୍ଷରେ ୩୫ଥର, ରାଜସ୍ଥାନ ଓ ହାଇଦରାବାଦ୍ ବିପକ୍ଷରେ ୩୪ଥର ଲେଖାଏଁ, କାଉଣ୍ଟି ଦଳ ମିଡଲସେକ୍ସ ବିପକ୍ଷରେ ୩୩ଥର ୨୦୦ କିମ୍ବା ତା'ଠାରୁ ଅଧିକ ସ୍କୋର ହୋଇଛି। ସେହିପରି ଏହି ମ୍ୟାଚ୍‌ରେ ପଞ୍ଜାବର ନେତୃତ୍ୱ ନେଉଥିବା ଶ୍ରେୟସ ଆୟରଙ୍କ ବିପକ୍ଷରେ ସମସ୍ତ ପ୍ରକାର ପୁରୁଷ ଟି-୨୦ରେ ପ୍ରତିପକ୍ଷ ଦଳ ୩୧ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ସ୍କୋର କରିଛନ୍ତି। ଆୟରଙ୍କ ପଛକୁ ଦକ୍ଷିଣ ଆଫ୍ରିକାର ଫାଫ୍ ଡୁ ପ୍ଲେସିସ୍‌ଙ୍କ ବିପକ୍ଷରେ ୨୯ଥର, ଏମ୍‌ଏସ୍ ଧୋନିଙ୍କ ବିପକ୍ଷରେ ୨୮ଥର, ବାବର ଆଜମଙ୍କ ବିପକ୍ଷରେ ୨୧ଥର ଓ ଋଷଭ ପନ୍ତଙ୍କ ବିପକ୍ଷରେ ୨୦ଥର ପ୍ରତିପକ୍ଷ ଦଳ ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି।

## କୋହଲି ଖେଳିଲେ ସର୍ବାଧିକ ମ୍ୟାଚ୍

ଧର୍ମଶାଳା,୧୭।୫(ଏଜେନ୍ସି): ଏଠାରେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ପଦାର୍ପଣ କରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିରାଟ କୋହଲି ଆଇପିଏଲ୍‌ରେ ସର୍ବାଧିକ ୨୮୦ଟି ମ୍ୟାଚ୍ ଖେଳିବାର ରେକର୍ଡ କରିଛନ୍ତି। ଏହି ମ୍ୟାଚ୍ ପରେ ରୋହିତ ଶର୍ମାଙ୍କୁ ଅତିକ୍ରମ କରି କୋହଲି ପୁଣିଥରେ ସର୍ବାଧିକ ମ୍ୟାଚ୍ ଖେଳିବାରେ ନମ୍ବର-୧ ହୋଇଛନ୍ତି। ଏହି ୨୮୦ଟି ମ୍ୟାଚ୍‌ରେ କୋହଲି ୪୦.୧୮ ହାରରେ ୯ଟି ଶତକ ସହ ୯,୨୦୩ ରନ୍ କରିଛନ୍ତି। ରୋହିତ ଶର୍ମା ୨୭୯ଟି, ଏମ୍‌ଏସ୍ ଧୋନି ୨୭୮ଟି, ରବୀନ୍ଦ୍ର ଜାଡେଜା ୨୬୫, ଦିନେଶ କାର୍ତ୍ତିକ ୨୫୭ ଓ ଶିଖର ଧାୱନ ୨୨୨ଟି ମ୍ୟାଚ୍ ଖେଳିଛନ୍ତି। ଗତକାଲି ଗୁଜରାଟ ବିପକ୍ଷରେ ପଦାର୍ପଣ କରି କୋଲକାତାର ସୁନୀଲ ନାରିନ୍ ଆଇପିଏଲ୍‌ରେ ୧୩ତମ ଖେଳାଳି ଭାବେ ୨୦୦ ମ୍ୟାଚ୍ ଖେଳିବାର ରେକର୍ଡ କରିଛନ୍ତି। ନାରିନ ଗୋଟିଏ ଶତକ ସହ ୧୮୨୦ ରନ୍ କରିଥିଲାବେଳେ ୨୦୫ଟି ୱିକେଟ ନେଇଛନ୍ତି।

## ଗୋଟିଏ ସିଜନରେ ସର୍ବାଧିକ ଛକା ମାରି ବୈଭବଙ୍କ ରେକର୍ଡ

ନୂଆଦିଲ୍ଲୀ, ୧୭।୫ (ଏଜେନ୍ସି): ରାଜସ୍ଥାନ ରୟାଲ୍ସର ଯୁବ ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ତାଙ୍କ ଆଇପିଏଲ୍ କ୍ୟାରିୟରରେ ଆଉ ଏକ ବଡ଼ କୀର୍ତ୍ତିମାନ କରିଛନ୍ତି। ଭାରତୀୟ ବ୍ୟାଟର୍ ଭାବେ ସେ ଆଇପିଏଲ୍‌ର ଗୋଟିଏ ସିଜନରେ ସର୍ବାଧିକ ଛକା ମାରିଛନ୍ତି। ରବିବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ ସୂର୍ଯ୍ୟବଂଶୀ ୨୧ ବଲରେ ୪୬ ରନର ବିସ୍ଫୋରକ ପାଳି ଖେଳିଥିଲେ। ଯେଉଁଥିରେ ୫ଟି ଚୌକା ଓ ୩ଟି ଛକା ସାମିଲ ଥିଲା। ଏଥିସହ ଚଳିତ ସିଜନରେ ତାଙ୍କ ଛକା ସଂଖ୍ୟା ୪୩ରେ ପହଞ୍ଚିଛି। ଏହିକ୍ରମରେ ସେ ଅଭିଷେକ ଶର୍ମାଙ୍କ ନାମରେ ଥିବା ସର୍ବାଧିକ ଛକା ରେକର୍ଡକୁ ପଛରେ ପକାଇ ଦେଇଛନ୍ତି। ୨୦୨୪ ଆଇପିଏଲ୍‌ରେ ଅଭିଷେକ ୪୨ଟି ଛକା ମାରିଥିଲେ। ଫଳରେ ଭାରତୀୟ ବ୍ୟାଟର ଭାବେ ଗୋଟିଏ ସିଜନରେ ସର୍ବାଧିକ ଛକା ତାଙ୍କ ନାମରେ ରହିଥିଲା। ଯାହାକୁ ସୂର୍ଯ୍ୟବଂଶୀ ଏବେ ଭାଙ୍ଗିଛନ୍ତି। ଏହି ତାଲିକାରେ ଶ୍ରେୟସ ଆୟର (୩୯ଟି ୨୦୨୫ରେ), ବିରାଟ କୋହଲି (୩୮ଟି ୨୦୧୬ ଓ ୨୦୨୪ରେ), ସୂର୍ଯ୍ୟକୁମାର ଯାଦବ (୩୮ଟି, ୨୦୨୫ରେ) ପଛକୁ ପଛ ରହିଛନ୍ତି।

## କାସା ରଗ୍‌ବୀ ସେଭେନ୍ସରେ ଭାରତକୁ ରୌପ୍ୟ

ତାସକେଣ୍ଟ, ୧୭।୫ (ଏଜେନ୍ସି)

ସେଣ୍ଟ୍ରାଲ ଆଣ୍ଡ ସାଉଥ ଏସିଆ (କାସା) ରଗବୀ ସେଭେନ୍ସ ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ଭାରତୀୟ ପୁରୁଷ ଦଳ ରନର୍ସଅପ୍ ହୋଇଛି। ଉଜବେକିସ୍ତାନର ତାସକେଣ୍ଟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭାରତୀୟ ଦଳ ୩୧-୧୦ରେ ଟପ୍ ସିଡ୍ ଶ୍ରୀଲଙ୍କା ନିକଟରୁ ପରାସ୍ତ ହୋଇଥିଲା। ଭାରତ ପୂର୍ବରୁ ଉଜବେକିସ୍ତାନ, କିର୍ଗିଜସ୍ତାନ, ମଙ୍ଗୋଲିଆ ଓ ପାକିସ୍ତାନକୁ ପରାସ୍ତ କରି ଫାଇନାଲକୁ ଉଠିଥିଲା। କିନ୍ତୁ ଫାଇନାଲରେ ଏହି ବିଜୟଧାରାକୁ ବଜାୟ ରଖିବାରେ ସଫଳ ହୋଇପାରି ନ ଥିଲା। ରୌପ୍ୟ ବିଜୟୀ ଭାରତୀୟ ଦଳରେ ଓଡ଼ିଶାର କିସ୍ ବିଶ୍ୱବିଦ୍ୟାଳୟର ଦୁଇଜଣ ଛାତ୍ର ରହିଛନ୍ତି। ସେମାନେ ହେଲେ ଗଣେଶ ଧଙ୍ଗଡ଼ା ମାଝୀ ଓ ଯୁଗଳ କିଶୋର ମାଝୀ। ଅପରପକ୍ଷରେ ଭାରତୀୟ ମହିଳା ରଗ୍‌ବୀ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମ ଫିନିଶରୁ ବଞ୍ଚିତ ହୋଇଛି।

ରାଜସ୍ଥାନ-ଦିଲ୍ଲୀ ଲଢ଼େଇ

## ରାହୁଲ-ପୋରେଲଙ୍କ ଲଢୁଆ ବ୍ୟାଟିଂ

ନୂଆଦିଲ୍ଲୀ, ୧୭।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ର ସୁପର୍ ସନଡେ'ର ଦ୍ୱିତୀୟ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ରାଜସ୍ଥାନ ରୟାଲ୍ସ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ରାଜସ୍ଥାନ ରୟାଲ୍ସ ୮ ୱିକେଟରେ ୧୯୩ ରନର ସମ୍ମାନଜନକ ସ୍କୋର କରିଛି। ଜବାବରେ ଏହି ଚ୍ୟାଲେଞ୍ଜିଂ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଦିଲ୍ଲୀ ଶେଷ ଖବର ସୁଦ୍ଧା ୧୩ ଓଭରରେ ୨ ୱିକେଟ ହରାଇ ୧୨୩ ରନ ସଂଗ୍ରହ କରିଛି। ଦୁଇ ଓପନର ଅଭିଷେକ ପୋରେଲ ଓ ଲୋକେଶ ରାହୁଲ ଲଢୁଆ ବ୍ୟାଟିଂ କରି ଦିଲ୍ଲୀକୁ ବିଜୟ ପଥରେ ଅଗ୍ରସର କରାଇଛନ୍ତି। ପୋରେଲ ୩୧ ବଲରେ ୫୧ ରନ କରି ଆଉଟ୍ ହୋଇଛନ୍ତି। ସେହିଭଳି ସାହିଲ ପାରଖ ମଧ୍ୟ ୯ ରନ କରି ନିରାଶ କରିଛନ୍ତି। ତେବେ ନିର୍ଭରଯୋଗ୍ୟ ୩୭ଟି ବଲରେ ୫୩ ରନ କରି ଲଢ଼େଇ ଜାରି ରଖିଛନ୍ତି। ପ୍ଲେ-ଅଫ୍ ଦୌଡ଼ରେ ତିଷ୍ଠି ରହିବାକୁ ହେଲେ ଉଭୟ ଦଳ ପାଇଁ ଏହି ମ୍ୟାଚରେ ବିଜୟ ଜରୁରୀ ହୋଇପଡ଼ିଛି।

**ସୂର୍ଯ୍ୟବଂଶୀ-ଜୁରେଲ-ପରାଗଙ୍କ ବିସ୍ଫୋରଣ**

ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ରାଜସ୍ଥାନ ରୟାଲ୍ସ ପ୍ରାରମ୍ଭରୁ ଓପନର୍ ଯଶସ୍ୱୀ ଜୟସ୍ୱାଲଙ୍କ ୱିକେଟ୍ ହରାଇଥିଲା। ସେ ୧୨ ରନ କରି ଲୁନଗି ଏନଗିଡିଙ୍କ ଶିକାର ବନିଥିଲେ। ତେବେ ଅନ୍ୟତମ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ସମେତ ପରବର୍ତ୍ତୀ ଦୁଇ ବ୍ୟାଟର୍ ଧ୍ରୁବ ଜୁରେଲ ଓ ଅଧିନାୟକ ରିୟାନ ପରାଗ ବିସ୍ଫୋରକ ବ୍ୟାଟିଂ କରିବାରୁ ରାଜସ୍ଥାନ ୮ ୱିକେଟରେ ୧୯୩ ରନ କରିବାକୁ ସମର୍ଥ ହୋଇଥିଲା। ସୂର୍ଯ୍ୟବଂଶୀ ୨୧ ବଲରେ ୪୬, ଜୁରେଲ ୪୦ ବଲରେ ୫୩ ଓ ପରାଗ ୨୬ ବଲରେ ୫୧ ରନ କରିଥିଲେ। ବୋଲିଂରେ ଦିଲ୍ଲୀର ମିଚେଲ ଷ୍ଟାର୍କ ସବୁଠୁ ସଫଳ ବୋଲର ଭାବେ ୪ଟି ଏବଂ ଏନଗିଡି ଓ ମାନବ ତିୱାରୀଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା।

ରାଜ୍ୟ ସ୍କୁଲ ଓପନ ଚେସ୍

## ଟାଇଟଲ୍ ଜିତିଲେ ଗୋସ୍ୱାମୀ



ଭୁବନେଶ୍ୱର,୧୭।୫(ସମିସ): ୟୁନିଟ୍-୮ ଡିଏଭି ସ୍କୁଲର ଆରିଶନନ୍ଦ ଗୋସ୍ୱାମୀ ୨୬ତମ ରାଜ୍ୟ ଓପନ ସ୍କୁଲ ଟାଇଟଲ ବିଜୟୀ ହୋଇଛନ୍ତି। କଳିଙ୍ଗ ନଗର ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଖେଳାଯାଇଥିବା ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ଗୋସ୍ୱାମୀ ସର୍ବାଧିକ ୪.୫ ପଏଣ୍ଟ ପାଇଥିଲେ। ତାଙ୍କ ପଛକୁ ୨ଜଣ ଖେଳାଳି ୪ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧'ର ସ୍ୱସ୍ତିକ ତ୍ରିପାଠୀ ରନର୍ସଅପ୍ ଓ କଳିଙ୍ଗ ନଗର ଡିଏଭିର ଆଦିତ୍ୟ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିଡିଏ ଡିଏଭିର ପ୍ରିୟଦର୍ଶନ ରାୟ ଚତୁର୍ଥ ଓ ୟୁନିଟ୍-୮'ର ନମନ ପତି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି।

## ସାଉଦୀ ଆଥ୍‌ଲେଟିକ୍ସ ଗ୍ରାଁପ୍ରିରେ ଅନିମେଶଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ

ଭୁବନେଶ୍ୱର, ୧୭।୫ (ସମିସ): ରିୟାଧରେ ଅନୁଷ୍ଠିତ ସାଉଦୀ ଆଥ୍‌ଲେଟିକ୍ସ ଗ୍ରାଁପ୍ରିରେ ଓଡ଼ିଶାର ଧାବକ ଅନିମେଶ କୁଜୁର ଚମକିଛନ୍ତି। ଅନିମେଶ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି। ପୁରୁଷ ୨୦୦ ମିଟର ରେସରେ ଅନିମେଶ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହି ରେସକୁ ସେ ୨୦.୭୭ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଗ୍ରେଟ ବ୍ରିଟେନର ଡେଭିଡ୍ ହାରିସନ ଓ ଟୋବି ହାରିସ ଯଥାକ୍ରମେ ପୋଡିୟମର ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ସେହିଭଳି ୧୦୦ ମିଟର ରେସରେ କିନ୍ତୁ ଅନିମେଶଙ୍କୁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା।

■ ଥାଇଲାଣ୍ଡ ଓପନରେ ସାତ୍ୱିକ-ଚିରାଗ ରନର୍ସଅପ୍

## ୨ବର୍ଷ ହେଲା ଜିତିନାହାନ୍ତି ଟାଇଟଲ୍



ନୂଆଦିଲ୍ଲୀ,୧୭।୫(ଏଜେନ୍ସି): ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ରେ ଆଜି ଶେଷ ହୋଇଥିବା ଥାଇଲାଣ୍ଡ ଓପନ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଟପ୍ ସିଡ୍ ଭାରତର ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଯୋଡି ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ଫଳରେ ଭାରତର ଏହି ନଂ-୧ ଯୋଡି ଗତ ଦୁଇବର୍ଷ ହେଲା ପୁରୁଷ ଡବଲ୍ସରେ କୌଣସି ଅନ୍ତର୍ଜାତୀୟ ଟାଇଟଲ ଜିତିବାରେ ସମର୍ଥ ହୋଇପାରି ନାହାନ୍ତି। ଆଜି ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଇଣ୍ଡୋନେସିଆର ଲିଓ ରୋଲି କାର୍ଣ୍ଣାଣ୍ଡୋ ଓ ଡାନିଏଲ୍ ମାର୍ଟିନଙ୍କ ଯୋଡି ୨୧-୧୨, ୨୫-୨୩ରେ ଭାରତୀୟ ଯୋଡିଙ୍କୁ ହରାଇ ଟାଇଟଲ ଜିତିଥିଲେ। ସାତ୍ୱିକ ଓ ଚିରାଗ ଏଠାରେ ଦୁଇଥର ପୁରୁଷ ଡବଲ୍ସ ଟାଇଟଲ ବିଜୟୀ ହୋଇଥିଲେ।

## ସ୍ୱିଟୋଲିନା ତୃତୀୟଥର ଚାମ୍ପିଅନ୍



ରୋମ, ୧୭।୫ (ଏଜେନ୍ସି): ୟୁକ୍ରେନର ଟେନିସ ତାରକା ଏଲିନା ସ୍ୱିଟୋଲିନା କ୍ୟାରିୟରରେ ତୃତୀୟଥର ଲାଗି ସମ୍ମାନଜନକ ଇଟାଲିଆନ ଓପନ୍ ଟ୍ରଫି ଜିତିଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ୭ମ ସିଡ୍ ସ୍ୱିଟୋଲିନା ୬-୪, ୬-୭ (୩/୭), ୬-୨ ସେଟରେ ବିଶ୍ୱର ୪ ନମ୍ବର ଖେଳାଳି ଆମେରିକାର କୋକୋ ଗଫ୍‌ଙ୍କୁ ପରାସ୍ତ କରିଥିଲେ। ୩୧ ବର୍ଷୀୟା ସ୍ୱିଟୋଲିନାଙ୍କ ସିଜନରେ ଏହା ପ୍ରଥମ ଓ ରୋମରେ ମୋଟ୍ ଉପରେ ତୃତୀୟ ଟାଇଟଲ୍ ଥିଲା। ପୂର୍ବରୁ ସେ ଏଠାରେ ୨୦୧୭ ଓ ୨୦୧୮ ରେ କ୍ରମାଗତ ଦୁଇଟି ସଂସ୍କରଣରେ ଚାମ୍ପିଅନ ହୋଇଥିଲେ।

## ପ୍ରଭଞ୍ଜନ ଓଡ଼ିଶା ବରିଷ୍ଠ କ୍ରିକେଟ ଦଳର ହେଡ୍ କୋଚ୍

ଭୁବନେଶ୍ୱର,୧୭।୫(ସମିସ)



ରାଜ୍ୟର ଅନ୍ୟତମ କିଂବଦନ୍ତୀ କ୍ରିକେଟର, କ୍ୟାପ୍ଟେନ, ସିଲେକ୍ଟର ଓ ୧୯ ବର୍ଷରୁ କମ୍ ଦଳର ଦାୟିତ୍ୱରେ ଥିବା ପ୍ରଭଞ୍ଜନ ମଲିକଙ୍କୁ ବିସିସିଆଇର ୨୦୨୬-୨୭ ସିଜନ ଲାଗି ଓଡ଼ିଶା ବରିଷ୍ଠ କ୍ରିକେଟ ଦଳର ହେଡ୍ କୋଚ୍ ନିଯୁକ୍ତ କରାଯାଇଛି। ଘରୋଇ କ୍ରିକେଟରେ ୮୮ଟି ପ୍ରଥମଶ୍ରେଣୀ ଓ ୫୬ଟି ଲିଷ୍ଟ-ଏ' ମ୍ୟାଚ୍ ଖେଳିଥିବା ଭୁବନେଶ୍ୱରର ପ୍ରଭଞ୍ଜନଙ୍କ ନିକଟରେ ରାଜ୍ୟ କ୍ରିକେଟ ଓ ଏହାର ଖେଳାଳିଙ୍କ ଉପରେ ଢ଼େର ଅଭିଜ୍ଞତା ରହିଛି। ରାଜ୍ୟ କ୍ରିକେଟକୁ ପରିଚାଳନା କରୁଥିବା ଓଡ଼ିଶା କ୍ରିକେଟ ସଂଘର କର୍ମକର୍ତ୍ତାଙ୍କ ସହ ମଧ୍ୟ ପ୍ରଭଞ୍ଜନଙ୍କର ଉତ୍ତମ ସମ୍ପର୍କ ରହିଛି। ତାଙ୍କ ପ୍ରଶିକ୍ଷଣରେ ଓଡ଼ିଶା କ୍ରିକେଟ ଦଳ ଭଲ ପ୍ରଦର୍ଶନ କରିବ ବୋଲି କ୍ରିକେଟପ୍ରେମୀ ଆଶା କରୁଛନ୍ତି। କିନ୍ତୁ ଗୋଟିଏ ସିଜନ ଲାଗି ତାଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ରାଜ୍ୟ ବାହାରର କୋଚ୍‌ଙ୍କ ଭଳି ମଧ୍ୟ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି। ଗୋଟିଏ ବର୍ଷ ଲାଗି ନିଯୁକ୍ତି ଦେବା ଅର୍ଥ ଓଡ଼ିଶା ଦଳ ଭଲ ପ୍ରଦର୍ଶନ କଲେ, ପୁନଃନିଯୁକ୍ତି ମିଳିବ ନଚେତ୍ ଓସିଏ ପୁଣିଥରେ ଆଉ କାହାକୁ ଏହି ଦାୟିତ୍ୱ ଦେବେ।

ସେ ଯାହା ହେଉ ଓଡ଼ିଶା କ୍ରିକେଟ ପ୍ରଶାସନ ଓ ଖେଳାଳିଙ୍କ ସମ୍ପର୍କରେ ଅଭିଜ୍ଞତା ଥିବା ପ୍ରଭଞ୍ଜନଙ୍କ ଲାଗି ଏହି ଦାୟିତ୍ୱ ଏକ କଡ଼ା ଚ୍ୟାଲେଞ୍ଜ ସଦୃଶ। ଜଣେ ଆକ୍ରମଣକାରୀ ବ୍ୟାଟର ଭାବେ ଖ୍ୟାତିଲାଭ କରିଥିବା ପ୍ରଭଞ୍ଜନ କୋଚିଂରେ କି ପ୍ରକାର ଭୂମିକା ଗ୍ରହଣ କରିବେ ତାହା ଦେଖିବାକୁ ବାକି ରହିଲା। ସେହିପରି ଆଉଜଣେ ଅଭିଜ୍ଞ ବ୍ୟକ୍ତି ଶାନ୍ତନୁ ଘୋଷଙ୍କୁ ଓଡ଼ିଶା କ୍ରିକେଟ ଏକାଡେମୀର ଟେକ୍ନିକାଲ ଡାଇରେକ୍ଟର ନିଯୁକ୍ତ କରାଯାଇଛି। କିଶୋର ମାଣିଆ, ଚିନ୍ମୟାନନ୍ଦ ଜେନା ଓ ସୌମିତ୍ର ଚୌଧୁରୀଙ୍କୁ ନେଇ ଗଠିତ ଓସିଏ କ୍ରିକେଟ ଆଡ୍‌ଭାଇଜରୀ କମିଟି ଏହି ଦୁଇଜଣଙ୍କୁ ଚୟନ କରିଛି। ଉଭୟଙ୍କୁ ଓସିଏ ପକ୍ଷରୁ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଶୁଭକାମନା ଜଣାଇଛନ୍ତି।

## ମାନସ ଭାରତୀୟ ହ୍ୟାଣ୍ଡବଲ୍ ସଂଘର ଉପସଭାପତି

ଭୁବନେଶ୍ୱର, ୧୭।୫ (ସମିସ): ହ୍ୟାଣ୍ଡବଲ୍ ଆସୋସିଏସନ ଅଫ୍ ଇଣ୍ଡିଆର ସାଧାରଣ ପରିଷଦ ବୈଠକ ଲକ୍ଷ୍ନୌ ବାବୁ ବନାରସି ଦାସ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ସଂଘର ସମ୍ପାଦକ ମାନସ



ସିଂ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ତାଙ୍କୁ ପୂର୍ବାଞ୍ଚଳ ହ୍ୟାଣ୍ଡବଲ ସଂଘର ଅଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ ମାନସଙ୍କୁ ସିଇଓ ଆନନ୍ଦେଶ୍ୱର ପାଣ୍ଡେ, ସଭାପତି ଅଲକା ଦାସ, ସମ୍ପାଦକ ଡ ତେଜରା ସିଂ ଅଭିନନ୍ଦନ ଜଣାଇଛନ୍ତି। ସେହିଭଳି ଓଡ଼ିଶା ସଂଘର ସଭାପତି ବିପ୍ଳବ ଚୌଧୁରୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି।

● ରାଜ୍ୟ ସନ୍ତରଣ ଚାମ୍ପିଅନସିପ୍ ଉଦ୍‌ଯାପିତ

## ଖୋର୍ଦ୍ଧା ଦଳଗତ ଚାମ୍ପିଅନ, ବରଗଡ଼ ରନର୍ସଅପ୍




ଭୁବନେଶ୍ୱର,୧୭।୫(ସମିସ): କଳିଙ୍ଗ ଷ୍ଟାଡିୟମ୍‌ର ଅତ୍ୟାଧୁନିକ ଆକ୍ୱାଟିକ୍ ସେଣ୍ଟର ପରିସରରେ ଗତ ଦୁଇଦିନ ଧରି ଚାଲିଥିବା ୬୬ତମ ରାଜ୍ୟ ସୁଇମିଂ ଚାମ୍ପିଅନସିପ୍ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲ୍ଲା ଦଳଗତ ଚାମ୍ପିଅନ ହୋଇଥିଲାବେଳେ ବରଗଡ଼ ଜିଲ୍ଲା ରନର୍ସଅପ୍ ଆଖ୍ୟା ଅର୍ଜନ କରିଛି। ବ୍ୟକ୍ତିଗତ ବିଭାଗରେ ଖୋର୍ଦ୍ଧାର ଅଭିନବ କୁମାର ସିଂହ ଟାଇଟଲ ଜିତିଛନ୍ତି। ମହିଳା ବିଭାଗରେ ଦୁଇ ଅନ୍ତର୍ଜାତୀୟ ସନ୍ତରଣକାରୀ ପ୍ରତ୍ୟାଶା ରାୟ ଓ ସୃଷ୍ଟି ଉପାଧ୍ୟାୟ ଯୁଗ୍ମ ଟାଇଟଲ ଜିତିଛନ୍ତି। ଚାମ୍ପିଅନସିପ୍ ଶେଷରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି, ପାଟଣା ବିଧାୟକ ଅଖିଳ ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ସୁଇମିଂ ସଂଘର ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଚନ୍ଦ୍ର ମହାକୁର, ରାଜ୍ୟ ସନ୍ତରଣ ସଂଘ ସଭାପତି ପ୍ରଦୀପ ପାଢ଼ୀ, ସମ୍ପାଦକ ଗୋଲାପମଣି ମହନ୍ତ, କୋଷାଧ୍ୟକ୍ଷ ବିଜୟକୁମାର ଦିକ୍ଷୀତ ଉପସ୍ଥିତ ଥିଲେ। ଦୁଇ ଦିନ ଧରି ଅନୁଷ୍ଠିତ ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ୧୪ଟି ଜିଲ୍ଲାରୁ ୯୯ଜଣ ପୁରୁଷ ଓ ୩୭ଜଣ ମହିଳା ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ୪୦ଜଣ ଟେକ୍ନିକାଲ ଅଫିସିଆଲ ଏହି ଚାମ୍ପିଅନସିପ୍‌କୁ ପରିଚାଳନା କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS